



Scanned with OKEN Scanner

# ଆମ ପ୍ରୟାସ, ଆମ ପରିଚୟ...



ବଣମଲ୍ଲୀ ମହୋତ୍ସବ-୨୦୨୩ର ମଞ୍ଚାସୀନ ଅତିଥିଗଣ



ବଣମଲ୍ଲୀ ମହୋତ୍ସବ-୨୦୨୩ର ଉଦ୍ଘାଟନ



ବନ୍ଧୁ ମିଳନ ଓ ଜଡିତା ଆସର ଉତ୍ସବ - ୨୦୨୪



'ମହଜ' ଷଷ୍ଠ ସଂସ୍କରଣର ଉନ୍ମୋଚନ



ମହଜ ପତ୍ରିକା ନିମନ୍ତେ ଲେଖା ପଠାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା



ଅନୁଷ୍ଠାନ ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଆୟୋ



ଅନୁଷ୍ଠାନ ପକ୍ଷରୁ ଏକ ଅସହାୟ ପରିବାରକୁ ଖାଦ୍ୟ ସାମଗ୍ରୀ ଦାନ



ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ - ୨୦୨୩ର ଜୁତି ପ୍ରତିଯୋଗୀ

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ବାର୍ଷିକ ମୁଖପତ୍ର

# ମହଜ

ସପ୍ତମ ସଂସ୍କରଣ - ୨୦୨୪


ଉପଦେଷ୍ଟା ମଣ୍ଡଳୀ

କାହ୍ନୁ ଚରଣ ସାହୁ

ସରୋଜିକାନ୍ତ ବେହେରା

ସମ୍ପାଦକ

ତୀର୍ଥବାସୀ ଦଳାଇ

ସହ ସମ୍ପାଦନା ମଣ୍ଡଳୀ

ମଧୁସ୍ମିତା ଖଟୁଆ

ଡ. ଜ୍ୟୋତିର୍ମୟୀ ସାହୁ

ଦମୟନ୍ତୀ ପ୍ରଧାନ

ରଶ୍ମିତା ବେହେରା

ଅନିମେଷ ପଟ୍ଟନାୟକ

ରୁଦ୍ର ନାରାୟଣ ଓଝା

ପ୍ରଚ୍ଛଦ

ଏ ମନୋଜ କୁମାର ପ୍ରଧାନ



-: ଯୋଗାଯୋଗ :-

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ କାର୍ଯ୍ୟାଳୟ

ବୃନ୍ଦାଦେଇପୁର, ଜେନାପୁର, ଯାଜପୁର, ପଞ୍ଜିକରଣ ନଂ: ୩୪୫୭/୨୭-୨୦୧୮

Website: www.teambanamalli.org | Email: banamalliparivar@gmail.com


Scanned with OKEN Scanner

# ସଂପାଦକୀୟ.....



ମହକ କେତେବେଳେ ମଉକା ଆଣି ଦିଏ, ତ ପୁଣି କେତେବେଳେ ମଉକା ହିଁ ମହକେ, ଆଉ ମହକ ଆଣେ । ତେବେ ମହକ ନଉକାର ଯାତ୍ରୀ ସାଜୁ ସାଜୁ ନାଉରୀ ହେବାର ସୌଭାଗ୍ୟ ମିଳିବା ବୋଧେ ମୋ ଭାଗ୍ୟର ସବୁଠୁ ବଡ଼ ଭାଗ । ଛଅ ବର୍ଷ ତଳେ ଏ ସଂଗଠନର ଚାଷକୁ ନିଗୁଖୁ ନିଗୁଖୁ ମୋ କାନ୍ଧରେ ଏତେ ବଡ଼ ଦାୟିତ୍ୱର ଜୁଆଳି ପକାଇ ମୋତେ ଦାୟିତ୍ୱବାନ ସଜେଇ ଥିବା ପ୍ରତିଟି ସଦସ୍ୟଙ୍କ ପାଖରେ ମୁଁ ଚିରଋଣୀ ।

'ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ'ର ଉତ୍ତରଖାଚା ସଜାତୁ ସଜାତୁ ପତ୍ରିକା ସମ୍ପାଦକୀୟର ଉତ୍ତରୀୟ କାନ୍ଧରେ ପକାଇବା ହିଁ ମୋ ପାଇଁ ଶ୍ରେଷ୍ଠ ବରଦାନ । ନଅ ବର୍ଷ ତଳେ ଗଢ଼ି ଉଠିଥିବା ବଣମଲ୍ଲୀ, ଆଜି ତା'ର ସମକାଳୀନ ଅନୁଷ୍ଠାନ ଠାରୁ ବହୁତ ଆଗରେ । କାଲି ଗୁରୁଣ୍ଡି ଗୁରୁଣ୍ଡି ଚାଲି ଶିଖିଥିବା ଅନୁଷ୍ଠାନ ଆମ ବଣମଲ୍ଲୀ ଆଜି ଗଣ୍ଡା ଗଣ୍ଡା ଅନୁଷ୍ଠାନ ପାଇଁ ଅନନ୍ୟ ଉଦାହରଣ, ଏ ପିଢ଼ିର ପିଢ଼ି ପାଇଁ ପ୍ରେରଣା ଓ ଉତ୍ସାହର ଉତ୍ସ ପାଲଟି ସାରିଛି ।

ଆମେ କେବଳ ସମାଜସେବାରେ ସୀମିତ ନ ରହି ଚେତନା ପାଇଁ ସଚେତନତା ସୃଷ୍ଟି କରିବା ସହ ସାହିତ୍ୟର ମାଧ୍ୟମରେ ସମାଜକୁ ଗାଢ଼ କରିବାର ପଣକୁ ଆପ୍ରାଣ ଉଦ୍ୟମ କରି ସଫଳ କରୁଛୁ । ତେବେ ପତ୍ରିକା ସମ୍ପାଦକ ହିସାବରେ ମୁଁ ଏତିକି କହିପାରେ କି 'ମହକ' ସାହିତ୍ୟର ସ୍ତମ୍ଭ ଓ ଦମ୍ଭ । ସମାଜସେବା, ସାହିତ୍ୟ ଓ ସଚେତନତାର ତ୍ରିକୋଣୀୟ ସଙ୍ଗମ ଆମ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ।

ଆମ ଭାଷା ହିଁ ଅସ୍ତିତ୍ୱ ଓ ଆମ ଭାଷା ହିଁ ଭବିଷ୍ୟତ । ଭାଷାର ଭାଷ୍ୟକାର ଭାବରେ ନିଜକୁ ସତର୍କତାର ସହିତ ଉପସ୍ଥାପନ କରିଛି ଆମ 'ମହକ' । ଏଥିରେ ଗ୍ରାମାଞ୍ଚଳର ସ୍ୱର ଅଛି ପୁଣି ସହରାଞ୍ଚଳର ଆସର ବି ଅଛି । ଇଏ ବଣମଲ୍ଲୀରେ ସୀମିତ ରହିନି ବରଂ ଆଞ୍ଚଳିକତାର ସୀମା ଡେଇଁ ବୃଦ୍ଧି କରିଛି ସାହିତ୍ୟର ପରିସୀମା । ଏଥିରେ ପ୍ରକାଶିତ ପ୍ରତିଟି ଲେଖା ଆପଣଙ୍କୁ ଶୀର୍ଷକରୁ ଶେଷ ଧାଡ଼ି ଯାଏଁ ବାନ୍ଧି ରଖିବାର ବନ୍ଧନ କଳା ଜାଣନ୍ତି ।

ତେବେ ଏ ଶ୍ରେୟ କେବଳ ମୋର ନୁହେଁ ବରଂ ଆମ ଅନୁଷ୍ଠାନକୁ ଭଲ ପାଉଥିବା ପ୍ରତିଟି ଲେଖକଙ୍କର । ମୋତେ ପ୍ରୋତ୍ସାହନ ଦେଇଥିବା ଆମ ଉପଦେଷ୍ଟା କାହ୍ନୁ ଚରଣ ସାହୁ, ପ୍ରମୋଦ ଶତପଥି, ଅଜୟ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ସରୋଜ କୁମାର ସାହୁ, ପଦ୍ମନାଭ ଶତପଥିଙ୍କର, ମୋ ଉପରେ ଭରସା ରଖିଥିବା ସଭାପତି ଡ. ଜୟଦେବ ଶତପଥୀ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, କାର୍ଯ୍ୟକାରୀ ସଂପାଦକ ସରୋଜକାନ୍ତ ବେହେରା, ସଂପାଦକ ମାନସ ରଞ୍ଜନ ପ୍ରଧାନଙ୍କର, ମୋତେ ସୁଯୋଗ ଦେଇଥିବା ସୁଯୋଗ୍ୟ ସଦସ୍ୟଙ୍କର ।

ଆମ ପତ୍ରିକାକୁ ତ୍ରୁଟିଶୂନ୍ୟତାର ମଲାଟରେ ଆବଦ୍ଧ କରିଥିବା ସମ୍ପାଦନା ମଣ୍ଡଳୀର ପ୍ରତିଟି ପ୍ରତିବଦ୍ଧ ସଦସ୍ୟ ମଧୁସ୍ମିତା ଖଟୁଆ, ଡ. ଜ୍ୟୋତିର୍ମୟୀ ସାହୁ, ରଶ୍ମିତା ବେହେରା, ଦମୟନ୍ତୀ ପ୍ରଧାନ, ରୁଦ୍ର ନାରାୟଣ ଓଝା ଓ ଅନିମେଷ ପଟ୍ଟନାୟକଙ୍କ ନିକଟରେ ମୁଁ ଚିରଋଣୀ । ପ୍ରଚ୍ଛଦରେ ରହି ଆମ ପାଇଁ ପ୍ରଚ୍ଛଦ ଆଙ୍କିଥିବା ସ୍ୱର୍ଗତଃ ମନୋଜ କୁମାର ପ୍ରଧାନ ସାର୍ ଙ୍କୁ ଅଶେଷ କୃତଜ୍ଞତା । ସେ ସେପାରିରେ ରହିଲେ ବି ତାଙ୍କ ମହକରେ ଆମ 'ମହକ' ମହକିବ । ସେ ଆଙ୍କିଥିବା ଚିତ୍ର 'ମହକ' ପତ୍ରିକା ପ୍ରତି ତାଙ୍କ ଶ୍ରଦ୍ଧାର ପତ୍ର । ପ୍ରତିଟି ସଦସ୍ୟଙ୍କ ସାହିତ୍ୟର ଶୋଷ ହିଁ ମୋ ପାଇଁ ପ୍ରେରଣାର ପୁଞ୍ଜି ।

ପ୍ରକାଶ ପାଇଥିବା ପ୍ରତିଟି ସୃଷ୍ଟିଙ୍କୁ ମୋର ଶୁଭେଚ୍ଛା । ପ୍ରକାଶ ପାଇନଥିବା ଲେଖାର ଲେଖକଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ । ଆଶା ରଖିବି, ଆପଣମାନେ ଆମକୁ ନିରାଶ କରିବେନି । ଅଭ୍ରାନ୍ତ ପଥ ପ୍ରଦର୍ଶକ ଭାବେ ଆମକୁ ମାର୍ଗଦର୍ଶନ ଦେବେ ।

ଏ ମହକ ଆମର ନୁହେଁ, ବରଂ ଆପଣମାନଙ୍କର । ମହକ ଆପଣମାନଙ୍କର ସ୍ୱର୍ଗରେ ତା'ର ନାଁ କୁ ସାର୍ଥକ କରୁ । ଆଶା ରଖିବି ମହକ ହିଁ ଆପଣମାନଙ୍କ ପ୍ରେମ ଓ ସଦ୍ଭିଚ୍ଛାର ଭାଷା ହୋଇ ଆମ ଅନୁଷ୍ଠାନର ସନ୍ନିଧାନରେ ନୂଆଧାରା ଯୋଡ଼ିବ ।

**ମହକ ମହକୁ ଥାଉ, ତା ବାସ୍ନା ଏମିତି ପହଞ୍ଚୁ ଥାଉ ।**

**- ନମସ୍କାର -**

ତୀର୍ଥବାସୀ ଦଳାଇ

ତୀର୍ଥବାସୀ ଦଳାଇ

ସମ୍ପାଦକ, 'ମହକ' ସପ୍ତମ ସଂସ୍କରଣ

## ଉପଦେଷ୍ଟା ମଣ୍ଡଳୀ



ପ୍ରମୋଦ ଶତପଥୀ





ସରୋଜ କୁମାର ସାହୁ



ପ୍ରଭାତ ଶତପଥୀ



ପଫଲ କୁମାର ଦାସ



ଜଗନ୍ନାଭ ଶତପଥୀ



ଅଶୋକ ନାୟକ



ମାଧବ ଚନ୍ଦ୍ର ଶତପଥୀ



ରଘୁନାଥ ବେହେରା



ଡ. ଆଭାଞ୍ଜଳି ଶତପଥୀ



ଡା. ନିହାର ରଞ୍ଜନ କର



ବାଇଧର ମାଝୀ



କାହ୍ନୁ ଚରଣ ସାହୁ



ଡ. ମନୋରଞ୍ଜନ ଶତପଥୀ



ପ୍ରଦୀପ ଶତପଥୀ



ପ୍ରଭାତ କୁମାର ଶତପଥୀ

## ପରିଚାଳନା ମଣ୍ଡଳୀ



ଜୟଦେବ ଶତପଥୀ



ନିର୍ମାଲ୍ୟ କୁମାର ପ୍ରଧାନ



ସରୋଜକାନ୍ତ ବେହେରା



ମାନସ ରଞ୍ଜନ ପ୍ରଧାନ



ଦମୟନ୍ତୀ ପ୍ରଧାନ



ରୁଦ୍ରନାରାୟଣ ଓଝା



Scanned with OKEN Scanner

## ସଭ୍ୟ ଓ ସଭ୍ୟା



ଲାଲ୍‌ମୋହନ ଶତପଥୀ
ସମାଜସେବୀ



ପ୍ରଭାତ କୁମାର ସାହୁ
ସମାଜସେବୀ



ଅମର କୁମାର ବାରିକ
ସମାଜସେବୀ



ମନ୍ମଥରଂଜନ ଖଟୁଆ
ଶିକ୍ଷକ



ବେଶ୍ଭଧର ପଣ୍ଡା
ସମାଜସେବୀ



ଡ. ଅତୁଲ କୁମାର ସାହୁ
ଚିକିତ୍ସକ



ତୀର୍ଥବାସୀ ଦଳାଇ
ଶିକ୍ଷାର୍ଥୀ



ଲିଙ୍ଗରାଜ ଶତପଥୀ
ଶିକ୍ଷାର୍ଥୀ



ପ୍ରୀତିଶ୍ ଶତପଥୀ
ଶିକ୍ଷାର୍ଥୀ



ଅନ୍ତର୍ଯ୍ୟାମୀ ବେହେରା
ଶିକ୍ଷାର୍ଥୀ



କୃଷ୍ଣଚନ୍ଦ୍ର ସାହୁ
ଶିକ୍ଷକ



ଗଗନ ସ୍ୱାଇଁ
ସମାଜସେବୀ



ସୁଶୀଲତା ଦାସ
ମହିଳା ସଂଗଠିକା



ଲକ୍ଷ୍ମୀପ୍ରିୟା ଭୁଟିଆ
ସମାଜସେବୀ



ପ୍ରତିଭା ଶତପଥୀ
ଚିକିତ୍ସକ



ସାଗରୀକା ଶତପଥୀ
ଗୃହିଣୀ

## ସଭ୍ୟ ଓ ସଭ୍ୟା



ରାଜେ...
ଜିଷ୍ଟ ଅଧିକାରୀ, ଓ...



...ଶତପଥୀ



ଜନେଜୟ ଶତପଥୀ
ସମାଜସେବୀ



ଆନନ୍ଦ ଚନ୍ଦ୍ର ଦଳାଇ
ଅବସରପ୍ରାପ୍ତ ଜଜ୍



ରଘୁନାଥ ଶତପଥୀ
ଅବସରପ୍ରାପ୍ତ କର୍ମଚାରୀ



ଆଲୋକ ଦାସ
ସମାଜସେବୀ



ସତ୍ୟବ୍ରତ ନାୟକ
ଶିକ୍ଷକ



ମଣ୍ଟୁ ଶତପଥୀ
ସମାଜସେବୀ



ଅନିମେଷ ପଟ୍ଟନାୟକ
ଜନିଷ୍ଠ ଯନ୍ତା, ଟାଟା ପାୱାର



ରାଜେଶ କୁମାର ସାହୁ
ଶିକ୍ଷାର୍ଥୀ



ସୁନିଲ୍ ନାଥ
ଯନ୍ତା, ଟାଟା ଷ୍ଟିଲ୍, କଲିଙ୍ଗ ନଗର



ରବିନରାଜ୍ ସାହୁ
ଶିକ୍ଷାର୍ଥୀ



ସୁବ୍ରତ କୁମାର ସାହୁ
ଶିକ୍ଷାର୍ଥୀ



ରଶ୍ମିତା ବେହେରା
ସାମ୍ବାଦିକା



ରଞ୍ଜିତା ଓଝା
ଗୃହିଣୀ



ଚିନ୍ମୟୀ ଦଳାଇ
ଶିକ୍ଷୟିତ୍ରୀ



ରାନୁ ଦଳାଇ
ଶିକ୍ଷାର୍ଥୀ

Scanned with OKEN Scanner

## ସଭ୍ୟ ଓ ସଭ୍ୟା


ଡ. ଜ୍ୟୋତିର୍ମୟୀ ସାହୁ
ଅଧ୍ୟାପିକା


ମଧୁସ୍ମିତା ଖଟୁଆ
ଶିକ୍ଷୟିତ୍ରୀ


[illegible] ପଥୀ


ରତୁପର୍ଣ୍ଣା ମହାନ୍ତି
ଶିକ୍ଷାର୍ଥୀ


ମାମାଲି ବାରିକ
ଶିକ୍ଷାର୍ଥୀ


ପ୍ରଭାତୀ ପାଣିଗ୍ରାହୀ
ଶିକ୍ଷୟିତ୍ରୀ


ପ୍ରଣତୀ ପାତ୍ର
ଗୃହିଣୀ


ପ୍ରଗତି ମିଶ୍ର
ଗୃହିଣୀ


ତୁଷାର ଦାସ
ସମାଜସେବୀ



ବିସ୍ମୟ ବିଶ୍ୱାଳ
ସମାଜସେବୀ


ଚନ୍ଦ୍ରମଣି ସାହୁ
ସମାଜସେବୀ


ସୁଭେଶ କୁମାର ସାହୁ
ଶିକ୍ଷକ


ସଞ୍ଜୟ ଶତପଥୀ
ସମାଜସେବୀ


କ୍ଷେତ୍ରବାସୀ ରାଉତ
ସମାଜସେବୀ


ଶରତ ମହାନ୍ତି
ସମାଜସେବୀ ଓ ଅ.ପ୍ରା. ଶି


ଡ଼. ବିପ୍ରବର ଦଲାଇ
ସଂସ୍କୃତ ଆଗ୍ୟର୍ଯ୍ୟ


ସୁଶାନ୍ତ ଆଏଚ
ସମାଜସେବୀ


ସୁବ୍ରତ କୁମାର ସାହୁ
ଲୋକୋ ପାଇଲଟ୍


ଭାଗିରଥୀ ସାହୁ
ଯୁବ କୃଷକ


ଦୀପ୍‌ସାଗର ସାହୁ
ଡାକ୍ତରୀ ଛାତ୍ର

## ସଭ୍ୟ ଓ ସଭ୍ୟା



ସୁଦର୍ଶନ ପ୍ରଧାନ
ସମାଜସେବୀ


ମାନସ ଦାସ
ସମାଜସେବୀ


ଗୌରାଙ୍ଗ ଚନ୍ଦ୍ର ରାଉତ
ଶିକ୍ଷାର୍ଥୀ


ତନପ୍ରାତ ମହାନ୍ତି
ଶିକ୍ଷାର୍ଥୀ


ଶୁଭେନ୍ଦୁ ପ୍ରଧାନ
କର୍ମଚାରୀ, ରାଜସ୍ୱ ବିଭାଗ


ଉମରୁ ଦଲାଇ
ଶିକ୍ଷାର୍ଥୀ



ପ୍ରମୋଦ ଦଲାଇ
ଶିକ୍ଷାର୍ଥୀ


ଚିନ୍ମୟ ରାଉତ
ସମାଜସେବୀ


ଅଭିଷେକ ବରାଳ
ଶିକ୍ଷାର୍ଥୀ


ସିଦ୍ଧାନ୍ତ ପଲାଇ
ଶିକ୍ଷାର୍ଥୀ


## ମହକ ପତ୍ରିକାର ପୂର୍ବ ସଂସ୍କରଣ



୨୦୧୬




୨୦୧୮



୨୦୧୯



୨୦୨୧



୨୦୨୨



୨୦୨୩

ମହକ ପତ୍ରିକାର ପୂର୍ବ ସଂସ୍କରଣ ପଢ଼ିବା ପାଇଁ ସ୍କାନ କରନ୍ତୁ ।

Scanned with OKEN Scanner

## ସତନ୍ତ୍ର ପୃଷ୍ଠା

ଅନୁଷ୍ଠାନ ଆନୁକୂଲ୍ୟରେ ୦୩ ମାର୍ଚ୍ଚ ୨୦୨୪ ରେ ଆୟୋଜିତ ହୋଇଥିବା ରକ୍ତଦାନ ଉତ୍ସବର କିଛି ବିଶେଷ ମୁହୂର୍ତ୍ତ



ବିଜିନ୍ନ ଶିକ୍ଷାନୁଷ୍ଠାନରେ ରକ୍ତଦାନ ପାଇଁ ସଚେତନତା କାର୍ଯ୍ୟକ୍ରମ



ଧର୍ମଶାଳା ବିଡ଼ିଓଙ୍କ ଦ୍ୱାରା ଶିବିରର ଉଦ୍‌ଘାଟନ



ରକ୍ତଦାତାଙ୍କ ପଞ୍ଜିକରଣ



ରକ୍ତଦାତାମାନଙ୍କ ଦ୍ୱାରା ରକ୍ତଦାନ



ପ୍ରତୀକ୍ଷା ଗୃହରେ ରକ୍ତଦାତାମାନେ



ରକ୍ତଦାତାମାନଙ୍କୁ ଖାଦ୍ୟ ପରିବେଷଣ ଅବସରରେ ଜର୍ମଜର୍ତ୍ତାମାନେ



କାର୍ଯ୍ୟକ୍ରମ ଶେଷରେ ରେଡ୍‌କ୍ରସ୍ ଠାରୁ ମାନପତ୍ର ସଂଗ୍ରହ



ଅନୁଷ୍ଠାନ ପକ୍ଷରୁ ରେଡ୍‌କ୍ରସ୍ ଜର୍ମଜର୍ତ୍ତାଙ୍କୁ ସ୍ମୃତିଫଳକ ପ୍ରଦାନ



କାର୍ଯ୍ୟକ୍ରମର ସଫଳ ଉଦ୍‌ଯାପନ



କାର୍ଯ୍ୟକ୍ରମର ଅତିଥିମାନଙ୍କୁ ସ୍ୱାଗତ





# ସଭାପତିଙ୍କ କଲମରୁ.....



ବଣମଲ୍ଲୀ, ପବିତ୍ର ଓଡ଼ିଶା ମାଟିର ଯାଜପୁର ଜିଲ୍ଲାର କିଛି ସାହିତ୍ୟ ଓ ମାନବ ପ୍ରେମୀ ମଣିଷଙ୍କ ମାନସ ସନ୍ତାନ । ମଜ ୨୫, ୨୦୧୫ ବ୍ରାହ୍ମଣୀ କୂଳରେ ବୃନ୍ଦାଦେଈପୁର ଗଡଜାତ ସ୍ମାରକୀ ପୀଠରେ ଏହାର ଜନ୍ମ । ସେଦିନ ସାୟଂକାଳୀନ ଆସରରେ ଓଡ଼ିଆ ଭାଷାର ଅବକ୍ଷୟ ଉପରେ ଚର୍ଚ୍ଚା କରୁ କରୁ ଗୋଟିଏ ସାହିତ୍ୟ ସଂସଦ ଗଠନର ଆବଶ୍ୟକତାକୁ ବୁଝିହେଲା । ସାହିତ୍ୟ ସହ ସମାଜସେବା ଉଭୟ କ୍ଷେତ୍ରରେ ରୁଚି ରଖୁଥିବା ଶ୍ରୀଯୁକ୍ତ ନିର୍ମାଲ୍ୟ କୁମାର ପ୍ରଧାନ, ସରୋଜକାନ୍ତ ବେହେରା, ଶ୍ରୀ ଲାଲମୋହନ ଶତପଥୀ, ଶ୍ରୀ ଅନିମେଷ ପଟ୍ଟନାୟକ, ଶ୍ରୀ ରବୀନ ରାଜ ସାହୁ ଓ ମୁଁ ମୌଖିକ ଭାବେ ଗଢ଼ିଦେଲୁ ଏକ ସାହିତ୍ୟ ସଂସଦ । ଉଦ୍ଦେଶ୍ୟ ରହିଲା ସମାଜରେ ବୁଡ଼ିଯାଉଥିବା ସାହିତ୍ୟ ପ୍ରୀତିକୁ ପୁଣି ଫେରାଇ ଆଣିବା ଓ ସମାଜକୁ ସାହିତ୍ୟ ମନସ୍କ କରାଇବା । ୨୦୧୫ ଜୁନ୍ ୧୬ ଅନ୍ତିମ ରଜ ଅର୍ଥାତ୍ ନବଜାତ ସଂଗଠନର ଏକୋଉଶିଆ ଅବସରରେ ଏକ କବିତା ଆସର ଅନୁଷ୍ଠିତ କରାଗଲା ଓ ନାମକରଣ କରାଗଲା 'ବଣମଲ୍ଲୀ ସାହିତ୍ୟ ସଂସଦ' । ଗ୍ରାମରେ ଫୁଟି ମଉଳି ଯାଉଥିବା ବଣମଲ୍ଲୀ ବଣରେ ଆଉ ମଉଳି ଯିବ ନାହିଁ, ଗ୍ରାମ ପ୍ରତିଭାକୁ ପୁରା ଦୁନିଆ ଦେଖିବ; ଏହିପରି ଏକ ପ୍ରାରମ୍ଭିକ ଉଦ୍ଦେଶ୍ୟ ନେଇ ନିଜର ଯାତ୍ରା ଆରମ୍ଭ କଲା ବଣମଲ୍ଲୀ । ପ୍ରତିବର୍ଷ ଜୁନ୍ - ୧୬ରେ, ଅର୍ଥାତ୍ ଶେଷ ରଜରେ କବିତା ଆସର ପାଳିତ ହେବ ବୋଲି ନିଶ୍ଚୟ କରାଗଲା । ଯାହାର ଉଦ୍ଦେଶ୍ୟ କେବଳ ଗ୍ରାମ୍ୟ ପ୍ରତିଭାମାନଙ୍କୁ ସୁଯୋଗ ଦେବା ।

୨୦୧୫-୧୬ ମଧ୍ୟରେ ଏହି ସଂଗଠନ ସାହିତ୍ୟ ସହିତ ଧୀରେ ଧୀରେ ସମାଜ ସେବାରେ ମନୋନିବେଶ କଲା । ଛୋଟ ଛୋଟ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କଲା । ଯେପରିକି ବୃକ୍ଷରୋପଣ, ରାଷ୍ଟ୍ରୀୟ ଦିବସ ପାଳନ ଇତ୍ୟାଦି । ୨୦୧୬ ଜୁନ୍ ୧୬, ପୂର୍ବ ନିର୍ଦ୍ଧାରିତ ଅନୁସାରେ ଦ୍ୱିତୀୟ ରଜ ମହୋତ୍ସବ ତଥା କବିତା ଆସର ଅନୁଷ୍ଠିତ ହେଲା । କବିତା ସହିତ ନୃତ୍ୟ, ସଂଗୀତ ଆଦିକୁ ଏଥିରେ ସାମିଲ କରାଗଲା ଏବଂ ଗ୍ରାମ୍ୟ ପ୍ରତିଭାମାନଙ୍କୁ ସେମାନଙ୍କର କଳା ପ୍ରଦର୍ଶନର ସୁଯୋଗ ସୃଷ୍ଟି କରାଗଲା । ୨୦୧୬ ବେଳକୁ ଇଂ ପ୍ରମୋଦ ଶତପଥୀ ଏହି ଅନୁଷ୍ଠାନରେ ଯୋଡି ହେଲେ ଏବଂ ବଣମଲ୍ଲୀ ସାହିତ୍ୟ ସଂସଦରେ ସମାଜ ସେବାକୁ ଯୋଡିବାକୁ ପ୍ରସ୍ତାବ ଦେଲେ ଓ ତା' ପରେ 'ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ' ନିଜର ସମ୍ପୂର୍ଣ୍ଣ ନାମ ପାଇ ଲୋକଲୋଚନକୁ ଆସିଲା । ୨୦୧୬-୧୭ ମଧ୍ୟରେ ବଣମଲ୍ଲୀ ସମ୍ପୂର୍ଣ୍ଣ ରୂପେ ସମାଜ ସେବା କ୍ଷେତ୍ରକୁ ମଧ୍ୟ ପ୍ରବେଶ କଲା । ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର, ନୂତନ ଲେଖକ ଲେଖିକା ସୃଷ ସମାଜକୁ ସାହିତ୍ୟ ମନସ୍କ କରାଇବା ସହିତ ନିଶାନିବାରଣ, ଶିଶୁସୁରକ୍ଷା, ଛାତ୍ର ଛାତ୍ରୀଙ୍କ ଶୈକ୍ଷିକ ବିକାଶ ପାଇଁ ବକ୍ତୃତା ପ୍ରତିଯୋଗିତା ଓ ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ, ମତଦାତା ସଚେତନତା କାର୍ଯ୍ୟକ୍ରମ, ନିଃସହାୟ ଲୋକଙ୍କ ମୃତ୍ୟୁ ପରେ ସଂସ୍କାର କାର୍ଯ୍ୟ କରିବା, ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ଗୃହ ନିର୍ମାଣ ଆଦି ମହତ କାମରେ ନିଜକୁ ନିୟୋଜିତ କରି ସମାଜରେ ଏକ ଅନନ୍ୟ ପରିଚୟ ସୃଷ୍ଟି କଲା । ୨୦୧୭ ମସିହା ଇଂ ପ୍ରମୋଦ ଶତପଥୀ, ଇଂ ମନୋଜ ପ୍ରଧାନ ଓ ସରୋଜ ସାହୁଙ୍କ ମାର୍ଗଦର୍ଶନ ଓ ସହଯୋଗରେ ପ୍ରକାଶିତ ହେଲା ବଣମଲ୍ଲୀର ମୁଖପତ୍ରର ପ୍ରଥମ ସଂସ୍କରଣ;



Scanned with OKEN Scanner

ନାମ ରଖାଗଲା ମହକ । ଗ୍ରାମାଞ୍ଚଳରେ ନୂତନ ଲେଖକ ଲେଖିକା ସୃଷ୍ଟି କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ ।

୨୦୧୮ ମସିହା, ବଣମଲ୍ଲୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଏହି ବର୍ଷ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ବିଧିବଦ୍ଧ ଭାବେ ସରକାରୀ ସ୍ତରରେ ପଂଜିକୃତ ହେଲା ଏବଂ ଏକ ସ୍ୱୀକୃତି ପ୍ରାପ୍ତ ସଂଗଠନ ରୂପେ ପରିଚୟ ପାଇଲା । ୨୦୧୫ ରୁ ଏଯାବତ ଏହି ସଂଗଠନ ନିଃସ୍ୱାର୍ଥ ଭାବେ ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଆସିଛି । ଯଦିଓ ଓଡ଼ିଆ ସାହିତ୍ୟକୁ ବଞ୍ଚାଇ ରଖିବା, ସମାଜକୁ ସାହିତ୍ୟ ମନସ୍କ କରାଇବା ଏହି ସଂଗଠନର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା, ପରବର୍ତ୍ତୀ ସମୟରେ ଏହା ସମାଜସେବାକୁ ମଧ୍ୟ ସମପରିମାଣର ଗୁରୁତ୍ୱ ଦେଇ ସମାଜସେବା କ୍ଷେତ୍ରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲା । ଏହି ସଂଗଠନର ପ୍ରତ୍ୟେକ ସଦସ୍ୟ ନିଜକୁ ଆଶ୍ଚର୍ଯ୍ୟ ପୂର୍ଣ୍ଣ ଭାବେ ବିନା ଦ୍ୱିଧାରେ ସମାଜ ସେବାରେ ବ୍ରତୀ କରିଛନ୍ତି । କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ସମାଜସେବା ପ୍ରତି ନିଷ୍ଠା, ଉପଦେଷ୍ଟାମାନଙ୍କର ଅମୂଲ୍ୟ ଦିଗ୍‌ଦର୍ଶନ ଆମ ସଂଗଠନକୁ, ସଂଗଠନର ପ୍ରୟାସକୁ ସଫଳତାର ସ୍ପର୍ଶ ଦେଇଛି । ଭବିଷ୍ୟତରେ ମଧ୍ୟ ଏହି ସଂଗଠନ ସାହିତ୍ୟ ସହିତ ସମାଜସେବା କ୍ଷେତ୍ରରେ ଅଧିକରୁ ଅଧିକ ସକ୍ରିୟ ହେବାର ଲକ୍ଷ୍ୟ ରଖିଛି । ଜନ୍ମ, ମୃତ୍ୟୁ, ବିଭାଘର ଆଦି ପ୍ରତ୍ୟେକ ସାମାଜିକ ଅନୁଷ୍ଠାନରେ ଅସହାୟମାନଙ୍କୁ ପ୍ରତ୍ୟକ୍ଷ ସହଯୋଗ, ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ, ରକ୍ତଦାନ କାର୍ଯ୍ୟକ୍ରମ, ଆର୍ଥିକ ଅନଗ୍ରସର ତଥା ଗୃହହୀନଙ୍କ ପାଇଁ ବାସଗୃହ ନିର୍ମାଣ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, ଶିକ୍ଷାନୁଷ୍ଠାନମାନଙ୍କରେ ବିବିଧ କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଓଡିଆ ସାହିତ୍ୟ ମନସ୍କ କରାଇବା ଆଦି କ୍ଷେତ୍ରରେ ଆହୁରି ଅଧିକ ଗୁରୁତ୍ୱ ଦେବା ପାଇଁ ଲକ୍ଷ୍ୟ ରଖିଛି । ତତ୍‌ସହିତ ଶିଶୁ ଶ୍ରମିକ, ବାଳିକା ଶିକ୍ଷା, ସ୍ୱଚ୍ଛ ମତଦାନ ଆଦି କ୍ଷେତ୍ରରେ ସମାଜରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକୁ ମଧ୍ୟ ଆଗାମୀ ଦିନରେ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ପଥରେ ଏହି ସଂଗଠନ ଆଗକୁ ବଢ଼ିବ । ଏସବୁ ଲକ୍ଷ୍ୟ ହାସଲ ସମସ୍ତ ଉପଦେଷ୍ଟା, ବୁଦ୍ଧିଜୀବି, କର୍ମକର୍ତ୍ତା, ଶୁଭେଚ୍ଛୁ ଓ ସହଯୋଗୀଙ୍କ ଆଶୀର୍ବାଦ ଓ ସହଯୋଗ ପାଇଁ ସମ୍ଭବ ହୋଇପାରିଛି । ଆପଣମାନେ ସମସ୍ତେ ନିଜର କ୍ଷମତା ଅନୁସାରେ ବଂ ତା' ଠାରୁ କିଛି ମାତ୍ରାରେ ଅଧିକ ଜନବଳ, ଧନବଳ, ନିଜର ବହୁମୂଲ୍ୟ ସମୟ ଓ ମାର୍ଗଦର୍ଶନରେ ଆମ ସଂଗଠନକୁ ବଞ୍ଚାଇ ରଖିଥିବାରୁ ଏହାର ଉନ୍ନତିରେ ଆପଣମାନଙ୍କର ଅପୂର୍ବ ଅବଦାନ ପାଇଁ ଆମେ ଆପଣମାନଙ୍କ ପାଖରେ ଚିରକୃତଜ୍ଞ ।

ନମସ୍କାର !

- ୦ -

ଡ. ଜୟଦେବ ଶତପଥୀ

ସଭାପତି, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ





ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା
ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା
Raghubar Das
Governor, Odisha

ରାଜ ଭବନ
ଭୁବନେଶ୍ୱର-୭୫୧୦୦୮
ରାଜ ଭବନ
ଭୁବନେଶ୍ୱର-୭୫୧୦୦୮
RAJ BHAVAN
BHUBANESWAR-751008

ତା.୦୫.୦୫.୨୦୨୪

## ବାର୍ତ୍ତା

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ, ବୃନ୍ଦାଦେଇପୁର, ଜେନାପୁର, ଯାଜପୁରର ବାର୍ଷିକ ମୁଖପତ୍ର 'ମହକ'ର ସପ୍ତମ ସଂସ୍କରଣ ପ୍ରକାଶ ପାଉଥିବା ଜାଣି ଖୁସି ହେଲି ।

ଗ୍ରାମାଂଚଳର ପ୍ରତିଭାଙ୍କ ଆବିଷ୍କାର, ପ୍ରକାଶ ଓ ବିକାଶ ନିମନ୍ତେ ସଂଗଠନର କାର୍ଯ୍ୟ ବେଶ୍ ପ୍ରେରଣାଦାୟୀ । ଲୁକ୍କାୟିତ ପ୍ରତିଭାଙ୍କ ମହକର ପ୍ରସାର ସୃଜନ ଜଗତ ପାଇଁ ବଡ ଉପଲବ୍ଧି । ବିବିଧ ସାମାଜିକ ସେବା ସହ ଭାଷା ଓ ସାହିତ୍ୟ ସେବାକୁ ଅଗ୍ରାଧିକାର ଦେଉଥିବା ନିଶ୍ଚିତ ରୂପେ ପ୍ରଶଂସନୀୟ ପ୍ରୟାସ ।

'ମହକ'ର ସଫଳ ପ୍ରକାଶନ କାମନା କରିବା ସହିତ ସଂଗଠନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

(ରଘୁବର ଦାସ)

Tel. : 91-674-2536111 /2536222, Fax : 91-674-2536582, E-mail : govodisha@nic.in, Website :www.rajbhavanodisha.gov.in



Scanned with OKEN Scanner



**ଭୀମ ପୃଷ୍ଟି**
(ଓଡ଼ିଶା ସାହିତ୍ୟ ଏକାଡେମୀ ଓ
୪୪ତମ ଶାରଳା ପୁରସ୍କାରପ୍ରାପ୍ତ ସାହିତ୍ୟିକ)

## ବାର୍ତ୍ତା

ସାହିତ୍ୟ ସଂସ୍କୃତି ଓ ସେବାର ପୁଣ୍ୟଭୂମି ମୋ ଜନ୍ମ ଜିଲ୍ଲା ଯାଜପୁର ମାଟିର ଜେନାପୁର, ବୃନ୍ଦାଦେଇପୁରର 'ବଣମଲ୍ଲୀ ସାହିତ୍ୟ ସେବା ସଂଗଠନ' ବିଗତ ଏକ ଦଶନ୍ଧି ଧରି ସ୍ଥାନୀୟ ଉଦ୍ୟୋଗୀ ଯୁବକମାନଙ୍କ ମିଳିତ ସହଯୋଗରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ସେବା ସହିତ 'ମହକ' ପରି ଏକ ସାରସ୍ୱତ ପତ୍ରିକା ପ୍ରକାଶ କରି ସାମାଜିକ ଆନ୍ଦୋଳନର ଏକ ସୁଦୃଢ଼ ଭିତ୍ତିଭୂମି ବିକାଶ କରିବାରେ ବ୍ରତୀ ଅଛନ୍ତି । ମହାତ୍ମାଗାନ୍ଧୀଙ୍କ କଥା ଅନୁସାରେ- "If the villages perish, India will perish too. It will be no more India." ଗ୍ରାମାଞ୍ଚଳର ସ୍ଥାନୀୟ ଲୋକଙ୍କ ବଣମଲ୍ଲୀ ଅନୁଷ୍ଠାନ ମାଧ୍ୟମରେ ଅଣରାଜନୈତିକ ନିଃସ୍ୱାର୍ଥପର ଓ ନିଷ୍ଠାପର ଉଦ୍ୟମର ମୁଁ ଜୟଗାନ କରୁଛି । 'ମହକ' ପତ୍ରିକାର ସପ୍ତମ ସଂକଳନ ବୌଦ୍ଧିକ ବିକାଶରେ ନବଜାଗରଣ ସୃଷ୍ଟି କରୁ । ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଉଛି ।

—o—

ଭୀମ ପୃଷ୍ଟି

ଭୀମ ପୃଷ୍ଟି
କାଏମା, ଯାଜପୁର







**ଡ. ବିଜୟଲକ୍ଷ୍ମୀ ଦାଶ**
ପ୍ରାଧାପିକା
ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

## ଶୁଭେଚ୍ଛା ବାର୍ତ୍ତା

**ମହାଶୟା/ମହାଶୟ,**

ବୃନ୍ଦାଦେଇପୁର ଅଞ୍ଚଳରୁ "ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ"ର ପ୍ରଚେଷ୍ଟାରେ ଓଡ଼ିଆ ସାହିତ୍ୟର ପ୍ରସ୍ଫୁର ଓ ପ୍ରସାର ନିମନ୍ତେ 'ମହକ' ନାମକ ଏକ ପତ୍ରିକା ପ୍ରତିବର୍ଷ ପ୍ରକାଶ ପାଉଛି ଜାଣି ମୁଁ ଖୁବ୍ ଆନନ୍ଦିତ । ପତ୍ରିକାଟି ସାତ ବର୍ଷରେ ଉପନୀତ । ଆମେ ସମସ୍ତେ ଏଥିରେ ସହମତ ହେବା ଯେ, ଜୀବନର ଦୃଷ୍ଟିଭଙ୍ଗୀକୁ ଉର୍ଦ୍ଧ୍ୱଗାମୀ କରାଇବାକୁ ହେଲେ ନିରନ୍ତର ଅଧ୍ୟବସାୟ ଓ ସାଧନା ଲୋଡ଼ା । ସତ୍‌ସଙ୍ଗ, ସତ୍‌ଚିନ୍ତା ଓ ସତ୍ ପ୍ରୟାସରେ ଏହା ସଫଳ ହୋଇଥାଏ । ମୋର ବିଶ୍ୱାସ ଆପଣମାନଙ୍କର ନିରବଚ୍ଛିନ୍ନ ଉଦ୍ୟମରେ ପ୍ରକାଶ ପାଉଥିବା 'ମହକ' ଏହି ଧାରାର ଅଗ୍ରଗାମୀ ସାଜୁ । ମହକ ଅଦ୍ୱିତୀୟ, ମୌଳିକ ସୃଜନ ସୃଷ୍ଟିର ବାର୍ତ୍ତାବହ ହେଉ ।

ମାନବ କଲ୍ୟାଣ ନିମନ୍ତେ ଗତିଶୀଳ ହେଉଥିବା ଉର୍ବର ଯୁବପ୍ରାଣର ବିହନର ଅନନ୍ୟ ଧାରାକୁ ସ୍ରୋତସ୍ୱିନୀରେ ରୂପାନ୍ତରିତ କରିବାରେ 'ମହକ' ମହନୀୟ ଭୂମିକା ନିର୍ବାହ କରୁ ।

ବିଜୟଲକ୍ଷ୍ମୀ ଦାଶ



Scanned with OKEN Scanner



**ଦେବେନ୍ଦ୍ର ପ୍ରସାଦ ବଳ**
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଧର୍ମଶାଳା, ଯାଜପୁର

## ବାର୍ତ୍ତା

ସୃଜନଶୀଳ ସ୍ରଷ୍ଟାର ଭାବାବେଗ ସହିତ ଶବ୍ଦବ୍ରହ୍ମ ସମାବିଷ୍ଟ ହେଲେ ତାହା ସାହିତ୍ୟର ରୂପ ନିଏ । ଘଟିଯାଉଥିବା ଘଟଣାକୁ ଲେଖକ କାହାଣୀ କରିଦେଇପାରେ, ସମସ୍ତ ଗଛଲତା, ଆକାଶ ପାହାଡ଼କୁ କବି କବିତା କରିଦିଏ । ସାହିତ୍ୟ ପାଠକର ମନକୁ ଭୂମିରୁ ଭୂମା ଆଡ଼କୁ, ସ୍ଥୁଳରୁ ସୂକ୍ଷ୍ମ ଆଡକୁ, ଦେହରୁ ଦେହାତୀତ ଆଡ଼କୁ ନେଇଯାଏ । ସ୍ରଷ୍ଟାର ସୃଷ୍ଟିକୁ ପଢ଼ି ପାଠକ ଆତ୍ମବିଭୋର ହୁଏ । ସାହିତ୍ୟର ଧର୍ମ ଅନିର୍ବଚନୀୟ ଭାବାବେଗକୁ ପାଠକର ଅନ୍ତରରେ ସଂଗୁପ୍ତ କରାଇବା ।

ନିଜର ଦୀପ୍ତିରେ ଦୀପ୍ତିମାନ୍ ଅନେକ ପ୍ରତିଭା ବଣମଲ୍ଲୀ ପରି ଝଡ଼ିଯିବା ପୂର୍ବରୁ ପତ୍ରିକା 'ମହକ' ସେମାନଙ୍କୁ ତା' ପୃଷ୍ଠାରେ ସ୍ଥାନ ଦେଇଛି । ସେମାନଙ୍କ ଭିତରେ ଗୁମୁରୁଥିବା ନୂତନ ପ୍ରତ୍ୟୟକୁ ପାଠକଙ୍କ ନିକଟରେ ପହଞ୍ଚାଇବାରେ ପ୍ରଯତ୍ନ କରିଛି । ଆଜିର ଏ ଇଣ୍ଟରନେଟ୍ ଯୁଗରେ ମହକର ଆସ୍ଥା ଓ ବିଶ୍ୱାସକୁ ସାଧୁବାଦ ଦେବା ସହିତ ତା'ର ଦୀର୍ଘାୟୁ କାମନା କରୁଛି ।

—୦—

ଦେବେନ୍ଦ୍ର ପ୍ରସାଦ ବଳ







ପ୍ରଫୁଲ କୁମାର ଦାସ
ସଭାପତି, 'ମୋ ସ୍କୁଲ ଅଭିଯାନ'
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ଜେନାପୁର, ଯାଜପୁର

## 'ବାର୍ତ୍ତା'

ଆମ ଜେନାପୁର ଅଞ୍ଚଳରେ ସମାଜସେବା ଏବଂ ଶିକ୍ଷାର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ଥିବା ଅଗ୍ରଣୀ ଅନୁଷ୍ଠାନ "ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ"ର ବାର୍ଷିକ ପତ୍ରିକା "ମହକ"ର ସପ୍ତମ ସଂସ୍କରଣ ପ୍ରକାଶନ ପରିପେକ୍ଷୀରେ ଅନୁଷ୍ଠାନର ସଫଳତା କାମନା ପୂର୍ବକ କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅନୁରୋଧ ।

ପ୍ରଫୁଲ୍ଲ କୁମାର ଦାସ

(ପ୍ରଫୁଲ୍ଲ କୁମାର ଦାସ)
ତା ୦୩.୦୫.୨୦୨୪



Scanned with OKEN Scanner



**ଅଜୟ କୁମାର ଦାସ**
ବରିଷ୍ଠ ସମାଜସେବୀ

## ବାର୍ତ୍ତା

ମୁଁ ଜାଣି ଅତ୍ୟନ୍ତ ଖୁସି ହେଲି ଯେ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ 'ମହକ' ନାମକ ପତ୍ରିକାର ସପ୍ତମ ସଂସ୍କରଣ ପ୍ରକାଶ କରିବାକୁ ଯାଉଛି ।

ବଣମଲ୍ଲୀ ବର୍ଷସାରା ଶିକ୍ଷା, ସ୍ୱାସ୍ଥ୍ୟ, ରକ୍ତଦାନ, ବୃକ୍ଷରୋପଣ, ସାହିତ୍ୟର ପ୍ରଚାର ପ୍ରସାର ଏବଂ ସାମାଜିକ କାର୍ଯ୍ୟ ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପ୍ରଶଂସା ପାଉଛି, ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜୁଛି । ଏଥିପାଇଁ ମୁଁ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଦେଉଛି ଓ ମଙ୍ଗଳ କାମନା କରୁଛି ।

ଶେଷରେ ମହକର ପ୍ରକାଶନ ପାଇଁ ଶୁଭ କାମନା କରୁଅଛି ।

—୦—

ଅଜୟ କୁମାର ଦାସ

ଅଜୟ କୁମାର ଦାସ







**ଶ୍ରୀଯୁକ୍ତ ପ୍ରଭାତ କୁମାର ଶତପଥୀ**
ବରିଷ୍ଠ ସମାଜସେବୀ ଓ
ଉପଦେଷ୍ଟା, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

## ଶୁଭେଚ୍ଛା ବାର୍ତ୍ତା

ମୋର ଜନ୍ମମାଟି ବୃନ୍ଦାଦେଇପୁର ଶାସନ ଗ୍ରାମର ଅଗ୍ରଣୀ ଯୁବବନ୍ଧୁ ମାନଙ୍କ ପ୍ରୟାସରେ ତା ୨୫ ମେ ୨୦୧୫ ମସିହାରେ ଜନ୍ମ ନେଇଥିବା 'ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ' ବର୍ତ୍ତମାନ ଜନମାନସରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଭାବେ ସୁପରିଚିତ । କର୍ମକର୍ତ୍ତାମାନେ ବର୍ଷସାରା ବିଭିନ୍ନ ସେବାମୂଳକ, ସଚେତନଧର୍ମୀ, ପରିବେଶ ସୁରକ୍ଷା କାର୍ଯ୍ୟରେ ନିଜକୁ ବ୍ରତୀ କରିବା ସହ ଗ୍ରାମାଞ୍ଚଳରେ ଓଡ଼ିଆ ସାହିତ୍ୟର ପ୍ରସାର ଓ ସୁରକ୍ଷା ପାଇଁ 'ମହକ' ନାମରେ ଏକ ପତ୍ରିକା ନିୟମିତ ଭାବେ ପ୍ରକାଶ କରିବା ବାସ୍ତବରେ ପ୍ରଶଂସନୀୟ । ଏହି ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ହେବା ମୋ ପାଇଁ ସୌଭାଗ୍ୟର ବିଷୟ ।

ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟାଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଇବା ସହ 'ମହକ' ସପ୍ତମ ସଂସ୍କରଣର ଶୁଭ ପ୍ରକାଶନ କାମନା କରୁଅଛି ।

ପ୍ରଭାତ କୁମାର ଶତପଥୀ

ବରିଷ୍ଠ ସମାଜସେବୀ ଓ
ଉପଦେଷ୍ଟା, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ



Scanned with OKEN Scanner

# ସୂଚୀପତ୍ର


| ଲେଖା | ଲେଖକ | ପୃଷ୍ଠା |
|---|---|---|
| **ପଦ୍ୟ ବିଭାଗ** | | |
| ଅଶରୀରୀ ଅଭିସାରିକା | ଦେବେନ୍ଦ୍ର ପ୍ରସାଦ ବଳ | ୧୪ |
| କର୍ତ୍ତବ୍ୟ | ସୁପ୍ରଭା ମହାଳିକ | ୧୫ |
| ବାପା | ବିଜୟିନୀ ଦାସ | ୧୫ |
| ମୋ ବୋଉ | ରଞ୍ଜିତା ଓଝା | ୧୬ |
| ପତାକା | ସ୍ମୃତିରଂଜନ ମଲିକ | ୧୬ |
| ମା' ପରା ସିଏ | ଦିବ୍ୟଦତ୍ତ ବିଶ୍ୱାଳ | ୧୭ |
| ମୋ ଭାରତ | ଲିସା ରାଉତ | ୧୭ |
| ଗୁରୁ ଆଲୋକ | ପ୍ରିତିପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ | ୧୮ |
| ମୋ କଳ୍ପନା | ଭାଗ୍ୟଶ୍ରୀ ପଲେଇ | ୧୮ |
| ଶବ କହିବ କଥା | ପ୍ରଜ୍ଞାପିନୀ ପାତ୍ର | ୧୯ |
| ବଣମଲ୍ଲୀ | ରୋଶ୍ମି ଦାସ | ୨୦ |
| ଆମେ ସବୁ ଭାରତୀୟ | ଅନନ୍ୟା ପଣ୍ଡା | ୨୦ |
| ନାରୀ ସଶକ୍ତିକରଣ | ଶ୍ରୀୟା ପତି | ୨୧ |
| ଶିକ୍ଷକ ସମାଜ | ଆଲିସା ପଣ୍ଡା | ୨୧ |
| ଏହି ମୋର ଦେଶ | ରାନୁ ବିଶ୍ୱାଳ | ୨୨ |
| ମୋ ଗୁରୁ | ସ୍ମୃତି ଶ୍ରୀୟା ସିଂହ | ୨୩ |
| କଳା ଠାକୁର | ନିଲିପ୍ସା ଦାସ | ୨୩ |
| ପିତାମାତା | ରୋଜାଲିନ୍ ପାତ୍ର | ୨୪ |
| ଗୁରୁ | ପ୍ରିୟଙ୍କା ଶତପଥୀ | ୨୪ |
| ବିଶ୍ୱାସ | ମହେଶ୍ୱର ଖଟୁଆ | ୨୫ |
| ବନ୍ଧୁ!!! | ଜ୍ୟୋସ୍ନାମୟୀ ପୃଷ୍ଟି | ୨୫ |
| ବିଦ୍ୟା | ମୋନାଲିସା ପାତ୍ର | ୨୬ |
| ବାପା ଥିଲେ ଘର ସରଗପୁର | ସ୍ନେହାପ୍ରଜ୍ଞା ଦଳାଇ | ୨୬ |
| ମୋ ଗାଁ | ମିରା ମହାରଣା | ୨୭ |
| ବହି | ସଙ୍ଗୀତା ମହାଳିକ | ୨୭ |







| ଲେଖା | ଲେଖକ | ପୃଷ୍ଠା |
|---|---|---|
| ପାଠ ପଢ଼ା ହେଲା କଳଙ୍କ | ଲକ୍ଷ୍ମୀପ୍ରିୟା ନାୟକ | ୨୭ |
| ମା' ବୋଲି ମାଗିଥିଲି ପଣତ ପତେଇ | ଶ୍ରୀମତୀ ପ୍ରମିଳା ଭଞ୍ଜ | ୨୮ |
| ସମୟ | କବିତା ଭୂୟାଁ | ୨୮ |
| ଜଗାରେ... | ପ୍ରଭାତୀ ପାଣିଗ୍ରାହୀ | ୨୯ |
| ନାରୀ | ସ୍ମୃତିରେଖା ବରାଳ | ୨୯ |
| ସ୍ୱାର୍ଥପର | ମଧୁସ୍ମିତା ଦାସ | ୩୦ |
| ଆମ ଗାଁ କୃଷ୍ଣପଡ଼ା | ରାଜସ୍ମିତା କବି | ୩୦ |
| ଦୁହିତା | ସୋନାଲି ପ୍ରଧାନ | ୩୧ |
| ମହକ | ଦେବକୀରାଣୀ ସାହୁ | ୩୧ |
| ସମୟ ରାଜ | ଧୀରେନ୍ଦ୍ର କୁମାର ଶତପଥୀ | ୩୨ |
| ମୋ ଭାରତ | ଅର୍ପିତା ଶତପଥୀ | ୩୨ |
| ମୋ ଜନମ ଭୂଇଁ | ଲୋପାମୁଦ୍ରା ଶତପଥୀ | ୩୩ |
| ଆମ ବିଦ୍ୟାଳୟ | ଆଦ୍ୟାଶା ମିଶ୍ର | ୩୩ |
| ପିତା ଓ ମାତା | ଦେବସ୍ମିତା ପଣ୍ଡା | ୩୪ |
| ଶୋଭା | ପ୍ରୀତିପ୍ରଜ୍ଞା ପ୍ରଧାନ | ୩୪ |
| ଗାଁ ପରମ୍ପରା | ଗାୟତ୍ରୀ ପଣ୍ଡା | ୩୫ |
| ମୋ ବାପା ଆଉ ମା' | ଆୟାନା ପଟ୍ଟନାୟକ | ୩୫ |
| ମମତା | ଅଭିଷିକ୍ତା ସାହୁ | ୩୫ |
| ମାଆର ମମତା | ସିଦ୍ଧିକ୍ଷା ନାୟକ | ୩୬ |
| ବର୍ଷା | ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ | ୩୬ |
| ବାକି ଅଛି | ସଞ୍ଜନା ସ୍ୱାଇଁ | ୩୭ |
| ଭକ୍ତି ନିବେଦନ | ମଧୁସ୍ମିତା ଖଟୁଆ | ୩୭ |
| ମା | ଲକ୍ଷ୍ମୀପ୍ରିୟା ମଲିକ | ୩୮ |
| ପିତା ଓ ମାତା | ଆଶିଷ୍ ମନ୍ତୁନ | ୩୮ |
| ମୋ ମାଆ | ଗୁରୁ ପ୍ରଧାନ | ୩୮ |
| ମୋ ବାପା | ଅର୍ଚ୍ଚିତା ଶତପଥୀ | ୩୯ |
| ମମତାମୟୀ | ଦେବଯାନୀ ଶତପଥୀ | ୩୯ |
| ପୂଜାରିଣୀ | ବେଣୁଧର ସୂତାର | ୪୦ |
| ଅରଣ୍ୟ ଅଭିସାର | କବି ଶ୍ରୀ ବଳରାମ ପୂଜାରୀ | ୪୧ |
| ଏ ମୋ ପ୍ରିୟ ଭାରତ | ସୋନି ମାଝି | ୪୨ |




Scanned with OKEN Scanner

| ଲେଖା | ଲେଖକ | ପୃଷ୍ଠା |
|---|---|---|
| ହେ ମୋ ପ୍ରିୟ ଭଉଣୀ | ନିରୁପମା ତ୍ରିପାଠୀ | ୪୩ |
| ଜହ୍ନ ମାମୁଁ | ଶୁଭାଶିଷ ଧୀର | ୪୩ |
| ପ୍ରଭୁଙ୍କୁ ପଦେ | ପ୍ରଗତି ମିଶ୍ର | ୪୪ |
| ଜଗାର ମହିମା | ସୂର୍ଯ୍ୟଶିଖା ଖୁଣ୍ଟିଆ | ୪୫ |
| ବଉଳା ଓ ପୁଣ୍ୟକୋଟି | ସୁଜ୍ଞାନ ବେଣ୍ଟକାର | ୪୬ |
| ଅଚ୍ଚରୁ ହିଁ ଆରମ୍ଭ | ମୃତ୍ୟୁଞ୍ଜୟ ପ୍ରଧାନ | ୪୭ |
| ନାରୀ | ସୁପ୍ରିୟା ମିଶ୍ର | ୪୭ |
| ସତ୍ୟ ଯୁଗର ବାପା | କୁମାର ସୁବ୍ରତ ଦାଶ | ୪୮ |
| ଧନ୍ୟରେ ଦୁନିଆ | ନନ୍ଦିନୀ ରାଉତ | ୪୯ |
| ଅନ୍ୱେଷଣ | ତନୁଶ୍ରୀ ବେହେରା | ୫୦ |
| ଗାଁ ଗହିର | ଗୌତମ ସାମଲ | ୫୦ |
| ଲୋୟର ପି.ଏମ୍.ଜି | ଅରୁଣ କୁମାର ଦାସ | ୫୧ |
| ଇଏ ଭାଇ ଅତ୍ୟାଧୁନିକ ଯୁଗ | ଶିଶିର କୁମାର ପଣ୍ଡା | ୫୨ |
| ଅବୁଝା ନଈ | ସିପ୍ରା ମହାନ୍ତି | ୫୨ |
| ଗାଁ ମାଟି | ସୁଶ୍ରୀ ଗିରିବାଳା ଶତପଥୀ | ୫୩ |
| ମୁଁ ରକ୍ଷକ ମୋ ଉତ୍କଳର | କରସ୍ମିକା ସେଠୀ | ୫୩ |
| ଓଡ଼ିଆ ନବ ବର୍ଷ | ସନାତନ ଦାସ | ୫୪ |
| ପୁରୁଣା ଜିନିଷ ସୁନା ପରି | ଆଶ୍ଚର୍ଯ୍ୟ କ୍ଷିତୀଶ ଜେନା | ୫୪ |
| ଏମିତି ବି ହୁଏ | ତପସ୍ୱିନୀ ବେହେରା | ୫୫ |
| ତୁମ କଲମର କରାମତି | ନିରଞ୍ଜନ ସାହୁ | ୫୫ |
| ଅଶରୀରୀ ଅଭିସାରିକା | ଦେବେନ୍ଦ୍ର ପ୍ରସାଦ ବଳ | ୫୬ |
| ଘଇଚ ଛପର ଘର | ସାବିତ୍ରୀ ମଲ୍ଲିକ | ୫୭ |
| ତାଳଗଛ | ଧୀରେନ୍ଦ୍ର ମଲ୍ଲିକ | ୫୮ |
| ମନ | ବିଶ୍ୱମ୍ଭର ନାୟକ | ୫୮ |
| ଈଶ୍ୱରୀୟ ନ୍ୟାୟ | କୃଷ୍ଣଚନ୍ଦ୍ର ଖଟୁଆ | ୫୯ |
| ଚାଣକ୍ୟ ନୀତି | ଅଭୀପ୍ସା ଶତପଥୀ | ୬୨ |
| ନିଃଶବ୍ଦ ଚେତନା | ଶ୍ରୀମତୀ ରାଉତ | ୬୩ |
| ତୁମ ଦାନ ମହାପୁଣ୍ୟ | ପୂର୍ଣ୍ଣାନନ୍ଦ ସେଠୀ | ୬୪ |
| ବୋଉ | ସରୋଜକାନ୍ତ ବେହେରା | ୬୫ |
| ହେ ବିଲମାଳ | ସୌରଭ ଶୁଭମ୍ କର | ୬୫ |







| ଲେଖା | ଲେଖକ | ପୃଷ୍ଠା |
|---|---|---|
| **ପ୍ରବନ୍ଧ ବିଭାଗ** | | |
| ଜାମନାର ସୀମାଙ୍କନ-ଆନନ୍ଦମୟ ଜୀବନର ମନ୍ତ୍ରଶ୍ରୀ | ତୀର୍ଥବାସୀ ଦଳାଇ | ୬୬ |
| ଶୈଶବରେ ଶିକ୍ଷା ଓ ସ୍ୱରୋଜଗାର | ଶ୍ରୀ ନିର୍ମାଲ୍ୟ କୁମାର ପ୍ରଧାନ | ୬୮ |
| ମହକ | ଶୁଭଶ୍ରୀ ମିଶ୍ର | ୬୯ |
| ଭାରତୀୟ କ୍ରିକେଟର ସ୍ୱର୍ଣ୍ଣିମ ଅଧ୍ୟାୟ (୧୯୩୨-୨୦୨୩) | ଅଂଶୁମାନ ଶତପଥୀ | ୬୯ |
| ଭାରତୀୟ ସଂସ୍କୃତି | ଶ୍ରୀ ଜ୍ୟୋତିସ୍ମାନ ଶତପଥୀ | ୭୦ |
| ପ୍ରଣୟର ଅଦ୍ଭୁତ ପରିଣାମ | ଦମୟନ୍ତୀ ପ୍ରଧାନ | ୭୧ |
| ଭବିଷ୍ୟତ ଭାରତରେ ମୋର ଭୂମିକା | ଶ୍ରୀ ପୃଥିରାଜ ସେଠୀ | ୭୩ |
| ଭାରତୀୟ ପରମ୍ପରାରେ ବିଜ୍ଞାନ | ଶ୍ରୀ ରଞ୍ଜନ କୁମାର ବାରିକ | ୭୪ |
| ସ୍ୱପ୍ନର ପଥରେ ମୁଁ | ଋତୁପର୍ଣ୍ଣା ମହାନ୍ତି | ୭୭ |
| **ଗଳ୍ প বିଭାଗ** | | |
| ଖେତେରାର ନୀରବ ସଂଗ୍ରାମ | ଡ. ଜୟଦେବ ଶତପଥୀ | ୭୭ |
| ଶେଷ ଯାତ୍ରା | ସ୍ୱୟଂସିଦ୍ଧା ବଳ | ୭୮ |
| ଉପକାରୀ ବାଳକ | ସ୍ୱପ୍ନା ସାହୁ | ୭୯ |
| ସତ୍ୟ | କଳ୍ପତରୁ ରାଉତ | ୭୯ |
| କପୋତଲୁବ୍ଧକ କଥା (ପକ୍ଷୀବ୍ୟାଧ କଥା) | ପ୍ରୟାଶ ସାହୁ | ୮୦ |
| ବନ୍ଧୁତା | ସ୍ୱିଟି ସ୍ୱିତା ସେଠୀ | ୮୦ |
| ସ୍ୱର୍ଗରେ ଗଣତନ୍ତ୍ରର ସଂକେତ (କାଳ୍ପନିକ) | ପଦ୍ମନାଭ ଶତପଥୀ | ୮୧ |
| ନିଖୋଜ ନେଟ୍‌ୱାର୍କ | ରଶ୍ମିତା ବେହେରା | ୮୩ |
| କୁହୁକ ଦୀପ | ସାଇପ୍ରସାଦ ଦଳାଇ | ୮୫ |
| ମୋ ଅନୁଭୂତିର ଦୁଇ ଧାଡି | ପ୍ରତିଭା ମିଶ୍ର | ୮୬ |
| ପିତା-ପୁତ୍ରର ସମ୍ପର୍କ | ଶ୍ରୀ ଅବିନାଶ ରଥ | ୮୭ |
| ଅଭିମାନ | ସାଗରିକା ସାହୁ | ୯୦ |
| ପ୍ରାପ୍ତିର ମୋହ | ଯଶୋଶ୍ରୀ ବେହେରା | ୯୨ |
| ଜିଅଁ ଗଛୁ ଗଛୁ ମାଙ୍କଡ | କିରଣ ମିଶ୍ର | ୯୭ |
| ବେଡ଼୍ ଟି | ପଦ୍ମଳୟା ପାଢୀ | ୧୦୦ |
| କବିତା | ସନ୍ତୋଷ ମିଶ୍ର | ୧୦୨ |


* * *



Scanned with OKEN Scanner

# କବିତା

## ଅଶରୀରୀ ଅଭିସାରିକା

ଦେବେନ୍ଦ୍ର ପ୍ରସାଦ ବ

ତୁମେ ଫେରିବ ନି କେବେ
ଜାଣିଥିଲି ମୁଁ,
ତଥାପି ଅପେକ୍ଷା କରିଥିଲି ତୁମକୁ
ସ୍ୱପ୍ନର ଶିକୁଳିରେ ବାନ୍ଧି ରଖିଥିଲି
ଆମର ସ୍ମୃତି ସବୁକୁ.....
ପ୍ରେମର ସେ ଅସରନ୍ତି ରାସ୍ତାରେ
ଏ ଅବୁଝା ମନ ନେଇ
ଖୋଜି ଉଲି ଥିଲି ତୁମକୁ...
କିନ୍ତୁ ଆସିଲନି ତୁମେ...
ପୂର୍ଣ୍ଣିମାର ପୂର୍ଣ୍ଣ ଜହ୍ନ ଠାରୁ
ଅମାବାସ୍ୟାର ଘନ ଅନ୍ଧକାର ଯେତିକି ଫରକ୍,
ତୁମ ଆଉ ମୋ ଭିତରେ ଫରକ୍
ତା ଠାରୁ ଆହୁରି ବି ଅଧିକା ।
ଧାରା ଶ୍ରାବଣର ଝିପି ଝିପି ବର୍ଷା ଠାରୁ ଆରମ୍ଭ କରି
ଫଗୁଣର ଫଗୁ ଖେଳ ଯାଏ ଅପେକ୍ଷା କଲି,
କିନ୍ତୁ ତୁମେ ଫେରିଲନି
ନିଦାଘର ଜ୍ୱାଳା
ଏକାକୀ ପଣର ଅସହାୟତା,
ସବୁ ସହିଛି ମୁଁ,
କେତେ ଯେ ରାତ୍ରି ଅନିଦ୍ରା, ଉଜାଗର
ତୁମକୁ ଉହିଁ ଉହିଁ

ତୁମେ ଆସିବ ବୋଲି.. କେତେ ଯେ ସ୍ୱପ୍ନ...
ହେଲେ ତୁମେ ଆସିଲନି
ମୋର ସ୍ଥିତି, ପରିସ୍ଥିତି ସବୁ
ତୁମ ଠାରୁ ଢେର୍ ଦୂରରେ...
ଆଶାର ବିଶାଳ ସମୁଦ୍ରଟି
ଆଜି ଯେମିତି ପାଲଟି ଯାଇଛି...
ଉତ୍ତପ୍ତ ଦଗ୍ଧ ମରୁ
ଆଉ ସେ ମରୁର ମରୀଚିକାରେ
ହଜି ଯାଇଛି ମୁଁ....
ପ୍ରତିଶ୍ରୁତି ସବୁ ପ୍ରତାରଣା ପାଲଟି ଗଲାପରେ,
ସ୍ୱପ୍ନମାନେ ସବୁ ଲୁହ ହୋଇ ଝରି ପଡୁଛନ୍ତି..
ଏ ବିଶ୍ୱାସ ଅବିଶ୍ୱାସର
ଖରା ଛାଇ ଖେଳରେ
କ୍ଲାନ୍ତ ମୁଁ... ଶ୍ରାନ୍ତ ମୁଁ
ଅନେକ ରାତ୍ରିର ଉଜାଗର ପରେ
ଆଜି ଏ ଅଲୋଡା ଅମାବାସ୍ୟାରେ
ଅଶରୀରୀ ଅଭିସାରିକାର
କୋଳରେ ନିଦ୍ରିତ ମୁଁ....

—୦—

ଓଡ଼ିଶା ପ୍ରଶାସନିକ ସେବା
ମଣ୍ଡଳ ଉନ୍ନୟନ ଅଧିକାରୀ, ଧର୍ମଶାଳା, ଯାଜପୁର





## କର୍ତ୍ତବ୍ୟ

ସୁପ୍ରଭା ମହାଳିକ

ଉପକାର କା'ର କରି ନ ପାରିଲେ
ଅପକାର କା'ର କରନା
ପ୍ରଶଂସା କାହାର କରି ନ ପାରିଲେ
ଅପବାଦ କା'ର କରନା ।
ଭଲ ବି କାହାକୁ ନ ପାଇ ପାରିଲେ
ଦୁଃଖ କାହା ମନେ ଦିଅନା
ଈଶ୍ୱର ବିଶ୍ୱାସ ନ ହୋଇ ପାରିଲେ
ପରିହାସ ତାଙ୍କୁ କରନା ।
ଧର୍ମ ବାଟରେ ନ ଯାଇ ପାରିଲେ
ଅଧର୍ମରେ କେବେ ଯାଅନା
ଦେଶ ସେବା କେବେ କରି ନ ପାରିଲେ
ଦୁର୍ନୀତି କେବେ କରନା
ଗୁରୁଜନେ ଭକ୍ତି କରି ନ ପାରିଲେ
ମନେ ତାଙ୍କ ଦୁଃଖ ଦିଅନା,
ଲଘୁଜନେ ସ୍ନେହ ନଦେଇ ପାରିଲେ
ଅତ୍ୟାଚାର ତାଙ୍କୁ କରନା ।

—୦—

ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଂହାପୁର
ମୋ- ୮୦୯୩୩୭୨୧୬୩

## ବାପା

ବିଜୟିନୀ ଦାସ

ହାତ ଧରି ମୋତେ ଚଲି ଶିଖାଇଲ
ସବୁ ଅଳି ଅଝଟକୁ ପୂରଣ ଯେ କଲ
ମୁଁ ଛୋଟ ମାଗିଲେ ମୋତେ ବଡ଼ ଦେଉଥିଲ
କାନ୍ଧି ପକାଇଲେ ମୋତେ ଗେଲ କରୁଥିଲ ।
ଦୀପଶିଖା ପରି ଜଳି ଜଳି ଯାଇ
ଆମକୁ ଆଲୋକ ଦେଖାନ୍ତି ସେଇ
ତାଙ୍କ ଦୁଃଖ କଷ୍ଟ କେବେ କହନ୍ତି ନାହିଁ
ସବୁ ସହି ଯାଆନ୍ତି ସେ ଆମ ମୁହଁକୁ ଉହିଁ ।
ସେ ଆମ ପାଇଁ ଚଳନ୍ତି ଠାକୁର
ତାଙ୍କ ବିନା ଆମ ଜୀବନ ଅନ୍ଧାର ।

—୦—

ଚତୁର୍ଥ ଶ୍ରେଣୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ବୃନ୍ଦାବେଇପୁର





Scanned with OKEN Scanner

## ମୋ ବୋଉ

ରଞ୍ଜିତା ଓଝା

ବୋଉ ମୋର କେତେ ଭଲ
କହି ମୁଁ ପାରେନା
ଖୁସି ମନେ ସେ ରହୁ
ଏହି ମୋ କାମନା
ତା'ର ମନେ ନାହିଁ କିଛି
ଛଦ୍ମ ଓ କପଟ
ଆମ ଅଳି, ଅରଦଳି
ସହେ ସବୁ ଆକଟ ।
ଆମକୁ ସେ ରଖିଥାଏ
କେତେ ଯତନରେ
ତା' ପଣତେ ଘୋଡ଼ାଏ ସେ
ଥିଲେ ବିପଦରେ
ନିଜେ ଖାଦ୍ୟ ନଖାଇ ସେ
ଆମକୁ ଖୁଆଏ ।
ନିଦ ନ ଆସିଲେ ନେତ୍ରେ
ଗୀତ ଗାଇ ଶୁଆଏ ।
ସ୍ୱଭାବରେ ଶକ୍ତ ଅଟେ
ହସରେ ତା' ମହୁ
ଆରତୀ ତା ନାମ ଅଟେ
ସେ ମୋର ବୋଉ ।
ତା କୋଳରେ ଜନ୍ମ ନେଇ
ଆଜି ମୁଁ ଗର୍ବିତ
ଦେବୀ ପରି ପୂଜୁଥିବି
ସେ ମୋ ଜଗତ ।

—୦—

ସଦସ୍ୟା-ବଶମଲ୍ଲୀ-ସାହିତ୍ୟ ଓ ସେବା ସଂଗଠନ
ଜେନାପୁର

## ପତାକା

ସ୍ମୃତିରଂଜନ ମଳିକ

ଆମ ଦେଶର ପତାକା ଏହି
ଉଡଇ ଫର ଫର
ଧଳା ନାରଙ୍ଗୀ ସବୁଜ ରଙ୍ଗେ
ଦିଶଇ ଜରଜର ।
ମଝିରେ ରହି ପାଉଛି ଶୋଭା
ଅଶୋକ ଚକ୍ର ଚିହ୍ନ
ଏହାରି ପାଇଁ ଆମ ଦେଶରେ
ବଢ଼ଇ ସନମାନ ।
କରିବା ପଣ ରଖିବା ଟାଣ
ଏହାରି ଟେକ ପାଇଁ
ଶିଶୁ ଫଉଜ ସାଜିବା ଆମେ
କେବେ ହଟିବା ନାହିଁ ।
ଆମ ଦେଶର ପତାକା ଏହି
ଉଡ଼ଇ ଫର ଫର
ଦେଶ ପାଇଁ ଆମେ ଜୀବନ ଦେବା
ନାହିଁ କାହାକୁ ଡର ।

—୦—

ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ସପ୍ତମ ଶ୍ରେଣୀ





## ମା' ପରା ସିଏ

ଦିବ୍ୟଦତ୍ତ ବିଶ୍ୱାଳ

ସେନେହ ପରଷି ଦିଏ ବିନା ସ୍ୱାର୍ଥେ ଯିଏ
କୋମଳ ଓଠରେ କହିବା ଶିଖାଏ
ଦୁନିଆଁ ଦେଖାଏ ନୟନ ଖୋଲି
ଆଦରି ନିଏ କୋଳକୁ ତାହାରି
ମମତା ଭରା ହୃଦୟରେ
କଠିନ ପଥରେ ଚଲିବା ଶିଖାଏ
ଝୁଣ୍ଟିବା ଆଗରୁ ପାଛୋଟି ନିଏ
ମା'ପରା ସିଏ ।
ରାତିରେ ଚେଇଁକି କୋଳରେ ଶୁଆଏ
ସ୍ନେହରେ ନଥାଏ ଊଣା
ଖାଇବା ଶିଖାଏ ନାନା ଲୋରି ଗାଇ
କୋଳଟି ତାହାଟି ନିଦ୍ରାର ଘର
ଆତ୍ମା ହୋଇ ଯାଏ ତୃପ୍ତି
ଜୀବନକୁ ଆମ ମଙ୍ଗଳ ମନାସି
ମମତା ଧାରାରେ ଭସାଇ ଦିଏ
ମା' ପରା ସିଏ ।
ମା' ପରା ସିଏ ।

—୦—

ଦୁର୍ଗାଶଙ୍କର ବିଦ୍ୟାପୀଠ, କୃଷ୍ଣପଡ଼ା

## ମୋ ଭାରତ

ଲିସା ରାଉତ

ଅସୀମେ ଆରମ୍ଭ ଅନନ୍ତେ ଶେଷ
ଗରିମାମୟୀ ମୋ ଭାରତବର୍ଷ
ସବୁଜ ସୁନ୍ଦର ପୂର୍ଣ୍ଣତା ଭରା
ଗୋଟିଏ ବୁକୁରେ ଅସଂଖ୍ୟ ତାରା
ବିଶ୍ୱ ବନ୍ଦନୀୟ ଏଇ ମୋର ଦେଶ
ଯା' ମାଟିରେ ମିଶଇ ସଭିଙ୍କ କ୍ଳେଶ
ମା' ଆଉ ମୋର ଏଇ ମାତୃଭୂମି
ଯେ ନିଜର କରିଛି ମଥାକୁ ଚୁମି
ଧରାପୃଷ୍ଠେ ମୋ ଭାରତ ଲାଗେ ସ୍ୱର୍ଗସମ
ଅନୁଭବୀ ଜଣେ ଇଏ କେତେ ମନୋରମ
ଭାବରେ ପ୍ରଥମ ସମ୍ପର୍କରେ ପୂର୍ଣ୍ଣ
ସେଇ ମୋର ଦେଶ ଭେଦଭାବ ଶୂନ୍ୟ
ଭିନ୍ନ ହୋଇ ବି ଆମେ ଏକ ଓ ଅଭିନ୍ନ
ଭାଇଝରା ଯାଇ ଆଦର୍ଶର ଚିହ୍ନ
ଗୋଟିଏ ବଗିଚାର ଆମେ ଫୁଲ ଯେ ଅନେକ
ବୀରଭୂମି ଏଇ ଦେଶ ବୀରପୁତ୍ର ଯେ ସୈନିକ ।
ନିଃସତ୍ତ ଯିଏ କରିଛି ଦାନ
ପ୍ରଶଂସାର ସୀମା ଲଘେ ମା' ସେ ମହାନ୍
ଶବ୍ଦହୀନ ଲେଖନୀ ମୋ ବର୍ଣ୍ଣନାରେ ତୋର
ଇତିହାସେ ଶ୍ରେଷ୍ଠ ଭାରତ ଜନନୀ ପ୍ରଣାମ ଚରଣେ ତୋର !

—୦—

ଶ୍ରୀବନ୍ତପୁର, ଦଶମଶ୍ରେଣୀ



Scanned with OKEN Scanner

## ଗୁରୁ ଆଲୋକ

ପ୍ରିତିପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ

ଅନ୍ଧାର ପଥରେ ଗୁରୁ ଆଲୋକ
ଶିକ୍ଷା ଦିଅ ତୁମେ ଆମ ଶିକ୍ଷକ
ଯାହାବି ଶିଖିଛୁ ତୁମ କୃପାରୁ
ପାସୋରି ଯିବିନି କେବେ ମନରୁ ।
ଦୁନିଆରେ ଅମୂଲ୍ୟ ଏ ସମ୍ପର୍କ
ଅନ୍ଧାର ପଥରେ ତୁମେ ଆଲୋକ ।
ତୁମ ପାଇଁ ଦିନ ଗୁରୁ ଦିବସ
ରହିଥାଉ ତୁମ ସ୍ନେହ ଆଶିଷ
ହୃଦୟରେ ହୁଏ ତୁମରି ପୂଜା,
ଶିକ୍ଷା ଦୁନିଆରେ ତୁମେ ହିଁ ରାଜା ।
ହୋଇଛ ଆମରି ଶୁଭ ଚିନ୍ତକ
ଅନ୍ଧାର ପଥରେ ତୁମେ ଆଲୋକ
ଦୁନିଆଟା ଯଦି ଅନ୍ଧାର ହୁଏ
ଶିକ୍ଷାର ପ୍ରଦୀପ ଜାଳିବ କିଏ ?
ଶିକ୍ଷାର ପ୍ରଦୀପ ଜାଳିବା ପାଇଁ
ଶିକ୍ଷକ ସାଜିଲ ଦୁନିଆ ପାଇଁ
ହେ ଶିକ୍ଷକ ତୁମେ ଶିକ୍ଷା ରକ୍ଷକ ।
ଅନ୍ଧାର ପଥରେ ତୁମ ଆଲୋକ ।

—୦—

ଦଶମଶ୍ରେଣୀ ଛାତ୍ରୀ
ଶ୍ରୀବନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ


## ମୋ କଳ୍ପନା

ଭାଗ୍ୟଶ୍ରୀ ପଲେଇ

ବିରହ ଜୁଇରେ ଜଳୁଛି ଆଜି ମୁଁ
ହୋଇଣ ଅଲିଭା ଶିଖା
ଯେଉଁଦିନ ମୋତେ ମନ୍ଦିର ପୀଠରେ
କରିଥିଲ ଶେଷ ଦେଖା
ମୋ କଳ୍ପନାର ଅନ୍ତ ନାହିଁ ଜାଣି
ଭାବେ ମୁଁ କଳ୍ପନା ରାଇଜ ରାଜା
କେଉଁ ରାଜା ଆସି କଳ୍ପନାକୁ ନେଇ
ଦେଇଗଲା ମୋତେ ଏପରି ସଜା
ଭାବରୁ କଳ୍ପନା, କଳ୍ପନାରୁ ପୁଣି
ହୋଇଥିଲ ମୋର ପରିକଳ୍ପନା
ମୋ କଳ୍ପନା ମଧ୍ୟେ ନଥିଲାତ କାଳ
ଯହିଁ ଭରିଥିଲା ପ୍ରେମ ପବିତ୍ରର ଉପାସନା
ବଞ୍ଚିଥିବା ଯାଏଁ କଳ୍ପନାକୁ କେବେ
କରି ପାରିବିନି ଅନ୍ତରରୁ ଅନ୍ତର
ସୃତିକୁ ସାଉଁଟି ସୌଧ କରି ଦେଖୁଥିବି ନିରନ୍ତର ।

—୦—

ସପ୍ତମ ଶ୍ରେଣୀ ଛାତ୍ର
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ







## ଶବ କହିବ କଥା

ପ୍ରଜ୍ଞାସିନୀ ପାତ୍ର

ନର ବା ଗୁଂଜର ଅଶ୍ୱତ୍‌ଥାମା ହତ
ହତ୍ୟାକାରୀ ଗିରଫ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ
ପୋଲିସ୍ ତଦନ୍ତ ମିଥ୍ୟା
ଡାକ୍ତର ଶବ ବ୍ୟବଚ୍ଛେଦ ମିଥ୍ୟା
ସାକ୍ଷୀମାନଙ୍କ ବୟାନ ମିଥ୍ୟା
ସବୁ ମିଥ୍ୟା, ମିଥ୍ୟା, ମିଥ୍ୟା ।
ସ୍ୱର୍ଣ୍ଣପୁରୀ ଶ୍ରୀଲଙ୍କାର ରାଜା
ପରିଙ୍କର ବଂଶ ନିହତ ସତ୍ୟ
ଯୁବରାଜ ଅଯୋଧ୍ୟାର ଶ୍ରୀରାମ ଚନ୍ଦ୍ର
ନ କରି ଆରୋହଣ ରାବଣର ସିଂହାସନେ
ସେଟ୍‌ଲାଇଟ୍‌ରେ ଦେଖିନେଲେ
ସମଗ୍ର ଲଙ୍କାର ମାନଚିତ୍ର ମନେ
ସିଂହାସନେ ନ୍ୟାୟପତି ନ କରି ସତ୍ୟାସତ୍ୟ ଅନୁସନ୍ଧାନ
ଘାରିଗଲେ ବୁଝି ବିଡା, ବିଡ଼ା ନୋଟ୍‌ର କାରବାର
ମଲା ବେଳରେ ବାବୁ ଦେଖିଲା ଆତ୍ମାଟିକୁ
ବିଷାଦ ମନରେ ବୁଲୁଥିଲା ନ କହି କାହାକୁ
ହସୁଥିଲା ଆତ୍ମାଟି ଫେଁ ଫେଁ ହୋଇ
ଜାମିନରେ ହତ୍ୟାକାରୀ ଆସିଥିବାର ଦେଖି
ସାକ୍ଷୀଙ୍କୁ ହତ୍ୟାର ଧମକ
ସାକ୍ଷୀଙ୍କ ମନରେ ଏ ଛନକା
ଜାମିନଦାର ବି ଗ୍ରେଟ୍ ଟାଉଟର
ଏଥିରେ କ୍ରିମିନାଲ୍‌ର ସପୋର୍ଟର
ମୃତ ବ୍ୟକ୍ତି ଥରେ ମରିଛି
ତା ଆତ୍ମା ଘୁରି ବୁଲୁଛି ।

ମୃତ୍ୟୁ ପୂର୍ବରୁ କହିଥାନ୍ତା ମନୁଷ୍ୟଟିଏ
ହେ ! ଶୁଣ, ହେ ! ଶୁଣ, ହେ ! ଶୁଣ, ଶୁଣ, ଶୁଣ
ମୋର ଗୁରୁଜନ ସମ୍ମାନନୀୟ ଗଣ
ସ୍ନେହର ସମକକ୍ଷ ଲଘୁଜନ ବନ୍ଧୁଗଣ
ଶେଷ ନିଃଶ୍ୱାସ ମୁଁ ଛାଡି ଦେଉଛି
ମୋ ଦାୟିତ୍ୱ ଭାର ଆଜି ଛାଡୁଛି
ଶବ ଯଦି ବଞ୍ଚି ରହିଥାନ୍ତା ମୋର
ସେ ବିଷ୍ଣରାଳୟେ କୁହନ୍ତା ଦୋଷ ଯେ କାହାର
ହେ ସମ୍ମାନନୀୟ ସଭାପତି ମୋହର
ଅମୁକ ଲୋକ କଲା ହତ୍ୟାକର ବିସ୍ତର
ମୁଁ ସ୍ୱ ଚକ୍ଷୁରେ ଦେଖିଲି
ହତ୍ୟାକାରୀ ଧରିଥିଲା ବନ୍ଧୁକ ଗୁଳି ।
ଭୁଜାଲି ମୋର ସାକ୍ଷୀ
ଏ ଭୁଜାଲି ଏକମାତ୍ର ସାକ୍ଷୀ
ତା ଛଡା ଆଉ ନାହିଁ ତ ବାକି
ମା ଧରିତ୍ରୀ କୋଳରେ ପଡ଼ି ରହିଲା ଶବ ମୋର
ହେଉଥିଲା ଛଟପଟ ରକ୍ଷା ନ କରିପରିଲା ମା ମୋର
'ସମନ' ଟିକୁ ମା ପାଖକୁ ପଠାଇଥିଲେ
ମୋର ଶବ ଦେଇଥାନ୍ତା ସାକ୍ଷୀ ନଚେତ ।

—୦—

ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ଦଶମ ଶ୍ରେଣୀ ଛାତ୍ରୀ





Scanned with OKEN Scanner

## ବଣମଲ୍ଲୀ

ରୋଶ୍ନି ଦାସ

ବଣମଲ୍ଲୀର ଫୁଲ ଫୁଟିଛି
ମହମହ ହୋଇ ବାସ ଛୁଟିଛି
ମହକୁଛି ବିଲ ବଣ
ହସ ଖୁସି ମଜା ମଉଜ ଲାଗିଛି
ଉଛୁଳି ଉଠୁଛି ମନ
ପୂରୁବ ଆକାଶେ ହସୁଛି ରବି
ଆହାକି ସୁନ୍ଦର ଦିଶୁଛି ଛବି
ଗାଁ, ଗଣ୍ଡା, ତୋଟା ମାଳ
ହସି ଉଠୁଛି ବଣ ପରବତ
ବାଟ, ଘାଟ, ନଈ ଘାଟ ।
ପରଜା ପଡିଟି ସେ ଫୁଲରେ ଝୁଲି
ମହୁ ପିଇ ମନ ଖୁସିରେ ବୁଲି
ତରକି ଉଠିଛି ପରା
ଦଉନି ଜମାରୁ ଧରା,
ଆସରେ ପିଲାଏ ଏକାଠି ଜୁଟି
ଭଲ କାମେ ଆମେ ଉଠିବା ଫୁଟି
ଦୁନିଆ ବୁଝିବା ମୂଲ୍ୟ
ଆମେ ବଣମଲ୍ଲୀର ଫୁଲ ।

—୦—

ଦଶମ ଶ୍ରେଣୀ ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

## ଆମେ ସବୁ ଭାରତୀୟ

ଅନନ୍ୟା ପ

ଆମେରେ... ଏ..... ଆମେ ସବୁ ଭାରତୀୟ
ଜାତି ନାହିଁ ଆମ ଭେଦଭାବ ନାହିଁ
ଆମ ପରିଚୟ ।
ଆମେରେ .....
ଆମେ ସବୁ ଟିକି ଟିକି କୁସୁମ କଳି
ଏ ଦୁନିଆ ବଗିଚାରେ
ଆମରି ରଙ୍ଗ ରୂପ ସୁବାସରେ
ହସାଇବୁ ଏ ସଂସାର
ଆମ ପରଶେ ଆମରି ହସେ
ସୃଷ୍ଟି କରିବୁ ଅମୃତମୟ, ଆମେରେ .... ।୧
ଆମେ ସବୁ ଟିକି ଟିକି ତାରକାଗଣ
ଏ ସୁନୀଳ ଗଗନରେ
ଆମରି ସାଥେ ହସେରେ ଇନ୍ଦ
ବିଶ୍ୱ ରୂପେଲି କିରଣ
ସଭିଏଁ ଆମେ ଆଲୋକ ଦେଇ
ସୃଷ୍ଟି କରିବୁ ଉଜ୍ଜ୍ୱଳମୟ, ଆମେରେ.... ।୨ ।
ଆମେ ଅଣୁ ପରମାଣୁ ଶକତିଶାଳୀ
ଏ ବିଜ୍ଞାନ-ଜଗତର
ବିସ୍ଫୋରଣ ଆମେ ହେବୁ ନାହିଁରେ
ଦୂତ ଶାନ୍ତି ପ୍ରଗତିରେ
ଶାନ୍ତି କପୋତ ଉଡ଼ାଇ ଆମେ
ସୃଷ୍ଟି କରିବୁ ପ୍ରଶାନ୍ତି ମୟ । ଆମେରେ ...! ୧ ।

—୦—

ଦଶମ ଶ୍ରେଣୀ ଛା
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳ





## ନାରୀ ସଶକ୍ତିକରଣ

ଶ୍ରୀୟା ପତି

ନାରୀ ଅଟେ ସୌମ୍ୟା ରମ୍ୟା
ସ୍ନିଗ୍ଧ ସକାଳର ଶୀତଳ ସ୍ପର୍ଶ ପରି
ସେ ପୁଣି ହୋଇପାରେ
କ୍ରୁର ନିଷ୍ଠୁର ତୀକ୍ଷ୍ଣ ଧାର ପରି
ସେ ଅଟେ ଜାୟା, ଭଗିନୀ, ଜନନୀ ଧରଣୀ ପରି
ସେ ପୁଣି ସମ୍ଭାଳେ ସଂସାର ଜଞ୍ଜାଳ ଅସୀମ ଧୈର୍ଯ୍ୟ ଧରି
ସଳିତା ଜଳେନା ଘିଅ ବିନା
ସଂସାର ଚଳେନା ଝିଅ ବିନା
ଯଦି ଲକ୍ଷ୍ମୀକୁ ନ ମିଳେ ସମ୍ମାନ
ଶୁକ୍ଳ ଧାନମାଣ ପୂଜି ବୃଥା ଆବାହନ
ବଡ଼ ଠାକୁର ଲକ୍ଷ୍ମୀଙ୍କୁ କରି ପ୍ରତ୍ୟାଖ୍ୟାନ
ମାନବ ଲୀଳା, କହିଲେ ଅଛି ଉପାଖ୍ୟାନ
ଇତିହାସ ପୃଷ୍ଠା କରିଛି ପ୍ରକାଶ
ଜଗତେ ନାହିଁ ଅଜ୍ଞାତ
ତେଣୁ ସରକାର ଏ ନାରୀ ଜାତିକୁ
କରିଛି ଆଜି ଜାଗ୍ରତ
ଆମ ଏ ଦେଶର ସିପାହୀ ବିଦ୍ରୋହ
ହୃଦୟେ ଟାଣିଛି ରେଖା
ଝାନ୍‌ସୀ ରାଣୀ ଲକ୍ଷ୍ମୀବାଇଙ୍କ ବୀରତ୍ୱ
ନେତୃତ୍ୱ ଦେଇଛି ଶିକ୍ଷା ।
ଥିଲେ ନାରୀ ନେତ୍ରୀ
ଆମ ଓଡ଼ିଶାର ନାମ ତାଙ୍କ ନନ୍ଦିନୀ ଶତପଥୀ
ରାଷ୍ଟ୍ରପତି ପଦେ ମଞ୍ଚାସୀନ
ଦ୍ରୌପଦୀ ମୁର୍ମୁ ସେ
ସୁନାର ସଂସାର ହୋଇବ ଗଠନ
ନାରୀ ହେଲେ ସଚେତନ ।

—୦—

ଦଶମ ଶ୍ରେଣୀ ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

## ଶିକ୍ଷକ ସମାଜ

ଆଲିସା ପଣ୍ଡା

କିଏ ବା ବୁଝିବ
ଶିକ୍ଷକର ଦାନ
ଶିକ୍ଷା ପାଇଁ ଉତ୍ସର୍ଗ
ଯାହାର ଜୀବନ
ତା'ର ମହାନ୍ ଦାନ ବଦଳରେ
ମିଳେ ତାକୁ ସ୍ୱଳ୍ପ ବେତନ
କିଏ ବା ବୁଝିବ ଶିକ୍ଷକର ମନ
ଶିକ୍ଷା ପାଇଁ ଉତ୍ସର୍ଗ ଯାହାର ଜୀବନ
କେବେ ସେ ଜୋକର
କେବେ ସେ ଫକୀର
କେବେ ପୁଣି ଯାଯାବର
କେବେ ସେ ଜୋକର
କେବେ ସେ ଫକୀର
କେବେ ପୁଣି ଯାଯାବର
ଶିକ୍ଷାଦାନ ପାଇଁ
ବୁଲୁଛି ଆଜି ସେ
ବାର ଦୁଆର
କେବେ ସେ କାନ୍ଦୁଛି
କେବେ ସେ ହସୁଛି
କେବେ ସେ କାନ୍ଦୁଛି
କେବେ ସେ ହସୁଛି
ହେଲେ ଶିକ୍ଷାଦାନରୁ ନିଏନାହିଁ
କେବେ ସେ ବିରତି



Scanned with OKEN Scanner

ନିଜ ପରିବାରଠୁ ବି ଅଧିକ ସମୟ
ଯିଏ ଛାତ୍ରଛାତ୍ରୀଙ୍କୁ ଦେଉଛି
ଆଜି ଏ ସମାଜ ତାର କର୍ତ୍ତବ୍ୟ ନିଷ୍ଠା ଉପରେ
ପ୍ରଶ୍ନବାଚୀ ସୃଷ୍ଟି କରିଛି
ଆଗରେ ସାର୍ ସାର୍
ପଛରେ ମାଷ୍ଟର ମାଷ୍ଟର
ବୋଲି ଶୁଣିଛି
ଶିକ୍ଷକ ସମାଜ ଆଜି
ଟିକେ ସମ୍ମାନ ଖୋଜୁଛି
ଶିକ୍ଷକ ସମାଜ ଆଜି
ଟିକେ ସମ୍ମାନ ଖୋଜୁଛି ।

—୦—

ନବମ ଶ୍ରେଣୀ ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

## ଏହି ମୋର ଦେଶ

ରାନୁ ବିଶ୍ୱା

ଏହି ମୋର ଦେଶ କେଡ଼େ ଯେ ସୁନ୍ଦର
ଏହି ମୋର ଦେଶ କେଡ଼େ ଯେ ସୁନ୍ଦର
ନ ଯାଉ ବୁଡ଼ି ସେ, ନ ଯାଉ ବୁଡ଼ି
ରହୁ କାଳାନ୍ତର, ଧରି ବର୍ଷବର୍ଷ
ଯିବନି ଭୁଲି ଯିବନି ଭୁଲି
ଏହି ଦେଶ ପାଣି ପବନ
କେତେ କେତେ ଯେ ବୀର ଦେଇ ଅଛନ୍ତି ମୁଣ୍ଡ
ଏହି ମୋର ଦେଶ ପାଇଁ
କେତେ କଷ୍ଟ ସହି
କେତେ ମାତ ଖାଇ
ଦେଇ ଯାଇଛନ୍ତି ଜୀବନ
ଏହି ମୋର ଦେଶ ପାଇଁ
ତାହାରି ସମ୍ମାନ, ତାହାରି ସୁରକ୍ଷା
କରିବା ଆମେ ମିଶି
ଦେଶ ପାଇଁ ଜୀବନ ଦେବା ଆଗେଇ ଆସ ଧାଇଁ
ଏହି ମୋର ଦେଶ କେଡ଼େ ଯେ ସୁନ୍ଦର ।୨ ।
କେତେ ଯେ ବୀର ଦେଇ ଅଛନ୍ତି ଜୀବନ
ଏହି ମୋର ଦେଶ ପାଇଁ
ତାଙ୍କ ସ୍ମୃତି ଆଜି ବହିରେ ରଚିତ ଚିରନ୍ତର କାଳପାଇଁ
ସଭିଏଁ ମିଶି କରିବା କାର୍ଯ୍ୟ
ରଖିବା ଏହାର ନା
ଏହି ମୋର ଦେଶ କେତେ ଯେ ସୁନ୍ଦର
ଏହି ମୋର ଦେଶ କେଡ଼େ ଯେ ସୁନ୍ଦର



—୦—

ନବମ ଶ୍ରେଣୀ ଛାତ୍ର
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ





## ମୋ ଗୁରୁ

ସ୍ମୃତି ଶ୍ରୀୟା ସିଂହ

ହେ ବିଶ୍ୱ ବିଧାତା ତୁମେ ହର୍ତ୍ତା କର୍ତ୍ତା
ତୁମେ ପରା ମହାମେରୁ
ସାଧନା ବିକାଶ ବିଜ୍ଞର ବିମର୍ଷ
ପାଇଁ ଗଢ଼ିଦେଲ ଗୁରୁ
ମାଆ ଅଟେ ଆମ ପ୍ରଥମ ଗୁରୁ ଯେ
ଶିଖେଇଛି ପରା ଝଲି
ଗୁଲୁରୁ ଗୁଲୁରୁ କଥା ଶିଖେଇଛି
କହିବାକୁ ମନ ଖୋଲି
ଦ୍ୱିତୀୟ ଗୁରୁ ଯେ ବାପା ପୁଣି ଆମ
ଶିକ୍ଷା ଦେଲେ ବ୍ୟବହାର
କାହାକୁ କେମିତି ଆଚରଣ ଦେବି
ଶିଖାଇଲେ ଶିଷ୍ଟାଚର
ଶିକ୍ଷା ଲଭିବାକୁ ବିଦ୍ୟାଳୟ ଗଲି
ପାଇଲି ଅନେକ ଗୁରୁ
ଅଧ୍ୟୟନ ସାଥେ ଚେତନା ବିକାଶ
ଆରମ୍ଭିଲା ସେହିଠାରୁ
ପରିବେଶ ଆଉ ପରିବାର ମୋର
ଶିଖାଇଛି ଯେ ଭଦ୍ରତା
ଆତ୍ମବିଶ୍ୱାସ ମୁଁ ଶିଖିଛି ପକ୍ଷୀଠୁ
ସେ ମୋର ଜ୍ଞାନଦାତା
ଯାହା ବି ପାଇଛି ଯାହାବି ଶିଖିଛି
ସବୁ ଗୁରୁଙ୍କ ଦାନ
ତାଙ୍କ ପାଦତଳେ ନତମସ୍ତକ ଯେ
ରଖିବି ତାଙ୍କର ମାନ ।
ଆଶିଷର ବର୍ଷା ଢାଳି ହେଇଯାଉ
ସଦା ରହୁ ଆଶୀର୍ବାଦ
ଅସମ୍ଭବ କାର୍ଯ୍ୟ ସମ୍ଭବ ଯେ ହୁଏ
ଛୁଇଁ ଦେଲେ ତାଙ୍କ ପାଦ ।
ଗୁରୁ ପୁଣି ବ୍ରହ୍ମା ଗୁରୁ ପୁଣି ବିଷ୍ଣୁ
ଗୁରୁ ପୁଣି ମହେଶ୍ୱର
ସଦା ସର୍ବଦା ସମ୍ମାନ କରିବା
"ଦେଇ ପ୍ରେମ ଉପହାର" ।

—୦—

ନବମ ଶ୍ରେଣୀ ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

## କଳା ଠାକୁର

ନିଲିପ୍ସା ବାସ

ନିଃଶ୍ୱାସକୁ ସିନା ବିଶ୍ୱାସ ରହୁନି
ତୋ ବିଶ୍ୱାସ ରହୁ ଦୃଢ଼
ତୋ ବିଶ୍ୱାସ ଧରି ଜିତିଯିବି ହରି
ଏ ଜୀବନ ଯୁଦ୍ଧ ବଡ଼
ଝରି ଆଡ଼େ ଖାଲି ମିଥ୍ୟା ପ୍ରବଞ୍ଚନା
ପାପ ଅନ୍ଧକାର ଭରା
ତୁ ଯଦି ହେବୁ ମୋ ଜୀବନେ ଆଲୋକ
ଆଉ କି ସାହାରା ଲୋଡ଼ା ।

—୦—

ସପ୍ତମ ଶ୍ରେଣୀ ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ



Scanned with OKEN Scanner

## ପିତାମାତା

ରୋଜାଲିନ୍ ପାତ୍ର

ପିତାମାତା ଠାରୁ ବଡ଼ ଦେବତା କେ
ସରଗ ରାଇଜେ ନାହିଁ
ତାଙ୍କରି ଆଶିଷ ସାହା ଏକା ସିନା
ବିପଦୁଁ ତରିବା ପାଇଁ ।
କର୍ତ୍ତବ୍ୟ ପାଳନେ ଯଶ-ଧନ ଲଭେ
ଦୁନିଆଁରେ କର୍ମବୀର
ଭାଗ୍ୟକୁ ଆଦରି କାପୁରୁଷ ସିନା
ଦୁଃଖ ଭୋଗେ ବାରମ୍ବାର ।
ସାଧୁ ସଙ୍ଗତରେ ସଙ୍ଗ ହେଲେ ପରା
ଆପେ ସାଧୁ ହୋଇଯାଏ
ହୀନଜନ ସଙ୍ଗେ ମିଳାମିଶା କଲେ,
ହୀନ ବୁଦ୍ଧି ସିନା ପାଏ ।
ପରଦୁଃଖ ଦେଖି କାନ୍ଦେ ଯା' ପରାଣ
ମହତ ମଣିଷ ସେହି
ପର ହିତ ଲାଗି ଦିଏ ଯେ ଜୀବନ
ତା' ଠାରୁ ବଡ଼ କେ ନାହିଁ ।
ବିଦ୍ୟା ମହାମିତ ବିଦ୍ୟା ମହାବଳ
ବିଦ୍ୟା ଅଟେ ମହାଧନ
ଜଗତେ ବିଦ୍ୱାନ ଲଭଇ ସମ୍ମାନ
ମୂର୍ଖ ପାଏ ଅପମାନ ।

—୦—

ଜେନାପୁର,ଯାଜପୁର

## ଗୁରୁ


ପ୍ରିୟଙ୍କା ଶତପଥୀ

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ମହେଶ୍ୱର
ଗୁରୁ ହିଁ ସାକ୍ଷାତ୍‌ରେ ଅଟନ୍ତି ଈଶ୍ୱର
ବ୍ରହ୍ମା ରୂପେ ତୁମେ ସୃଷ୍ଟି କରିଲ ପ୍ରତିମା
ଜଗତରେ ନାହିଁ କିଛି ଦେବାକୁ ଉପମା
ବିଷ୍ଣୁ ରୂପେ ସୁଶୃଙ୍ଖଳା କରିଲ ଛାତ୍ରଙ୍କୁ
ଜ୍ଞାନ ଦେଇ ଜଗତରେ ଦୁଃଖ ହରିବାକୁ
ମହେଶ ରୂପେ ଉଶୃଙ୍ଖଳାକୁ କଲ ସୁଶୃଙ୍ଖଳ
ଅଜ୍ଞାନ ନାଶି କରିଛ ଛାତ୍ରର ମଙ୍ଗଳ
ତୁମେ ସତ୍ୟ ତୁମେ ନିତ୍ୟ ତୁମେ ଅଟ ଗୁରୁ
ଜ୍ଞାନ ଛାୟା ପ୍ରଦାୟକ ବାଞ୍ଛା କଳ୍ପତରୁ ।
ତୁମ ଆଶୀର୍ବାଦ ଲଭି ପଙ୍ଗୁ ଲଙ୍ଘେ ଗିରି
ଶିଷ୍ୟ ଲଭେ ଦିବ୍ୟ ଜ୍ଞାନ ପଦ ଅନୁସରି
ତୁମରି ଅନ୍ତର ତଳେ ଜଳେ ଜ୍ଞାନ ଶିଖା
ସବୁ ଛାତ୍ରଛାତ୍ରୀ ଗଣ ମାଗୁଛନ୍ତି ଭିକ୍ଷା
ଗୁରୁ ମୁକ୍ତି, ଗୁରୁ ଗତି, ଗୁରୁ ହିଁ ଈଶ୍ୱର
ଗୁରୁ ବିନା ସଂସାରରେ ସବୁତ ଅସାର
ଏତିକି କରୁଣା ହେବ ଆମଠାରେ ପ୍ରଭୁ
ଭକତି ପ୍ରଣାମ ଦେଇ ତୁମ କୃପା ଲଭୁ

—୦—

ନବମ ଶ୍ରେଣୀ ଛାତ୍ର

ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ







## ବିଶ୍ୱାସ

ମହେଶ୍ୱର ଖଟୁଆ

ହୃଦୟ ବିନା ଝଲେ ନାହିଁ ପ୍ରଶ୍ୱାସ ଓ ନିଶ୍ୱାସ
ସମ୍ପର୍କର ଅନ୍ୟନାମ ବିଶ୍ୱାସ ।
କବିଙ୍କ ଭାଷାରେ -
ଜଳ ବିହୁନେ ଯେହ୍ନେ ଝସ
ସମ୍ପର୍କର ଅନ୍ୟନାମ ବିଶ୍ୱାସ ।
ବିଶ୍ୱାସ ବ୍ୟତିରକେ ସମ୍ପର୍କ ଗଢ଼ିହୁଏ ନାହିଁ,
ସେହିପରି ବ୍ୟକ୍ତିଟିଏ କାହିଁ ପାଉନାହିଁ ମୁହିଁ ।
କେତେ ଯେ ରାଣ ନିୟମ ପକାଇ କାନ୍ଦିଛି
କାହିଁକି କେଜାଣି ସବୁ ମିଛ ପରି ମତେ ତ ଲାଗୁଛି ।
ପୁଣି, ଶେଷରେ ଧର୍ମର ଦ୍ୱାହି ଦେଇ କେତେ ଅସତ୍ୟ କଥା
କହିଛି ମତେ ସେ, ପଡ଼ିଗଲେ ମନେ ହୃଦେ ହୁଏ କେତେ ବ୍ୟଥା ।
ଜାଣିନି ଏମିତି କାହିଁ ଘଟେ ମୋ ସାଥିରେ
ଏବେ କିଛି କଥା ବୁଝି ଗଲିଣି ଧିରେ ଧିରେ ।
ହିଂସ୍ର ଜନ୍ତୁକୁ ବି ଥରେ ହେଲେ ବିଶ୍ୱାସ କରିବ,
କିନ୍ତୁ ବିଶ୍ୱାସଘାତକକୁ କେବେ ବିଶ୍ୱାସୀ ନ ମଣିବ ।
ଜାଣିଥାଅ ଯେତେ ବିଦ୍ୟା ଯେତେ ଅଛି ଶସ୍ତ୍ର ।
କାମ କରିବନି କିଛି କହିଅଛି ଶାସ୍ତ୍ର ।
ଦୁନିଆ ଝଲିଛି ପରା ଏହି ବିଶ୍ୱାସରେ,
କାହିଁକି ବୁଝୁନ ତୁମେ ବୁଝିଯାଅ ଥରେ ।
ଏବେ ନ ବୁଝିଲେ କେବେ ବୁଝିବ,
ବୁଝିଲା ବେଳକୁ କିଛି ନ ଥିବ ।
ସତ୍ୟ ଶାନ୍ତି ପଥେ ପୁଣି ଫେରିଆସ
ନ ରଖି ମନରେ କିଛି ଅବକାଶ
ମେଣ୍ଟିଯାଉ ମନୁ ଆଜି ସବୁ ଅବଶୋଷ
ଅସତ୍ୟ ସୁଅରେ ସତ୍ୟ ଡଙ୍ଗା ପରି ଭାଷ
ସମସ୍ତଙ୍କ ମନେ ଦେଇ ସୁଧା ପରଶ
ହୁଅ ହରଷ
ସମ୍ପର୍କର ଅନ୍ୟନାମ ବିଶ୍ୱାସ ।

—୦—

ଯୁବ ସାମ୍ବାଦିକ (ରିପବ୍ଲିକ୍, ଓଡ଼ିଶା)
ବୃନ୍ଦାଦେଇପୁର (ଦଇପୁର)

## ବନ୍ଧୁ!!!

ଜ୍ୟୋତ୍ସ୍ନାମୟୀ ପୃଷ୍ଟି

ବନ୍ଧୁ ବୋଲି ଯେଉଁ ପଦଟି ଜହ୍ନରେ
ଜାଣିରଖ ତାର ମର୍ମ ।
ନବୁଝି ପାରିଲେ ବନ୍ଧୁର ମର୍ମ
ସଂପୂର୍ଣ୍ଣ ହୁଏନି ବନ୍ଧୁର କର୍ମ
ନିଜେ ବନ୍ଧୁ ହେବା କି କରିବା
ନୁହେଁ ଏତେ ସହଜ
ବନ୍ଧୁଜତାର ମୂଲ୍ୟ ନ ବୁଝିବ ଯେବେ
ବନ୍ଧୁ କରି କି ଲାଭ
ଆଜିର ସମାଜ ହେଲା କଳୁଷିତ
ଗୋଟେ ହେଲେ ବନ୍ଧୁ ଏଠାରେ ନାହିଁ
ଯେତେ ଖୋଜି ଖୋଜି ଥକିଲେ ମଧ୍ୟ
ଉଚିତ ବନ୍ଧୁଟିଏ ପାଇବ ନାହିଁ
ତୁମେ ଯେବେ ବନ୍ଧୁଟିଏ କରାଇବ
ପାଖରେ ନିଶ୍ଚୟ କିଛି ଧନଟିଏ ରଖିଥିବ
ତୁମେ ଯେବେ ଧନ ବିହୁନ ହୋଇବ
ଆଉ କି ବନ୍ଧୁ ଦର୍ଶନ ପାଇବ
ସୁଖ ବେଳେ ନ ଥାଉ ପଛକେ
ଦୁଃଖବେଳେ ହୁଅ ଠିଆ
ସେହିପରା ଉଚିତ ବନ୍ଧୁ
ଅନ୍ୟ ବନ୍ଧୁ ଲୋଡ଼ା କିଆଁ ।

—୦—

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେନାପୁର



Scanned with OKEN Scanner

## ବିଦ୍ୟା

ମୋନାଲିସା ପାତ୍ର

ବିଦ୍ୟା ଧନ ଠାରୁ ବଡ଼ ଧନ ଭାଇ
ଜଗତରେ ଆଉ ନାହିଁ,
ଯେତେ ଫଟା ଘରେ ରହିଥିଲେ ଜଣେ
ଛେର ନେଇ ପାରେ ନାହିଁ ।
ଏ ଧନ ଏପରି ଅମୂଲ୍ୟ ରତନ
ସବୁ ଧନଠାରୁ ଶ୍ରେଷ୍ଠ,
ଯେତେ କାଢୁଥିଲେ ସେତେ ଭରୁଥାଏ
କୂଅ ଜଳ ସମ ଏତ ।
ପରିବା ବାଲାର ସଙ୍ଗ ପରିବାଟି
ଦିନେ ଯାଅଇ ଝାଉଁଳି ।
ବିଦ୍ୟା ବୋଲି ଧନ ଯେଉଁଠି ଅଛଇ
କେବେ ନ ପଡେ ମଉଳି,
ରାଜା ସିନା ଭାଇ ପୂଜା ପାଇଥାଏ
ଆପଣା ରାଇଜ ସାରା
ବିଦ୍ୱାନ ବ୍ୟକ୍ତିଟି ପୂଜା ପାଇଥାଏ
ସାରା ଜଗତରେ ପରା ।

—୦—

ଅଷ୍ଟମ ଶ୍ରେଣୀ ଛାତ୍ରୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେନାପୁର

## ବାପା ଥିଲେ ଘର ସରଗପୁର

ସ୍ନେହାପ୍ରଜ୍ଞା ବଳ

ତୁମ ବିନା ସାରା ଦୁନିଆ ଅନ୍ଧାର
ଆଣିଛ ଖେଳନା ଅନେକ ପ୍ରକାର ।
ତୁମ ପାଇଁ ରୁଟି ପାଏ ମୋ ଉଦର
ହସି ଉଠେ ଆମ ସୁନା ପରିବାର ।
ବାପା ଥିଲେ ଘର ସରଗପୁର.....
ହାତ ଧରି ଦେଖାଇଲ ଏ ସଂସାର
ହୃଦୟ ତୁମର ଅତୀବ ସୁନ୍ଦର ।
ବାପା ତୁମେ ମୋର ଜୀବନ୍ତ ଠାକୁର
ମନରେ ମୁଁ ପୂଜା କରିଛି ତୁମର ।
ବାପା ଥିଲେ ଘର ସରଗପୁର....
ତୁମର ଆୟୁଷ ବଢ଼ାନୁ ଈଶ୍ୱର
ସବୁଦିନ ରହିଥାଅ ସାଥେ ମୋର ।
ଲୋଡ଼ା ନାହିଁ ହୀରା, ମାଣିକ ସମ୍ଭାର
ବାପାଙ୍କୁ ମୋର ଖୁସି ଦିଅ ଈଶ୍ୱର,
ବାପା ଥିଲେ ଘର ସରଗପୁର..... ।
କରିଛ ଆଖିରେ ଶାସନ ତୁମର
ମନ ତୁମର ସେନେହ ଭଣ୍ଡାର ।
ଶୁଝି ପାରିବିନି କରଜ ତୁମର,
ତୁମ ପାଇଁ ବନ୍ଧକ ଜୀବନ ମୋର ।
ବାପା ଥିଲେ ଘର ସରଗପୁର.....
ସାଇକେଲ୍‌ରେ ନେଇଛ ବହୁ ଦୂର
କାନ୍ଧରେ ବସି ଦେଖେ ପରବ ଗାଁର
ସହି ଅଙ୍ଗ ଅନେକ ଦୁଷ୍ଟାମି ମୋର
ବାପା ତୁମେ ସବୁଠାରୁ ଆପଣାର ।
ସରଗଠୁ ବଡ଼ ତୁମର ସଂସ୍କାର,
ଭୁଲିବନି ଥିବାଯାଏ ଜୀବନ ମୋର
ବାପା ଥିଲେ ଘର ସରଗପୁର.....

—୦—

ଚତୁର୍ଥ ଶ୍ରେ

ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ବୃନ୍ଦାବେଣ୍ଡ





## ବହି

ସଙ୍ଗୀତା ମହାଳିକ

ବହିରେ ଅଛି ଅନେକ ପାଠ
ବହି ଦେଖାଏ ଆମକୁ ବାଟ ।
କିଣିବା ବହି ପଢ଼ିବା ବହି
ବହିତ ଆମରି ମିତ ।
ବହିରେ ଅଛି କାହାଣୀ କେତେ
ରହିଛି କେତେ ଗୀତ
ମହାପୁରୁଷଙ୍କ ଜୀବନୀ ପୁଣି
ରାଜନୀତିର ମତ ।
ଗୋଟିକ ଗୋଟି ରଖିଲେ ବହି
ହୁଅଇ ପାଠାଗାର
ବହି ପଢ଼ିଲେ ମନ ଭିତରୁ
ଅଜ୍ଞାନ ହୁଅଇ ଦୂର ।

—୦—

ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ,
ସିଂହାପୁର

## ମୋ ଗାଁ

ମିରା ମହାରଣା

ସକଳ ଶକ୍ତିର ଆଧାର ସିଏ
ସକାଳ ହେଲେ ନିଇତି ଉଏଁ
ପୂରୁବ ଦିଗେ ରବି ।
କେଡ଼େ ସୁନ୍ଦର ଗାଁଟି ମୋର
ଅଭୁଲା ତା'ର ଛବି ।
ବିହଙ୍ଗ ସୁର କି ମନୋହର
ବାଦୁଡ଼ି ପଲପଲ
ପାଇକ ପିଲା ଶୂନ
ସତେକି ଅବା ମଲ୍ଲ
ଶ୍ୟାମଳ ବନ ସବୁଜ କ୍ଷେତ
ସୁନ୍ଦର ଦୃଶ୍ୟରାଜି ।
ମମତା ଭରା ସେନେହ ପ୍ରୀତି
ଡାକୁଛି ମନେ ଆଜି ।

—୦—

ଦଶମ ଶ୍ରେଣୀ ଛାତ୍ରୀ
ଶ୍ରୀବନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ

## ପାଠ ପଢ଼ା ହେଲା କଳଙ୍କ

ଲକ୍ଷ୍ମୀପ୍ରିୟା ନାୟକ

ପାଠ ପଢ଼ା ଆଜି ହେଲା କଳଙ୍କ
ବୁଝିଲେନି କେହି ତା'ର ମହକ ।
ଝିକିରୀ ପଛରେ ହୋଇଲେ ବାଇ
ଗାନ୍ଧିଜୀ ଆଦର୍ଶ ପାଶୋରି ଦେଇ ।
ପାଠ ପଢ଼ା କରି ବ୍ୟବସାୟ
ପୁଞ୍ଜିପତି କଲେ ଅନେକ ଆୟ ।
ଅର୍ଥ ବିନିମୟ ସାର୍ଟିଫିକେଟ୍
ଯୁବ ପିଢି ଆଜି ହୁଡ଼ିଲା ବାଟ ।
ପାଠ ପଢ଼ି ହେଲେ କର୍ମ ବିମୁଖ
ପିତା ମାତା ମନ କରିଲେ ଦୁଃଖ
କବି କରିଗଲେ ଡିଗ୍ରୀକୁ ନେଇ
ଲାଞ୍ଚ ବଢ଼ାଇଲେ ଝିକିରୀ ପାଇଁ ।
ଝିକିରୀ ନ ପାଇ ହେଲେ ବେକାର
ଦୋଷ ଦେଲେ କିନ୍ତୁ ପାଠ ପଢ଼ାର ।
ବେକାର ହୋଇଣ ଦାଦା ସାଜିଲେ
ମଦ ପିଇ ରାଜନୀତି ସେ କଲେ ।
ପାଠର ମହତ ସେ କି ବୁଝିଲେ
ପାଠ ପଢ଼ାକୁ କଳଙ୍କ ଦେଲେ ।

—୦—

ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଂହାପୁର
ମୋ - ୯୬୬୮୧୫୮୦୫୧



Scanned with OKEN Scanner

## ମା' ବୋଲି ମାଗିଥିଲି ପଣତ ପତେଇ

ଶ୍ରୀମତୀ ପ୍ରମିଳା ଭଞ୍ଜ

ମା' ବୋଲି ମାଗିଥିଲି ପଣତ ପତେଇ
ଲୁହ ଦରିଆରେ ମା' ତୁ ଦେଲୁ ଲୋ ଭସେଇ
ଅଥଳ ସାଗର ମାଲୋ ପାଏ ନାହିଁ କୂଳ
ରଖରଖ ମା' ତୁହି ବୁଡ଼ିଲାଣି ବେଳ
ଦୁଃଖ ଦରିଆରେ ମା' ତୁ ଏକାଲୋ ନାଉରୀ
କରିଦେ କରିଦେ ମା' ଏ ଭବୁ ମୋତେ ପାରି
ମମତାର ରାଣୀ ମୋ ମା' ତାରିଣୀ
ବଢ଼େଇ ଦେଲୋ ତୋ ପଣତ କାନି
ତୋ ପଣତ ଛାଇ ତଳେ ଯିବି ମୁହିଁ ଲୁଚି
ମୋ ଆଖିର ଯେତେ ଲୁହ ଦେବୁ ତୁହି ପୋଛି ।
ଯାତନାର ଗଭୀରତା ମାପି ମୁଁ ନ ଥିଲି
ସଂସାର ଜଞ୍ଜାଳେ ମୁହିଁ ପାଦ ଥାପିଦେଲି ।
ହସ ସବୁ ଏଠି ମୋର ଲୁହ ପାଲଟିଲା
ଖୁସି ବଦଳରେ ମୋତେ ଯାତନା ମିଳିଲା ।
ଦୁଃଖ ଦରିଆରୁ ମୋତେ କରି ଦେ ତୁ ପାରି
ଏ ଭବ ସାଗରେ ମାଲୋ ସାନି ମୋ ନାଉରୀ
ମା' ବୋଲି ମାଗିଥିଲି ପଣତ ପତେଇ
ମଝି ଦରିଆରେ ମା ତୁ ଦେଲୁଲୋ ଭସେଇ ।

—୦—

ଚଉଷଠିପଡ଼ାଗଡ଼
ମୋ - ୯୯୩୮୮୦୮୬୩୩

## ସମୟ

କବିତା ଭୂୟାଁ

ଦୁନିଆଁରେ ଯେ କଠୋର ଅଧିକ
ନାମ ତା'ର ସମୟ !
ସମୟ ସହିତ ନ ଚଲିଲେ
ହୋଇପାରେ ପ୍ରଳୟ
ଦେଖିଛି ତାକୁ କେବେ କିଏ
ଏଇଠି ଥାଇ ହଜିଯାଏ ।
ଥରେ ଚଲିଗଲେ ଆଉ ଫେରିବନି
ସେହିଦିନକୁ ମନ ଝୁରିହୁଏ
ପ୍ରତିକ୍ଷଣେ ଖାଲି ଦେଇଥାଏ ସେ
ଅଫେରାର ଅତୀତ
ସ୍ମୃତି ହୋଇ ସେ ଝରୁଥାଏ
ପୁରା ଜୀବନ ସହିତ ।
ଏହି ସମୟ ବଡ଼ ବଳବାନ
ଦୁଃଖ ଦେଇଥାଏ ପ୍ରଭୁ
ପାଖେ ଥିଲେ ଧ୍ୟାନ ଦେଉନାହିଁ
ଦୂରେ ଚଲିଗଲେ ଭାବୁ ।
ଜୀବନର ଏହି ଲମ୍ବା ବାଟରେ
ସମୟ ଥଟ୍ଟା କରେ
ସମୟର କଣ୍ଢା ଧରି ଚଲିଲେ
ସବୁ ସହଜ ହୋଇପାରେ ।

—୦—

ନବମ ଶ୍ରେଣୀ ଛାତ୍ର
ବିଦ୍ୟାଶଙ୍କର ବିଦ୍ୟାପୀଠ, କୃଷ୍ଣପଡ଼ା





## ଜଗାରେ ...

ପ୍ରଭାତୀ ପାଣିଗ୍ରାହୀ

ଶୁଣୁଛୁ ନା ଜଗା ବାଇଶି ପାହାଚେ
ବସିଛି ପରା ମୁଁ ଗୋଡ ଲମ୍ବେଇ
ଠୁମୁକୁ ଠମୁକୁ ଚଲି ଆରେ ଧନ
ହାତ ବଢ଼େଇ ମୁଁ ନେବି କୋଳେଇ ।୧ ।
ହଲୁଥିବ ତୋର ମୟୂର ଚନ୍ଦ୍ରିକା
କାନର କୁଣ୍ଡଳ ଥିବ ଦୋହଲି
ବାଜି ଉଠୁଥିବ ପାଦର ନୂପୁର
ଚଲି ଆ ଧନ ତୁ ଜଲି ଜଲି ।୨ ।
କୋଳରେ କୋଳେଇ କାନ୍ଧରେ ବୁଲେଇ
ନାଚି ଯିବି ଧରି ନାଁ ତୋହର
ଆଖିର ଲୁହରେ ଧୋଇଦେବି ଜଗା
କୈବର୍ତ୍ତ ଧୋଇଲା ଯେଉଁ ପୟର ।୩ ।
ଜୀବନ ସାରା ମୁଁ ଚହିଁଛି ତୋତେରେ
ଶବରୀର ଆଶା ବିଶ୍ୱାସ ନେଇ
ସେ ଦିନ ଆସିବ ଜଗା ମୋ ଆସିବ
ହସୁଥିବି ତା' ମୁହଁକୁ ଚହିଁ ।୪ ।
ଜୀବନ ମୋ ଧନ୍ୟ ହୋଇଯିବ ଧନ
ଜୀବନ ଧନର ପରଶ ପାଇ
ଆତ୍ମାଶାରୀ ମୁକ୍ତ ହୋଇ ଯିବ ଉଡ଼ି
ଶରୀର ପଞ୍ଜୁରୀକୁ ଛାଡ଼ି ଦେଇ ।୫ ।

—୦—

ଶିକ୍ଷୟିତ୍ରୀ
ବଡ଼କଇଁଚି ପ୍ରାଥମିକ ବିଦ୍ୟାଳୟ

## ନାରୀ

ସ୍ମୃତିରେଖା ବରାଳ

ନାରୀ ସୃଷ୍ଟିର ଜନନୀ ସେ,
ଆଦ୍ୟ ଚିରନ୍ତନୀ ସେ ।
ଆକାଶ ପରି ଉଦାର ସେ,
ଧରାରେ ଉଜ୍ଜ୍ୱଳ ପକାଳ ସେ ।
ସମୁଦ୍ର ପରି ଗଭୀର ତା'ର ହୃଦୟର ଉଦାରତା,
ଚନ୍ଦ୍ର ପରି ଉଜ୍ଜ୍ୱଳ ଆଲୋକ ତା'ର ନିରୀହତା
ନାରୀ ନୁହେଁ ସେ ନାରାୟଣୀ,
ତା'ଠାରୁ ଆରମ୍ଭ ଏ ସଂସାରର କାହାଣୀ ।
ଜନ୍ମ ନ ହେଉଣୁ କରିଦିଏ ସେ ନଷ୍ଟ
ନାରୀ ବୋଲି ପାଏ ସେ କଷ୍ଟ
କେବେ ପ୍ରେମକୁ କାହାର ନ କରିଲେ ସ୍ୱୀକାର
ଏସିଡ୍ ଫିଙ୍ଗାଯାଏ ମୁହଁକୁ ତା'ର ।
କେତେ ଦୁଃଖ ଯନ୍ତ୍ରଣାକୁ ଦିଏ ସେ ଲୁଚ୍ଛଇ
ନିନ୍ଦା ଅପବାଦ ସବୁକୁ ସହି ।
କେବେ ଯୌତୁକ ପାଇଁ ଦିଆଯାଏ ଜାଳି,
ମାରିଦିଆଯାଏ କିରୋସିନି ଢାଳି
ଏକୁଟିଆ ଗଲେ ସେ କେବେ ରାସ୍ତାରେ
ପଡ଼େ କେବେ କେବେ ରାକ୍ଷସ କବଳେ
ଗାଁଠୁ ସହର ନାହିଁ ତା' ସୁରକ୍ଷା
କେମିତି କରିବ ନାରୀ ତା'ର ରକ୍ଷା
କୋମଳ ଶିଶୁକୁ ନିରୋଳାରେ ପାଇ
କିଏ ବଳତ୍କାର କଲାଣି
ନାରୀ ଅଟେ ଆମ ମାନ, ସମ୍ମାନ
ଏକଥା ଭୁଲି ଗଲେଣି ।

—୦—

ନବମଶ୍ରେଣୀ ଛାତ୍ରୀ
ଦୁର୍ଗାଶଙ୍କର ବିଦ୍ୟାପୀଠ,କୃଷ୍ଣପଡ଼ା



Scanned with OKEN Scanner

## ସ୍ୱାର୍ଥପର

ମଧୁସ୍ମିତା ଦାସ

ସବୁ ଶାମୁକାରୁ ମୋତି ମିଳେ ନାହିଁ
ସବୁ ଫୁଲେ ନାହିଁ ବାସ ।
ସବୁ ଋତୁ ନୁହେଁ ବସନ୍ତ ସମାନ
ସବୁ ନୁହେଁ ମଧୁମାସ ।
ସବୁ ବାଉଁଶରେ ଉଡ଼େନା ପତାକା
ସବୁ ଓଠେ ନାହିଁ ହସ ।
ସବୁ ଜୀବନରେ ସୁଖ ଲେଖା ନାହିଁ
ସବୁ ପ୍ରେମେ ନାହିଁ ବିଷ ।
ସବୁ ରାତି ନୁହେଁ ପୁନେଇଁ ସମାନ
ସବୁ ଫଳ ନୁହେଁ ମିଠା ।
ସବୁ ପୁଅ କେବେ ପ୍ରେମିକ ନୁହଁନ୍ତି
ସବୁ ବି ନୁହଁନ୍ତି ଦେବତା ।
ସବୁ ଏଠି ନୁହେଁ ସତ୍ୟ
ସବୁ ଏଠି ନୁହେଁ ମିଥ୍ୟା
ସବୁ ଏଠି ନୁହଁନ୍ତି ନିଜର
ଆଉ ସବୁ ନୁହଁନ୍ତି ସ୍ୱାର୍ଥପର ।

—୦—

ଦୁର୍ଗାଶଙ୍କର ବିଦ୍ୟାପୀଠ, କୃଷ୍ଣପଡ଼ା

## ଆମ ଗାଁ କୃଷ୍ଣପଡ଼ା

ରାଜସ୍ମିତା ଜ

ବୈକୁଣ୍ଠ ସମାନ ଆମ ଗାଁ
କୃଷ୍ଣପଡ଼ା ତା'ର ନାଆଁ
ଗାଆଁ ପାଖ ଦେଇ ବହିଯାଏ ନଈ
କୁଳୁ କୁଳୁ ନାଦ କରି ।୧ ।
ଅନେକ କୀରତି ରଖିଛି ସାଇତି
ଆମ ଗାଆଁ କୃଷ୍ଣପଡ଼ା
ଦେଖିଲେ ସେ କଥା ନଇଁଯାଏ ମଥା
ପୁରିଯାଏ ଆମ ପେଟ
ଫଗୁଣ ମେଲଣ ଶ୍ରାବଣ ଝୁଲଣ
ଚନ୍ଦନ ଯାତରା ମଜା
ବିଦେଶରୁ ଫେରି ମିଳିମିଶି କରି
ପିଲାଙ୍କୁ ବାଣ୍ଟନ୍ତି ମିଠା ।୨ ।
ଗାଆଁର ମଝିରେ ବିଦ୍ୟାଳୟ ଘର
ହତା ତା'ର ମଧୁବନ
ବୁଲିଗଲେ ଥରେ ସେ ହତା ଭିତରେ
ଲାଖି ରହିଯାଏ ମନ ।୩ ।
ଭୋଜିଭାତ ମେଳେ କିବା କ୍ରୀଡ଼ା ସ୍ଥଳେ
ସବୁ ପୁଅ ଝିଅ ମିଶି
ଭେଦଭାବ ଭୁଲି ସହଯୋଗେ ମେଳି
କାମ କରି ଭାରି ଖୁସି ।୪ ।
ଆମ ଗାଆଁ ପରି କେହି ନୁହେଁ ସରି
ଆମ ଏ ଭାରତ ଦେଶେ
ତା' ସେବା କରିବା ତା ଯଶ ରଖିବା
ମା' କିଆଶୁଣୀ ଆଶିଷେ ।୫ ।

—୦—

ଦଶମ ଶ୍ରେଣୀ ଛାତ୍ର
ଦୁର୍ଗାଶଙ୍କର ବିଦ୍ୟାପୀଠ, କୃଷ୍ଣପଡ଼





## ଦୁହିତା

ସୋନାଲି ପ୍ରଧାନ

କାହିଁକି କାନ୍ଦୁଛୁ ଆଖିକୁ ମଳି
କେହି ଶୁଣି ବେନି ତୋହରି ଅଳି ।
ପର ଘର ପାଇଁ ଜନମ ତୋର
ନିଜ ଘର ହେବ ଆଖିରୁ ଦୂର
ବାପା ଭାଇ ସାଙ୍ଗ ସାଥିକୁ ଛାଡ଼ି
ଚଲି ତୁ ଆସିଛୁ ଘରୁ ବାହୁଡି
ଝିଅ ଜନମ ତ ପର ଘରକୁ
ତଥାପି ଦୁହିତା ଦୁଇ କୁଳକୁ ।
ଦୁଇ କୂଳର ତୁ ରଖିବୁ ମାନ
ସାର୍ଥକ କରିବୁ ଦୁହିତା ଜନ୍ମ ।
ନାରୀର ଜନମ ଦୀପାଳି ଭଳି
ଅନ୍ୟ ଖୁସି ପାଇଁ ଯାଏ ସେ ଜଳି ।
କେବେ ଖୋଜିବୁନି ହଜିଲା ଦିନ
ବାପ ଅଗଣାର ସୁନା ସପନ ।
ଆଖିର ଲୁହକୁ ଆଖିରେ ମାରି
ଏବେଠୁ ବଞ୍ଚି ଯା ଭାଗ୍ୟ ଆଦରି ।
ଦୁହିତା ଜନମ ମହାନ୍ ତୋର
ଦୁଇକୁଳ ରଖି ବାନ୍ଧିବୁ ତୋର ।
ଏ ତୋର ରଖିବୁ ସଦା ଅତୁଟ
ରଖିବୁନି ମନେ ଛଳ କପଟ ।
ଜୀବନ ଯଜ୍ଞରେ ଆହୁତି ସାଜି
ସଭିଙ୍କୁ ଏକାଠି ରଖିବୁ ବାନ୍ଧି ।

—୦—

ବୃନ୍ଦାଦେଇପୁର ଶାସନ

## ମହକ

ଦେବକୀରାଣୀ ସାହୁ

ମହକେ "ମହକ" ଓଡ଼ିଶା ଭୂଖଣ୍ଡେ
ଜନ ମନ ନିଏ ଜିଣି ।
ସବୁରି ହୃଦୟେ ଭରିଦିଏ ସେତ
ଜ୍ଞାନର ଅମୃତ ବାଣୀ ।
"ବଣମଲ୍ଲୀ ସେବା ସାହିତ୍ୟ ସଂସଦ
ଭେଟିଦିଏ ପ୍ରତିବର୍ଷ
ଭାଷା ଭାବନାକୁ ସମ୍ମାନ ଜଣାଇ
କରେ ସେହୁ ଆଲୋକିତ ।
ନୂଆ ନୂଆ ସୃଷ୍ଟି ସମ୍ଭାରକୁ ନେଇ
ମହକ ପତ୍ରିକା ହୁଏ
ମନ ବୁଝେ ନାହିଁ ଯେତେ ପଢ଼ିଲେ ବି
ତା ସୁରଭି ମନ ମୋହେ ।
ଫୁଟି ବଣମଲ୍ଲୀ ବାସ ଚହଟାଏ
ଆକର୍ଷିତ ଏ ଭୁବନ
ନବ ପ୍ରସ୍ଫୁଟିତ କଅଁଳ ପରଶେ
କରେ ମାନସ ରଞ୍ଜନ ।
କରନ୍ତୁ କରୁଣା ପ୍ରଭୁ ଦୟାମୟ
'ମହକ' ଆଗେଇ ଯାଉ
ତା'ର ଚଲାପଥ କୁସୁମିତ ହେଉ
ସବୁ ବାଧା ଦୂର ହେଉ ।

—୦—

କବାଟବନ୍ଧ, ଯାଜପୁର
ମୋ - ୯୧୧୪୩୧୮୯୭୨

## ସମୟ ରାଜ

ଧୀରେନ୍ଦ୍ର କୁମାର ଶତପଥୀ

ସମୟ ମୁଁ ଅନାଦି ଅନନ୍ତ କାଳର
ନିରପେକ୍ଷ ମୁଁ ଏକା ନୁହେଁ କାହାର
କେହି ମୋତେ ରଖି ନାହିଁ
ସଭିଙ୍କୁ ରଖିଛି ମୁଁ
କେହି ମୋତେ ଦେଖି ନାହିଁ
ସଭିଙ୍କୁ ଦେଖିଛି ମୁଁ
କେହି ମୋତେ ଛୁଇଁ ନାହିଁ
ସଭିଙ୍କୁ ଛୁଇଁଛି ମୁଁ
ମୋତେ ବଦଳାଇବାର ଶକ୍ତି ନାହିଁ କାହାର
ସଭିଙ୍କୁ ବଦଳାଇଛି ମୁଁ
ସବୁ ସରି ସରି ଯାଏ
ଅସରନ୍ତି ଏକା ମୁଁ
ନିଏ ନାହିଁ କେହି ମୋତେ
ସମସ୍ତଙ୍କୁ ନିଏ ମୁଁ
ନୁହେଁ ମୁଁ ଦୁର୍ବଳ ଅଟଇ ସବଳ
ନୁହେଁ ପରାଧିନ ଅଟେ ଅବଦଳ
ଅଟଇ ସ୍ୱେଚ୍ଛାଚାରୀ ଶାସକ
ଏକା ସମୟ ରାଜ ମୁଁ ।

—୦—

ଗଣିତ ବିଜ୍ଞାନ ଶିକ୍ଷକ
ଦୁର୍ଗାଶଙ୍କର ବିଦ୍ୟାପୀଠ, କୃଷ୍ଣପଡ଼ା, ଯାଜପୁର



## ମୋ ଭାରତ

ଅର୍ପିତା ଶତପଥୀ

ବନ୍ଦେ ମୋ ଭାରତ
ବନ୍ଦେ ମୋ ଓଡ଼ିଶା
ବନ୍ଦେ ମୋ ସଂସ୍କୃତି
ବନ୍ଦେ ମୋ କୃଷକ
ବନ୍ଦେ ମୋ ସୈନିକ
ବନ୍ଦେ ମୋ ମାଟି ମା' ।୧ ।
ହାତରେ ହାତ ମିଶାଇ ଦେବା
ତ୍ରିରଙ୍ଗା ତଳେ ଶପଥ ନେବା
ଆମେ ଉଚ୍ଚରେ ରଖିବା ଦେଶର ମାନ...
ଦେଶର ମାନ ..... ।୨ ।
ସ୍ୱାଧୀନ ଭାରତ ସନ୍ତାନ ଆମେରେ
ଏହି ଆମ ଜନ୍ମ ଭୂଇଁ
ହିନ୍ଦୁ ମୁସ୍‌ଲିମ୍
ସଖିଏଁ ଆମ ଭାଇ ଓ ଭଉଣୀ ।୩ ।
ରକ୍ତ ଯଦି ନୁହେଁ ଅଲଗା
କାହିଁକି ଜାତି ଭେଦ ଦେଖିବା
ଆମେ ଉଚ୍ଚରେ ରଖିବା ଦେଶର ମାନ
ଦେଶର ମାନ ..... ।୪ ।
ସବୁରି ଓଠରେ ହସ ଫୁଟାଇବା
ହିଂସା କରିବା ନାହିଁ
ସୁନାର ଭାରତ ଗଢ଼ିବା ଆମେରେ
ସଖିଏଁ ଏକାଠି ହୋଇ ।୫ ।
ଦେଶର ମାନ ଆମରି ସମ୍ମାନ
ଭାରତ ମାତାର ଏହି ଆହ୍ୱାନ
ଆମେ ଉଚ୍ଚରେ ରଖିବା ଦେଶର ମାନ
ଦେଶର ମାନ ..... ।୬ ।
ବନ୍ଦେ ମୋ ଭାରତ
ବନ୍ଦେ ମୋ ଓଡ଼ିଶା
ବନ୍ଦେ ମୋ ସଂସ୍କୃତି
ବନ୍ଦେ ମୋ କୃଷକ
ବନ୍ଦେ ମୋ ସୈନିକ
ବନ୍ଦେ ମୋ ମାଟି ମା' ।୭ ।

—୦—

ଷଷ୍ଠ ଶ୍ରେଣୀ ଛାତ୍ର
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେନାପୁର





## ମୋ ଜନମ ଭୂଇଁ

ଲୋପାମୁଦ୍ରା ଶତପଥୀ

ଏଇ ଦେଶେ ଜନମ ମୋ
ଏଇ ଦେଶେ ଘର
ଓଡ଼ିଶାର ମାଟି ମୋର
ଅତି ଆପଣାର
ମାତା ମୋ ଜନମଭୂଇଁ
ପିତା ଜଗନ୍ନାଥ
ନିତି ପଢୁଥାଏ ମୁହିଁ
ଗୀତା ଭାଗବତ
ସାରା ଜଗତର ନାଥ
ମୋ ଦେଶ ଠାକୁର
ନିତି ତାଙ୍କ ପାଦ ତଳେ କରେ ମୁଁ ଜୁହାର ।
ଏହି ଦେଶେ ବହିଯାଏ
ଗଙ୍ଗା ଗୋଦାବରୀ
ଏଇ ଦେଶେ କୋଟି ତୀର୍ଥ
ରହିଅଛି ଭରି
ଏଇ ଦେଶଟି ମୋ ସରଗ ସମାନ
ରଖିଯିବି ମୋ ଦେଶର ଗୌରବ ମାନ
ଗାନ୍ଧୀ ଗୋପବନ୍ଧୁ ଭଳି ହେବି ମୁଁ ବାହାର
ହସିହସି ପ୍ରାଣଦେବି ହେଲେ ଦରକାର ।

—୦—

ଷଷ୍ଠ ଶ୍ରେଣୀ ଛାତ୍ରୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ବୃନ୍ଦାଦେଇପୁର ।



## ଆମ ବିଦ୍ୟାଳୟ

ଆଦ୍ୟାଶା ମିଶ୍ର

ବିଦ୍ୟାଳୟେ ଆମେ ମିଳିମିଶି ପଢୁ
ପୁଅ ଝିଅ କିଏ କେତେ
ନିରାପଦ ପାଇଁ ସଚେତନ ହେଲେ
ବିପଦ ରହେନି ସତେ ।
ନିରାପଦ ପାଇଁ ପାଚେରୀଟେ ଲୋଡ଼ା
ଫାଟକ ପଡ଼ିବ ତାଲା
ନହେଲେ ଅବାଧ ପ୍ରବେଶ ହୋଇବ
ଅଣଛାତ୍ରଙ୍କର ଭରା ।
ପାଣି ସୁବିଧା ବି ନିହାତି ଜରୁରୀ
ପିଇବାକୁ ସ୍ୱଚ୍ଛ ନିର୍ମଳ ଜଳ,
ନ ହେଲେ ରୋଗରେ ସଡ଼ିବୁ ଆମେତ
ହେବୁ ଭାରି କଲବଲ ।
ସଫା ଶୌଚାଳୟ ବ୍ୟବହାର କରି
ନିରୋଗ ରହିବା ଜାଣ
ଖାଇବା ପୂର୍ବରୁ ହାତ ସଫା କରି
ସୁଷମ ଖାଦ୍ୟ ଭକ୍ଷଣ
ସଫା ପୋଷାକରେ ବିଦ୍ୟାଳୟ ଯିବା
ବିଦ୍ୟାଳୟ ଆମ ମିତ ।
ଘରିପାଖ ସଫା ନିହାତି ରଖିବା
ତାହା ଆମ ପାଇଁ ହିତ ।

—୦—

ଅଷ୍ଟମ ଶ୍ରେଣୀ ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ



Scanned with OKEN Scanner

## ପିତା ଓ ମାତା

ଦେବସ୍ମିତା ପଣ୍ଡା

ଯାହାପାଇଁ ଦେଖିଛି ମୁଁ
ଆଜି ଏହି ଦୁନିଆଁ
ସେ ଅଟନ୍ତି ମୋର
ଅତିପ୍ରିୟ ପିତା ଓ ମାତା
ତାଙ୍କରି ସେବାରେ ବିତୁ
ମୋର ଏଇ ଜୀବନ
ଏତିକି ମୋର କାମନା ।
ଛୋଟଟିରୁ ମତେ ବଡ଼ଟିଏ କଲେ
ପାଳି ପୋଷି ଯତନରେ
ସବୁ ଅଳି ଅଝଟକୁ ସହି ମୋର
ସବୁ ଅଭାବକୁ କରନ୍ତି ଦୂର ।
ଜଗତର ନାଥ ଆହେ ଜଗନ୍ନାଥ
ଏତିକି ବିନତି ମୋର
ସବୁବେଳେ ଦେଖୁଥିବି ହସ
ମୋ ବାପା ଆଉ ମାଙ୍କର ।

—୦—

ଚତୁର୍ଥ ଶ୍ରେଣୀ ଛାତ୍ରୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ବୃନ୍ଦାଦେଇପୁର



## ଶୋଭା

ପ୍ରୀତିପ୍ରଜ୍ଞା ପ୍ରଧାନ

ଆକାଶ ସୁନ୍ଦର ଉଡୁଥିଲେ ପକ୍ଷୀ
ରାତିକୁ ସୁନ୍ଦର ଜହ୍ନ
ଧରିତ୍ରୀ ସୁନ୍ଦର ଗଛ ଲତା ସାଥେ
ଦିନରେ ରବି କିରଣ ।
ପୋଖରୀକୁ ଶୋଭା ଫୁଟିଥିଲେ ଫୁଲ
ନଈକୁ ପବନ ଧୀର ।
ବିଲକୁ ସୁନ୍ଦର ଭରିଥିଲେ ଶସ୍ୟ
କୂଅକୁ ଶୀତଳ ନୀର ।
ଜଙ୍ଗଲ ସୁନ୍ଦର ବୁଲୁଥିଲେ ପଶୁ
ସାଗରେ ଲହରୀ ମାଳ ।
ପାହାଡ଼ ସୁନ୍ଦର ଦୂରକୁ ଦୂରକୁ
ସୁନ୍ଦର ଝରଣା କୂଳ ।
କଲେଜ ସୁନ୍ଦର ପଢୁଥିଲେ ପିଲା
ଗଛକୁ ସୁନ୍ଦର ଫଳ ।
ମାଆକୁ ସୁନ୍ଦର ଖେଳୁଥିଲେ ଶିଶୁ
ପୁରି ଉଠେ ମା' କୋଳ ।

—୦—

ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଂହାପୁର
ମୋ - ୯୭୭୭୯୯୦୬୬୩





## ଗାଁ ପରମ୍ପରା

ଗାୟତ୍ରୀ ପଣ୍ଡା

ଆମ ଗାଁ ଦୋଳଯାତ
ରାଧାକୃଷ୍ଣ ଯୋଡ଼ି ସେତ ।
ପଡ଼ିଲା, ଉଠିଲା, ଭଜନ, କୀର୍ତ୍ତନେ
ଗାଁ ଦାଣ୍ଡ ସଭାଳନେ ।
ଫୁଲରେ ସଜେଇ, ରଙ୍ଗରେ ରଙ୍ଗେଇ
ବିଭାନର ଆଗ ପଛେ ।
ଭକ୍ତ ଯାଉଥିଲେ, ମନ ମୋହୁଥିଲେ
ରାଧାକୃଷ୍ଣ ସାଥେ ହଜିଯାଉଥିଲେ ।
ଲାଗୁଥିଲା ସଂସାର ହେଉଛି ମିଛ
ରାଗ, ମୋହ, ମାୟା ତୁଚ୍ଛ ।
ଏ ଜୀବନେ ଗୋଟିଏ ସତ
ସୁକର୍ମ କରିବା ଆସ ହେ ମିତ ।
ସୁକର୍ମ କଲେ ସୁଫଳ ମିଳିବ
ମନୁଷ୍ୟ ଜୀବନ ଧନ୍ୟ ହୋଇବ ।

—୦—

ଶିକ୍ଷୟିତ୍ରୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ
ବୃନ୍ଦାଦେଇପୁର ଶାସନ

## ମୋ ବାପା ଆଉ ମା'

ଆୟାନା ପଟ୍ଟନାୟକ

ମୋ ବାପା ଆଉ ମା
ମୁଁ ଭୁଲ କଲେ ଯିଏ ଗାଳି ଦିଅନ୍ତି ସତ
ହେଲେ ପରେ କ୍ଷମା କରିଥାନ୍ତି
ମୁଁ ଅବାଟରେ ଗଲେ ଯିଏ ମୋତେ
ଠିକ୍ ବାଟ ଦେଖାଇଥାନ୍ତି
ଯିଏ ନିଜେ ଅଭାବରେ ଥାଇ ମଧ୍ୟ
ମୋର ସବୁ ଅଭାବକୁ ଦୂର କରନ୍ତି
ମୋ ଆଖିରେ ଲୁହ ଦେଖି
ଯିଏ ନିଜେ କାନ୍ଦି ପକାନ୍ତି
ମତେ ଟିକେ କଷ୍ଟ ହେଲେ, ଯାହାଙ୍କୁ
ତାର ଶହେ ଗୁଣ କଷ୍ଟ ହୁଏ
ସେ ଆଉ କେହି ନୁହଁନ୍ତି
ମୋ ବାପା ଆଉ ମାଆ
ସେ ହିଁ ମୋ ଦୁନିଆଁ
ସେ ହିଁ ମୋ ହସ ଖୁସି
ଭଗବାନ ତ କର୍ମ
ଦେଖି ଫଳ ଦିଅନ୍ତି
ହେଲେ ମୋ ବାପା ଆଉ ମାଆ
କିଛି ନ ଭାବି, ମୋ ସବୁ ଅଳି ଅଝଟ
ପୂରଣ କରନ୍ତି ।

—୦—

ଚତୁର୍ଥ ଶ୍ରେଣୀ ଛାତ୍ରୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ବୃନ୍ଦାଦେଇପୁର

## ମମତା

ଅରିଷ୍ମିତା ସାହୁ

ମାଆ ତୋ ମମତା ସଜ ଫୁଲେ ଗୁନ୍ଥା
କୋମଳ ସୁଗନ୍ଧ ମାଳା
ପଣତରେ ତୋର ଅପୂର୍ବ କୁହୁକ
ମହକର ମଧୁଶାଳା
ଆଶିଷରେ ତୋର ରବିଙ୍କର ତେଜ
ଚମକାଏ ଅନ୍ଧକାରେ ।
ସେନେହ ତ ତୋର ସୁନାର ପସରା
ଭରିଯାଏ ଆନନ୍ଦରେ
କୋଟିଏ ତାରାର ଆଲୋକ ତୁ ମୋର
ଲକ୍ଷେ ପୁନେଇଁର ଋଦ
ତୁ ଥିଲେ ପାଶେ ଖୁସିର ଜୁଆର
ଖେଳିଯିବ ଝରି ଦିଗ ।

—୦—

ପଞ୍ଚମ ଶ୍ରେଣୀ ଛାତ୍ରୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ବୃନ୍ଦାଦେଇପୁର



Scanned with OKEN Scanner

## ମାଆର ମମତା

ବିନ୍ଧିକା ନାୟକ

ମାଆର ମମତା ସରଗଠୁ ବଡ଼
ଜୀବନର ବଡ଼ ସୁଖ
ଯାହା ଭାଗ୍ୟେ ନାହିଁ ମାଆର ମମତା
ମୂଲ୍ୟହୀନ ଲକ୍ଷେ ସୁଖ ।୧ ।
ଜୀବନ ପଥରେ ମାଆର ଆଶିଷ
କଣ୍ଟାକୁ କୁସୁମ କରେ
ଅସମ୍ଭବ କାର୍ଯ୍ୟ ଯେତେ ଦୁନିଆରେ
ସବୁକୁ ସମ୍ଭବ କରେ ।୨ ।
ଜନମ ପରେ ସେ ଦୁନିଆ ଦେଖେଇ
ପ୍ରଥମ ଗୁରୁ ହୋଇଲା
ହାତ ଧରି ସିଏ ଚଲିବା ଶିଖେଇ
ପଥ ମୋର ଆରମ୍ଭିଲା ।୩ ।
ମାଆର ଡାକରେ କି କୁହୁକ ଅଛି
କେବେ ବୁଝି ନ ପାରିଲି
ଦିନେ ନ ଧରିଲେ ତୁଣ୍ଡେ ମାଆ ନାମ
ଦିନ ସାରା ଲାଗେ ଖାଲି ।୪ ।
ମାଆ ହାତ ରନ୍ଧା ନ ଖାଇଲେ ଦିନେ
ଖାଇବା ଶାନ୍ତି ନୁହଁଇ
ନଅ ତିଅଣରେ ପେଟ ପୁରିଲେବି
ମନ ଅଶେଷ ରୁହଇ ।୫ ।
ବାପାଙ୍କ ମାଡରୁ ବଞ୍ଚାଇବା ପାଇଁ
ବାହୁରେ ନିଏ କୋଳେଇ
ଶହେ ଦୋଷ ଥିଲେ ସନ୍ତାନ ଦୋଷକୁ
ପଣତେ ଦିଏ ଘୋଡାଇ ।୬ ।
ଅମୃତ ଭରା ତା ସ୍ନେହ ମମତାକୁ
ପ୍ରତିକ୍ଷଣ ବାଣ୍ଟି ଦେଇ
ନିଃସ୍ୱାର୍ଥପରତା ତା' ଭଲ ପାଇବାରେ
ଜୀବନ ଦିଏ ବିତାଇ ।୭ ।

—୦—

ଚତୁର୍ଥ ଶ୍ରେଣୀ ଛାତ୍ରୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ବୃନ୍ଦାଦେଇପୁର

## ବର୍ଷା

ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ

ମେଘକୁ ଦେଖିଲେ ମୟୂର ନାଚଇ
କୃଷକ ହୁଅଇ ଖୁସି,
ମାଟିର ଆନନ୍ଦ କହିଲେ ନ ସରେ
ଗରବେ ଉଠେ ସେ ହସି ।୦ ।
ତରୁଲତା ସବୁ ଝଲସି ଉଠନ୍ତି
ପାଇ ବରଷାର ଛୁଆଁ,
କୂପ ମଣ୍ଡୁକ ବନ୍ଧର ହିଡରେ
କରୁଥାନ୍ତି କୁଆଁ କୁଆଁ ।୧ ।
ନଈବଢ଼ି ଆସେ କୁଳୁ କୁଳୁ ହୋଇ
ପାଇ ତୋ ମିଠା ପରଶ,
ତତେ ପାଇ ପାଖେ କୋଇଲି ଗାଉଛି
ଆଉ ନାହିଁ ଅବଶେଷ ।୨ ।
ଆହାକି ସୁନ୍ଦର ତୋର ନାଁ ଟି
କିଏ ଗଢ଼ିଲା ଲୋ ତୋତେ,
କାଗଜ ଛାତିରେ କଲମକୁ ନେଇ
ଲେଖି ଦେଲି ମୋର ହାତେ ।୩ ।

—୦—

ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ
ବୃନ୍ଦାଦେଇପୁର







## ବାକି ଅଛି

ସଜନା ସ୍ୱାଇଁ

ସମୟର ସୁଅରେ ଜୀବନର ତଙ୍ଗା
ଘଟୁଛି କେତେ ଘଟଣା ଓ କେତେ ଦଙ୍ଗା
ଅନୀତି ଦୁର୍ନୀତି ଆଉ ଦୁଷ୍କର୍ମର କଥା
ହୃଦୟ ବିଦାରକ ଓ କେତେ ମନର ବ୍ୟଥା
ଯେଉଁ ଦେଶେ ବହୁଅଛି ଗୋଦାବରୀ ଗଙ୍ଗା
ସମୟର ସୁଅରେ ଜୀବନର ତଙ୍ଗା ।
ମନରେ ପବିତ୍ର କର୍ମରେ ପବିତ୍ର, ପବିତ୍ର ଏ ଭାରତ ଭୂଇଁ
ଏ ଦେଶର ଯଶ ଏ ଦେଶର କୀର୍ତ୍ତି ଉଲିତ ଗଲେଣି ଭାଇ ।
କଥା ତ ଏତିକି କାନ୍ଦିଲେ ସମୁଦ୍ର
ଧନୀ ତ ଅନେକ କିନ୍ତୁ, ହୃଦୟ ଦରିଦ୍ର
ଆକାଶକୁ ଯଦି କରିବି କାଗଜ,
ସିନ୍ଧୁକୁ କରିବି କାଳି ।
କଙ୍ଗଲକୁ ଯଦି କରିବି କଲମ
ପାରିବିନି କେବେ ସମ୍ଭାଳି ।
ସରିନି ସରିନି ସରିନିରେ ଭାଇ ଏବେ ମଧ୍ୟ ବଞ୍ଚିଅଛି
କେତେ ଯେ ଯାତନା, କେତେ ଯେ କଷଣ ଆଉ କିଛି ରହିଅଛି ।
ଶାଖାରୁ ଝଡିଯିବା ଶୁଖିଲା ପତ୍ର ନୁହେଁ, ତୁମେ ଅଟ ମହାବୀର
ଭୁଲିଯାଅ ଯଦି ମନେପକା ଆଜି ଭାରତର ସୁନାଶିର
ନା, ହଲିବ ନା, ଦୋହଲିବ ସବୁ ସରିଯାଇଛି,
ଜୀବନର ବାଟ କର୍ତ୍ତବ୍ୟର ପଥ ଏବେ ମଧ୍ୟ ବାକି ଅଛି ।

—୦—

ଅଷ୍ଟମ ଶ୍ରେଣୀ ଛାତ୍ରୀ
ସରସ୍ୱତୀ ବିଦ୍ୟା ମନ୍ଦିର, ଜେନାପୁର

## ଭକ୍ତି ନିବେଦନ

ମଧୁସ୍ମିତା ଖଟୁଆ

ସର୍ବବ୍ୟାପୀ ଅନ୍ତର୍ଯ୍ୟାମୀ ଆହେ ଜନାର୍ଦ୍ଦନ
ତୁମକୁ ଅନ୍ତରେ ମୋର ଏହି ନିବେଦନ
ରଖିଥିବ ସଦା ମୋ'ଠାରେ ତୁମରି ଆଶିଷ
ତୁମ ଆଶିଷ ବିନା ମୋ ଏ ଜୀବନ ଶେଷ
ଖୋଜିବୁଲେ ତୁମକୁ ମୋ ଆତୁର ନୟନ
ଦିଅନ୍ତନି ଟିକେ ପ୍ରଭୁ ତୁମେ ଦରଶନ
ବଖାଣନ୍ତି ମୋ ବିଜଳ ହୃଦୟର କଷ୍ଟ
ଦେଖାଇ ଦିଅନ୍ତ ମୋତେ ମୁକତିର ବାଟ
ପୂଜନ୍ତି ତୁମ ପୟର ଅତି ସ୍ନେହଭରେ
ଦେଖନ୍ତି ତୁମ ଚନ୍ଦ୍ରବଦନ ଲୋଡକ ଚକ୍ଷୁରେ
ଭାବର ଡୋରି ପ୍ରଭୁ ଲଗାଇବ ସଦା
ଡାକିନେବ ଶ୍ରୀମନ୍ଦିରକୁ ଦେବା ପାଇଁ ଦେଖା
ଅପୂର୍ବ ମନୋଲୋଭା ତୁମର କି ସୁନ୍ଦର ବେଶ
ମୋ ସଂସାର ଉପରେ ଥାଉ ସଦା ତୁମରି ଆଶିଷ
ମୁହିଁ ଜାଣେ ଏ ଧରାରେ ତୁମେ ଏକା ସତ୍ୟ
ତୁମ ପାଇଁ ଆଜି ତିଷ୍ଠି ରହିଛି ଜଗତ
ଏ ଜୀବନ ଦୀପ ଲିଭିଯାଉ ତୁମ ଗୁଣ ଗାଇ
ଶେଷ ଯୁଇ ଜକୁ ମୋର ସ୍ୱର୍ଗଦ୍ୱାରେ ଯାଇ ।

—୦—

ସଦସ୍ୟା, ବଣମାଳୀ ସାହିତ୍ୟ ଓ ସେବା ସଙ୍ଗଠନ





Scanned with OKEN Scanner

## ପିତା ଓ ମାତା


### ମା

ଲକ୍ଷ୍ମୀପ୍ରିୟା ମଲିକ

ମା' ପରି କିଏ ହେବ
ତା' ପାଖରେ ଥିବା କୋମଳ ହୃଦୟ
କାହା ପାଖେ ଆଉ ଥିବ ।୧ ।
ନିଦୁ ଉଠି ଥରେ ଦେଖିଦେଲେ ତୋତେ
ଦିବସଟି ସୁଖେ ଯାଏ
ମଧୁର ନାମକୁ ଧରି ଦେଲେ ଥରେ
ସର୍ବ ସୁଖ ମିଳିଥାଏ ।୨ ।
ପଣତ କାନିରେ ରହିଥାଏ ତାର ସରଗର ସବୁ ସୁଖ
ଘୋଡାଇ ହେଲେ ସେ ପଣତରେ ଥରେ
ଝଲିଯାଏ ସବୁ ଦୁଃଖ ।
ଅତୁଳନୀୟ ନାମକୁ ତାର
ଡାକୁଥାଏ ଅବିରତେ
ରହୁ ପଛକେ ନିଜେ ଉପାସ
ନିଜଠୁ ଅଧିକ ଭଲ ପାଏ ସତେ

—୦—

ସପ୍ତମ ଶ୍ରେଣୀ ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ



### ପିତା ମାତା ମୋ ଦୟାଳୁ ଠାକୁର

ଆଶିଷ୍ ମଲ୍ଲ

ପିତା ମାତା ମୋ ଦୟାଳୁ ଠାକୁର
ଏପରି ଦିଅଁ ନାହିଁ ତିନିପୁର ।
ତାଙ୍କରି ଆଶିଷ ମୁଁ ପାଇବାରୁ
ଜଣେ ପଣେ ହେଲି ତାଙ୍କ ଦୟାରୁ ।
ସଦ୍‌ବୁଦ୍ଧି ଦିଅ ମୋତେ ଠାକୁର
ନିତ୍ୟ ସେବୁଥିବି ତୁମ ପୟର ।
ଏହି ଅଳି କରେ ବିଶ୍ୱ ଠାକୁର
ଶ୍ରଦ୍ଧା ଭକ୍ତି ଦିଅ ଅନ୍ତରେ ମୋର ।

—୦—

ଚତୁର୍ଥ ଶ୍ରେଣୀ ଛାତ୍ର
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ, ବୃନ୍ଦାଦେଇପୁର

### ମୋ ମାଆ

ବ୍ରହ୍ମ ପ୍ରଧାନ

ଦଶମାସ ଗର୍ଭେ ଧରିଥିଲା ମାଆ
ଅନେକ ଯାତନା ସହି
ଭୂମିରେ ପଡ଼ିଲି କୁଆଁ ରାବ ଦେଲି
ତା ଅମୃତ ରସ ପିଇ ।
ଛୋଟରୁ କରିଲୁ ବଡ଼ଟିଏ ମାଆ
ଶିଖାଇଲୁ କେତେ କଥା ।
ଧୂଳି ଝାଡିଦେଇ ପଣତ କାନିରେ
କହୁଥାଉ ମିଠାକଥା
ଅତି ଆଦରରେ ଖୋଇଦିଏ ମାଆ
ପାଖରେ ବସିକି ଭଲେ ।
ମାଆର ଋଣକୁ କିଏ ବା ଶୁଝିବ
ଜନ୍ମିନାହିଁ ଭୂମଣ୍ଡଳେ ।
ସଦା ସରବଦା ଲୟ ରହିଥାଏ
ମୋ ମାଆ ପାଦତଳେ ।

—୦—

ପଞ୍ଚମ ଶ୍ରେଣୀ ଛାତ୍ର
ନାରାୟଣ ଶୋଭାନୀୟ ଶିକ୍ଷାଶ୍ରମ, ବୃନ୍ଦାଦେଇପୁର





### ମୋ ବାପା

ଅର୍ଚ୍ଚିତା ଶତପଥୀ

କୁଆଁ କୁଆଁ କାନ୍ଦି ଯେବେ ହେଲି ମୁଁ ଜନମ
ସବୁଠୁ ଯେ ଖୁସି ଥିଲେ ବାପା ତାଙ୍କ ନାମ
'ବା' ମାନେ ବାୟୁ 'ପା' ମାନେ ପାଣି
ସ୍ନେହ ଶ୍ରଦ୍ଧା ଆକଟର ସଙ୍ଗମତୀବାଣୀ
ବାପା ମୋର ସକାଳ ଆଉ ବାପା ମୋର ସଞ୍ଜ
ଆଲୁଅର ମୁରୁଜ ସେ ସକାଳର ସୁରୁଜ
ଦୁନିଆରେ ଏତେ ଭିଡ଼ କାହିଁ ଲାଗେ ଏକା
କେହି ଜଣେ ମିଳନ୍ତିନି ବାପାଙ୍କ ପରିକା
ଦୂରକୁ ସୁନ୍ଦର ବାପା ଉଚ୍ଚ ପରବତ
ଆମ ପାଇଁ ସହୁଥାନ୍ତି ଘାତ ପରେ ଘାତ
ଝାଳ ବୁହାଇ ଧନ କରନ୍ତି ଅର୍ଜନ
ବାପା ନ ଥିଲେ ଘର ଲାଗଇ ନିର୍ଜନ
ଆମ ପାଇଁ ବାପାଙ୍କର ରକତ ଯେ ପାଣି
ବାପା ଥିଲେ ଲୋଡ଼ା ନାହିଁ କିଛି ମୋତିମଣି ।
ବାପା ବରଗଛ ଆମେ ସବୁତ ଓହଳ
ବାପା ନଥିଲେ ଘରେ ପଡ଼ିଯାଏ ତ ଚହଳ
ବାପା କେବେ କାନ୍ଦିବାର କେହି ଦେଖି ନାହିଁ
ତାଙ୍କ ପଥର ଛାତିକୁ କେହି ବୁଝି ନାହିଁ ।
ଦୁଃଖ ସହି ସହି ତାଙ୍କ ଛାତିଟା ପଥର
ସେଥିପାଇଁ ପରା ସେ ଚଳନ୍ତି ଠାକୁର
ବାପାଙ୍କୁ ବୁଝିପାରିବ ଯେବେ ନିଜେ ବାପା ହେଲେ
ବାପାଙ୍କ ଚଷମା ନିଜ ଆଖିରେ ପିନ୍ଧିଲେ
ପ୍ରାର୍ଥନା କରୁଛି ଆହେ ଭଗବାନ
ସବୁ ଜନ୍ମେ ସିଏ ବାପା ମୁଁ ତାଙ୍କ ସନ୍ତାନ
ବାପା ମୋ ବାପା.....

—୦—

ନବମ ଶ୍ରେଣୀ ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ବୃନ୍ଦାଦେଇପୁର ଶାସନ


### ମମତାମୟୀ

ଦେବଯାନୀ ଶତପଥୀ

ପରସ୍ପର ସ୍ନେହ ପରିଚୟ ମନ
ଆଣୁଥାଏ ଯିଏ ଘରେ
ମହିମା ତାହାର ଅଜଣା ଯାହାକୁ
ଭ୍ରମୁଥାଏ ସିଏ ବାରେ
ସାନକୁ ସାକ୍ଷାତ୍ ବଡ଼କୁ ବିଖ୍ୟାତ
କରିବାରେ ମନ ଚିନ୍ତି
ଆୟକୁ ଗୁରୁତ୍ୱ ଦିଏ ସିନା ଜନେ
ମାନକୁ କରେ ସେ ଗତି
ସୁଶିକ୍ଷା ଆଦର ପାଇଁ ଯିଏ ଗଢ଼େ
ପରକୁ ଆପଣା ଭାବି
ନିତିଦିନ ତାର ହୁଏ ଶୁଭଦିନ
ଗତକାଲି ଭୁଲେ ରବି
ସଜ୍ଜନ ବିଜୟର ଆତିଥ୍ୟ ଆଦର
ଆଣୁଥାଏ ମନେ ଧାୟୀ
ବିଶ୍ୱମାତା ସିଏ ବିଶ୍ୱସ୍ଥାନେ ମୋହେ
ବିଶ୍ୱର ହୋଇ ଆଶାୟୀ ।

—୦—

ଅଙ୍ଗନୱାଡି କର୍ମୀ, ହରିଚନ୍ଦନପୁର





Scanned with OKEN Scanner

# ପୂଜାରିଣୀ

ବେଣୁଧର ସୂତାର

ତୁମେ ମୋ ମନର ଦିବ୍ୟ ସୁରଜାର
ପ୍ରଣବ ଓଁକାର ଧ୍ୱନି
ମୁଁ, ଯେ ମମତାର ମଧୁମତୀ ଧାରା
ତନୁୟୀ ତପସ୍ୱିନୀ ।
ବ୍ୟାପ୍ତି ଓ ଦୀପ୍ତିର ଅନନ୍ତ ତୃପ୍ତିର
ଅନୁରାଗ ବନ୍ଦୀ ଶାଳା
ତୁମେ ମୋ ମନର ମଧୁ ସପନର
ଉତ୍ତାଳ ଉର୍ମି ମାଳା ।
ଚିର ସବୁଜ ଏ ଅନ୍ତର ତଳେ
ତୁମେ ପାରିଜାତ ହସ
ବିପୁଳ ଉପାସ୍ୟ ତପସ୍ୟା ବେଦିର
ଅମୃତର ଅଭିଳାଷ ।
ତୁମେ ପରା ଭରା ଗଙ୍ଗଶିଉଳିର
ବାସ୍ନା ବିଭୋର ମନ
ରେଶମୀ ରାତିର ସୁନେଲି ସ୍ୱପ୍ନ
ମଧୁଝରା ରୂପା ଜହ୍ନ ।
ସ୍ନେହ ସୋହାଗରେ ଅମିୟ ପସରା
ପ୍ରୀତିଭରା ଆତ୍ମୀୟତା
ଚିତ୍ରଭାନୁ ତୁମେ, ଚଇତି ଝନ୍ଦର
ତେଜ ଭରା ତାରୁଣ୍ୟତା ।
ତୁମେ ତ ବିଚିତ୍ର ସ୍ୱପ୍ନ ଋତୁଚିତ୍ର
ସୃଷ୍ଟି ସମଷ୍ଟିର ଧାରା
ତୁମରି ପ୍ରେମର ପୀୟୂଷ ପ୍ଲାବନେ
ମୁଁ ଯେ ଆଜି ଆତ୍ମହରା ।
ମୁଁ ତପଶ୍ଚାରିଣୀ ତୁମ ପୂଜାରିଣୀ
ଅୟୁତ ଅତନ୍ଦ୍ର ରାତି
ବିତାଇ ଦେଇଛ ବଳକା ଆୟୁଷ
ଲଭିବାକୁ ତୁମ ପ୍ରୀତି ।
ମୋ ଜୀବନ ଯଜ୍ଞ ସମାବର୍ତ୍ତେ ତୁମେ
ଯଜ୍ଞାନଳର ହବି
ହର୍ଷ ଉଲ୍ଲାସର ଭାବକଳ୍ପ ତୁମେ
ସୁନ୍ଦର ତୁମେ ଶାଶ୍ୱତ ତୁମେ
ମୃତ୍ୟୁଞ୍ଜୟ ଧରା ତଳେ
ତୁମରି ଚରଣେ ଆଶ୍ରିତା ମୁଁ ଯେ
ପାବନ ପ୍ରଦୀପ ଜାଳେ ।

—୦—

କେଶଦୁରାପାଳ, କେନ୍ଦୁଝର
ମୋ - ୯୧୭୮୫୬୮୨୨







# ଅରଣ୍ୟ ଅଭିସାର

କବି ଶ୍ରୀ ବଳରାମ ପୂଜାରୀ

ଗାଁ ଫେରନ୍ତା'
ତତଲା ପବନରେ
ଲେଖା ହୋଇଥିଲା
ହେନ୍ତାଳ ବଣର ହୁତୁ ହୁତୁ ହୁଙ୍କାର,
ତଙ୍ଗର ପାହାଡ଼ ସାରା ବୁଲି ବୁଲି ଡେଙ୍ଗୁରା ଦେଉଥିଲା ପଶ୍ଚିମା
ପବନ,
ତୁମ ଓହ୍ଲାଇବାର ଆବାହନୀ ବାର୍ତ୍ତା,
କୁରୁଳି ଉଠୁଥିଲା 'ବୈଧବ୍ୟ ଯନ୍ତ୍ରଣାରେ' ଜଳୁଥିବା
ତଙ୍ଗର ପାହାଡ଼,
ଦାଉ ଦାଉ ରଡ଼ ନିଆଁରେ
ସିଝୁଥିବା, ତହ ତହ ଅଗିରା ଅଗ୍ନିମଣ୍ଡପ ।
ପତ୍ରଝଡା ପାହାଡ଼ ପିଠି,
ଉଲଗ୍ନ ଅରଣ୍ୟ ଦିହ'ରେ
ଲେଖା ହୋଇଥିଲା,
ତୁମ ଦୋଳାୟିତ
ଝୁମ୍ପା ଝୁମ୍ପା ଓହଳା ଠିକଣା,
ଖରାଖିଆ ତଙ୍ଗର ଖମାଣ ଗାଉଥିଲେ
ତୁମ ଝୁଲା ଝୁଲା ଜୁଆଙ୍ଗ୍ ଝୁମ୍ର,
ଗାଁଛେଦ ଅଣ ବେଉଷଣ
'ଅଟାଲ୍'ରୁ ଶୁଭୁଥିଲା
ତୁମ ଲୁଝଛପା ଝେରା ପିରତି,
ଭାବ ନାବ'
ହେଦ ଦାହ'ର
ପରକୀୟା ପ୍ରୀତି,
ଫୁସୁରୁ ଫାସର ଲାଜ ଲାଜ କଥା ।
ପାହାଡ଼ ଛୁଆଁ
ସୁଲୁସୁଲିଆ ପବନମାନଙ୍କ
ଓଠରୁ ଝରୁଥିଲା'
ତୁମ ଓଠ ଲାଳ ଛୁଆଁ
ଓଠ ଝରା
ତଟକା ତଟକା ବାସ୍ନା,
ପ୍ରଜାପତିର ଡେଣାରେ
ଥିପି ପଡୁଥିଲା,
ସଦ୍ୟ ସମ୍ଭୋଗର
ବୁହାଏ
ଓଦା ଓଦା ଫୁଇରେତ,
ମଞ୍ଜାବନ୍ଧା ଧୂପୁନୀ କୁଡିଆରୁ
କଷି କଷି ସୁନା ନାକି
ସୁନାରୀ ଫୁଇ ମାନେ
ଗାଉଥିଲେ,
ପରଜା
ଧାଙ୍ଗଡିଝିକା ପର୍ବର
ଲହ ଲହ ଲରି ରିଞ୍ଜୋଡ଼ି ।
ପରଜା ଧାଙ୍ଗଡା
କାନ୍ଧ କାଉଡିରେ ଥିଲା,
ଫଣ ଫଣିଆଁ ତୁମ୍ଭାଏ ସଇପ୍
ରସ'ର ଛାଡିଏ ଶରଧା'
ଆଞ୍ଜୁଳାଏ ସୁଆଁଭଜା, ଜନାଲାଟୁ,
ଖଜୁରୀ' ଚାଳ ରସ'ର ଚାଡ଼ି'ରେ ଭର୍ତ୍ତି
ଚକନିଏ' ଚଗଲା ହୃଦୟ,
ଧାଙ୍ଗଡି ଚାଡବାହା ସୂତା,
କାଉଁରୀ କୁହୁକ ଦିଶାରୀ ମନ୍ତ୍ରର ତମ୍ବା ଡେଉଁରା,
ଧାଙ୍ଗଡି ଦିହ ଲୁଚା'
କେରଙ୍ଗ ପାଟୁଆ ମଥାଓଢ଼ଣୀ'
ଧାଙ୍ଗଡ଼ି ସୁତୁରା ସଗର୍ତ୍ତା ମାଗାଁନୀ'
ଅଣ୍ଟା ଖୋସଣୀର' ପିଉଳ କରାଟ ।
ବାଟବରଣୀରେ ଥିଲା'

ମହୁଲ ଫୁଲର ମୁଦିଏ ମହକ
ବିଡ଼ାଏ ଧୁଜିଆ ପିକାରେ
ଜୁଆରିଆ ଜହ୍ନରାତି
ଖୁଜୁରୁ ମୁଜୁରୁ ଧାଙ୍ଗଡା ଛାତି'
ଧାଙ୍ଗଡି ଦିହ'ର
ଗାତୀ ମରା ଖୁନ୍ଦିଲା କୁହ'ରେ
ତହ ତହ ପରଜା ମନ,
ଅରଣ୍ୟ ଅଗଣା ସାରା
ପେନ୍ଥା ପେନ୍ଥା ପ୍ରିତି ପିରତି
କୁରେଇ ଫୁଲର'

ମହମହ ମଧୁମଙ୍ଗନ'
'ପାକୁର ଛେକା'ର
ଚଇଟି' ଚିହ୍ନ
ଖରା ପିଠିଆ
ପାହାଡ଼ି ଫୁଲ ମାନଙ୍କ
ଫୁଲୁ ଫୁଲିଆ 'ଫୁଲ ପରବ୍'
ମାଲ୍ୟବନ୍ତ'ର ମହୁଲ ତଙ୍ଗରରେ
ଏବେ:ଉଷ୍ମ ଅରଣ୍ୟ ଅଭିସାର ।

—o—

କୁଡୁମୁଲୁଗୁମ୍ମା, ମାଲକାନାଗିରି
ମୋ - ୯୬୬୮୬୮୮୪୭୪

## ଏ ମୋ ପ୍ରିୟ ଭାରତ

ସୋନି ମାଝି

ଆମେ ଭାରତ ମାଆର ସନ୍ତାନ
ଆମେ ରଖିବା ମାଆର ସମ୍ମାନ,
ଗୋଟିଏ ବୃନ୍ତରେ ଦୁଇଟି କଳିକା
ଜଣେ ବାଳକ ଅନ୍ୟଟି ବାଳିକା,
ନାଆଁଟି ତା'ର ତିନି ଅକ୍ଷର
ଜାଣିହୁଏ ନାହିଁ ସେ କେତେ ବଡ଼
କେତେ ସୁନ୍ଦର ନାଆଁଟି ତାର
ଜନ୍ମଭୂମି ସହ ଲୋଡ଼େ ଜୀବନ,

ରାଗିବ ଯେବେ ପ୍ରକୃତି ମା'
ବଞ୍ଚିବା ପାଇଁ ନଥିବ ରାହା
ଭାରତ ନାଆଁରେ ନ ଲାଗୁ ଦାଗ
ନ ରହୁ କେଉଁଠି ବାଦ ବିବାଦ
ସେନେହ ମମତା ହୃଦରେ ରହୁ
ଜନ୍ମଭୂମି ପାଦେ ମଥାଟି ଥାଉ ।

—o—

ଦଶମ ଶ୍ରେଣୀ ଛାତ୍ରୀ
ଶ୍ରୀବନ୍ତପୁର ଉଚ୍ଚ ବିଦ୍ୟାଳୟ





## ହେ ମୋ ପ୍ରିୟ ଭଉଣୀ

ନିରୁପମା ତ୍ରିପାଠୀ

ଭଉଣୀମାନଙ୍କ ମଧ୍ୟରେ ଅତୁଟ ବନ୍ଧନ
ସେ ସୁସମ୍ପର୍କ କେବେ ନୁହଁଇ ନିନ୍ଦନ ।
ଭଗବାନଙ୍କ ପାଖରେ ଏତିକି ରଣୀ
ତୋରି ପରି ପାଇଛି ଗୋଟିଏ ସୁନ୍ଦର ଭଉଣୀ ।
ନିଜ ପରିଶ୍ରମରେ ସ୍ୱପ୍ନର ଦୁନିଆ ଗଢ଼ିଛୁ
ଭଗବାନଙ୍କ ପାଖରେ ନିଜକୁ ସମର୍ପଣ କରିଛୁ ।
ତୋରି ପରି ଭଉଣୀ ନାହିଁ ଏ ଦୁନିଆଁରେ ଏକ
ଭଉଣୀ ହୋଇ ମା' ପରି କାର୍ଯ୍ୟ ତୁଲାଇଛୁ ଯେ ।
ନିଜ କଠିନ ପରିଶ୍ରମ ଆଜି ଗୋଟେ ଉଚ୍ଚ ପଦବୀ ପାଇଛୁ
ସେ ଝିକିରୀ ପାଇଁ କେତେ ଯେ ପରିଶ୍ରମ କରିଛୁ ।
ଭଗବାନ ଏକ ଲୋକ ନୁହଁଇ ନିର୍ଦ୍ଦୟ
ତାଙ୍କ ପାଖରେ ରହିଥିବ ସବୁବେଳେ ସଦୟ ।
ଆଖିର ଲୁହ ପିଇ ଉପରେ ଖାଲି ହସୁଛ
ନିଜ ସୁଖ ଛାଡ଼ି ଆମ ସୁଖ ଖାଲି ଦେଖୁଛ ।
ଆଜି ଏ କବିତାରେ ଲେଖିଛି ମନର କଥାକୁ
ଧନ୍ୟବାଦ ଜଣାଇବି ମୋର ପ୍ରିୟ ଭଉଣୀକୁ ।

—o—

ଓଡ଼ିଆ ସମ୍ମାନ,
+୩ ପ୍ରଥମ ବର୍ଷ ଛାତ୍ରୀ, କଟକ



## ଜହ୍ନ ମାମୁଁ

ଶୁଭାଶିଷ ଧୀର

ନଇଁ ଯାଉଥିଲେ ସୂର୍ଯ୍ୟ
ପଶ୍ଚିମ ପାହାଡ଼ ପଛ ପଟକୁ....
ରଶ୍ମିର ଶେଷ ଆଭା ଲୁଚିଲୁଚି ଆସୁଥିଲା ।
ଅନ୍ଧାର ଭୟରେ ଭୟଭୀତ ପକ୍ଷୀମାନେ
ଫେରି ଆସୁଥିଲେ ନିଜ ବସାକୁ....
ସମସ୍ତ ଜୀବ ଶୋଇ ଆସିବା ବେଳେ
ନିଦ ଭାଙ୍ଗୁଥିଲା ପେଟ୍ଟ ମାନଙ୍କର....
ନିଘୋର ଅନ୍ଧାର ଭିତରେ ଆଲୋକର ଏକ
ଛୋଟ ଏବଂ ଶୀତଳ ଆଭା ଦେଖେଇ
ଆକାଶ ରାଇଜକୁ ଆସିଗଲେ ଜହ୍ନମାମୁଁ....
ସୂର୍ଯ୍ୟଙ୍କ ପରି କ୍ଷତ ଥିଲା ବୀରତ୍ୱର ଗର୍ଭ,
ନା ହିଁ ଥିଲା ଶକ୍ତିର ଉତ୍ସ....
କେବଳ ଥିଲା ତ ପ୍ରେମର ସଞ୍ଚାର....
ଜହ୍ନମାମୁଁ! କେଜାଣି କାହିଁକି ତୁମକୁ ଦେଖିଲେ
ମନେ ପଡ଼ିଯାଏ କେଉଁ ଅଜଣା ଅତୀତର ସ୍ମୃତିସବୁ,
ବିତି ଯାଇଥିବା ସ୍ୱର୍ଣ୍ଣିମ ଏବଂ ସୁନ୍ଦର ଅତୀତ,
ଯାହା ଆଙ୍କି ଦେଇଥିଲା ହୃଦୟରେ ସ୍ମୃତିର ମାନଚିତ୍ର....
'ଆ ଜହ୍ନମାମୁଁ ସରଗ ଶଶି' କହି
ମାଆମାନେ, ଅଝଟ ପିଲାମାନଙ୍କୁ ଶୁଆଇ ଦିଅନ୍ତି....
ଚିତ୍ରକାରର ଛବିରେ ଜ୍ୟୋତ୍ସ୍ନାର ଆଲୋକ ଭରି
ଆଲୋକିତ କରି ଦେଇଥାଅ ଦର୍ଶକ ମନକୁ,
କେଜାଣି କି ଯାଦୁ ଥାଏ ତୁମ ରୂପରେ,
ଯାହାର ବଡ଼ିମା ସାରା ଦୁନିଆଁ ଘୋଷି ହୁଏ.....
ଏମିତି ସବୁବେଳେ ସୌନ୍ଦର୍ଯ୍ୟମୟ ଥାଅ,
ଏହା ମୋର ନିବେଦନ.....

—o—

ବଳରାମପୁରଗଡ, ଯାଜପୁର



Scanned with OKEN Scanner

## ପ୍ରଭୁଙ୍କୁ ପଦେ


ପ୍ରଗତି ମିଶ୍ର

ଅନନ୍ତ ଆକାଶ ଅନନ୍ତ ସାଗର
ଅନନ୍ତ ଯାହାର ପ୍ରେମ
ସିଏ କେହି ନୁହେଁ ସବୁରି ଆରାଧ
ସିଏ ରାମ, ରାମ, ରାମ
ମର୍ଯ୍ୟାଦା ପୁରୁଷୋତ୍ତମ ସେ ରାମ
ଅଯୋଧ୍ୟାରେ ଜନମିଲେ
ପିତୃସତ୍ୟ ପାଳି ଚଉଦ ବରଷ
ବନବାସେ କଟାଇଲେ
ମାୟାମୃଗ ପଛେ ଧାମନ୍ତେ ଶ୍ରୀରାମ
ସୀତାଙ୍କ ହରଣ ହେଲା
ନିଜ ନାରୀ ନୁହେଁ ନାରୀଶକ୍ତି ପାଇଁ
ରାବଣ ବଧ ହୋଇଲା ।
କେତେ ଯେ ରାବଣ ଆଜି ଏ ଧରାରେ
ଜଣେ ହେଲେ ରାମ ନାହିଁ
କେମିତି ଫେରିବ କୁହ ରାମରାଜ୍ୟ
ସାହା ହେବ କିଏ କାହିଁ

ଆଧୁନିକତାର ନାଁରେ ନାରୀକୁ
ଯେତେ ବି ସ୍ୱାଧୀନ କର
ଘରକୁ ଫେରିବା ଟିକେ ଡେରି ହେଲେ
କାହିଁକି ଲାଗୁଛି ଡର
କେବେ ବା ଫେରିବ ରାମରାଜ୍ୟ ସତେ
ଭରସା କାହାର ଅଛି
ସେମିତି ଦୁନିଆଁ ଝଲୁଥିବ ପରା
ଏଇ ନାହିଁ ଏଇ ଅଛି
ଦୁଇହାତ ଟେକି ପ୍ରଭୁ ଶ୍ରୀରାମଙ୍କୁ
ସଭିଏଁ ପ୍ରଣାମ କର
ସୁରକ୍ଷିତ ରହୁ ସବୁ ପରିବାର
ଆଶିଷ ଘେନ ତାଙ୍କର
ସେହି ପରମାତ୍ମା ପରମ ଈଶ୍ୱର
କୃପା ଦୃଷ୍ଟି ସଦା ଥାଉ
ତୋ, ଘର ମୋ ଘର ସବୁ ଏକାକାର
କର ଆହେ ମହାବାହୁ.... ।

—୦—

ବୃନ୍ଦାଦେଇପୁର ଶାସନ







## ଜଗାର ମହିମା

ପୂର୍ଯ୍ୟଶିଖା ଖୁଣ୍ଟିଆ

ଜଗା ବସିଅଛି ରତ୍ନ ସିଂହାସନେ
ଭକ୍ତ ଅଛି କୁଡ଼ିଆରେ,
ଭକ୍ତ ମନ ଯାଇ ଜଗା ପାଖରେ ତ
ଜଗା ମନ କୁଡ଼ିଆରେ ।
କିଏ ଡାକେ ତାକୁ ଚକାଆଖି ବୋଲି
କିଏ ଡାକେ ଜଗନ୍ନାଥ,
କିଏ ଡାକେ ତାକୁ କଳାଶ୍ରୀମୁଖ ତ
କିଏ ତ କଳା ସାଆନ୍ତ ।
ନାଆଁକୁ ଖାଏ ସେ ଛପନ ଭୋଗ
ଆଶା ଥାଏ ତାର ଶାଗ ପଖାଳେ
ବସିଥାଏ ସିଏ ରତ୍ନ ସିଂହାସନେ
ଭାଇ ଭଉଣୀଙ୍କ ମେଳେ ।
ଅଧା ଗଡ଼ା ଦିଅଁ କଳା କଳା ମୁହଁ
ନାଲି ନାଲି ଓଠେ ହସ
ସୁନ୍ଦର ସୁନ୍ଦର ପୋଷାକ ଦେହରେ
ଅତି ମନୋହର ବେଶ ।
କିଏ କହେ ତାକୁ ଭାଇ ଭାଇ ବୋଲି
କିଏ ଡାକୁଥାଏ ସାଙ୍ଗ,
କିଏ ଡାକେ ତାକୁ ପୁଅ ପୁଅ ବୋଲି
କାହା ପାଇଁ ସିଏ ସ୍ୱର୍ଗ ।
ଜଗତର ନାଥ ଜଗନ୍ନାଥ ସିଏ
ତା' କୃପା ଅନନ୍ତ ଅପାର,
ତା' କରୁଣା ଯୋଗୁଁ କୋଟି ଓଡ଼ିଆଙ୍କ
ମନରେ କରିଛି ଘର ।
ଗୁଣ୍ଡିଚ ହେଲେ ହେଁ ବୁଲିବାକୁ ଯାଏ
ମାଉସୀ ଘରକୁ ସିଏ,
ବାହୁଡା ହୋଇଲେ ଶ୍ରୀମନ୍ଦିରକୁ ଫେରି
ଲକ୍ଷ୍ମୀଙ୍କୁ କ୍ରୋଧରେ ପାଏ ।
ଭାଇ ଭଉଣୀଙ୍କୁ ସାଙ୍ଗେ ନେଇ ଯାଏ
ନ ନିଏ ଲକ୍ଷ୍ମୀ ମାଆକୁ,
ମାଆଙ୍କର ରାଗ କହିଲେ ନ ସରେ
କୁହନ୍ତି କଳା ଦିଅଁକୁ ।
ଲକ୍ଷ୍ମୀଙ୍କୁ ମନାନ୍ତି ଜଗନ୍ନାଥ ଆସି
ଧରି ରସଗୋଲା ଶାଢ଼ୀ,
ମା' ମନ ସିଏ ଆପେ ମାନି ଯାଏ
ଝଲିଗଲେ କିଛି ଘଡି ।
ଆଉ କି କହିବି ଅପାର ତାହାର
କହିଲେ ନ ହେବ ଶେଷ,
ଅତ୍ୟନ୍ତ ସୁନ୍ଦର ମହିମା ତାହାର
ସିଏ ତ ଅଟେ ବିଶେଷ ।

—୦—

ଦେଉଳିପାଳ, ଧର୍ମଶାଳା





Scanned with OKEN Scanner


## ବଉଳା ଓ ପୁଣ୍ୟକୋଟି

ସୁଜ୍ଞାନ ବେହେରା

ତେଇଁଗଲେ ରୂପାନ୍ତର ନଦୀ
ବଉଳା ପାଲଟେ ପୁଣ୍ୟକୋଟି
ସିଂହ ସାଜି ସାରିଥାଏ, ବ୍ୟାଘ୍ର
ଅଥଚ ମମତାର ମଧୁକ୍ଷୀର
ଅବିକଳ ସେଇମିତି ଥାଏ
ନା ଟିକେ ବହଳିଆ
ନା ଟିକେ ପାଣିଚିଆ,
ନା ହିଁ ଇକ୍ଷତ୍ ରଙ୍ଗୀନ୍ ।
ଯେତେବେଳେ ମୃତ୍ୟୁ ହାବୁଡେ ପଡନ୍ତି ଦୁହେଁ,
ନା ବଉଳା ଖୁରାରେ
ଲଭୁଆ ନଖ ଉଠେ
ନା ପୁଣ୍ୟକୋଟି ପାଟିରେ ଗଜୁରେ
ଦୁଇ ହଳ ଶ୍ୱାନଦନ୍ତ
ବିକଟାଳ ଗର୍ଜ୍ଜନରେ ବି
ଦୁଇଁଙ୍କ କାନରେ ଶୁଭେ
କଅଁଳିଆ ହମ୍ଭା ଚଡ଼ି,
କୋଟି କୋଟି କାକୁତି ମିନତି
ଶେଷରେ ଫଳପ୍ରଦ ହୁଏ
ପେଟ ପୂରିଗଲେ ବାଘୁରୀର,
ନା ବଉଳା ବଚନ ଭାଙ୍ଗେ
ନା ପୁଣ୍ୟକୋଟିର ଦେଇଥିବା କଥା,
କରିପାରେ କପଟ
ମୃତ୍ୟୁ ମୁଖରେ
ପୁଣି ଛିଡା ହେଲା ବେଳକୁ,
ଦୁହେଁ ଛାଇରୁ ହୋଇସାରିଥାନ୍ତି
ଆଲୋକମୂର୍ତ୍ତି,
ମୃତ୍ୟୁ ପାଟିର ଲାଳ ନଦୀ
ଦେଖୁ ଦେଖୁ ଶୁଖିସାରିଥାଏ
ଆଉ ଅନାୟାସେ
ହାତ ତା'ର ଯୋଡ଼ି ହେଇ
ମୁଣ୍ଡ ନଇଁ ଯାଉଥାଏ ।
ପୁଣି ଲମ୍ଫ ଦିଅନ୍ତି ନଦୀରେ
ବଉଳା ଓ ପୁଣ୍ୟକୋଟି,
ନଦୀର ଆର ତଟେ ପହଞ୍ଚୁ ପହଞ୍ଚୁ
ହୋଇସାରିଥାଏ ରୂପାନ୍ତର,
ଅଥଚ ଅବିକଳ ଥାଏ
ମମତାର ମଧୁକ୍ଷୀର
ନା ଟିକେ ବହଳିଆ
ନା ଟିକେ ପାଣିଚିଆ,
ନା ହିଁ ଇକ୍ଷତ୍ ରଙ୍ଗୀନ୍ ।

—୦—

ଖଇରମାଳ, ବଲାଙ୍ଗୀର
ମୋ- ୭୮୪୯୦୯୯୭୧୮







## ଅନ୍ତରୁ ହିଁ ଆରମ୍ଭ

ମୃତ୍ୟୁଞ୍ଜୟ ପ୍ରଧାନ

ଏ ସୃଷ୍ଟିର ସର୍ଜ୍ଜନା
କାୟାର ବିଚ୍ଛେଦ ପରେ
ସଂଗଠିତ ହୁଏ,
ପୁନର୍ଜ୍ଜନ୍ମର ଯୋଜନା ।୧ ।
ମଞ୍ଜିରୁ ବୃକ୍ଷନା ବୃକ୍ଷରୁ ମଞ୍ଜି
ସଅଁବାଲୁଆର ମୃତ୍ୟୁରେ ଯେ
ପ୍ରଜାପତିର ଉତ୍ପତ୍ତି ।୨ ।
ପରିପକ୍ୱ ଶୁଷ୍କ ମଞ୍ଜିରୁ ଯେ
କେବଳ ହୋଇପାରେ ନବ ପଲ୍ଲବର କଳ୍ପନା ।୩ ।
ବାଷ୍ପୀଭୂତ ଜଳ ବିନ୍ଦୁରୁ ହିଁ
ସଞ୍ଜରିଯାଏ ଜୀବନର ମୂର୍ଚ୍ଛନା ।୪ ।
ପ୍ରାରବ୍ଧ ଭୋଗର ଶେଷ ଅଧ୍ୟାୟରେ
ଲେଖାଯାଏ ଆଗାମୀ ମୁକ୍ତିର ଚେତନା ।୫ ।
ବୁଝାଇ ଦିଆଯାଇପାରେ ଯେ
ଅସମାହିତ ଦୁଃଖ ଶେଷରେ ହିଁ
ଆରମ୍ଭ ହେବ ଜୀବନର ସାରେଗାମା ।୬ ।

—୦—

ସହକାରୀ ଶିକ୍ଷକ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

## ନାରୀ

ସୁପ୍ରିୟା ମିଶ୍ର

ଦୁଃଖ ସୁଖକୁ କରଇ ସାଥୀ
ସବୁ ସହିଥାଏ ମଥାକୁ ପାତି
ଆଖିର ଲୁହକୁ ଓଠରେ ଝପି
କାନ୍ଦୁଥାଏ ସେ ତ ଚୁପି ଚୁପି
ମଙ୍ଗଳ କାମନା କରେ ପରିବାର ପାଇଁକା
ଏ ତ ନାରୀର ଭୂମିକା ।
ଅଚିହ୍ନା ଲୋକଙ୍କ ସହ ଅଳପ ମିଶେ
କଥା କହୁଥିଲେ ଅଳପ ହସେ
ସମସ୍ତଙ୍କୁ ସବୁ ପରଖି ନିଜେ ଅଳପ ଖାଏ
ମିଠା ମିଠା କଥା ନାରୀ ସଦା କହୁଥାଏ
ସହେ ପରିବାରର ଖୁସି ପାଇଁକା
ଏ ତ ନାରୀର ଭୂମିକା ।
ଗୁରୁଜନଙ୍କ କଥାକୁ କରେନି ହେୟ
ମନରେ ସାଇତି ରଖିଛି ଭୟ
ପ୍ରତିଟି କାର୍ଯ୍ୟରେ ତା'ର ଥାଏଟି ଲୟ
ସବୁ କ୍ଷେତ୍ରରେ ହୁଏ ନାରୀର ଜୟ
ଲଢ଼ିଥାଏ ନାରୀ ନ୍ୟାୟ ପାଇଁକା
ଏ ତ ନାରୀର ଭୂମିକା ।

—୦—

ଅଷ୍ଟମ ଶ୍ରେଣୀ ଛାତ୍ରୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଧର୍ମଶାଳା





Scanned with OKEN Scanner

## ସତ୍ୟ ଯୁଗର ବାପା

କୁମାର ସୁବ୍ରତ

କେବେ ହାର ମାନିବାକୁ,
ଇଚ୍ଛା ବି କରନ୍ତିନି....
ଭାରି କୁଣ୍ଢାବୋଧ.... ଭାରି ଜିଦ୍‌ଖୋର ।
ଅଧଗୁଣ୍ଡେ ମାଟି ହାଣି ସାରିବା ପରେ ବି
ଗୋଟେ ମଜବୁତିଆ ମର୍ଦ ପଣିଆ ଢଙ୍ଗରେ
କହନ୍ତି, ଦେଖିଲୁ ତ.....
ତୋ ବୋଉ ଟା କେତେ....
ଅବିବେକୀ.... ଅଲାକୁକୀ...
ଟିକେ ଅନେଇଲା ନାହିଁ କି
ପାଣି ମୁନ୍ଦେ ଦେଲାନି.... ।
ବାପାଙ୍କର କଣ ଗୋଟେ ନିର୍ଦ୍ଦିଷ୍ଟ ବୟସ ଅଛି....
ବାପାଙ୍କ ବୟସ ଟା କେବଳ
ତାଙ୍କ ପାରିବା ପଣିଆରେ ଥାଏ....
ସବୁବେଳେ ସେହି ଗୋଟେ କଥା
ତୋ ବୟସରେ ମୁଁ ଥିଲାବେଳେ...
ତିନି ଛୁଆର ବାପ ହେଇସାରିଥିଲି...
ଗାଁ ଯାକର ବୋଝ ମୁଣ୍ଡଉଥିଲି....
ରାତିରେ ଶଗଡ ଟାଣିବାକୁ ବଳଦ ଅମଙ୍ଗ ହେଲେ
ଦଣ୍ଡା ମୁଁ ଭିଡୁଥିଲି .... ଡାକ୍ତରଖାନା ଯାଏଁ ....

ଗାଁ ମାଇପେଙ୍କ ପ୍ରସବ ଯନ୍ତ୍ରଣା
ଝାଡାବାନ୍ତି .... ରୋଗ ବଇରାଗ....
ବସନ୍ତ ହାଡ଼ଫୁଟି, ଆହୁରି କେତେ କଣ.... ।
ଆମ ଜୀବନର ସବୁଠୁ ବଡ଼ ଦାମୀ ଖୁସି
ଘଣ୍ଟା ସାଇକେଲ୍ ରେଡ଼ିଓର ସୁଖ
ହାଟ.... ବାଟ..... ଘାଟରେ ଦିନ ବିତିଯାଏ
ଆହୁରି କେତେ କଣ ଧାଁ ଦୌଡ଼
ସଞ୍ଜରେ ଗୁହାଳେ ତିନି ହଳ ବଳଦ
ଝରି ଗାଈଙ୍କ ରାଗ ରୁଷା ମାନ ଅଭିମାନ
କୁଣ୍ଢାପାଣି... ମଶା ଧୂଆଁ... ଟିଙ୍କ ମରା..... ।
ମାସରେ ଥରେ ଦି ଥର
କେବେ କେବେ ତିନି ଥର
କାନ୍ଧରେ ରାମ ନାମ ସତ୍ୟ ହେ....
ହରି ନାମ ସତ୍ୟ ହେ...ର ବୋଝ
ନଈକୂଳ ମଶାଣିରେ ଲଣ୍ଠନ ସାଥିରେ
ଆଖିରେ କୁଇ ନିଆଁର ଲୁହ ସହ
କଠେ ବିଡ଼ିର ଇତସ୍ତତଃ ଚୁମ୍ବନ...
ଏହି ଥିଲା ସତ୍ୟଯୁଗର ଆମ ବାପାଙ୍କ ଜୀବନ... ।

—୦—

ବରୁଣେଇ, ବୈତରଣୀରୋଡ଼, ଯାଜପୁର
ମୋ - ୮୨୪୯୭୪୦୦୫





## ଧନ୍ୟରେ ଦୁନିଆ

ନନ୍ଦିନୀ ରାଉତ

ବିଚିତ୍ର ଦୁନିଆ ବିଚିତ୍ର ମାନବ
ବିଚିତ୍ର ବିନ୍ଧାଣୀ ସେହି
ସାରା ଦୁନିଆକୁ ମାୟାର ରଜ୍ଜୁରେ
ହସେ ଏକା ବାନ୍ଧି ଦେଇ ।
ବିଚିତ୍ର ଲାଗେ ତା' ସୁନ୍ଦର ପ୍ରକୃତି
ଫୁଲ ଫଳ ଭରା ଧରା
ସାଇତି ରଖିଛି ଅମୂଲ୍ୟ ସଂପଦ
ପୃଥିବୀ ଗର୍ଭରେ ପରା ।
ମାତାଙ୍କ ହୃଦୟେ ମମତା ନିର୍ଝର
ପିତାଙ୍କ ହୃଦୟେ ଦୟା
ନିଜେ ନ ଖାଇଣ ଅତି ଯତନରେ
ପିଲାକୁ ଖୁଆଏ ମାଆ ।
ଭାଇ ଭଉଣୀର ପବିତ୍ର ସଂପର୍କ
ଶିଶୁ ଶାବକର ସ୍ନେହ
ପ୍ରେମ ପ୍ରୀତିଭରା ମଧୁର ମମତା
କେଉଁଠାରେ ନାହିଁ କୁହ ?
ପୁନରପି ଏଠି ହସୁଛି ଦାନବ
ସୁରା ସାକୀ ସାଥୀ କରି
ଅଣ୍ଡିଚୁରୀ ପୁଣି ତଣ୍ଡି କାଟେ ଏଠି
ହସେ ସବୁ ଧ୍ୱଂସ କରି ।
ପଶୁ ମାଂସ ଖାଇ ନର ଯେ ପିଶାଚ
ନିରୀହକୁ କରେ ହତ୍ୟା
ସନ୍ତାନ ହରାଇ ଜୀବନଟା ସାରା
କାନ୍ଦଇ ଅଭାଗୀ ମାତା ।
ଏବେ ବି ହସୁଛି ରାବଣ ଏଠାରେ
ନାରୀଙ୍କୁ ହରଣ କରି
କଂସାସୁର ଏଠି ନୃତ୍ୟ କରୁଅଛି
ନିରୀହ ପ୍ରାଣୀଙ୍କୁ ମାରି ।
ମଣିଷ ଯାଉଛି ହୋଇ ଅମଣିଷ
ସଂପର୍କରେ ବିଷ ଭରି
ଦୁନିଆର ସବୁ ଏହି ରୀତି ଦେଖି
ମନ ମୋ ହେଉଛି ଘାରି ।
ଆସିବ କି ଫେରି ସେହି ରାମରାଜ୍ୟ
ରାବଣ ହୋଇବ ଧ୍ୱଂସ
ଫେରି ଆସିବେ କି ମୋହନ ମୁରାରୀ
ମରିବ ରାକ୍ଷସ କଂସ ।
ହସିବ ଦୁନିଆ ସତ୍ୟ ଶାନ୍ତି ଧରି
ପ୍ରେମ ଫଲ୍ଗୁକୁ ବୁହାଇ
ସେହି ସୁସମୟ ଆଗତ ହୋଇଲେ
ଧରିତ୍ରୀ ହସିବ ଯାଇ ।

—୦—

ସହକାରୀ ଶିକ୍ଷୟିତ୍ରୀ
ବାଲିପଟ୍ଟା, ଅନୁଗୋଳ
ମୋ- ୯୯୩୭୨୧୩୦୯୪



Scanned with OKEN Scanner

## ଅନ୍ୱେଷଣ

ତନୁଶ୍ରୀ ବେହେରା

ମୁଁ ଖୋଜେ ତୁମକୁ
ବର୍ତ୍ତମାନର ପ୍ରତିଟି ମୁହୂର୍ତ୍ତରେ
ହେଲେ ତୁମେ ଲୁଚିଯାଅ ଅତୀତର ଝାପ୍‌ସା ସ୍ମୃତିରେ...
ମୁଁ ଖୋଜେ ତୁମକୁ
ତୁମେ ଦେଇଥିବା ପ୍ରତ୍ୟେକଟି ପ୍ରତିଶ୍ରୁତିରେ
ହେଲେ ତୁମେ ଲୁଚିଯାଅ ବିଶ୍ୱାସଘାତକତାର ଜାଲରେ...
ମୁଁ ଖୋଜେ ତୁମକୁ
ତୁମେ ଦେଇଥିବା ସେଇ ଉପହାରଟିରେ
ହେଲେ ତୁମେ ହଜିଯାଅ ଏକ ଅକୁହା ଯନ୍ତ୍ରଣାରେ...
ମୁଁ ଖୋଜେ ତୁମକୁ
ଆମେ ବିତେଇଥିବା ପ୍ରତ୍ୟେକଟି ମୁହୂର୍ତ୍ତରେ
ହେଲେ ତୁମେ ବୁଡ଼ିଯାଅ ଆଉ କାହା ପ୍ରେମରେ....
ମୁଁ ଖୋଜେ ତୁମକୁ
ସେଇ ପୂର୍ଣ୍ଣିମାର ଜହ୍ନରେ
ହେଲେ ତୁମେ ଲୁଚିଯାଅ ଅମାବାସ୍ୟାର ଅନ୍ଧକାରରେ...
ମୁଁ ଖୋଜେ ତୁମକୁ ମୋର ପ୍ରତ୍ୟେକଟି ନିଃଶ୍ୱାସ ପ୍ରଶ୍ୱାସରେ
ହେଲେ ତୁମେ ହଜିଯାଅ ମୁଁ ହରେଇସାରିଥିବା ବିଶ୍ୱାସରେ...

—୦—

ମାହାଙ୍ଗା, କଟକ

## ଗାଁ ଗହିର

ଗୌତମ ସାମଲ

ଚଷା ଆଜି ଝଷ ଛାଡି ପକାଉଛି
ବଳଦ ଖୋଜେ ଖାଉନ୍ଦ
ଓଳି ମୂଳେ ଆଜି ଲଙ୍ଗଳ କାନ୍ଦୁଛି
କହେ ମତେ କିଏ ଛନ୍ଦ
ବାଡ଼ିରେ ଚୁଟିଆ ଖୋଜି ଖୋଜି ଗଦା
ପଶିଲା ଯାଇ ତାଯାରେ
ଷଣ୍ଢ ଖୋଜୁ ଅଛି ଧାନ ଗଦାକୁରେ
ପାଇବ କେଉଁ ବାଜରେ
ଗାଁ ମାଟି ଆଜି କାନ୍ଦି କାନ୍ଦି ଖୋଜେ
ତା ଧୋତି ପିନ୍ଧା ପୁଅକୁ
ଗାଁ ମୁଣ୍ଡ ଆଜି ଝୁରି ଝୁରି ମରେ
ନିତିଆ ବୁଢ଼ା ସୋଧାକୁ
ଗାଁ ଗହଳିରେ ଶୁଭୁ ନାହିଁ ଆଉ
ଟହ ଟହ ଟହ ଡାକ
ଚୁଲି ପାଖେ ଆଉ ମା କହୁନାହିଁ
ଶଗଡ଼ ସେପଟେ ରଖ
କାନ୍ଦୁଛି ଚଷା କାନ୍ଦେ ବେଉସା
ହଜି ଗଲାଣି ଓଡ଼ିଆ ବସା
ଆଉ କି ଫେରିବ ରୁଆ ବେଉଶା

—୦—

ହରିପୁର, ଯାଜପୁର-୭୫୫୦୪୯







## ଲୋୟର ପି.ଏମ୍.ଜି

ଅରୁଣ କୁମାର ଦାସ

ମୁଁ ବେଲାଳସେନ
ସବୁ ଘଟଣା, ଦୁର୍ଘଟଣା
ବାଦ ବିବାଦର
ମୂକସାକ୍ଷୀ ।
ବସିଲେ ବିଧାନସଭା
ଚଳ ଚଞ୍ଚଳ ହୁଏ
ମୋ ଦେହ
କେତେ ନାରାବାଜି, ହରତାଳ
ଗଣ ଧାରଣା, ଧର୍ମଘଟ, ବିକ୍ଷୋଭ
ନାଟ, ଅଭିନୟ, ରଣ ହୁଙ୍କାର
ପ୍ରକମ୍ପିତ ହୁଏ ମୋ ସ୍ଥାନ
ରକ୍ତ ରଂଜିତ ହୁଏ
ମୋ କଂକ୍ରିଟ୍ ମାଟି
ଝଲିଥାଏ ଦିବସ, ଅହୋରାତ୍ର
ମାସ ମାସ ଧରି
ପରିଣାମ ମିଳେ
କାହାର ପୁଷ୍ପମାସ ତ
କାହାର ସର୍ବନାଶ ।
କାହା ପାଇଁ ମେଞ୍ଚେ
କାହା ପାଇଁ ମିଳେ କେଞ୍ଚେ
ବିପ୍ଳବର ଲେଲିହାନ୍ ଶିଖାରେ
ଦଗ୍ଧୀଭୂତ ହେବାକୁ ଥିଲା
ରାଉଳ ବନଜାଂକୁ
ଟଳି ପଡ଼ିଥିଲେ
ଅଗ୍ନିବର୍ଷୀ ଶିକ୍ଷକ ନେତା ।
ବନ୍ଧୁ ବାରିକ ନିରଞ୍ଜନ



ତାଙ୍କ ଅତୃପ୍ତ ଆତ୍ମା
ଏବେ ବି ମାଗୁଛି
ନିଜ ହକ୍ ।
ଚିତ୍କାର କରେ
ଗଳା ଫଟେଇ
କେବଳ ଫେରିଆସେ
ପ୍ରତିଧ୍ୱନି ହୋଇ
ମୋ ମାଟିକୁ ।
କେତେ ଲୁହ ଲହୁ
ଏକାକାର ହୋଇଛି
ହାରଜିତ୍‌ର ପଶା ପାଲିରେ
ପେଶି ହୋଇଯାଇଛି
ଅନେକ ଭାଗ୍ୟ, ଭବିଷ୍ୟତ ।
ହଠାତ୍ ଆସେ ଡାକରା
ଆଲୋଚନା ପାଇଁ ଧାଇଁ ଯାଆନ୍ତି
ସନ୍ତର୍ପଣେ ପ୍ରତିନିଧି ମଣ୍ଡଳୀ ।
ଝହିଁ ରହିଥାଆନ୍ତି ଝଡକ ପରି
ଅପେକ୍ଷାରତ ବୀର ସଂଗ୍ରାମୀ ଗଣ ।
ବେଳେ ବେଳେ ଲିଖିତ
ଅବା ମିଥ୍ୟା ପ୍ରତିଶ୍ରୁତି
ପ୍ରତାରଣାର ସଂକେତ ।
କାନମୁଣ୍ଡ ଆଉଁଷି ଫେରନ୍ତି
ନୀଡ଼ ବାହୁଡାର ପକ୍ଷୀ ପରି ।
କି ସନ୍ଦେଶ ଆଣିଛ
ପ୍ରଶ୍ନ କଲେ ଘରଣୀ
ନିର୍ବାକ୍ ବିଚରା ।

—୦—

ଶିକ୍ଷକ
ନାରାୟଣପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ପତ୍ତୁରା,ମୋ - ୯୯୩୮୭୩୩୦୭୫



Scanned with OKEN Scanner

## ଇଏ ଭାଇ ଅତ୍ୟାଧୁନିକ ଯୁଗ

ଶିଶିର କୁମାର ପଣ୍ଡା

ଜୀବନରେ ଗଛ ଲଗେଇନି ମୋଟେ
ତଥାପି ଡାଳ ମୁଁ କାଟଇ ନିତି
ଏମିତି କରିକି ଭାବଇ ଆଜିର
ଦୁନିଆଁକୁ ସତେ ଯାଇଛି ଜିତି ।
ଗରମ ପଛକେ ବଢୁ ଏ ଧରାରେ
ମୋଅର ସେଥିରୁ କି ଯାଏ ଆସେ
ଏତିକି ଜାଣିଛି କାମ ମୋ ସଭିଙ୍କୁ
ମହମହ ହୋଇ ଯେମନ୍ତ ବାସେ
ବରଷା ନହେଲେ ନ ହେଉ କୋଉଠି
ବିଲରେ ନହେଉ ଧାନ କି ମୁଗ
ଲୁଟିପାଟି ଖାଇ ନିଜେ ମୁଁ ବଞ୍ଚିବି
ଇଏ ଭାଇ ଅତ୍ୟାଧୁନିକ ଯୁଗ ।
ସରକାର ଯେତେ ନିୟମ କରନ୍ତୁ
ଆମେ ନ ହେଜିଲେ ଏ ଛୋଟ କଥା
ମହିର ମଶାଣି ସମାନ ଲାଗିବ
ଯଥାରେ ହେବବି ମୁଣ୍ଡଟା ବଥା ।

—୦—

କୁଆଁସ, ଯାଜପୁର
ଆଲାପ - ୮୯୮୧୭୩୭୨୨୮

## ଅବୁଝା ନଈ

ସିପ୍ରା ମ

ଚଳ ଚଞ୍ଚଳ ବଶ ଝରଣାଟି ଧାଇଁ ଧାଇଁ ବେଗେ ଧାଏଁ
ସବୁରି ମନକୁ ଝହିଁ ଝହିଁ ଯେବେ ନିଜେ କ୍ଷୀଣ ହୋଇଯାଏ
କେବେ ଧାଏଁ ଯେବେ ବନ୍ଧୁର ସେ ପଥେ କେବେ ପଥିକର ମ
ଯତନେ ରଖେ ସେ ମନତଳ ବ୍ୟଥା, ସେତ ଆପଣା ବୋଲା
ଟିକିଏ ହୁଡିଲେ ସେଇ ବାଙ୍କ ପୁଣି କୁପଥ ବୋଲି ଯେ କହେ
କିଏ ବୁଝେ ପୁଣି କି ଯେ ତାର ସୁଖ, ସେ ପୁଣି ପୁଣ୍ୟ ବୋଲ
ଅଝଟ ସେ ମନ ଭାରି ଉପଦ୍ରବ ଲଗାମ ନ ନେଇ ବହେ,
କିନାରା ସଜାଏ ଧାରେ ଧାରେ ଯେବେ କୃଷ୍ଣଚୂଡା ହସି କହେ
ତରଣୀ ଶରଣ ମାଗୁଥାଏ ଯେବେ ବେଗ ଝହିଁ ଝହିଁ ରହେ ।
ଅଙ୍କା ବଙ୍କା ନଈ ସେଇ ବାଟେ ବାଟେ ସ୍ରୋତ ସୁରେ କିଛି କ
ସାଗର ବିଳାପ ରଡି ରଡି ଯେବେ ବକ୍ଷ ଭେଦି ସତେ ଡାକେ
ଆ ଆ ମୋର ସଖି ତୋଳି ନେବି କୋଳେ
ଭୁଲିଯା କଷଣ ଟିକେ.....

—୦—

କୋଏଲ୍ ନଗର, ରାଉରକେ
ମୋ - ୯୩୩୭୯୪୭୯








## ଗାଁ ମାଟି

ସୁଶ୍ରୀ ଗିରିବାଳା ଶତପଥୀ

ସବୁଜ ସୁନ୍ଦର ସବୁଜିମା ଭରା
ବୃନ୍ଦାଦେଇପୁର ଗ୍ରାମ
ଆମ ପରିବେଶ ମନ ମୋହି ନିଏ
କେତେ ଦୃଶ୍ୟ ମନୋରମ ।
ଏ ଧରିତ୍ରୀ ମାଟିରେ ଖେଳିବୁଲି ଆମେ
ଛୋଟରୁ ହୋଇଛୁ ବଡ଼
ମା'ର ପଣତେ ଖରା, ବର୍ଷା, ଶୀତ କାକର ଦାଉରୁ
ସବୁ କଷ୍ଟ ହୁଏ ଦୂର ।
ଗଛ ଝରୁ ଲତା କେତେ କଷ୍ଟ ସହି
ଦେଉଛି ଆମକୁ ସୁରକ୍ଷା
ଆମେ ମଧ୍ୟ ଟିକେ ଯତ୍ନବାନ୍ ହୋଇ
କରିବା ତାହାର ରକ୍ଷା ।
ବୃକ୍ଷ ଆମ ବନ୍ଧୁ, ବୃକ୍ଷ ଆମ ପ୍ରିୟ
ବୃକ୍ଷ ଆମ ଖାଦ୍ୟ, ବୃକ୍ଷ ଆମ ଶ୍ୱାସ
ବୃକ୍ଷ ଆମ ଶୀତଳ ପବନ
ତା ପାଇଁ ଆମେ ଯେ ବଞ୍ଚିବା ମରିବା
ରଖିବା ତାହାର ମାନ ।

—୦—

ଦଶମ ଶ୍ରେଣୀ ଛାତ୍ରୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଧର୍ମଶାଳା



## ମୁଁ ରକ୍ଷକ ମୋ ଉତ୍କଳର

ଜରସ୍ମିକା ସେଠୀ

ଜାଣେ ନାହିଁ ମୁହିଁ କେଉଁ ଜନମରେ
କରିଥିଲି କେଉଁ ପୁଣ୍ୟ,
ଜନମିଲି ଏହି ଉତ୍କଳ ମାଟିରେ,
ମୋ ଜୀବନ ହୋଇଛି ଧନ୍ୟ ।
ଉତ୍କଳ ମାତାର ସନ୍ତାନ ହୋଇ
କରିବି ଯେ ମୁହିଁ ପଣ
ଅତୀତର କଳା ସଂସ୍କୃତିକୁ ମୁହିଁ
କେବେ ନଭୁଲିବି ଜାଣ ।
ଉତ୍ତ୍ର, କଳିଙ୍ଗ, ଉତ୍କଳ, ଓଡ଼ିଶା
କେତେ ଯେ ନାମ ତୁମର ।
ଜୀଇଁଥିବା ଯାଏ ଏ ମାଟି ଭରସା
ସଦା କରିବି ଆଦର ।
କରିବି ପ୍ରଖର ଏ ମାଟିର ଯଶ
ଗୁଣୁଚି ମୃଷାଟେ ହୋଇ
ଉତ୍କଳର ଗାଥା ଗାଇବ ଯେ ବିଶ୍ୱ
ସଭିଙ୍କ ମନକୁ ମୋହି ।
ମୋ ମାଟିର ଭାଷା ମୋ ପାଇଁ ଶ୍ରେଷ୍ଠ
କହିବି, ଲେଖିବି ଓଡ଼ିଆ
ଓଡ଼ିଆ ଭାଷାକୁ ନ କରି ନଷ୍ଟ
କହି ପାଶ୍ଚାତ୍ୟକୁ ବଢ଼ିଆ ।
କଳିଙ୍ଗ କିରତୀ କରିବାକୁ ଖୁଷ୍ଟ
ହେବି ନାହିଁ କେବେ ଭକ୍ଷକ
ଅତୀତର ଶୋଭା କରିବି ପୂର୍ଣ୍ଣ
ସାଜି ପୁଣି ତା'ର ରକ୍ଷକ ।

—୦—

ବ୍ରହ୍ମପୁର, ଗଞ୍ଜାମ, ଓଡିଶା



Scanned with OKEN Scanner

## ଓଡ଼ିଆ ନବ ବର୍ଷ

ସନାତନ ଦାସ

ଅରୁଣ ଉଦୟେ ପ୍ରାତଃ ଗଗନେ ବିଛାଡି ଜିରଣ ମାଳା
ନବ ବରଷର ପହିଲି ପୁଲକେ ପବିତ୍ର ଏ ସୁଧାଂଶୁ ବାଳା ।
ବୈଶାଖମାସର ପ୍ରଥମ ଦିନ ଗ୍ରୀଷ୍ମର ପ୍ରଥମ ପରଶ,
ଓଡ଼ିଆ ବର୍ଷର ଅୟଂ ଆରମ୍ଭ ମନରେ ଭରେ ହରଷ ।
ଆମ ପରମ୍ପରା ଅଟଇ ମହାନ୍ ସବୁଠୁ ଲାଗେ ସୁନ୍ଦର,
ପାଶ୍ଚାତ୍ୟ ପରମ୍ପରା ଫିକା ପଡ଼ିଯାଏ ହୋଇଯାଏ ଅପସାର... ।
ଛତୁଆ, ପଣାର ସ୍ୱାଦିଷ୍ଟ ଭୋଗ ଅର୍ପିତ ଚଉଁରା ମୂଳେ
ବଂଶୁଧରା ଘଡି ଶୋଭା ପାଉଥାଏ ଗବ ଗଛର ଡାଳେ ।
ମନ ପବିତ୍ର ହୋଇଯାଏ ଆମ ଅବଢ଼ା ପାଣିର ପରଶେ
ଅମୃତ ବିନ୍ଦୁରେ ନୂତନ ଜୀବନ ମନ ମଜିଯାଏ ସରସେ ।
ଆଜିର ଏହି ପବିତ୍ର ଦିନରେ ସଭିଙ୍କୁ ମୋ ଅଭିନନ୍ଦନ,
ଜୟ ଜଗନ୍ନାଥ ତୁଣ୍ଡେ ଧରି ଆସ ଆରମ୍ଭିବା ଆଜି ଦିନ ।
ଏତିକି ପ୍ରାର୍ଥନା ପ୍ରଭୁଙ୍କ ପଯରେ ଦୂର ହେଉ ସବୁ ଦୁଃଖ
ଆଶିଷ ତାଙ୍କର ଅଜାଡ଼ି ଦିଅନ୍ତୁ ଭରିଦେଇ ସବୁ ସୁଖ ।

—୦—

ସଅଁରା, ଜଗତ୍‌ସିଂହପୁର



## ପୁରୁଣା ଜିନିଷ ସୁନା ପରି

ଆଶ୍ଚର୍ଯ୍ୟ କ୍ଷିତୀଶ ଦ

ପ୍ରାଚୀନ କବିଙ୍କ ପୁରୁଣା ଗ୍ରନ୍ଥକୁ
ଯତନେ ରଖ ସାଇତି
ସମୟ ପାଇଲେ କିଛି କିଛି ପଢ଼
ବଢ଼ିବ ନିଶ୍ଚୟ ମତି ।
ପଢ଼ିଶା ପୁରୁଣା ପୁରୁଖା ମଣିଷ
ସାଙ୍ଗେ ଭାଇ ଯଦି ମିଶ
ତାଙ୍କ ଉପଦେଶ ନିଏ ଭଲ ବାଟେ
ହୋଇବ ଭଲ ମଣିଷ ।
ପୁରାତନ ମୁଦ୍ରା ପୁରୁଣା ଜିନିଷ
ସଂଗ୍ରହାଳୟରେ ଅଛି
ବୁଲି ଗଲେ ଭାରି ଭଲ ଲାଗେ ଦେଖି
ପୁରୁଣା ଦିନର ସ୍ମୃତି ।
ପାଲା, ଘୋଡାନାଚ, ଦାସକାଠିଆ ଯେ
ପୁରୁଣା କଳା ସଂସ୍କୃତି
ଛଉ, ଦଣ୍ଡନାଚ ପୁରାଣ ପୁରୁଣା
ରୁଚି ରଖ ତାହା ପ୍ରତି ।
ପୁରୁଣା ସାଙ୍ଗଟି ବହୁଦିନ ପରେ
ଆକସ୍ମିକ ହେଲେ ଭେଟ
ପୁରୁଣା ଘଟଣା ପକାଇ ମନରେ
ପୂରିଯାଏ ସତେ ପେଟ ।
ପ୍ରାଚୀନ ବୀରଙ୍କ ଗୌରବର ଗାଥା
ଜଣାଏ ଯେ ଇତିହାସ
ଆମେ ଗର୍ବ କରୁ ଜ୍ଞାନୀ ବୀର ଥିଲେ
ଆମରି ପୂର୍ବପୁରୁଷ ।
ପୁରୁଣା ସଂଗୀତ କାନେ ଯେବେ ବାଜେ
ଲାଗେ ଆଜି ନୂଆ ପରି
ପୁରାତନୁ ସୃଷ୍ଟି ଏପରା ନୂତନ
ପୁରୁଣା ଯେ ସୁନାପରି ।

—୦—

କଣ୍ଟିଗଡ଼ିଆ, ଯ

ମୋ - ୭୮୭୩୫୧୦୦





## ଏମିତି ବି ହୁଏ

ତପସ୍ୱିନୀ ବେହେରା

ଅତୀତର ସ୍ୱପ୍ନ ଓ ଚିହ୍ନା ମୁହଁ କିଛି କ୍ଷଣ ପାଇଁ
ଲୁଚିଯାଏ କେଉଁ ଏକ ଗମ୍ଭିରି ଭିତରେ...
ଆଶାର ସ୍ୱପ୍ନ ଅକ୍ଷୁଣ୍ଣ ରୁହେ
ଅହେତୁକ ଆଗ୍ରହ ହୃଦୟେ ବାନ୍ଧି
ଆଗକୁ ବଢୁଥିବା ମଣିଷଟି ହଠାତ୍ ଥକି ପଡେ....
କେବେ ସେ ତାକୁ ଖୋଜେ
ସେହି ପୁରୁଣା ସ୍ମୃତିରେ
କେବେ ଝର୍କା ପାଖରେ...
କେବେ ତା ହାତ ରେଖାରେ...
କେବେ ନିଦୁଆ ଆଖିରେ...
କେବେ ସେ ଦେଖୁଥିବା ସ୍ୱପ୍ନ ଭିତରେ....
ଏଇ ହୃଦୟର ବେଳାଭୂମିରେ
ସେ ଏକ ଶାମୁକା ସାଙ୍କିଥାଏ
ହଠାତ୍ ଏକ ଜୁଆର ଆସି ତାକୁ ତା'ଠୁ ଦୂରେଇ ନିଏ ।
ଅସହ୍ୟ ବେଦନା ଆଉ ଅକୁହା ଯନ୍ତ୍ରଣା ସବୁ
ଚେଇଁ ଉଠେ ଏକ ଘୋର ନିଶାକରରେ
ହଠାତ୍ ସେ ଉଠି ପଡ଼ି କୁହେ
ଏମିତି ବି ହୁଏ !

—୦—

ପଣସପୁର, କଟକ

## ତୁମ କଲମର କରାମତି


ନିରଞ୍ଜନ ସାହୁ

ତୁମ କଲମର କବିତା ଲେଖିଲେ
କଲମ ଖଲଇ ଭଲ
ହେ କଲମ ! ତୁମେ ମୋ ପାଇଁ ଏମିତି
କିମିଆ କେମିତି କଲ ?
ମୁଁ ଯେତେ କଲମ କିଣିକି ଲେଖିଛି
ଅବଶ୍ୟ ହୋଇଛି ଲେଖା
ଭାବନା ରାଇଜେ ହଜି ଯିବାବେଳେ
ଶବ୍ଦଙ୍କର ନାହିଁ ଦେଖା
ଅଟକି ଅଟକି କଲମ ଖଲଇ
ଭାବେ କବି ହାରିଗଲ ।
ତୁମେ ଦେଇଥିବା କଲମ ଯେବେ ମୁଁ
ଲେଖିବା ବେଳରେ ଧରେ
ଲାଗୁଥାଏ ସତେ କିଏ ତାକିଦିଏ
ଲେଖିଯାଏ ତରବରେ
ସେହି କଲମରେ କି ଯାଦୁ ରହିଛି
କବିତାଟି ଝଲମଲ ।
ବୁଝି ମୁଁ ପାରେନା ତୁମ କଲମରେ
କେଉଁଠୁ ଆସୁଛି ଶକ୍ତି
ଶାରଦା ସ୍ୱରି ମୋ କଲମ ଧରିଲେ
ମନରେ ଜନ୍ମେନା ଭକ୍ତି
ତୁମ କଲମକୁ ଧରୁଧରୁ ଲେଖେ
ଲେଖା କରେ କଲବଲ ।

—୦—

ନିହଲପ୍ରସାଦ, ଢେଙ୍କାନାଳ

ମୋ - ୯୯୩୮୭୪୧୫୮୩



## ଅଶରୀରୀ ଅଭିସାରିକା

ଦେବେନ୍ଦ୍ର ପ୍ରସାଦ

ତୁମେ ଫେରିବ ନି କେବେ
ଜାଣିଥିଲି ମୁଁ,
ତଥାପି ଅପେକ୍ଷା କରିଥିଲି ତୁମକୁ
ସ୍ୱପ୍ନର ଶିକୁଳିରେ ବାନ୍ଧି ରଖିଥିଲି
ଆମର ସ୍ମୃତି ସବୁକୁ.....
ପ୍ରେମର ସେ ଅସରନ୍ତି ରାସ୍ତାରେ
ଏ ଅବୁଝା ମନ ନେଇ
ଖୋଜି ଚଲି ଥିଲି ତୁମକୁ...
କିନ୍ତୁ ଆସିଲନି ତୁମେ...
ପୂର୍ଣ୍ଣିମାର ପୂର୍ଣ୍ଣ ଜହ୍ନ ଠାରୁ
ଅମାବାସ୍ୟାର ଘନ ଅନ୍ଧକାର ଯେତିକି ଫରକ୍,
ତୁମ ଆଉ ମୋ ଭିତରେ ଫରକ୍
ତା ଠାରୁ ଆହୁରି ବି ଅଧିକା ।
ଧାରା ଶ୍ରାବଣର ଝିପି ଝିପି ବର୍ଷା ଠାରୁ ଆରମ୍ଭ କରି
ଫଗୁଣର ଫଗୁ ଖେଳ ଯାଏ ଅପେକ୍ଷା କଲି,
କିନ୍ତୁ ତୁମେ ଫେରିଲନି
ନିଦାଘର ଜ୍ୱାଳା
ଏକାକୀ ପଣର ଅସହାୟତା,
ସବୁ ସହିଛି ମୁଁ,
କେତେ ଯେ ରାତ୍ରି ଅନିଦ୍ରା, ଉଜାଗର
ତୁମକୁ ଋହିଁ ଋହିଁ

ତୁମେ ଆସିବ ବୋଲି.. କେତେ ଯେ ସ୍ୱପ୍ନ...
ହେଲେ ତୁମେ ଆସିଲନି
ମୋର ସ୍ଥିତି, ପରିସ୍ଥିତି ସବୁ
ତୁମ ଠାରୁ ଢେର୍ ଦୂରରେ...
ଆଶାର ବିଶାଳ ସମୁଦ୍ରଟି
ଆଜି ଯେମିତି ପାଲଟି ଯାଇଛି...
ଉତ୍ତପ୍ତ ଦଗ୍ଧ ମରୁ
ଆଉ ସେ ମରୁର ମରୀଚିକାରେ
ହଜି ଯାଇଛି ମୁଁ....
ପ୍ରତିଶ୍ରୁତି ସବୁ ପ୍ରତାରଣା ପାଲଟି ଗଲାପରେ,
ସ୍ୱପ୍ନମାନେ ସବୁ ଲୁହ ହୋଇ ଝରି ପଡୁଛନ୍ତି..
ଏ ବିଶ୍ୱାସ ଅବିଶ୍ୱାସର
ଖରା ଛାଇ ଖେଳରେ
କ୍ଲାନ୍ତ ମୁଁ... ଶ୍ରାନ୍ତ ମୁଁ
ଅନେକ ରାତ୍ରିର ଉଜାଗର ପରେ
ଆଜି ଏ ଅଲୋଡା ଅମାବାସ୍ୟାରେ
ଅଶରୀରୀ ଅଭିସାରିକାର
କୋଳରେ ନିଦ୍ରିତ ମୁଁ....

—୦—

ଓଡ଼ିଶା ପ୍ରଶାସନିକ ସେ
ମଣ୍ଡଳ ଉନ୍ନୟନ ଅଧିକାରୀ, ଧର୍ମଶାଳା, ଯାଜପୁ





## ଝୁଲ ଛପର ଘର


ସାବିତ୍ରୀ ମଲ୍ଲିକ

ମାଟିରେ ତିଆରି ଘରଟି ଆମର
ଝଲ ତାର ନୁଆଁଣିଆ,
ଯେତେ ଦେଖୁଥିଲେ ନଜର ହଟେନି
ଲାଗେ ସିଏ ନୂଆ ନୂଆ ।
ବାପା ଜେଜେବାପା ଥିଲେ ଏହି ଘରେ
ସମସ୍ତେ ଗଲେଣି ଝଲି,
ତଥାପି ଆଜି ସେ ଝୁରେ ସମସ୍ତଙ୍କୁ
ପାରୁନାହିଁ ଜମା ଭୁଲି ।
ନିଇତି ସକାଳୁ ଝଳରେ ବସିକି
କୁଆଟିଏ ରାବୁଥାଏ,
ପୁରୁବ କଥାକୁ ମନରେ ପକାଇ
ପୁରୁଣା ସ୍ମୃତିକୁ ଗାଏ ।
କାନ୍ଥ ବାଡ଼ ବତା ଭାଙ୍ଗି ଯେ ଗଲାଣି
ଛପର ଯାଇଛି ଉଡି,
ହେଲେ ଆଜିଯାଏ ରହିଛି ସେମିତି
ଯାଇନାହିଁ କେବେ ପଡ଼ି ।

ବାଉଁଶ ଗୁଅରେ କେତେ ଜୀବ ଜନ୍ତୁ
ରହିଛନ୍ତି କରି ଘର,
ଯେତେ ଆସୁ ବାଆ ବତାସ କି ଝଡ
ଟିକେ ବି ନଥାଏ ଡର ।
ଏଇଘରେ ମୋର ପିଲାଦିନ ବେଳ
କଟିଛି ଆନନ୍ଦେ ଭାରି,
ଦୁଃଖ ଲାଗେ ଆଜି ତା ରୂପ ଦେଖିକି
ଯାଇଛି ସତେ ସେ ମରି ।
ଭୁଲି ପାରିବିନି ସେ ସବୁ ମୁହୂର୍ତ୍ତ
ରହିଥିବ ସଦା ମନେ,
ଇଚ୍ଛା ଅଛି ଶେଷେ ତାହାରି କୋଳରେ
ଲୀନ ହେଇଯିବି ଦିନେ ।
ଝଳ ଛପରର ଘରେ ଯେଉଁ ଶାନ୍ତି
ରାଜ ମହଲରେ ନାହିଁ,
ସେପାଇଁ ସେ ମୋର ଅତି ଆପଣାର
ରହିଥିବି ତାକୁ ଝହିଁ ।

—୦—

ଦଶରଥପୁର, ଯାଜପୁର
ମୋ - ୯୪୩୯୯୨୩୨୮





Scanned with OKEN Scanner

## ତାଳଗଛ

ଧୀରେନ୍ଦ୍ର ମଲ୍ଲିକ

ବାଡ଼ିରେ ଆମର ଅଛି ତାଳଗଛ
ଫଳୁଛି ବଡ଼ିଆ ତାଳ,
ମନହେଲେ ତୋଳି ଜେଜେ ମୁଁ କି ଖାଉ
କରିଦେଇ ଦୁଇଫାଳ ।
ଭାରି ସୁଆଦିଆ ପାଟିକୁ ଲାଗଇ
ବୋଉ କଲେ ତାଳ ପିଠା,
ଜେଜେ ବାପା ଖାଇ କୁହନ୍ତି ସତରେ
ଅଟଇ ବହୁତ ମିଠା ।
କଞ୍ଚାଥିବା ବେଳେ ତାଳକୁ ବି ଆମେ
ତାଳସଜ କହି ଖାଉ,
ଶରୀର ପାଇଁକି ବହୁତ ତା'ଠାରୁ
ଉପକାର ପାଇଥାଉ ।
ତାଳ ପତରରେ ଚଟେଇ ବିଅଣା
ପଖିଆ ତିଆରି କରି,
ବ୍ୟବହାର ତାକୁ କରୁ ସବୁକାମେ
କେହି ହେବେନି ତା' ପରି ।
ତାଳଗଛ କାଠେ ଘର କରି ଆମେ
ନିରିଭୟେ ରହିଥାନ୍ତି,
ଭାରି ମଜବୁତ ହୋଇଥାଏ ତାହା
ମିଳିଥାଏ ବହୁ ଶାନ୍ତି ।
ଛୋଟ ଛୋଟ ନାଳ ପାରି ହେବା ପାଇଁ
ସାହାଯ୍ୟ ନିଅନ୍ତି ତା'ର
ଚଢ଼ି ତା ଉପରେ ଯାଆନ୍ତି ଆସନ୍ତି
ଭୟ ନଥାଏ ଟି କା'ର ।
ସବୁଠାରୁ ବଡ଼ ଲାଭ ଗଛ ବୋଲି
ଦରକାର ଆଗ ସିଏ,
ଉପକାରେ ଆମ ଆସଇ ନିଇତି
ତା'ପରି ହୋଇବ କିଏ ।

—୦—

ନୀଳକଣ୍ଠପୁର, ଯାଜପୁର
ମୋ - ୭୯୦୪୩୯୨୬୮୬

## ମନ

ବିଶ୍ୱମ୍ଭର ନାଥ

ଏଇମନ ସେଇମନ ମିଶି ଦୁଇମନ
ଦୁଇମନ ଏକ ହେଲେ ସରଗ ଆସନ
ବିଚଳିତ ମନ କରେ କୁପଥେ ଗମନ ।
ଏଇସେଇ ଭେଦ ଭାବ ଜଣାଯାଏ ନାହିଁ
ମନେ ମନ ମିଶାମିଶି ଉଚ୍ଚ ନୀଚ ନାହିଁ
ଧନବାନ୍ ଧନହୀନ ଏକଇ ଆସନ ।
ଏ ମନ ଉଡ଼ାଇ ନିଏ ଏ ମନ କଉଡ଼ି ଦିଏ
ଏ ମନ ସଜାଡ଼ି ଦିଏ ଏ ମନ ଉଜାଡ଼ି ଦିଏ
ମନର ତ ଦୁଇଗୁଣ ଉତ୍ଥାନ ପତନ ।
ମନରେ ମଇଳା ଯଦି ଜମିଯାଏ ଥରେ
ସଫା ହେବା ଅଳ୍ପ ଆଶା ହୋଇବି ନ ପାରେ
ଚିରଦିନ ପାଇଁ କରେ ପରଦା ପତନ ।
ମନ ଚିହ୍ନି ହୁଏ କେବେ ଚିହ୍ନି ହୁଏ ନାହିଁ
ମନ ଦେଇ ହୁଏ କେବେ ନେଇ ହୁଏ ନାହିଁ
ମନ ଦେବାଟା ସହଜ ପାଇବା କଠିନ ।
ମନ ହେଲେ ସୁ-ପ୍ରସନ୍ନ ନାଶେ ପାପ
ଆସେ ପୁଣ୍ୟ
ଭାଙ୍ଗିଲେ ଯୋଡେନା ମନ କେବେ କାଚ ସମ
ମନ ଦରଜ ବିଷମ ନାହିଁ ଆନ ଉପଶମ ।
ଏଇ ମନ ବୃନ୍ଦାବନ ଏଇ ମନ କାଶୀ
ଏଇ ମନ ବଦ୍ରିନାଥ ପୁରୀ ବାରାଣାସୀ
ଋଣିଧାମ ଦରଶନେ ଆତ୍ମା ପାଏ ଶାନ୍ତି ।
ମନ ଦେଖଇ ସପନ ପ୍ରେମରେ ହୁଏ ମିଳନ
ସପନ ଭାଙ୍ଗିଲା ପରେ ନିରାଶ ହୁଅଇ ମନ
ଚିନ୍ତା ଚେତନା କୁ କର ସଦା ଜାଗରଣ ।
ମନେ ମନେ ପ୍ରେମ କିଏ ନ କରୁଛି କେତେ
ପ୍ରେମଦିନେ ଭାଙ୍ଗିଦିଏ ନିଜେ ନିଜ ହାତେ
ମନ ଶାଶ୍ୱତରୁ ଜାତ ସୁସ୍ଥ ଜନମ ଜୀବନ ।
ମନ ହୃଦର ସ୍ପନ୍ଦନ ମନ ଗଗନ ପବନ
ମନ ମୂଳେ ଏ ଜଗତ ମନକୁ କର ଅଧିନ
ମନ ଏକାଗ୍ରତେ ହୁଏ ସକଳ ସାଧନ ।

—୦—

ଦଶରଥପୁର, ଯାଜପୁର
ମୋ - ୬୨୯୦୬୦୧୨୨୦





## ଈଶ୍ୱରୀୟ ନ୍ୟାୟ

କୃଷ୍ଣଚନ୍ଦ୍ର ଖଟୁଆ

ଯାହା ପାଇଁ ଯାହା କରିଛି ଦଇବ
ଅନ୍ୟଥା କେବେ ନୋହିବ
କିଏ ଗଢିଥାଏ ସୁଦୀର୍ଘ ପାଚେରୀ
କାହା ପାଇଁ ଖୋଲାଥିବ ।୧।
ମଣିଷ ପାଏନି ପିଇବାକୁ କ୍ଷୀର
କାହାର କୁକୁର ପିଏ
କିଏ ଖାଉଥାଏ ଭାତ ସହ ଭାତ
ଆଉ କେ ମଟନ ଖାଏ ।୨।
କା ବେକରେ ଥାଏ ହୀରାର ଚନ୍ଦ୍ରିକା
କେ ଖାଲି ପାଦରେ ଚଲେ
ଏସି ଘରେ କିଏଚଲୁଥିବା ବେଳେ
ରହେ କିଏ ଗଛ ମୂଳେ ।୩।
ଶ୍ରମଜୀବୀ ଭାବେ ଜୀବନ ନିର୍ବାହ
କରିଥାନ୍ତି କେତେ ଲୋକ
ପାରିଶ୍ରମିକରେ ଯେନେତେନେ ଭାବେ
ଚଳେ ସେ ଜୀବନ ଯାକ ।୪।
ତେବେ ଯେଉଁଦିନ ମିଳେ ନାହିଁ କାମ
ଉପବାସ ରହିଥାଏ
ସମ୍ଭବ ହୁଏନି ପ୍ରତିକୂଳ ପାଗେ
ନ ଯାଇ ଘରେ ସେ ରହେ ।୫ ।
କାମ ନ ମିଳିଲେ ଭୋକିଲା ପେଟରେ
ଦିନ ସିଏ କାଟୁଥାଏ
ଭୋକ ଉପାସରେ ଜ୍ୱାଳାକୁ ସହିବା
ଦିହ ସୁହା ହୋଇଯାଏ ।୬ ।
ଆଜିକାଲି ସିନା ଯାଇଛି ବଦଳି
ଗରିବ ପାଏ ରେସନ
ଉପବାସ କେହି ଏଠି ରହେ ନାହିଁ
ମିଳେ ଆହାର ଭୋଜନ ।୭ ।

ଏହି ଘଟଣାଟି ଅନେକ ଦିନର
ଗାଁ ହୃଦୟର କଥା
ମନେ ପଡ଼ିଗଲେ ସେବେର ଚଞ୍ଚଳି
ସଭିଙ୍କୁ ଲାଗିବ ବ୍ୟଥା ।୮ ।
ଏକଦା ଏପରି ବ୍ୟକ୍ତିଙ୍କୁ ମିଳେନି
ଦୁଇ ତିନି ଦିନ କାମ
କାମ ଖୋଜିବାକୁ ଘରୁ ବାହାରିଲା
ଦିବସ ନେଲା ବିଶ୍ରାମ ।୯ ।
କୌଣସି ସ୍ଥାନରେ ମିଳିଲାନି କାମ
ଚୁଟିଲାନି ଅବସାଦ
ଭୋକରେ ଅବସ୍ଥା ହେଲା ସାଂଘାତିକ
ଗଣିଲା ବସି ପ୍ରମାଦ ।୧୦ ।
ବୈଶାଖୀର ଝାଞ୍ଜି ସକାଳୁ ସକାଳୁ
ତା ହୃଦେ କଲା ବରଷା
କେ କାଳେ ଡାକିବ ବସି ସେ ରାସ୍ତାରେ
କରିଥିଲା କେତେ ଆଶା ।୧୧ ।
ଦୀର୍ଘ ପ୍ରତୀକ୍ଷାରେ ଅଦୂରରେ ଜଣେ
ବ୍ୟକ୍ତିଙ୍କୁ ଦେଖିଲା ସିଏ
ମୁଣ୍ଡକୁ ଉଠାଏ ବହୁ ଓଜନିଆ
ଛୋଟିଆ ସିନ୍ଦୁକଟିଏ ।୧୨ ।
ନିକଟକୁ ଯାଇ ପଚାରିଲା ଭାଇ
ମୂଲିଆ ଦରକାର କି ?
ହଁ ଶବ୍ଦଶୁଣି ଉଲିଲେ ମୂଲିଆ
ସିନ୍ଦୁକକୁ କାନ୍ଧେ ରଖି ।୧୩ ।
ଗରିବ ହେଉରୁ ମୂଲିଆ ପାଦରେ
ନ ଥିଲା ଚପଲ ହଳେ
ଉତ୍ତପ୍ତ କିରଣେ ତାତିଯାଉ ଥାଏ
ତା' ଦୁଇ ପାଦ ସକଳେ ।୧୪ ।



Scanned with OKEN Scanner

ମଝିରେ ମଝିରେ ଗଛର ଛାଇରେ
ଠିଆ ହୁଏ କିଛି କ୍ଷଣ,
ଝାଳ ମରିଯାଏ ଦେହ ଲୁଣିମାରେ
ପାଦକୁ ମିଳେ ଆରାମ ।୧୫ ।
ନିଜ ଗରିବୀକୁ ନେଇ ସେ ମୂଲିଆ
ହୁଏ ବହୁତ ଦୁଃଖିତ
ସର୍ବଦା ସଂସାରେ ପଛାଉଥାଆନ୍ତି
ପ୍ରକାଶିଲେ ତାଙ୍କ ମତ ।୧୬ ।
ଝଲିବା ଲୋକଙ୍କୁ କହୁଥିଲେ ଛାତି
ହତାଶାର ଦୀର୍ଘଶ୍ୱାସ
କାହିଁ ଭଗବାନ କଷ୍ଟ ଦେଉଛନ୍ତି
ଭୋଗୁଛୁ ଆମେ ଅବଶ୍ୟ ।୧୭ ।
ମୂଲିଆଙ୍କ ପ୍ରତି ଅନ୍ୟାୟ କରନ୍ତି
ଏହାକି ବିଝର ତା'ର
କାମ ମିଳେ ନାହିଁ ଖାଦ୍ୟ ବି ମିଳେନି
ଦିନ ଗଡ଼ିଯାଏ ମୋର ।୧୮ ।
ଅଯସ ଆରାମେ ଚଳୁଛନ୍ତି ଲୋକ
ପେଟ ପାଇଁ ଆମ ନାଟ,
ଖଟି ଖଟି ମୋର ପାଦ ପାଇଁ ଜୋତା
କିଣିବାକୁ ନାହିଁ ନୋଟ ।୧୯ ।
ସୂର୍ଯ୍ୟଙ୍କ କିରଣ ତାତିରେ ରାସ୍ତାରେ
ମୋ ପାଦତଳ ଜଳୁଛି
ମୂଲିଆଠୁ ଶୁଣି ହୋଇଯାଇ କ୍ଷୁବ୍ଧ
ଆଗନ୍ତୁକ କହେ କିଛି ।୨୦ ।
ଈଶ୍ୱରଙ୍କୁ ଯିଏ ଏଭଳି କହନ୍ତି
ତାଙ୍କୁ ତା' ଖରାପ ଲାଗେ
ମଙ୍ଗଳମୟ ଯେ ବ୍ରହ୍ମାଣ୍ଡର କର୍ତ୍ତା
ସୁନ୍ଦର ସୃଷ୍ଟି ତା ଯୋଗେ ।୨୧ ।
ଯାହାକୁ ଯାହା ସେ ଦେଇ ଗଢ଼ିଛନ୍ତି
ବଞ୍ଚିଛନ୍ତି କରି କର୍ମ
ବିଭିନ୍ନ ବୃକ୍ଷରେ ଗଢ଼ିଛନ୍ତି ବଣ
ସୁରକ୍ଷାରେ ପଶୁଗଣ ।୨୨ ।

ସବୁ ଜୀବ ମଧ୍ୟେ ଏ ମଣିଷ ଜାତି
ଅଟେ ସବୁଠାରୁ ଶ୍ରେଷ୍ଠ
ବିବେକ, ଆବେଗ, ସେବା ତ୍ୟାଗଭାବ
ଜ୍ଞାନ, ବିଜ୍ଞାନ ବିଶିଷ୍ଟ
ଯାଉଥିବା ବେଳେ ଦେଖିଲେ ଆଗରେ
ରୌଦ୍ର ଦଗ୍ଧ ସେ ରାସ୍ତାରେ
ଅନ୍ୟ ଜଣେ ବ୍ୟକ୍ତି ବିଶ୍ରାମ ନେଇଛି
ଗୋଟିଏ ଗଛ ମୂଳରେ ।୨୪ ।
ଦୁହେଁ ସାମୟିକ ବିଶ୍ରାମ ନିମନ୍ତେ
ସେ ଗଛ ମୂଳକୁ ଗଲେ
ବସିଥିଲା ଯିଏ ତା'ର ଦୁଇ ପାଦ
ନ ଥିବାର ସେ ଦେଖିଲେ ।୨୫ ।
ପାଦ ନ ଥିବାରୁ ଗଡ଼ି ଗଡ଼ି ସିଏ
ରାସ୍ତାରେ ଆଗକୁ ଯାଏ
ମୂଲିଆକୁ କିଛି ଆଗନ୍ତୁକ କହି
ଏ ଲୋକଙ୍କୁ ଦେଖୁଥାଏ ।୨୬ ।
ତୁମରି ପାଦରେ ଜୋତା ନାହିଁ ବୋଲି
ଈଶ୍ୱରଙ୍କୁ ଦିଅ ଗାଳି
ପାଦ ନାହିଁ ତା'ର ଜୋତା ତ ପିନ୍ଧେନି
ଗଡ଼ିଗଡ଼ି ଯାଏ ଝଲି ।୨୭ ।
ତୁମଠାରୁ ତାକୁ ଦୁଃସହ ଯନ୍ତ୍ରଣା
ଭୋଗିବାକୁ ପଡୁଅଛି
ଝଲିବା ଅକ୍ଷମ ତଥାପି ଆଗକୁ
ଗଡ଼ି ଗଡ଼ି ଯାଉଅଛି ।୨୮ ।
ମନେ ରଖିଥିବ ତୁମଠାରୁ ଢେର୍
ଦୁନିଆରେ ଦୁଃଖି ସିଏ
ତୁମଠାରୁ କାହିଁ କେତେଗୁଣା ଦୁଃଖ
ଭୋଗିବାକୁ ହୋଇଥାଏ ।୨୯ ।
ତୁମେତ ଅଧିକ ମୋହେନତ କଲେ
କିଣିପାରିବ ଚପଲ
ପାଦହୀନ ଏହି ଲୋକଙ୍କ ଜୀବନ
ତାପେ ହୁଏ କଲବଲ ।୩୦ ।





ଏଣୁ ହେ ମୂଲିଆ ହିମନ୍ତ ହରାଇ
ପ୍ରଭୁନିନ୍ଦା କରନାହିଁ,
ବାସ୍ତବିକ ଏହା ଯେ ପ୍ରଭୁ ଦିଅନ୍ତି
ପ୍ରତ୍ୟେକଙ୍କ ଭାଗ୍ୟ ନେଇ ।୩୧ ।
କିଛି ନା କିଛି ସେ ମଉକା ସଭିଁକୁ
ସଂସାରରେ ଦେଇଛନ୍ତି
ଏଥିରୁ କେତେ ଯେ ଲାଭ ଉଠାଇବେ
ସଂପୃକ୍ତ ବ୍ୟକ୍ତି ଜାଣିଛି ।୩୨ ।
ଅଯଥା ଟିପ୍‌ଣୀ ପ୍ରଭୁ ପ୍ରତି ଦେଇ
ଦୋଷାରୋପ କରୁ କାହିଁ ?
ଜୀବ ବା ନିର୍ଜୀବ ସମସ୍ତଙ୍କ ପାଇଁ
ସ୍ଥାନ ଦେଇଛନ୍ତି ଥୋଇ ।୩୩ ।
ଯାହା ପାଇଁ ଯାହା ଦେଇଛନ୍ତି ତାହା
ସୃଷ୍ଟିକର୍ତ୍ତା ନାରାୟଣ
ତା' ନାମ କୀର୍ତ୍ତନ କରୁଥିଲେ ନିତି
ଶୁଭେ ଯିବ ତା' ଜୀବନ ।୩୪ ।
କଷ୍ଟ, ଦୁଃଖ, କ୍ଲେଶ ହସ ଓ ଉଲ୍ଲାସ
ସନ୍ଦେହ ନ୍ୟାୟ, ବିଶ୍ୱାସ
ଭୋଗିବାକୁ ହେବ ନିଜ କର୍ମ ବଳେ
ସବୁ ପ୍ରଭୁଙ୍କ ଆଶିଷ ।୩୫ ।
ପ୍ରଭୁଙ୍କୁ ନ କରି ନିନ୍ଦା, ଅପନିନ୍ଦା
ଭାବ ଈଶ୍ୱରୀୟ ନ୍ୟାୟ
ଯେ ଭାବେ ତାହାର ଦୁଃଖ, ଅବସାଦ
ଦୂର ହୁଅଇ ନିଶ୍ଚୟ ।୩୬ ।

ଉଚ୍ଚ ପାଠ ପଢ଼ି ଜ୍ଞାନୀ ଯେ ବୋଲାଏ
ଭୁଲି ସେବା, ଧର୍ମ, ଜ୍ଞାନ
ସମାଜ ମଙ୍ଗଳ କାମନାରେ ଯା'ର
ନାହିଁ ଭଲ ଆଚରଣ ।୩୭ ।
ଅମାପ ସମ୍ପଦେ ଅଛନ୍ତି ଜଗତେ
ହୋଇ କୁବେର ସଦୃଶ
ଦୁଃଖୀ ଜନଙ୍କର ନ କରିଲେ ସେବା
ଜୀବନ ଲଭିବେ କ୍ଲେଶ ।୩୮ ।
କରି ବ୍ୟବସାୟ ଚଢ଼ି ଗାଡ଼ି, ଘୋଡ଼ା
ଭୁଲେ ମାନବୀୟ ଗୁଣ
ମଣିଷ ହୃଦୟେ ମଣିଷ ପଣିଆ
ତା'ଠାରେ ହୋଇଲେ ଶୂନ ।୩୯ ।
ଏଭଳି ବ୍ୟକ୍ତିଙ୍କ ଦୁର୍ଲଭ ଜୀବନ
ହୋଇଯାଏ ମୂଲ୍ୟହୀନ
ସେବା, ଧର୍ମ, କର୍ମ କରୁଥିବା ଜନ
ଜୀବନ ତାହାର ଧନ୍ୟ ।୪୦ ।
ଅହଂ, ଗର୍ବ ଛାଡ଼ି ନିଃସ୍ୱାର୍ଥ ଭାବରେ
କରେ ଯିଏ ସେବା, ଦାନ
ଝଡ଼ି ପଡେ ନାହିଁ ତା'ର ସମ୍ଭାବନା
ବଢ଼ିଥାଏ ଦିବ୍ୟ ଜ୍ଞାନ ।୪୧ ।
ମନୁ ନୀରସତା କ୍ଲାନ୍ତି ଦୂର କରି
ସେବା କରେ ଯେଉଁ ଲୋକ
ପରୋପକାର ପାଇଁ ଏ ସାରା ସଂସାରେ
ଚମକେ ତା'ର ମହକ ।୪୨ ।

—୦—

ଶିକ୍ଷକ
କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ



Scanned with OKEN Scanner

# ନିଃଶବ୍ଦ ଚେତନା

ଶ୍ରୀମତୀ ରାଉତ

ଶବ୍ଦ ସଂଯୋଜନା ହାରମାନିଛି
ବିରାମ ଚିହ୍ନ ଗୁଡ଼ା ଗୁଡ଼ା ହେଇଯାଉଛି
ମନର ଭାବନାରେ ବାସ୍ତବତା କମା ଦେଉଛି,
କଳକଳ, ଝରଝର, ଗୁଣୁଗୁଣୁର
ସ୍ୱର ଶିଥିଳ ହେଉଛି ।
ବହିର୍ଜଗତର ବଜ୍ରଶବ୍ଦ
କର୍ଣ୍ଣଗହ୍ୱରରେ ବାଧା ପାଉଛି,
ପାଦ ଚଳଚଞ୍ଚଳରେ ବେଡ଼ି ପଡ଼ିଛି
କର୍ମଚଞ୍ଚଳ ହସ୍ତଦ୍ୱୟ ନିସ୍ତେଜ
ଅନୁଭବ ହେଉଛି,
ସୁସ୍ଥ ସବଳ ଶରୀରରେ ମଧ୍ୟ
ନିର୍ଜୀବର ବୋଧ ହେଉଛି ।
ରାତିରେ ନିଦ ଆଖିରେ
ପୂର୍ଣ୍ଣଚ୍ଛେଦ ଟଣାହେଉଛି,
ଆନନ୍ଦ, ଆହ୍ଲାଦ, କୌତୁହଳ
ଅବାଟରେ ଚାଲିଯାଉଛି,
ଅଦମ୍ୟ ପଥରେ ଦାମ୍ଭିକତା
ବାଟ ଭାଙ୍ଗୁଛି,
ମିଛ-ସତ, ବିଶ୍ୱାସ-ଅବିଶ୍ୱାସର
ଲୁଚକାଳି ଖେଳ ଚାଲୁଛି,
ଆଖିଖୋଲି ନିଃଶବ୍ଦ ହୃଦୟର
ଭାଷାକୁ ପଢୁଛି,
ଅଭିମାନ ଅନୁଚ୍ଛେଦଟି
ପୃଷ୍ଠା ଖୋଜୁଛି ।
ଏମିତିରେ କଣ ସବୁ ହେଉଛି ?
ସାମ୍ପ୍ରତିକ ସମସ୍ୟାରେ
ମନ ବିଚଳିତ ହେଉଛି,
ଅସ୍ଥିର ହେଉ ଶବ୍ଦ ସବୁ
ଜଡ଼ ପାଲଟୁଛି ।
ସବୁ ସମ୍ଭାବନାକୁ
ସମର୍ପି ଦେଉଛି,
ଆଗାମୀ ବସନ୍ତର କୋକିଳର ଗାନକୁ
ଅପେକ୍ଷା କରି
ବିଶ୍ୱାସ, ଶ୍ରଦ୍ଧା ଓ ସମର୍ପଣର
ଏକ ଫେଣ୍ଟାଫେଣ୍ଟି ଚେତନା ଚେଉଁଛି ।
ନିଃଶବ୍ଦ ଚେତନାରେ ଅନ୍ତର
ବିବେକର ବୋଲ ମାନୁଛି
ସତରେ କଣ ଆସିବ ଏକ ସୁନ୍ଦର ସକାଳ
ଯାହାକୁ ମୁଁ ଅପେକ୍ଷା କରିଛି ।

-୦-

ଶିକ୍ଷୟିତ୍ରୀ
ଜାଗୁଲାଇ ସରକାରୀ ନୋଡ଼ାଲ ଉ.ପ୍ରା ବିଦ୍ୟାଳୟ
ବଡ଼ଚଣା, ଯାଜପୁର
ମୋ - ୯୯୩୮ ୨୦୬୩୬୬





# ଚାଣକ୍ୟ ନୀତି

ଅଭୀପ୍ସା ଶତପଥୀ

ଶୈଳେ ଶୈଳେ ନ ମାଣିକ୍ୟଂ ମୌକ୍ତିକମ୍ ନ ଗଜେ ଗଜେ
ସାଧବୋ ନ ହି ସର୍ବତ୍ର ଚନ୍ଦନଂ ନ ବନେ ବନେ ।୧ ।
କାମଧେନୁଗୁଣା ବିଦ୍ୟା ହ୍ୟକାଳେ ଫଳଦାୟିନୀ
ପ୍ରବାସେ ମାତୃସଦୃଶା ବିଦ୍ୟା ଗୁପ୍ତଂ ଧନଂ ସ୍ୱତମ୍ ।୨ ।
ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିମ୍
ଲୋଚନାଭ୍ୟାଂ ବିହୀନସ୍ୟ ଦର୍ପଣଃ କିଂ କରିଷ୍ୟତି ।୩ ।
ଅନନ୍ତଶାସ୍ତ୍ରଂ ବହୁଳାଶ୍ଚ ବିଦ୍ୟାଃ ସ୍ୱଳ୍ପଶ୍ଚ କାଳୋ ବହୁ ବିଘ୍ନତାଶ୍ଚ
ଯତ୍ ସାରଭୂତଂ ତଦୁପାସନୀୟଂ ହଂସ ଯଥା କ୍ଷିରମିବାମ୍ବୁ ମଧ୍ୟାତ୍ ।୪ ।
ପ୍ରିୟବାକ୍ୟ ପ୍ରଦାନେନ ସର୍ବେ ତୁଷ୍ୟନ୍ତି ଜନ୍ତବଃ
ତସ୍ମତ୍ତଦେବ ବକ୍ତବ୍ୟଂ ବଚନେ କା ଦରିଦ୍ରତା ।୫ ।
ଯସ୍ୟ ସ୍ନେହୋ ଭୟଂ ତସ୍ୟ ସ୍ନେହୋ ଦୁଃଖସ୍ୟ ଭାଜନଂ
ସ୍ନେହମୂଳାନି ଦୁଃଖାନି ଚାନି ତ୍ୟକ୍ତ୍ୱା ବସେସୁଖମ୍ ।୬ ।
ଅହୋବତ ବିଚିତ୍ରାଣି ଚରିତାନି ମହାତ୍ମନାମ୍
ଲକ୍ଷ୍ମୀଂ ତୃଣାୟ ମନ୍ୟନ୍ତେ ତଦ୍ଭାରେଣ ନମନ୍ତି ଚ ।୭ ।
ଶାନ୍ତିତୁଲ୍ୟଂ ତପୋ ନାସ୍ତି ନ ସନ୍ତୋଷାତ୍ପରଂ ସୁଖମ୍
ନ ତୃଷ୍ଣାୟାଃ ପରୋ ବ୍ୟାଧିର୍ନ ଚ ଧର୍ମୋ ଦୟାପରଃ ।୮ ।
ନାସ୍ତି କାମ ସମୋ ବ୍ୟାଧିଃ ନାସ୍ତି ମୋହସମୋ ରିପୁଃ
ନାସ୍ତି କୋପସମୋ ବହ୍ନିଃ ନାସ୍ତି ଜ୍ଞାନାତ୍ପରଂ ସୁଖମ୍ ।୯ ।
ଇନ୍ଦ୍ରିୟାଣି ଚ ସଂଯମ୍ୟ ବକବତ୍ପଣ୍ଡିତୋ ନରଃ
ଦେଶକାଳବଳଂ ଜ୍ଞାତ୍ୱା ସର୍ବକାର୍ଯ୍ୟାଣି ସାଧୟେତ୍ ।୧୦ ।
ଧନଧାନ୍ୟ ପ୍ରୟୋଗେଷୁ ବିଦ୍ୟାସଂଗ୍ରହତୋଷୁ ଚ
ଆହାରେ ବ୍ୟବହାରେ ଚ ତ୍ୟକ୍ତଲଜ୍ଜା ସୁଖୀ ଭବେତ୍ ।୧୧ ।

ପରୋକ୍ଷେ କାର୍ଯ୍ୟହନ୍ତାରଂ ପ୍ରତ୍ୟକ୍ଷେ ପ୍ରିୟବାଦିନମ୍
ବର୍ଜୟେତ୍ତାଦୃଶଂ ମିତ୍ରଂ ବିଷକୁମ୍ଭଂ ପୟୋମୁଖମ୍ ।୧୨ ।
ସନ୍ତୋଷାମୃତ ତୃପ୍ତାନାଂ ଯତ୍ସୁଖଂ ଶାନ୍ତଚେତସାମ୍
ନ ଚ ତଦ୍ଧନଲୁବ୍ଧା ନାମିତଶ୍ଚେତଶ୍ଚ ଧାବତାମ୍ ।୧୩ ।
ନ ବିଶ୍ୱସେତ୍ କୁମିତ୍ରେ ଚ ମିତ୍ରେ ନ ଚାତିବିଶ୍ୱସେତ୍
କଦାଚିତ୍ କୁପିତଂ ମିତ୍ରଂ ସର୍ବଂ ଗୁହ୍ୟଂ ପ୍ରକାଶୟେତ୍ ।୧୪ ।
ଯଥା ଚତୁର୍ଭିଃ କନକଂ ପରୀକ୍ଷତେ ନିର୍ଘର୍ଷଣଚ୍ଛେଦନ ତାପତାଡ଼ନୈଃ
ତଥା ଚତୁର୍ଭିଃ ପୁରୁଷଃ ପରୀକ୍ଷତେ ତ୍ୟାଗେନ ଶୀଳେନ ଗୁଣେ
କର୍ମଣା ।୧୫ ।
କୋଽତିଭାରଃ ସମର୍ଥାନାଂ କିଂ ଦୂରଂ ବ୍ୟବସାୟିନାମ୍
କୋ ବିଦେଶଃ ସୁବିଦ୍ୟାନାଂ କଃ ପରଃ ପ୍ରିୟବାଦିନାମ୍ ।୧୬ ।
ଅର୍ଥନାଶଂ ମନସ୍ତାପଂ ଗୃହେ ଦୁଶ୍ଚରିତାନି ଚ
ବଞ୍ଚନମ୍ ଅପମାନଞ୍ଚ ମତିମାନ୍ନ ପ୍ରକାଶୟତ୍ ।୧୭ ।
ଅଧମାଧନମିଚ୍ଛନ୍ତି ଧନଂ ମାନଞ୍ଚ ମଧ୍ୟମାଃ
ଉତ୍ତମା ମାନମିଚ୍ଛନ୍ତି ମାନୋ ହି ମହତାଂ ଧନମ୍ ।୧୮ ।
ତ୍ୟଜ ଦୁର୍ଜନସଂସର୍ଗମ୍ ଭଜ ସାଧୁସମାଗମ୍
କୁରୁ ପୁଣ୍ୟ ମହୋରାତ୍ରମ୍ ସ୍ମର ନିତ୍ୟମନିତ୍ୟଣମ୍ ।୧୯ ।
ସୁଖାର୍ଥୀ ଚେତ୍ୟଜେବିଦ୍ୟା ବିଦ୍ୟାର୍ଥୀ ଚେତ୍ୟଜେସୁଖମ୍
ସୁଖାର୍ଥିନଃ କୁତୋ ବିଦ୍ୟା କୁତୋ ବିଦ୍ୟାର୍ଥିନଃ ସୁଖମ୍ ।୨୦ ।

—୦—

+୩ ଦ୍ୱିତୀୟ ବର୍ଷ ସଂସ୍କୃତ ସମ୍ମାନ, ଧରଣୀଧର ବିଶ୍ୱବିଦ୍ୟାଳୟ,କେନ୍ଦୁଝର

# ତୁମ ଦାନ ମହାପୁଣ୍ୟ

ପୂର୍ଣ୍ଣାନନ୍ଦ ସେଠୀ

ଟାଟା କି ବିରଳା କରିବନି ମୋତେ
କାଳେ ପ୍ରଭୁ ଭୁଲିଯିବି
ଗରିବଟେ କରି ରଖିବ ଠାକୁରେ
ଦିବା ନିଶି ଝୁରୁଥିବି ।୧ ।

ଧନ ଯଉବନ ଦବନି ମୋ ଠାରେ
ଗର୍ବ ଅହଙ୍କାର ହେବ
ସାଧା ସିଧା ମଳି ମୁଣ୍ଡିଆ କରିବ
ମନ ତୁମଠାରେ ଥିବ ।୨ ।

ପାଠୁଆ ଶାଠୁଆ କରିବନି ପ୍ରଭୁ
କାଳେ ସବୁ ଜାଣିଯିବି
ମୁରୁଖଟେ ମୋତେ କରି ରଖିବ ହେ
ନ ପାରିବି କିଛି ବୁଝି ।୩ ।

ଶରୀରରେ ବଳ ସାମରଥ ଦିଅ
ନେବିନି କାହାର ଜୀବନ
ବୁକୁରେ ଜଡାଇ ସେବା କରୁଥିବି
ମନରେ ମିଶାଇ ମନ ।୪ ।

ହିଂସା କ୍ରୋଧ ଗୁଣ ଦବନି ମୋ ମନେ
ଦୁଃଖ କଷ୍ଟ କେ ପାଇବ
ଦୟା କ୍ଷମା ଶ୍ରଦ୍ଧା ପ୍ରେମ ସ୍ନେହ ଦେବ
ସୁଖେ ସରବେ ହସିବ ।୫ ।

କିଏ ପର କିଏ ନୁହେଁ ଆପଣାର
ଏ ଭାବନା ଦୂର କର
ସଭିଏଁ ମୋର ନିଜର ମଣିଷ
ଏ ଅନ୍ତରେ ସ୍ନେହ ଭର ।୬ ।

ମିଥ୍ୟା ବାକ୍ୟଠାରୁ ଦୂରେଇଣ ଦବ
ରଖିବ କପଟୁ ଦୂରୁ
ସତ୍ୟ ବଚନ ହୃଦୟେ ଭରିବ
ପ୍ରାଣ ବଞ୍ଚୁ ଅବା ମରୁ ।୭ ।

ନିରାମିଷ ଖାଦ୍ୟ ଭୁଞ୍ଜାଇଣ ଦବ
ଆମିଷ ନହେଉ ଆହାର
ପଶୁ ପକ୍ଷୀକର ଜୀବନ ନଯାଉ
ଏଇ ପଣ ରଖ ମୋର ।୮ ।

ଭଲ ମନଟିଏ ଦିଅ ମତେ ପ୍ରଭୁ
ତୁମ ପାଦେ ରହୁ ମତି
ଜିଇଁଥିବା ଯାଏ ତୁମକୁ ଝୁରିବି
ପାଇଯିବି ଗତି ମୁକ୍ତି ।୯ ।

ଉତ୍ତମ ହୃଦୟ ଦିଅ ଦୟାମୟ
ଦୁଃଖି ଦୁଃଖ ପରଖିବି
ନିଜକୁ ଉତ୍ସର୍ଗୀ ସେବା କରୁଥିବି
ତାଙ୍କ ଲୁହ ପୋଛିଦେବି ।୧୦ ।

ଏ ଦେହ ଶରୀର ରକ୍ତ ମାଂସ ହାଡ
ସବୁତ ତୁମରି ଦାନ
ସବୁ ନେଇ ପ୍ରଭୁ ଦୁନିଆଁ ହସାଅ
ହସୁଥିବି ଚିରଦିନ ।୧୧ ।

ପୁଣ୍ୟମୟ କର ପୂର୍ଣ୍ଣ ହୃଦୟକୁ
ପରମ ଆତ୍ମାରେ ଯୋଡି
ରାମଚନ୍ଦ୍ର ହୋଇ ହୃଦୟେ ଜଡାଅ
ହନୁମାନ ଭକ୍ତ ପରି ।୧୨ ।

--o--

ଜନପ୍ରିୟ ପ୍ରେସ୍, ଚଣ୍ଡିଖୋଲ
ମୋ - ୯୦୪୦୬୯୭୪୧୧






# ବୋଉ

ସରୋଜକାନ୍ତ ବେହେରା

ତୋ ଜୀବନରେ କେବେ ଅବସର ନାହିଁ
ତୋ କଷ୍ଟ ପାଇଁ କିଛି ପୁରସ୍କାର ନାହିଁ
ତୋ ଧୈର୍ଯ୍ୟର କିଛି ମାପକାଠି ନାହିଁ
ତୋ ତ୍ୟାଗର କଳନା କିଛି ନାହିଁ
ତୋ ମହାନତାର ମୂଲ୍ୟ ପାଇଁ ମୁଦ୍ରା ନାହିଁ
ତୋତେ ପ୍ରଶଂସା ପାଇଁ ଶବ୍ଦ ନାହିଁ
ତୋତେ ପୂଜିବା ପାଇଁ ମନ୍ତ୍ର ନାହିଁ
ତୋ ସେବା ପାଇଁ ମୋ ସାହସ ନାହିଁ
ତୋ ପରିଶ୍ରମର କିଛି ତୁଳନା ନାହିଁ
ତୋ ବାସ୍ତବ ଚରିତ୍ରରେ ଅଭିନୟର ସ୍ଥାନ ନାହିଁ
ତୋ ଶାଶ୍ୱତ ପ୍ରେମରେ ଛଳନା ନାହିଁ
ଆମ ସବୁକିଛି ତୋ ଆଶୀର୍ବାଦ ପାଇଁ ।

-o-

କାର୍ଯ୍ୟକାରୀ ସମ୍ପାଦକ
ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ



# ହେ ବିଲମାଳ

ସୌରଭ ଶୁଭମ୍ କର

କାଳତାନ୍ତ୍ରିକର ତନ୍ତ୍ର ସାଧନେ
ମୁଁ ପାଲଟିଛି ଆଜି ଯନ୍ତ୍ର
ହେ ବିଲମାଳ ସବୁଜ ଶ୍ୟାମଳ
ମୁକ୍ତି ଦେ ଏହି ନିର୍ଜୀବ ଜୀବନୁ
ଝୁରାଇ ତୋହର ପ୍ରକୃତି ବଦନୁ
ମହାମୃତ୍ୟୁଞ୍ଜୟ ମନ୍ତ୍ର ।
ଯନ୍ତ୍ର ଭୈରବର ସନ୍ତ୍ରାସ ଡାକେ
ହୃଦୟ ମୋହର ତ୍ରସ୍ତ
ବଧିର ଆଜି ମୋ କର୍ଣ୍ଣଯୁଗଳ
ତ୍ରାହି ଦେ ଏହି ବିକଟ ଶବଦୁ
ଶୁଣାଇ ତୋହର କୋମଳ କଣ୍ଠରୁ
ଗୋଧୂଳି ବେଳାର ସଂଗୀତ
ସମୟ ଚକର ଅଖଚକ ଚଳେ
ଜୀବନ ଦଳିତ ମଥିତ
ହେ ବିଲମାଳ ସବୁଜ ଶ୍ୟାମଳ
ତ୍ରାହି ମାଂ ଏହି ଦାନବ କବଳୁ
ଚଳାଇ ତୋହର ପ୍ରକୃତି ତୂଣୀରୁ
ଅମୋଘ ବଜ୍ର ଅସ୍ତ୍ର ।

-o-

ବି.ଏଡ. ଦ୍ୱିତୀୟ ବର୍ଷ
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡିଶା, କୋରାପୁଟ



Scanned with OKEN Scanner

# ପ୍ରବନ୍ଧ

## କାମନାର ସୀମାଙ୍କନ-ଆନନ୍ଦମୟ ଜୀବନର ମନ୍ତ୍ର

ଶ୍ରୀ ତୀର୍ଥବାସୀ ବଲାଣ୍ଡ

କାମନାର ସୀମାଙ୍କନ କହିଲେ କାମନା ସୀମାକୁ ସୀମାବଦ୍ଧ କରିବାକୁ ବୁଝାଏ । କାମନା ବା ଇଚ୍ଛାକୁ ନିୟନ୍ତ୍ରଣରେ ରଖିବାକୁ ହିଁ କାମନାର ସୀମାଙ୍କନ କୁହାଯାଏ । ଏହା ହେଉଛି ଏକ ନୀତି ଯାହା ବ୍ୟକ୍ତିବିଶେଷକୁ କାମନା ଗୁଡିକର ସୀମା ଅଙ୍କନ କରି ଅନାବଶ୍ୟକ ଖର୍ଚ୍ଚ ଠାରୁ ଦୂରରେ ରହିବା ପାଇଁ ଉତ୍ସାହିତ କରେ । ଏହା ଏକ ଶୃଙ୍ଖଳା ଯାହା ମଣିଷକୁ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ବାଟ ଦେଖାଏ । ଏହା ଏକ ମନ୍ତ୍ର ଯାହାର ଅଭ୍ୟାସ ବ୍ୟକ୍ତିକୁ ଇଶ୍ୱରତ୍ୱର ଆଭାସ କରାଏ । ଏହା ହେଉଛି ଏକ ସୀମା ଯାହା ବ୍ୟକ୍ତିର ଗୁଣକୁ ସୀମାହୀନ କରାଏ ।

ମଣିଷର କାମନା ଅସୀମିତ । ମଣିଷର କାମନା ବା ଇଚ୍ଛାର କୌଣସି ସୀମା ନଥାଏ । କାମନାର ଗୋଟିକ ପରେ ଗୋଟିଏ କ୍ରମ ଅନୁସାରେ ମଣିଷର ମନକୁ ଆସିଥାଏ । ଗୋଟିଏ କାମନା ପୂରଣ ହେଲେ ଅନ୍ୟ ଏକ କାମନା ପୂରଣ ହୁଏ । କାମନା ହେଉଛି ଏକ କାରାଗାର ସଦୃଶ ଯାହା ମଣିଷକୁ କ୍ଷୁଦ୍ରତମ ଚେତନାରେ ଆବଦ୍ଧ ରଖି କଇବଲ କରିଥାଏ । ଏହା ହେଉଛି ଅସନ୍ତୋଷ ଆଉ ଅସ୍ଥିରତାର ମୂଳ ଯାହା ମଣିଷକୁ ସର୍ବୋଚ୍ଚ ଚେତନା ଠାରୁ ଦୂରରେ ରଖେ ।

ମହାପୁରୁଷମାନେ କାମନାକୁ ନିୟନ୍ତ୍ରଣ କରିବାକୁ କହିଯାଇଛନ୍ତି, ସେମାନଙ୍କ ମତରେ କାମନା ବୃଦ୍ଧି ଯୋଗୁଁ ଦୁଃଖର ବୃଦ୍ଧି ହୁଏ ଓ କାମନାର ବିନାଶରେ ଦୁଃଖର ମଧ୍ୟ ବିନାଶ ଘଟିଥାଏ । ଆଜିକାଲି ଆଧୁନିକ ସମାଜରେ କାମନାକୁ ନିୟନ୍ତ୍ରଣ କରିବା କଷ୍ଟ ହୋଇପାରେ ସତ; କିନ୍ତୁ ଅସମ୍ଭବ ନୁହେଁ । ମଣିଷ ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ କାମନାଗୁଡିକର ସୀମାଙ୍କନ ଅଭ୍ୟାସ କରିବା ଉଚିତ୍ । ମଣିଷ ଛୋଟ ଛୋଟ ଅଭ୍ୟାସ ଦ୍ୱାରା ବଡ ବଡ ପରିବର୍ତ୍ତନର ବାହକ ହୋଇପାରେ, ତେଣୁ ସେ କାମନାର ସୀମାଙ୍କନ କରିବା ଶିଖିବା ଉଚିତ୍ । ଏହି ଅଭ୍ୟାସ ମଣିଷକୁ କାମନାରୂପୀ କାରାଗାରରୁ ମୁକ୍ତ କରିବାରେ ସାହାଯ୍ୟ କରିବ ।

କାମନାର ସୀମାଙ୍କନ କରିବାର ଅର୍ଥ, କାମନା ଗୁଡିକର ସୀମା ଅଙ୍କନ କରିବା, ଯେଉଁ କାମନା ଆବଶ୍ୟକତାକୁ ପୂରଣ କରିବ ସେହି ପ୍ରକାର କାମନା ହିଁ କରିବା । ଅପଚୟରୁ ଦୂରରେ ରହି ସଞ୍ଚୟ ଉତ୍ସକୁ ମାନବ କଲ୍ୟାଣ ଓ ସୁସ୍ଥ ସମାଜ ଗଠନ କରିବା ହିଁ ପ୍ରକୃତ କାମନାର ସୀମାଙ୍କନ । ତେବେ ଖାଦ୍ୟ, ସମୟ, ଅର୍ଥ ଓ ଶକ୍ତିର ସଦୁପଯୋଗ ଅଭ୍ୟାସ ଓ ଏଗୁଡିକର ଅପଚୟରୁ ଦୂରରେ ରହିବା ଦ୍ୱାରା କାମନାକୁ ନିୟନ୍ତ୍ରଣ କରିବା ସମ୍ଭବପର ହୋଇପାରିବ ।

**ଖାଦ୍ୟ:-**

ଖାଦ୍ୟ ହେଉଛି ଏକ ପଦାର୍ଥ ଯାହା ମଣିଷ ଶରୀରକୁ ଶକ୍ତି ଯୋଗାଇବା ସହ ଏହାର ଅଭିବୃଦ୍ଧିରେ ସାହାଯ୍ୟ କରେ । ଖାଦ୍ୟ ଆମ ଶରୀର ପାଇଁ ଇନ୍ଧନ ଭାବ କାର୍ଯ୍ୟ କରେ ଯାହା ଆମକୁ ବିଭିନ୍ନ ଶାରିରୀକ କାର୍ଯ୍ୟ କରିବାକୁ ସକ୍ଷମ କରାଏ । ଖାଦ୍ୟ ହେଉଛି ମଣିଷର ଜୀବନ, ଶରୀର ଓ ଚରିତ୍ରର ଉତ୍ସ । ତେଣୁ ମଣିଷ ଉଚିତ୍ ଖାଦ୍ୟ ଗ୍ରହଣ କରି ଅନାବଶ୍ୟକ ଖାଦ୍ୟାଭ୍ୟାସ ଠାରୁ ଦୂରରେ ରହିବା ଉଚିତ୍ ।

ଆମେ ସମସ୍ତେ ଜାଣିଛନ୍ତି, ଖାଦ୍ୟକୁ ଭଗବାନ କୁହନ୍ତି, ତେଣୁ ଏହାକୁ ନଷ୍ଟ କରିବା ଉଚିତ ନୁହେଁ । ମଣିଷ ଯାହା ଖାଇବା ଆବଶ୍ୟକ ତାହାକୁ ସଠିକ୍ ପରିମାଣରେ ଖାଇବା ଉଚିତ୍ । ଲୋଭର ବଶବର୍ତ୍ତୀ ହୋଇ ଖାଦ୍ୟକୁ ନଷ୍ଟ କରିବା ଉଚିତ ନୁହେଁ । ଖାଦ୍ୟ





ହେଉଛି ମଣିଷର ଜୀବନ, ଶରୀର, ମନ ଏବଂ ଚରିତ୍ରର ମୁଖ୍ୟ ଉତ୍ସ ।

ଖାଦ୍ୟର ମୋଟ ଅଂଶ ବର୍ଜ୍ୟବସ୍ତୁ ଭାବରେ ଶରୀରରୁ ବାହାରି ଯାଏ । କିଛି ଅଂଶ ଶରୀରରେ ରକ୍ତ ହୋଇ ପ୍ରବାହିତ ହୁଏ ଆଉ କିଛି ସୂକ୍ଷ୍ମ ଅଂଶ ମନକୁ ଗଢିବାରେ ସାହାଯ୍ୟ କରେ । ମନ ହେଉଛି ଆମେ ଖାଉଥିବା ଖାଦ୍ୟର ପ୍ରତିଫଳନ । ଆମ ଭିତରେ ଥିବା ମଣିଷ ଆଉ ପଶୁ ପ୍ରବୃତ୍ତି ଆମେ ଖାଉଥିବା ଖାଦ୍ୟ ଉପରେ ନିର୍ଭର କରେ ।

ଆଜି କାଲି ଦୟା, କରୁଣା, ପ୍ରେମ ଏବଂ ଧୈର୍ଯ୍ୟ ବଦଳରେ କେବଳ ଘୃଣା,କ୍ରୋଧ ଭଳି ଖରାପ ଗୁଣଗୁଡିକ ମଣିଷ ମନରେ ବଢିବାରେ ଲାଗିଛି । ତେଣୁ ଆମେ ଖାଉଥିବା ଖାଦ୍ୟର ଗୁଣ ଅତ୍ୟନ୍ତ ଶୁଦ୍ଧ,ଅତ୍ୟନ୍ତ ପରିଷ୍କାର, ଅତ୍ୟନ୍ତ ପବିତ୍ର ଏବଂ ସାତ୍ତ୍ୱିକ ହେବା ଉଚିତ । ଖାଦ୍ୟ କେବଳ ଶରୀର ନୁହେଁ ମନ ଉପରେ ମଧ୍ୟ ପ୍ରଭାବ ପକାଉଥାଏ । ତେଣୁ ଆମେ ଆମର ଖାଦ୍ୟ ଚୟନ ସଠିକ୍ ରୂପେ କରିବା ଉଚିତ୍ ।

**ଅର୍ଥ :-**

ଭାରତୀୟମାନେ ଟଙ୍କା ବା ଧନକୁ ଦେବୀ ଲକ୍ଷ୍ମୀ ଭାବରେ ବିବେଚନା କରନ୍ତି । ଅର୍ଥର ଅପଚୟ କରିବା ଉଚିତ ନୁହେଁ । ଏହା କରିବା ଦ୍ୱାରା ଖରାପ ଗୁଣ,ଖରାପ ଚିନ୍ତାଧାରା ଏବଂ ଖରାପ ଅଭ୍ୟାସର ଦାସ ହେବାକୁ ପଡିଥାଏ । ଭଲ କାମ ପାଇଁ ଅର୍ଥକୁ ବ୍ୟବହାର କରିବା ଉଚିତ୍ । ଅର୍ଥର ଅପବ୍ୟବହାର ମନ୍ଦ ଅଟେ ଯାହା ମଣିଷକୁ ଭୁଲ ରାସ୍ତାରେ ଯିବାକୁ ବାଧ କରେ ।

ମଣିଷ ସୌଖିନ ଜୀବନଶୈଳୀ ବଞ୍ଚିବା ପାଇଁ ଅନାବଶ୍ୟକ ଜିନିଷରେ ଅର୍ଥ ନଷ୍ଟ କରିବାରେ ଲାଗିଛି । ଯାହା ପରବର୍ତ୍ତୀ ସମୟରେ ସଙ୍କଟର ରୂପ ନେଇ ମଣିଷକୁ ହଇରାଣ କରିବ । ତେଣୁ ମଣିଷ ଅଯଥା କାର୍ଯ୍ୟ ପାଇଁ ଅର୍ଥର ଅପଚୟ ଠାରୁ ଦୂରରେ ରହିବା ଉଚିତ । ଅର୍ଥକୁ ଶିକ୍ଷା, ସ୍ୱାସ୍ଥ୍ୟସେବା ତଥା ମାନବ ସେବା ଇତ୍ୟାଦିରେ ବିନିଯୋଗ କରି ଅର୍ଥର ସଦୁପଯୋଗ କରିବା ଉଚିତ୍ ।

**ସମୟ: -**

ସମୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତେଣୁ ସମୟ ନଷ୍ଟ କରିବା ଉଚିତ ନୁହେଁ । ସମୟକୁ ସଠିକ୍ ଭାବରେ ବିନିଯୋଗ କରିବା ଉଚିତ୍ । ସମୟ ହେଉଛି ଈଶ୍ୱରଙ୍କ ପ୍ରତୀକ । କେବଳ ଆବଶ୍ୟକୀୟ ଆଉ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ପ୍ରାଥମିକତା ଦେବା ଉଚିତ । ମନୁଷ୍ୟର ଜନ୍ମ ଏବଂ ମୃତ୍ୟୁର ମୁଖ୍ୟ କାରଣ ହେଉଛି ସମୟ । ଆମର ଅଭିବୃଦ୍ଧିର ସମୟ ହେଉଛି ମୁଖ୍ୟ କାରଣ । ଯଦି ଆମେ ସମୟ ନଷ୍ଟ କରୁ ତେବେ ଆମର ଜୀବନ ନଷ୍ଟ ହେବ । ତେଣୁ ସମୟ ଆମ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ । ଅନାବଶ୍ୟକ ବାର୍ତ୍ତାଳାପରେ ଅଂଶଗ୍ରହଣ କରି ନିଜ। ଅନ୍ୟର ବ୍ୟକ୍ତିଗତ ପ୍ରସଙ୍ଗରେ ଜଡିତ ହୋଇ ସମୟକୁ ନଷ୍ଟ କରିବା ଉଚିତ ନୁହେଁ ।

ନିଜର ଦକ୍ଷତା ବିକାଶ କରିବା, ସୁସଂପର୍କ ସ୍ଥାପନା ଓ ସମାଜ ସେବାରେ ସମୟ ବିନିଯୋଗ ଦ୍ୱାରା ସମୟର ସଦୁପଯୋଗ ହେବା ସହ ମାନସିକ ଶାନ୍ତି ରକ୍ଷା ହୋଇଥାଏ । ତେଣୁ ସମୟକୁ ସଠିକ୍ ଭାବରେ ବିନିଯୋଗ କରିବା ଉଚିତ୍ ।

**ଶକ୍ତି:-**

ଶକ୍ତି ହେଉଛି ମୂଲ୍ୟବାନ୍ ଉତ୍ସ, ଯାହା ଆମକୁ ବିଭିନ୍ନ କାର୍ଯ୍ୟ କରିବାରେ ସକ୍ଷମ କରାଏ । ଏଣୁ ଆମର ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଶକ୍ତି କଦାପି ନଷ୍ଟ ହେବା ଉଚିତ୍ ନୁହେଁ । ଖରାପ କଥା ଶୁଣିବା ଦ୍ୱାରା, ଖରାପ କାର୍ଯ୍ୟ କରିବା ଦ୍ୱାରା ଓ ଖରାପ ଚିନ୍ତା କରିବା ଦ୍ୱାରା ଆମେ ଆମ ଶକ୍ତି ନଷ୍ଟ କରୁଛେ । ଶକ୍ତି ନଷ୍ଟ କରିବା ଠାରୁ ଦୂରରେ ରହିବା ପାଇଁ ଆମେ ଏହି ପାଞ୍ଚଟି କଥା ପ୍ରତି ଗୁରୁତ୍ୱ ଦେବା ।

ମନ୍ଦ କଥା ନ ଶୁଣି କେବଳ ଭଲ କଥା ଶୁଣିବା ।
ମନ୍ଦ କଥା ନ କହି ଯାହା ଭଲ ତାହା କହିବା ।
ମନ୍ଦ ନ ଭାବି ଯାହା ଭଲ ତାହା ଭାବିବା ।
ମନ୍ଦ କାମ ନ କରି ଯାହା ଭଲ ତାହା କରିବା ।

ତେବେ ମନ୍ଦକୁ ପରିତ୍ୟାଗ କରି ଭଲ ଗୁଣକୁ ଅଭ୍ୟାସ କରିବା ଦ୍ୱାରା ଶକ୍ତିର ସଂଚୟ ହୋଇଥାଏ । ଶକ୍ତିର ସଦୁପଯୋଗ ଦ୍ୱାରା ମଣିଷର ସୃତି ଶକ୍ତି, ବୁଦ୍ଧି ଓ ବିଶ୍ଳରଣା ଶକ୍ତିର ସଂରକ୍ଷଣ ହେବା ସହ ବୃଦ୍ଧି ହୋଇଥାଏ । ମନ ସର୍ବଦା ଭାବନାରତ, ଖରାପ ହେଉ ବା ଭଲ ମନ ସର୍ବଦା ଶକ୍ତି ବ୍ୟବହାର କରିଥାଏ । ଭଲ ଭାବନାରେ ଶକ୍ତି ବିନିଯୋଗ କରି ବ୍ୟକ୍ତିଗତ ଅଭିବୃଦ୍ଧି ସହିତ ସମାଜର ଉନ୍ନତି ଆଣିବାରେ ସହାୟକ ହେବା ।

ଆମ ପାଖରେ ଯାହା ଅଛି ସେଥିପାଇଁ ସନ୍ତୁଷ୍ଟ ରହିବା ଯାହା କାମନାକୁ ହ୍ରାସ କରିବାରେ ସାହାଯ୍ୟ କରିବ । ସେବା କାର୍ଯ୍ୟ



Scanned with OKEN Scanner

ପ୍ରତି ଇଚ୍ଛା ରଖିବା ଦ୍ୱାରା ଓ ଧ୍ୟାନ କରିବା ଦ୍ୱାରା ମନରେ ଶାନ୍ତି ଆସିଥାଏ ଯାହା ଆମ ଇଚ୍ଛାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ ।

ପରିଶେଷରେ, କାମନାର ସୀମାକ୍ଷନ କେବଳ ଇଚ୍ଛାକୁ ନିୟନ୍ତ୍ରଣ କରିବା ନୁହେଁ ବରଂ ସମାଜରେ ସନ୍ତୁଳନ ରକ୍ଷା କରିବା ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିବାରେ ସହାୟକ ହୋଇପାରିବ । ଏହା ଆତ୍ମ-ଦକ୍ଷତା ଆଡକୁ ଏକ ଯାତ୍ରା, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ନିଜ ଏବଂ ବ୍ରହ୍ମାଣ୍ଡ ସହିତ ସୁସମ୍ପର୍କ ରଖି ବଞ୍ଚିବାର ଆନନ୍ଦ ଆବିଷ୍କାର କରିପାରିବ ।

—୦—

**ସଂପାଦକ, "ମହକ" ସପ୍ତମ ସଂସ୍କରଣ,**
**ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ**

## ଶୈଶବରେ ଶିକ୍ଷା ଓ ସ୍ୱରୋଜଗାର

ଶ୍ରୀ ନିର୍ମାଲ୍ୟ କୁମାର ପ୍ରଧାନ

ପୁରାଣ ଯୁଗରୁ ମୁନିଋଷିଙ୍କ ଆଶ୍ରମରେ ଶିଷ୍ୟମାନେ ଶିକ୍ଷାଲାଭ କରନ୍ତି । ବିଭିନ୍ନ ପ୍ରକାରର ଶିକ୍ଷା ଦିଆଯାଏ । ବିଶେଷ କରି ନୀତି ନୈତିକତାର ଶିକ୍ଷା ସେଠାରେ ପାଇଥାନ୍ତି । ଯାହାକି ନିଜ ପରିବାର ଓ ସମାଜର ମଙ୍ଗଳ ହୋଇଥାଏ ।

ସାମ୍ପ୍ରତିକ ସମୟରେ ପିଲାମାନଙ୍କୁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷା ଲାଭ କରିବା ପାଇଁ ପଠାନ୍ତି । ବାପାମାଆ ମାନେ ଲକ୍ଷ୍ୟ ରଖନ୍ତି ମୋ ପୁଅ କିମ୍ବା ଝିଅ ଭଲ ପାଠ ପଢି ଭଲ ଚାକିରି କରି ଭଲ ରୋଜଗାର କରିବ । ସୁଚରିତ୍ର,ନିତି, ନୈତିକତା, ଉଦାରତା,ପରୋପକାର ଗୁଣ ପିଲାମାନେ ନିଜ ପରିବାରରେ ଓ ବାପାମାଆମାନଙ୍କ ଠାରୁ ଶିକ୍ଷା ପାଇଥାନ୍ତି । ଏହି ଶିକ୍ଷା ପାଇଁ ପିଲାଟି ନିଜ ପରିବାରର ଓ ସମାଜର ଉନ୍ନତି କରିଥାଏ । କିନ୍ତୁ ସାମ୍ପ୍ରତିକ ସମୟରେ ଏହା ଦେଖାଯାଇଛି ଯେ ଯେଉଁ ଶିକ୍ଷାରେ ପିଲା ଅଳ୍ପ ବୟସରୁ ରୋଜଗାର କରିବ ଖୋଜି ଖୋଜି ସେ ଶିକ୍ଷାମାନ ବାପା ମା'ମାନେ ତାଙ୍କ ଶୁଭେଚ୍ଛୁମାନଙ୍କ ଠାରୁ ପରାମର୍ଶ ଆଣି ସେ ଶିକ୍ଷା ଗ୍ରହଣ ପାଇଁ ଶିକ୍ଷାନୁଷ୍ଠାନକୁ ପଠାନ୍ତି । ଯାହାକି ପିଲାଟି ରୋଜଗାରର ମାଧ୍ୟମ ବୋଲି ଗ୍ରହଣ କରିଥାଏ । ଦ୍ୱିତୀୟରେ ଆଉ ଗୋଟିଏ କଥା ଦେଖାଯାଉଛି । ତାହା ହେଲା ପିଲାଟିର ଯଦି ପାଠ ହେଲା ନାହିଁ କିମ୍ବା ପିଲାଟିକୁ ଶିକ୍ଷାଦାନ କରିବାକୁ ଅଭିଭାବକଙ୍କ ପାଖରେ ଅର୍ଥ ନଥାଏ ତାହେଲେ ପିଲାଟି ରୋଜଗାର କରିବା ପାଇଁ ଶ୍ରମିକ କିମ୍ବା ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଏ । ବେଳେବେଳେ ଛୋଟମୋଟ ସଂସ୍ଥାରେ କାମକରେ । ଯାହାଫଳରେ ପିଲାଟିର ମସ୍ତିଷ୍କ ପରିପକ୍ୱତା ହୋଇନଥାଏ । ରୋଜଗାରର ଅର୍ଥ ପରିବାରକୁ ଦେବା ପରିବର୍ତ୍ତେ ଅର୍ଥ ବ୍ୟୟର ଅର୍ଥନୈତିକ ସ୍ୱାଧୀନତା ପାଇଥାଏ । ସେ ଅର୍ଥକୁ କୁପଥରେ ବିନିଯୋଗ କରିଥାଏ, ଯାହାକି ସମାଜ ପାଇଁ ବିପଦ । ତେଣୁ ପିଲାଟି ଯଦି ଶିକ୍ଷା ଅଧାରୁ ବନ୍ଦ କରେ ତାହା ହେଲେ ତାର ଉପଯୁକ୍ତ ବୟସ ନ ହେଲା ଯାଏ ଘରେ ରହି ଘର କାମ କରୁ । ଉପରୋକ୍ତ ବାକ୍ୟକୁ ପୁଣି ଦୋହରାଉଛି , ଯିଏ ରୋଜଗାର ପାଇଁ ଶିକ୍ଷା ଗ୍ରହଣ କରେ ବାପାମାଆ ତାକୁ କିଛି ନୀତି-ନୈତିକତା, ପରୋପକାର, ଆଧ୍ୟାତ୍ମିକ ଶିକ୍ଷା ଦେଉ ନାହାଁନ୍ତି । ଯାହା ଫଳରେ ଅନେକ ବାପାମାଆମାନେ ଶେଷ ଅବସ୍ଥା ବା ବୃଦ୍ଧାବସ୍ଥାରେ ନିଃସଙ୍ଗ ଜୀବନ କାଟୁଛନ୍ତି । ଭଲ ରୋଜଗାର କରିବା ଦ୍ୱାରା ଅର୍ଥ ନୈତିକସ୍ଥିତି ଉନ୍ନତି ହେବ ସତ କିନ୍ତୁ ସାମାଜିକ ଉନ୍ନତି ହେବା ପରିବର୍ତ୍ତେ ଅସାମାଜିକତା ସୃଷ୍ଟି ହେବ ।

ତେଣୁ ପିଲାମାନଙ୍କୁ ଶୈଶବ ଅବସ୍ଥାରୁ ଉପଯୁକ୍ତ ନୀତିଶିକ୍ଷା ପ୍ରଦାନ କରାଯାଉ । ତାକୁ ଶିକ୍ଷା ଦିଆଯିବା ଉଚିତ୍ ଯେ କେବଳ ଅର୍ଥନୈତିକ ଅଭିବୃଦ୍ଧି ଉନ୍ନତି ନୁହେଁ , ସାମାଜିକ ଅଭିବୃଦ୍ଧି ହିଁ ପ୍ରକୃତି ଉନ୍ନତି । ତେଣୁ ଉପଯୁକ୍ତ ଶିକ୍ଷା ଗ୍ରହଣକୁ ପ୍ରାଧାନ୍ୟ ଦିଆଯିବା ଉଚିତ ।

-୦-

ବୃନ୍ଦାଦେଇପୁର ଶାସନ
ଉପସଭାପତି
ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ





## ମହକ

ଶୁଭଶ୍ରୀ ମିଶ୍ର

'ମହକ', ମହକର ଅର୍ଥ ଭଲ ବାସ୍ନା । ଯେପରି ଫୁଲ ତା'ର ବାସ୍ନା ଚାରିଆଡେ ମହକାଇ ଥାଏ, ସେହିପରି ଭଲ ମଣିଷ ଅଳ୍ପନ୍ତି ତାଙ୍କର ମନୋବଳ ଓ ସେବା ଦ୍ୱାରା ସମସ୍ତଙ୍କୁ ଫୁଲ ପରି ମହକାଇଥାନ୍ତି । ମହକାଇବା ଲୋକ ବି ଖୁବ୍ କମ ଥାଆନ୍ତି । ତାଙ୍କର ଉତ୍ତମ ଚାଲିଚଳଣି ଓ ବ୍ୟବହାର ଦ୍ୱାରା ସମସ୍ତଙ୍କ ପାଖରୁ ବାସି ଉଠନ୍ତି । ତାଙ୍କର ଏହି ସେବା ପିଲାଙ୍କୁ ଉଚ୍ଚସ୍ଥାନରେ ପହଞ୍ଚାଇବା ପାଇଁ ସହାୟତା କରେ ଏବଂ ତାଙ୍କରଏହି ବ୍ୟବହାର ପିଲା ସୁନାଗରିକ ହେବା ପାଇଁ ସହାୟତା କରେ । ସବୁ ସେବା ସଙ୍ଗଠନ ମଧ୍ୟରୁ ଏହି ପରି ସେବା ସଙ୍ଗଠନ ଥିଲା ଯାହାର ନା 'ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ' । ଏହା ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ଠାରେ ଅବସ୍ଥିତ । ସାହିତ୍ୟ ଯାହା ଏହି ଆଧୁନିକ ପିଲାମାନେ ଏତେ ଗୁରୁତ୍ୱ ଦେଉନାହାନ୍ତି । ସେହି ସାହିତ୍ୟକୁ ସହଜ ସରଳ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତାମାନ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ୨୫ ମେ ୨୦୧୫ରେ ଆରମ୍ଭ ହୋଇଥିଲା । ଏହି ସାହିତ୍ୟ ସେବା ସଂଗଠନ ଖାଲି ମହକିବା ନୁହେଁ ମହକାଇବା ମଧ୍ୟ ଶିଖାଇଥାଏ । ପିଲାମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବହୁତ କିଛି ଶିକ୍ଷା କରିଥାଆନ୍ତି । ଏହି ବଣମଲ୍ଲୀ ସାହିତ୍ୟ ସେବା ସଂଗଠନ, ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଉନ୍ନତି କରିବା ପାଇଁ ବିଭିନ୍ନ ଚେଷ୍ଟା କରିଛି । ମୁଁ ବି ବଣମଲ୍ଲୀ ସାହିତ୍ୟ ସେବା ସଂଗଠନର ପ୍ରତିଯୋଗିତାରେ ଭାଗ ନେଇ ନିଜେ ବି ଅନୁଭବ କରିଛି । ମୋ ସ୍କୁଲ ଏବଂ ତାଙ୍କ ସ୍କୁଲ ମଧ୍ୟରେ ପାର୍ଥକ୍ୟ ଦେଖିଛି । ମୁଁ ଭଗବାନଙ୍କୁ ଏତିକି ପ୍ରାର୍ଥନା କରୁଛି କି ଏହି ବଣମଲ୍ଲୀ ସାହିତ୍ୟ ସେବା ସଂଗଠନ ନିଜେ ମହକିବା ସହିତ ଅନ୍ୟକୁ ସବୁବେଳେ ମହକାଉ ଥାଉ ।

-୦-

ଫୁଲାର, ଜାରକା,ଯାଜପୁର

## ଭାରତୀୟ କ୍ରିକେଟର ସର୍ବଶ୍ରେଷ୍ଠ ଅଧ୍ୟାୟ (୧୯୩୨-୨୦୨୩)

ଅଂଶୁମାନ ଶତପଥୀ

ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ହେଉଛି କ୍ରିକେଟ । ଭାରତରେ ମଧ୍ୟ କ୍ରିକେଟ ସର୍ବତ୍ର ଖେଳାଯାଏ । ଭାରତୀୟ ପୁରୁଷ କ୍ରିକେଟ ଦଳ 'ଟିମ ଇଣ୍ଡିଆ' ଏବଂ 'ମେନ-ଇନ-ବ୍ଲୁ' ଭାବରେ ଜଣାଶୁଣା । ଏହା 'ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ' ଦ୍ୱାରା ପରିଚାଳିତ ଏବଂ ଏହା 'ଇଣ୍ଟରନ୍ୟାସନାଲ କ୍ରିକେଟ୍ କାଉନ୍ସିଲ'ର ପୂର୍ଣ୍ଣ ସଦସ୍ୟ ଅଟେ ।

ଭାରତୀୟ କ୍ରିକେଟ ଦଳ ଏହାର ପ୍ରଥମ ମ୍ୟାଚ ୨୫ ଜୁନ୍ ୧୯୩୨ ମସିହାରେ ଲର୍ଡସ୍ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଖେଳି ବିଶ୍ୱର ଷଷ୍ଠ ପୁରୁଷ କ୍ରିକେଟ ଦଳ ଭାବେ ମୁଣ୍ଡ ଟେକିଥିଲା । କିନ୍ତୁ ଭାରତକୁ ପାଖାପାଖି ୨୦ବର୍ଷ ଅପେକ୍ଷା କରିବାକୁ ପଡିଥିଲା ନିଜର ପ୍ରଥମ ଟେଷ୍ଟ ବିଜୟ ପାଇଁ । ସୀମିତ ଓଭର ବିଶିଷ୍ଟ ଖେଳରେ ଭାରତ ODI ଏବଂ T20 ରେ ଯଥାକ୍ରମେ ୧୯୭୯ ଏବଂ ୨୦୦୭ ମସିହାରେ ପଦାର୍ପଣ କରିଥିଲା । ଭାରତ ୫ଟି ମୁଖ୍ୟ I.C.C ଜିତିଛି । ଦୁଇଥର ବିଶ୍ୱକପ୍ (୧୯୮୩ ଏବଂ ୨୦୧୧) ଥରେ T20 ବିଶ୍ୱକପ୍(୨୦୦୭) ଏବଂ ଦୁଇଥର ବିଶ୍ୱ ଚାମ୍ପିୟନ ଟ୍ରଫି କରାୟତ କରିଛି । ଏହାଛଡା ଭାରତ ଦୁଇଥର ବିଶ୍ୱକପ୍ରେ (୨୦୦୩ ଓ ୨୦୨୩),T20 ବିଶ୍ୱକପ୍ ଥରେ (୨୦୧୪) ଏବଂ ବିଶ୍ୱ ଚାମ୍ପିୟନ୍ ଟ୍ରଫି ଦୁଇଥରରେ (୨୦୦୦ ଓ ୨୦୧୭) ଉପବିଜେତାରେ ସନ୍ତୁଷ୍ଟ ରହିଛି । ଭାରତ ବିଶ୍ୱ ଟେଷ୍ଟ ଚମ୍ପିୟାନସିପ୍ ଫାଇନାଲର ୨ଟି ସଂସ୍କରଣରେ (୨୦୧୯ -୨୦୨୧ ଏବଂ ୨୦୨୧-୨୦୨୩) ଉପବିଜେତା ହୋଇଥିଲା । ଏହା ଛଡା ଭାରତ ଆଠଥର(୧୯୮୪, ୧୯୮୮, ୧୯୯୧,



Scanned with OKEN Scanner

୧୯୯୫, ୨୦୧୦, ୨୦୧୬, ୨୦୧୮, ୨୦୨୩ ମସିହାରେ) ଏସିଆ କପ୍ ବିଜେତା ହୋଇଥିଲା ବେଳେ ତିନିଥର (୧୯୯୭ , ୨୦୦୮, ୨୦୦୯ ମସିହାରେ) ଉପବିଜେତା ରହିଥିଲା । ୨୦୧୩ ଏବଂ ୨୦୨୩ ମସିହାରେ ଭାରତ ସମସ୍ତ ତିନି ଫର୍ମାଟରେ ବିଶ୍ୱର ଏକ ନମ୍ବର ଦଳ ଭାବେ ଖ୍ୟାତି ଅର୍ଜନ କରିଥିଲା ।

ମୋଟ୍ ଉପରେ ୩୫ ଜଣ ଅଧିନାୟକ ଏ ପର୍ଯ୍ୟନ୍ତ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି । ଭାରତ ପୁରୁଷ କ୍ରିକେଟ ଦଳର ପ୍ରଥମ ଅଧିନାୟକ ସି.କେ.ନାଇଡୁ । କିନ୍ତୁ ଭାରତର ସଫଳତମ ଅଧିନାୟକ ହେଉଛନ୍ତି ମହେନ୍ଦ୍ର ସିଂହ ଧୋନି । ତାଙ୍କ ଅଧିନାୟକତ୍ୱରେ ଭାରତସମସ୍ତ ତିନି ଫର୍ମାଟରେ ବିଜୟୀ ହୋଇଥିଲା । ଯଥା- ଦିନିକିଆ ବିଶ୍ୱକପ୍ (୨୦୧୧),T20 ବିଶ୍ୱକପ୍ (୨୦୦୭) ଏବଂ ଚମ୍ପିୟାନ୍ସ ଟ୍ରଫି (୨୦୧୩) । "The Indian team is not only a team , but also an emotion".

-୦-

ଦଶମଶ୍ରେଣୀ ଛାତ୍ର
କେଉଟ

## ଭାରତୀୟ ସଂସ୍କୃତି

ଶ୍ରୀ ଜ୍ୟୋତିଷ୍ମାନ ଶତପଥୀ

ସଂସ୍କୃତି କହିଲେ ସାମାଜିକ ଜୀବନରେ ପରମ୍ପରା, ଆଦର୍ଶ ଓ ରୀତିନୀତିକୁ ବୁଝାଇଥାଏ । ସଂସ୍କୃତି ହେଉଛି ଗୋଟିଏ ଗୋଷ୍ଠୀ ଓ ଜାତିର ସାମାଜିକ ଜଳଛବି । ଯେଉଁଥିରେ ପ୍ରତିଫଳିତ ହୁଏ,ସମାଜରେ ପ୍ରଚଳିତ ପ୍ରଥା, ପରମ୍ପରା, ଚିନ୍ତାଧାରା,ଆଚାର ବିଚାର । ମଣିଷର ଦୈନନ୍ଦିନ ଜୀବନରେ ସଂସ୍କୃତି ଗଭୀର ଭାବେ ଜଡିତ । ସଂସ୍କୃତିର ପରିଚୟକ ସାଜିଥାନ୍ତି ସାମୂହିକ ଜୀବନର ନୈତିକତା ଓ ମୂଲ୍ୟବୋଧ, ସୃଜନଶୀଳତା, ଦେବାଦେବୀ,କଳାସ୍ଥାପତ୍ୟ, ଯାନିଯାତ୍ରା, ପର୍ବ ପର୍ବାଣୀ, ବେଶ ପୋଷାକ ଇତ୍ୟାଦି ।

'ବିଭିନ୍ନତା ରେ ଏକତା'ର ଗୀତ ଗାଉଥିବା ଭାରତୀୟ ସଂସ୍କୃତି ଯୁଗ ଯୁଗରୁ ନିଆରା । କାରଣ ଏଠାରେ ବିଭିନ୍ନ ଜାତି,ଧର୍ମ ବର୍ଣ୍ଣର ଲୋକେ କାନ୍ଧକୁ କାନ୍ଧ ମିଳାଇ ଏକତ୍ର ବାସ କରନ୍ତି । ଏଠି ଦୀପାବଳୀରେ ପ୍ରତ୍ୟେକ ଘରେ ମିଠା ବଣ୍ଟା ହୁଏ । ଆଉ ଇଦ୍‌ରେ ସବୁ ଘରକୁ ଲଛା ସିମେୟିୟା ବଣ୍ଟା ହୁଏ । କୁହାଯାଇଛି (ଯାହା ନାହିଁ ଭାରତେ ତାହା ନାହିଁ ଜଗତେ) । ତେଣୁ ଭାରତ ବର୍ଷର ବ୍ୟାପ୍ତ ସଂସ୍କୃତି, ଭିନ୍ନ ଭିନ୍ନ ମତବାଦ, ଧର୍ମ ବିଶ୍ୱାସ ଭାଷା ଓ ପ୍ରଥାକୁ ଉଦାହରଣ ସହ ଗ୍ରହଣ କରିଛି । ଇତିହାସର ପୃଷ୍ଠା ଅବଲୋକନ କଲେ ବିଭିନ୍ନ ସମୟରେ ଆମେ ଆମ ଭାରତୀୟ ସମାଜ ବୌଦ୍ଧ ଧର୍ମ,ଜୈନ ଧର୍ମ, ଇତ୍ୟାଦିକୁ ସାଦରରେ ଆପଣେଇ ଥିବାର ଜଣାପଡିବ ।

ବିଭିନ୍ନ ସମୟରେ ଭାରତକୁ ଆସିଥିବା ପରିବ୍ରାଜକମାନେ ଭ୍ରମଣ ଗ୍ରନ୍ଥରେ ଭାରତୀୟ ସଂସ୍କୃତିର ଉଦାରତା ପରିପ୍ରକାଶ ହୁଏ । ପ୍ରାଚୀନ କାଳରୁ ବହୁ ଉନ୍ନତ ଭାରତୀୟ ପରମ୍ପରାକୁ ସବିଶେଷ ରୂପେ ଗବେଷଣା କରି ସାର୍ ଉଇଲିୟସମ ଜନ୍ସ, ଜୁଆଙ୍କ ଜନ୍ସ ହୁଏନଂସା, ଇତ୍ୟାଦି ନିଜ ପୁସ୍ତକରେ ଅତି ସୁନ୍ଦର ଭାବେରେ ରଚନା କରିଥିଲେ ।

ହେଲେ ଦୁଃଖ ଅନୁତାପର ବିଷୟ ଏହି କି ଯେ 'ଗଁ କନିଆଁ ସିଙ୍ଗାଣି ନାଜି' ପରି ଆମେ ବର୍ତ୍ତମାନ ଆମ ମହାନ ସଂସ୍କୃତିର ମହତ୍ତ୍ୱ ଓ ମର୍ଯ୍ୟାଦାକୁ ପାଦରେ ଦଳି ଦେଉଛି । ଆଧୁନିକତାର ଦୃଷ୍ଟି ଦେଇ ବାରମ୍ବାର ଆମେ ସେହି ସୁନ୍ଦର ଜଳଛବିଟି କୁ ବିକୃତ କରିବାରେ ଲାଗି ପଡିଛୁ । ପାଶ୍ଚାତ୍ୟ ସଂସ୍କୃତି କୁ ମୁଣ୍ଡ ଉପରେ ବସାଇ ଜ୍ଞାନ ଗାରିମା ବୃଥା ପରିଚୟରେ ଖୁସି ରହୁଛୁ । ହେଲେ ନିଜ ଆପଣାର ସଂସ୍କୃତିକୁ ଭୁଲିଯାଉଛୁ ଅନେକ ଉଦାହରଣ ଆପଣମାନଙ୍କୁ ବୋଧେ ଅଛପା ହୋଇ ରହିନଥିବ । ଏଇ ଦେଖନ୍ତୁ ଅନେକ ସ୍ଥାନରେ ଭାରତୀୟ ସଂସ୍କୃତିକୁ ଉପେକ୍ଷା କରାଯାଉଥିବା ମହାନ୍ ଦାର୍ଶନିକ ଶ୍ରୀମତୀ ଆନି ବେସାନ୍ତଙ୍କ ମତରେ





INDIA IS A COUNTRY IN WHICH EVERY GREAT RELIGION FINDS A HOME.

ହେଲେ ଆମେ ଭାରତୀୟ କେବଳ ସମ୍ମାନ ଦେବା ପରିବର୍ତ୍ତେ ସେହି ସଂସ୍କୃତିକୁ ନିଜ ଆଭୂଷଣ କରି ବହୁତ ସହଜରେ ଆପଣେଇ ନେଉଛୁ । ସମୟ ସୁଅରେ ଭାସିଯିବାଟା ଅନେକ ସହଜ ହୋଇପାରେ ହେଲେ ଏହାକୁ ବିରୋଧ କରି ନିଜ ସଂସ୍କୃତି ଓ ପରମ୍ପରା ସହିତ ଅଟଳ ରହିବାରେ ଜୀବନର ସାର୍ଥକତା ରହିଅଛି ।

ତେଣୁ ମହାନ୍ ଆମ ସଭ୍ୟତା ମହାନ ଆମ ସଂସ୍କୃତି,
ସୁରକ୍ଷା ପାଇଁ ସଦା ଦିବାନିଶି କରୁଥିବା ଶ୍ରଦ୍ଧା ଭକ୍ତି ।

-୦-

ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେନାପୁର

## ପ୍ରଣୟର ଅଦ୍ଭୁତ ପରିଣାମ

ଜୟନ୍ତୀ ପ୍ରଧାନ

ପ୍ରଣୟର ସମାର୍ଥବୋଧକ ଶବ୍ଦ ହେଉଛି ପ୍ରେମପ୍ରୀତି । କାହିଁ କେଉଁ ଆବାହମାନ କାଳରୁ ଭାରତୀୟ ସଂସ୍କୃତି ଅପର ସଂସ୍କୃତିକୁ ପ୍ରେମର ମହନୀୟ ବାର୍ତ୍ତା ପ୍ରଦାନ କରି ଆସିଛି । କୁହାଯାଏ ଯେ ପ୍ରେମ ହେଉଛି ସ୍ୱର୍ଗୀୟ । ସତ୍ୟଯୁଗରେ ଶିବ-ପାର୍ବତୀ,ନଳ-ଦମୟନ୍ତୀ, ଦୁଷ୍ମନ୍ତ-ଶକୁନ୍ତଳା, ତ୍ରେତୟା ଯୁଗରେ ଅଜ-ଇନ୍ଦୁମତୀ,ରାମ-ସୀତା, ଦ୍ୱାପରଯୁଗରେ ରାଧାକୃଷ୍ଣଙ୍କ ପ୍ରେମର ମହନୀୟତା ମାନବ ସମାଜ ପାଇଁ ଅନନ୍ୟ ଦୃଷ୍ଟାନ୍ତ । ତେବେ ଏହି କଳିଯୁଗରେ ଯେ ପ୍ରେମର ଏଭଳି କିଛି ଦୃଷ୍ଟାନ୍ତ ନାହିଁ ବୋଲି ମୁଁ କହୁନାହିଁ । କ୍ୟାପଟେନ୍ ବିକ୍ରମ ବତ୍ରାଙ୍କ ପ୍ରେମ କାହାଣୀରୁ ଆଜିର ମାନବସମାଜ ବହୁତ କିଛି ଶିକ୍ଷାଲାଭ କରିପାରେ । ଯାହାଙ୍କ ଜୀବନୀକୁ ନେଇ ଭାରତର ବହୁଚର୍ଚ୍ଚିତ ତଥା ଅନେକ ପୁରସ୍କାର ଲାଭ କରିଥିବା ଚଳଚ୍ଚିତ୍ର "Shershah" ନିର୍ମିତ ହୋଇଛି । ତେବେ ଏପରି ପ୍ରେମ ସାଂପ୍ରତିକ ସମାଜରେ ଖୁବ୍ ବିରଳ ।

ଏଠାରେ ପାଠକଙ୍କୁ ମୁଁ କହିରଖେ ଯେ ଏହି ସମାନ ଶୀର୍ଷକ ଉପରେ ଓଡିଆ ସାହିତ୍ୟରେ କିଛି ପ୍ରମୁଖ ବରେଣ୍ୟ ଲେଖକ ଲେଖନୀ ଚାଳନା କରିଥିଲେ ମଧ୍ୟ ମୁଁ ସେମାନଙ୍କ କୃତିକୁ ପାଠ କରିବାର ସୁଯୋଗ ଆଦୌ ପାଇନାହିଁ । ତେଣୁ ଏଠାରେ ଯାହା ବି କିଛି ମୁଁ ଲେଖିବାକୁ ଯାଉଛି ତାହା ସାଂପ୍ରତିକ ସମାଜକୁ ଗଭୀର ଅନୁଧ୍ୟାନ କରି ନିଜର ଅନୁଭବକୁ ପ୍ରକାଶ କରିବାର ଏହା ଏକ କ୍ଷୁଦ୍ର ପ୍ରୟାସ ମାତ୍ର ।

ଉଲ୍ଲିଖିତ ଚରିତ୍ରମାନେ ଚଳାଚଳ ସମୟରେ ତଥା ବର୍ତ୍ତମାନ ସମୟରେ ମଧ୍ୟ ପ୍ରେମର ଯେଉଁ ମହନୀୟ ବାର୍ତ୍ତା ପ୍ରଦାନ କରି ଥିଲେ ତାହା ସାଂପ୍ରତିକ ଯୁବପିଢି ଜିପରି ଭୁଲ ଅର୍ଥରେ ଗ୍ରହଣ କରି ସମାଜର ପ୍ରଭୂତ କ୍ଷତି ସାଧନ କରୁଛନ୍ତି ତାହା ଏଠାରେ ଉଲ୍ଲେଖ କରାଯାଇପାରେ । ପ୍ରେମ ସର୍ବଦା ତ୍ୟାଗ ସ୍ୱୀକାର କରେ, ଅର୍ଥାତ ଜଣଙ୍କର ମଙ୍ଗଳପାଇଁ ଅନ୍ୟ ପ୍ରେମୀ ଜଣକ ନିଜର ସୁଖ ସୁବିଧାକୁ ଜଳାଞ୍ଜଳି ଦେବାକୁ ପ୍ରସ୍ତୁତ ଥିବା ଦରକାର, ଏହା ହିଁ ପ୍ରକୃତ ପ୍ରେମ । କିନ୍ତୁ ଏହି ତ୍ୟାଗକୁ ସାଂପ୍ରତିକ ଯୁବ ପିଢି ଭୁଲ ଅର୍ଥରେ ଗ୍ରହଣ କରୁଛନ୍ତି । ତ୍ୟାଗ କହିଲେ ସେମାନେ ନିଜ ଜୀବନ ହାରିବା ନଚେତ୍ ପ୍ରେମୀର ଜୀବନ ନେବାକୁ ପଛାଦ୍‌ପଦ ହେଉନାହାନ୍ତି । ନିକଟରେ କିଛି ବର୍ଷ ତଳେ ଦିଲ୍ଲୀର ଶ୍ରଦ୍ଧା ୱାକର ଘଟଣା ପାଠକଙ୍କର ସ୍ମୃତିରେ ଉଜ୍ଜୀବିତ ଥିବ ବୋଲି ମୁଁ ଆଶା କରୁଛି ।

ପୂର୍ବେ ପ୍ରେମୀମାନେ ବିବାହ ବନ୍ଧନରେ ବାନ୍ଧି ହେବା ପୂର୍ବରୁ ସେମାନଙ୍କର ମାନସିକ ମିଳନ ଘଟୁଥିଲା । ଅର୍ଥାତ ଉଭୟ ଉଭୟଙ୍କର ମନୋଭାବ ଜାଣିବାକୁ ପ୍ରୟାସ କରୁଥିଲେ । ଯଦି ଦୁହିଁଙ୍କର ମନୋଭାବ ସମାନ ହେଉଥିଲା । ତେବେ ପିତାମାତା ତଥା ସମାଜର ସ୍ୱୀକୃତିରେ ସେମାନେ ବିବାହ ପରି ଏକ ପବିତ୍ର ବନ୍ଧନରେ ବାନ୍ଧି



Scanned with OKEN Scanner

ହେଉଥିଲେ । କିନ୍ତୁ ବର୍ତ୍ତମାନ ସମାଜରେ ମାନସିକ ମିଳନକୁ ଉପେକ୍ଷା କରି ପରସ୍ପରକୁ ଭଲ ଭାବେ ନ ଜାଣି ପ୍ରେମୀମାନେ ଦୈହିକ ମିଳନ ପାଇଁ ବେଶି ବ୍ୟଗ୍ର । ଫଳରେ ଏହି ଅପରିଣାମଦର୍ଶୀ ମନୋଭାବ ପାଇଁ ଏହାର ଫଳାଫଳ କ'ଣ ହୁଏ ତାହା ବୋଧହୁଏ ଏବେ ସମ୍ବାଦପତ୍ରର ଶିରୋନାମା ମଣ୍ଡନ କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆପଣମାନଙ୍କ ମଧ୍ୟରୁ କିଛି ଜାଣି କହିପାରନ୍ତି ଯେ ପ୍ରେମ ତାହା ନୁହେଁ, ଯାହା ସାମ୍ନା ଲୋକ ବିଷୟରେ ସବୁକିଛି ଭଲଭାବେ ଅବଗତ ହୋଇସାରିବା ପରେ ହୋଇଥାଏ, ବରଂ ପ୍ରେମ ହେଉଛି ତାହା ଯାହାକି ଯିଏ ଯେମିତି ଅଛି ତାକୁ ସେମିତି ହିଁ ଗ୍ରହଣ କରିବା । କିନ୍ତୁ ଦ୍ୱିତୀୟ ଉକ୍ତିଟି ପ୍ରେମ ବିଷୟରେ ଆଶିଂକ ସତ୍ୟ ମାତ୍ର । ଯଦି ଯେ ଯେପରି ଅଛି ତାଙ୍କ ସେପରି ଭାବରେ ଗ୍ରହଣ କରିବାକୁ ପ୍ରେମ କୁହାଯିବ, ତେବେ ମଦ୍ୟପ, ଲମ୍ପଟ, ଆତଙ୍କବାଦୀ ଓ ବେଶ୍ୟାମାନଙ୍କୁ ପ୍ରେମୀ ମିଳନ୍ତି ନାହିଁ କାହିଁକି ? ଆଉ ଯଦିବି ମିଳନ୍ତି ସେମାନଙ୍କ ବିଷୟରେ ସତ୍ୟାସତ୍ୟ ଜାଣିବାପରେ, ପ୍ରେମୀ ବୋଲାଉଥିବା ବ୍ୟକ୍ତିଟି ପଛଘୁଞ୍ଚା ଦିଏ କାହିଁକି ? ତେଣୁ ମୋ ବିଚାରରେ ଉପଯୁକ୍ତ ପ୍ରାର୍ଥୀ ଚୟନ ପରେ ପିତାମାତାଙ୍କ ସ୍ୱୀକୃତିରେ ମଣିଷ ଯେଉଁ ବନ୍ଧନରେ ବାନ୍ଧି ହେବାକୁ ଉହେଁ ତାହା ହିଁ ପ୍ରେମର ପ୍ରକୃତ ବାଖ୍ୟା ।

ଯେଉଁମାନେ ପ୍ରେମର ପ୍ରକୃତ ଅର୍ଥ ତଥା ସ୍ୱରୂପ ନ ବୁଝି ପ୍ରେମ ଭାବି ସାମୟିକ ଆକର୍ଷଣରେ ଲିପ୍ତ ହୁଅନ୍ତି ସେମାନଙ୍କ ପରବର୍ତ୍ତୀ ଜୀବନର ଦଶା କ'ଣ ହୁଏ ତାହା ବର୍ଣ୍ଣନା କରିବାର ପ୍ରୟୋଜନ ନାହିଁ । ତେଣୁ ପ୍ରକୃତ ପ୍ରେମ ଯେତିକି ମହନୀୟ ତଥା ଜୀବନକୁ ସ୍ୱର୍ଗୀୟ କରେ, ଭ୍ରମାତ୍ମକ ପ୍ରେମ ଜୀବନକୁ ସେତିକି ନର୍କର ଅତଳ ଗହ୍ୱରକୁ ଟାଣିନିଏ । ତେଣୁ ଭାଗବତର ବାଣୀର କିୟଦଂଶ ପରିବର୍ତ୍ତନ କରି ଲେଖାଯାଇପାରେ-

"ବୁଝି ବିଚାରି ପ୍ରେମ କଲେ
ପ୍ରମାଦ ନ ପଡ଼ଇ ଭଲେ ।"

ପାଠକେ ପୁଣି ପ୍ରଶ୍ନ କରିପାରନ୍ତି ଯେ ପ୍ରୀତି କଲାବେଳେ, ଜାତି, ଦେଶ, କାଳ ଓ ପାତ୍ରର ବିଚାର କରାଯାଏ ନାହିଁ । ସେଥିପାଇଁ ବୋଧହୁଏ ପ୍ରୀତିର ସ୍ୱରୂପ ବିଷୟରେ ପଲ୍ଲୀକବି ନନ୍ଦ କିଶୋର ବଳ ଲେଖିଛନ୍ତି -

"ପ୍ରୀତି ନ ମାନଇ ଜାତି ସଜନୀ ଲୋ
ପ୍ରୀତି ନ ଲୋଡଇ ପଦ
ଦେଶ କାଳ ପାତ୍ର ବିଚାର ନ ରହେ
ପିଇଦେଲେ ପ୍ରୀତି ମଦ ।"

କିନ୍ତୁ ଏତିକି କଥା ତ ନିର୍ଦ୍ଦ୍ୱନ୍ଦରେ କୁହାଯାଇପାରେ ଯେ ପ୍ରୀତି କରିବାର ପୂର୍ବରୁ ଉଲ୍ଲିଖିତ ବିଷୟରେ ସାଧାରଣ ବିଚାରଶକ୍ତିର ଆବଶ୍ୟକତା ରହିଛି ।

ପ୍ରେମରେ ଅନ୍ୟକିଛି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ତଥା ମାନଦଣ୍ଡ ହେଉଛି ପରସ୍ପର ପ୍ରତି ହେଉଛି ବିଶ୍ୱାସ, ସମ୍ମାନ ତଥା ଆନୁଗତ୍ୟ ପ୍ରକାଶ କରିବା । କିନ୍ତୁ ସାଂପ୍ରତିକ ସମାଜରେ ଅଧିକାଂଶ ପ୍ରେମୀମାନଙ୍କ ମଧ୍ୟରେ ଏସବୁ ଗୁଣାବଳୀର ଅଭାବ ଅନୁଭୂତ ହୁଏ । ହାତ ଗଣତି ପ୍ରେମୀମାନଙ୍କ ପାଖରେ ଏସବୁ ଗୁଣ ରହିଥିବାର ଉପଲବ୍ଧ କରିହୁଏ ।

ତେବେ ପରିଶେଷରେ ଏତିକି କୁହାଯାଇପାରେ ଯେ ଯୁଗ ଯୁଗ ଧରି ଆମର ଭାରତୀୟ ସଂସ୍କୃତି ପ୍ରେମର ଯେଉଁ ସ୍ୱର୍ଗୀୟ ତଥା ମହନୀୟ ବାର୍ତ୍ତା ସାରା ବିଶ୍ୱକୁ ପ୍ରଦାନ କରିଆସୁଅଛି ତାହାକୁ ଆମର ଯୁବ ସମାଜ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ପ୍ରଭାବିତ ନହୋଇ ଆମ ଦେଶର ଗାରିମାକୁ ପୂର୍ବପରି ଉଜ୍ଜ୍ୱଳ ତଥା ଗୌରବମୟ କରି ରଖନ୍ତୁ । ଏହା ଦ୍ୱାରା ନିଜର ତଥା ସମାଜର ମଙ୍ଗଳ ସାଧିତ ହେବ ।

-o-

ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ରୀ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ





# ଭବିଷ୍ୟତ ଭାରତରେ ମୋର ଭୂମିକା

ଶ୍ରୀ ପୃଥିରାଜ ସେଠୀ

ଶତସହସ୍ର ଜୁଆର ଭଟ୍ଟାର ସମ୍ଭାର ମଧ୍ୟରେ ଆମର ମହାନ ପରମ୍ପର, ଐତିହ୍ୟ, ସଂସ୍କୃତି, ରୀତିନୀତି, ମୁନିଋଷି ଓ ବେଦ ବେଦାନ୍ତରେ ପରିପୂର୍ଣ୍ଣ ଏହି ଭାରତ ଭୂମି ଯାହା ସାରା ବିଶ୍ୱରେ ଦେବଭୂମି ଭାବରେ ପରିଚିତ । ଯାହା ନାହିଁ ମରତେ ତାହା ଅଛି ଭାରତେ । ଭାରତର ଭାଗ୍ୟ ନିୟନ୍ତା ଭଗବାନଙ୍କର ଜନ୍ମଭୂମି । କୃଷ୍ଣି, ଋଷିଙ୍କ ପବିତ୍ର ଅମୃତ ମହନୀୟତାରେ ପରିପୃଷ୍ଟ । ଯୁଗ ଯୁଗ ଧରି ରାମ, କୃଷ୍ଣ, ମହାପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣା କୃପା ଦୃଷ୍ଟିରେ ଏଇ ମାଟି ମାଆ ଭାରତର ନଦ, ନଦୀ, ବନ, ଭୂମି ଦେବତା ଗଢାରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ବିଶ୍ୱର ଶ୍ରେଷ୍ଠ ଗଣତନ୍ତ୍ର ରାଷ୍ଟ୍ରରେ ମହାନ୍ ହୋଇଛି । ମୁଁ ଏହି ଭାରତବର୍ଷରେ ଜନ୍ମଗ୍ରହଣ କରି ନିଜକୁ ଗର୍ବିତ ମନେ କରୁଛି । ଏହା ଭାରତର ବଳିଷ୍ଠ ଇତିହାସ ଆଜି ତା'ର ଉନ୍ନତ ଭବିଷ୍ୟତ ପରିଚୟ ପ୍ରଦାନ କରୁଛି । ତ୍ୟାଗ, ପ୍ରେମ ଓ ଆତ୍ମ ବଳିଦାନର ବାର୍ତ୍ତା ବହନ କରିଥିବା ଏହି ଭାରତୀୟ ସଭ୍ୟତା ଆଜି ତାର ଏକସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଯେଉଁଥିରେ ତା'ର ଭବିଷ୍ୟତ ନାଗରିକ ମାନେ ଉନ୍ନତି ପ୍ରଗତିଶୀଳ ଓ ସମୃଦ୍ଧ ହୋଇ ପାରିବ ।

ଜ୍ଞାନବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳରେ ଭାରତ ଆଜି ଚନ୍ଦ୍ରପୃଷ୍ଠକୁ ପ୍ରଜ୍ଞାନ ପରି ରୋବର୍ଟକୁ ପ୍ରେରଣ କରିପାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଯାନବାହନ, ଯୋଗାଯୋଗ, ପରିବହନ ଓ ଶକ୍ତି ସମ୍ବଳ ସବୁ କ୍ଷେତ୍ରରେ ଭାରତ ଏବେ ସବୁଥିରେ ଆଗୁଆ । ଆଜିର ଶିଶୁକୁ କାଲିର ଭବିଷ୍ୟତ ରୂପେ ଗଢି ତୋଳିବାରେ ଓ ସୁସ୍ଥ ନିରାମୟ ସମାଜ ଗଠନ କରିବାରେ ଶିକ୍ଷାର ଭୂମିକାକୁ ଅଧିକ ଶ୍ରେୟ ଦିଆ ଯାଇଛି ।

**ବର୍ତ୍ତମାନ ଭାରତର ସ୍ଥିତି ବିଶ୍ଳେଷଣ ଓ ମୋର ଲକ୍ଷ୍ୟ ନିର୍ଦ୍ଧାରଣ:-**

ମୁଁ ପୃଥିରାଜ ସେଠୀ, ନବମ ଶ୍ରେଣୀର ଛାତ୍ର ଅଟେ । ମୋର ବୟସ ୧୪ ବର୍ଷ । ଭାରତର ଓଡିଶା ରାଜ୍ୟର ଯାଜପୁର ଜିଲ୍ଲାରେ ମୋର ଜନ୍ମ । ମୁଁ ଏଯାବତ୍ ଶିକ୍ଷା ଓ ଜ୍ଞାନ କୌଶଳରୁ ଯାହା ଶିକ୍ଷା ଲାଭ କରିଛି, ସେଥିମଧ୍ୟରୁ ସବୁଠାରୁ ବଳିଷ୍ଠ ଓ ମୂଲ୍ୟବାନ ଶିକ୍ଷା ହେଉଛି ସ୍ୱଦେଶ ପ୍ରୀତି ଓ ମାତୃଭୂମିର ସେବା । ଯାହା ମୋର ମନରେ ଏକ ଗଭୀରଚେତନା ସୃଷ୍ଟି କରିଛି ଯେ ଜୀବନର ପରମ ଲକ୍ଷ୍ୟ ବା ବ୍ରତଭାବରେ ଆମେ ମା'ର ମାତୃଭୂମିର ବା ଦେଶମାତୃକାର ସେବା କରିବା । ଆତ୍ମ ସ୍ୱାର୍ଥକୁ ବଳିଦେଇ ସମୂହ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା । ଭାରତର ଭବ୍ୟ ଆକାଶରେ ବହୁ ମହାପୁରୁଷ, ଜ୍ଞାନୀ, ବିଜ୍ଞାନୀ, ପଣ୍ଡିତ, ରାଜା, ମହାରାଜ, ଭକ୍ତି, କର୍ମୀ, ନିଷ୍ଠାପ କର୍ତ୍ତା, ସେବା କର୍ମରେ ପ୍ରକୃତିର ପ୍ରତିଟି ଉପାଦାନରେ ପରିପୃଷ୍ଟ । ମୋର ଭାରତ ବର୍ଷ ଗଙ୍ଗା ଜଙ୍ଗଲ, ଖଣିଜ ପଦାର୍ଥ ଓ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ । ଯାହାର ଭୌଗୋଳିକ ଜଳବାୟୁ ଶାନ୍ତ ବାତାବରଣ ଅନ୍ୟ ଦେଶ ତୁଳନାରେ ବଳିଷ୍ଠ ଓ ଉନ୍ନତ । ଏହାର ସାମାଜିକ ସ୍ଥିତି, ଧର୍ମଗତ ଭାବନା ଓ ଆଧ୍ୟାତ୍ମିକ ଚେତନା ଆଜି ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଋଷୀ ସଜାକେ ବିଲକୁ ଗଲେ ସୂର୍ଯ୍ୟ ନାରାୟଣ ତାକୁ ଅଭ୍ୟର୍ଥନା କରନ୍ତି । ପକ୍ଷୀମାନେ ତା ପାଇଁ ଗୀତ ଗାଆନ୍ତି । ଗାଈବଳଦ ପୋଷାଜୀବମାନେ ଋଷୀର ଚାରିପଟେ ଘୂରି ବୁଲେ, ସେ ତାକୁ ଆଭାସ ଦିଏ, ଏଠାରେ ନଦୀକୁ ଅବକାଶ ନାହିଁ, ପବନକୁ ବିଶ୍ରାମ ନାହିଁ । ସୂର୍ଯ୍ୟଦେବ ପ୍ରଚଣ୍ଡ କିରଣ ପ୍ରଦାନ କରନ୍ତି । ବୃକ୍ଷଲତା, ପଶୁପକ୍ଷୀ, ପ୍ରାଣୀ ଉଦ୍ଭିଦ ସମସ୍ତେ କର୍ମ ତତ୍ପର ପ୍ରବଚକ । ଜନମଙ୍ଗଳ ସାର୍ବଭୌମ୍ୟ, ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷ ବିପର୍ଯ୍ୟୟ, ବିପନ୍ନତାର ଭିତ ଭିତରେ ଅତୀତର ଗର୍ବଗୌରବ, ସ୍ୱାଭିମାନ ଏବେ ଅସହାୟ । ଅତୀତ ଆଜି ଇତିହାସ ପୃଷ୍ଠାରେ ବନ୍ଦୀ । ଏସବୁକୁ ବିଶ୍ଳେଷଣ କଲା ପରେ ଲାଗୁଛି ଯେ ଭାରତ ବିଜ୍ଞାନ ଯୁଗରେ ପାଦଥାପି ଭବିଷ୍ୟତରେ ପ୍ରଗତିଶୀଳ ଓ ସମୃଦ୍ଧିଶାଳ ହେବାରେ ଲାଗିଛି ସତ ହେଲେ ଏହି ଭାରତର ପ୍ରକୃତ ପ୍ରାଣ ଓ ଆତ୍ମା ତା'ର ଶସ୍ୟ ଶ୍ୟାମଳ ସୁନ୍ଦର ପରିବେଶ ଯାହାର ସୁରକ୍ଷା କଥା ଯେପରି ଏହି ମାନବ ସମାଜ ଭୁଲିଯାଇଛି । କୃଷି ପ୍ରଧାନ ଏହି ଭାରତବର୍ଷରେ କୃଷକର ସ୍ଥାନ ସର୍ବାଗ୍ରେ ପୂଜିତ ତାହା



Scanned with OKEN Scanner

ଭବିଷ୍ୟତରେ ଲୋପ ପାଇଯିବ ନାହିଁ ତ ! ମନୁଷ୍ୟ ପାଇଁ ଆବଶ୍ୟକ ଓ ମୂଲ୍ୟବାନ ଅମ୍ଳଜାନ କୁ ଯଦି ପ୍ରକୃତି ବିନା ମୂଲ୍ୟରେ ଆମକୁ ଦାନ କରୁଛି, ତାହେଲେ କାହିଁକି ମନୁଷ୍ୟ ଭବିଷ୍ୟତକୁ ଉନ୍ନତ କରିବାକୁ ଯାଇ ନିଜେ ନିଜ ହାତରେ ଏହି ସୁନ୍ଦର ସବୁଜ ପରିବେଶକୁ ନଷ୍ଟ କରୁଛି ? ଏହା ମୋର ହୃଦୟକୁ ଗଭୀର ଭାବରେ ଆଘାତ ଦେଉଛି ।

ବୃକ୍ଷ ଦିଏ ଫୁଲ ଫଳ ଦିଏ ଅମ୍ଳଜାନ
ବୃକ୍ଷ ଲଗାଇଲେ ବାବୁ ବଢ଼ିବ ସମ୍ମାନ ।

## ଭବିଷ୍ୟତ ଭାରତରେ ମୋର ଭୂମିକା:-

ମୁଁ ଭବିଷ୍ୟତରେ ପାଠପଢି ଜଣେ ଡାକ୍ତର, ଇଞ୍ଜିନିୟର କିମ୍ବା ଶିକ୍ଷକ ହେବାର ଲକ୍ଷ୍ୟ ଧାର୍ଯ୍ୟ କରିନାହିଁ । କାରଣ ମଣିଷ ରୋଗରେ ପଡିଲେ ଡାକ୍ତର ପାଖକୁ ଯାଏ କିନ୍ତୁ ମୁଁ ଯଦି ଏହି ରୋଗଯୁକ୍ତ ଅସ୍ୱାସ୍ଥ୍ୟକର ପରିବେଶକୁ ଏକ ସୁନ୍ଦର ସ୍ୱାସ୍ଥ୍ୟପୂର୍ଣ୍ଣ ପରିବେଶରେ ପରିବର୍ତ୍ତନ କରିପାରିବି ଓ ପୁଷ୍ଟିକର ଖାଦ୍ୟ ସହ ଏହି ପ୍ରକୃତିକୁ ସୁରକ୍ଷା ଦେବାର ଶପଥ ନେଇ ଏକ ଉତ୍ତମ ପରିବେଶବିତ୍ କୃଷକ ଭାବରେ ପରିଶ୍ରମ କରିବି, ନିଶ୍ଚୟ ଭାବରେ ମୁଁ ମୋ ସହିତ ମୋ ପରିବେଶ ଓ ମାନବ ସଭ୍ୟତାର ବହୁତ ବଡ ଉପକାର କରିବି ।

ଟୋପା ଟୋପା ଜଳ ବିନ୍ଦୁ ଯେପରି ବିଶାଳ ସମୁଦ୍ର ସୃଷ୍ଟି କରେ ମୁଁ ସେହିପରି ମୋର ପରିଶ୍ରମ ବଳରେ ଏହି ସୁନାର ଭାରତ ବର୍ଷରେ ସୁନାର ଫସଲ ଫଳାଇବି । ମୁଁ ମୋର ପରିବେଶର ସୁରକ୍ଷା ସହିତ ପରବର୍ତ୍ତୀ ପିଢି ପାଇଁ ଏକ ସୁସ୍ଥ ନିରାମୟ ପ୍ରକୃତି ସାଉଁଟି ରଖିବି । ଏହିପରି ଭାବନାରେ ଯଦି ପ୍ରତ୍ୟେକ ବ୍ୟକ୍ତି ନିଜର କର୍ମସଂସ୍ଥାନରେ ବୃକ୍ଷରୋପଣ ଓ ପରିବେଶ ସ୍ୱଚ୍ଛତା ସହିତ ମନକୁ ସ୍ୱଚ୍ଛ ନିର୍ମଳ ରଖିବେ ତେବେ ନିଶ୍ଚୟ ଭାବରେ ଭାରତ ଏକ ଅମୃତମୟ ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ ହେବ ।

**ଉପସଂହାର:-**

ଅତ୍ୟାଧୁନିକ ଯୁଗରେ ଭବିଷ୍ୟତ ଭାରତରେ ବିଜ୍ଞାନର ପ୍ରଗତି ବଳରେ ଆମେ ଯେତିକି ଆଗେଇ ଚଲିଛେ ସେତିକି ସମସ୍ୟା ମଧ୍ୟ ସୃଷ୍ଟି କରିଚଲିଛେ । ଯେପରି ଜନ ସଂଖ୍ୟା ବୃଦ୍ଧି, ଦରିଦ୍ରତା, ବେକାରୀ ସମସ୍ୟା, ପ୍ରଦୂଷଣ, ପରିବେଶର ଅବକ୍ଷୟ, ମାନବିକତାର ଅବକ୍ଷୟ, ଅନ୍ୟାୟ, ଦୁର୍ନୀତି ଓ ଭ୍ରଷ୍ଟାଚାର । ଏ ସବୁକୁ ଦୂର କରିବାରେ ଏକମାତ୍ର ପ୍ରୟାସ ନିର୍ମଳ ସ୍ୱଚ୍ଛ ସୁନ୍ଦର ବାତାବରଣ ସୃଷ୍ଟି କରିବା। ପରିଶ୍ରମ, ନୈତିକତା ଓ ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦେବା । ଭବିଷ୍ୟତ ଭାରତରେ ମୋର ଏହିପରି ଏକ ଆନ୍ତରିକ ପ୍ରୟାସ ନିଶ୍ଚୟ ଭାବରେ ଏକ ସୁସ୍ଥ ଓ ସମୃଦ୍ଧ ଭାରତ ଗଠନରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଏହା ମୋର ପ୍ରଗାଢ ଆଶା ଓ ବିଶ୍ୱାସ ।

-୦-

କଣ୍ଟାପାଟଣା, ରେଖାଦେଈପୁର

## ଭାରତୀୟ ପରମ୍ପରାରେ ବିଜ୍ଞାନ

**ଶ୍ରୀ ରଞ୍ଜନ କୁମାର ବାରିକ**

ଭାରତୀୟ ପରମ୍ପରା ଅତି ପ୍ରାଚୀନ । ଏହାର ପରମ୍ପରା,ସଂସ୍କୃତି ଓ ବିଜ୍ଞାନ ପରସ୍ପର ପରିପୂରକ । ପାତାଳରୁ ମହାକାଶ ପର୍ଯ୍ୟନ୍ତ ସବୁ ମଣିଷର ଅଭିଆରରେ । ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇବାର ଓ ନିରାକରଣର ଉପାୟ ବେଦ,ଉପନିଷଦ ଓ ଗୀତାରେ ବର୍ଣ୍ଣନା କରାଯାଇଛି । ବିବାହିତା ନାରୀ ହାତରେ ଶଙ୍ଖା ଓ ମଥାରେ ସିନ୍ଦୁର ନାଇ ଥାଏ । ଶଙ୍ଖାର ଝୁଣୁଝୁଣୁ ଶବ୍ଦ ମାତୃ ଗର୍ଭରେ ଥିବା ଶିଶୁର ମସ୍ତିଷ୍କ ବିକାଶରେ ସାହାଯ୍ୟ କରୁଥିବା ବେଳେ ମଥାରେ ଥିବା ସିନ୍ଦୁର ନାରୀକୁ ଶାନ୍ତ ରଖିବା ସହ ମାନସିକ ଚାପରୁ ମୁକ୍ତି ଦିଏ । ଦେବାଳୟରେ ଶଙ୍ଖ ଓ ଘଣ୍ଟ ଶବ୍ଦ ମନକୁ ଆଧ୍ୟାତ୍ମିକ ଦିଗକୁ କେନ୍ଦ୍ରୀଭୂତ କରାଇ ଶାନ୍ତ ରଖେ । ନିୟମିତ ଶଙ୍ଖ ଫୁକିବା ଦ୍ୱାରା ଫୁସଫୁସ ସୁସ୍ଥ ରହେ ମାଂସପେଶୀ ଓ ଅଙ୍ଗ ସକ୍ରିୟ ହୁଏ । ପାର୍ଶ୍ୱ ପରିବେଶକୁ ଜୀବାଣୁ ମୁକ୍ତ କରେ । ପୂଜା ପାର୍ବଣ ପୂର୍ବରୁ ପରିଷ୍କାର, ପରିଚ୍ଛନ୍ନ କରାଯାଏ । ପାଣି ପକାଇବା ଦ୍ୱାରା ଧୂଳି ବସିଯାଏ । ଗୋବରରେ ଲିପିବା ଦ୍ୱାରା ମଶାମାଛି ଦୂରେଇ ଯାଆନ୍ତି । ପ୍ରଣାମ






ସମୟରେ ଆମେ ଆମର ଦୁଇ ପାପୁଲିକୁ ଯୋଡିଥାଉ, ଯାହାଦ୍ୱାରା ପ୍ରତ୍ୟେକ ଅଙ୍ଗୁଳିର ଅଗ୍ରଭାଗ ପରସ୍ପରକୁ ସ୍ପର୍ଶ କରିଥାଏ । ଦୁଇ ହାତର ଅଗ୍ରରେ ଥିବା ଆକ୍ୟୁପ୍ରେସରର ପଏଣ୍ଟ, ଆଖି, ନାକ ଓ କାନର ଅଂଶ ଏହାର ସଂଯୋଗ ଫଳରେ ଇନ୍ଦ୍ରିୟ ଅଧିକ କ୍ରିୟାଶୀଳ ହୋଇଥାଏ । ଫଳରେ ଆମେ ସାମ୍ନାରେ ଥିବା ବ୍ୟକ୍ତିକୁ ଦୀର୍ଘଦିନ ମନେ ରଖିପାରୁ । ସାଧାରଣତଃ ବିବାହ ସମୟରେ ବର ଓ କନ୍ୟା ଚିନ୍ତାରେ ଥାଆନ୍ତି । ଚିନ୍ତାମୁକ୍ତ ଓ ଶାନ୍ତି ପାଇଁ ହାତରେ ମେହେନ୍ଦି ଓ ପାଦରେ ଅଳତା ଲଗାନ୍ତି । ମେହେନ୍ଦି ଓ ଅଳତା ଭୂତାଣୁ, କବକ ସଂକ୍ରମଣରୁ ରକ୍ଷା କରେ । କପାଳର ମଧ୍ୟ ଭାଗରେ ତିଳକ ନାଇବା ଦ୍ୱାରା ସ୍ନାୟୁ ଆୟତ୍ତରେ ରୁହେ । ଭାରତୀୟ ପରମ୍ପରାରେ ବସିକି ଖାଇବା ନିୟମ ରହିଛି । ଦୁଇ ଆଣ୍ଠୁ ଭାଙ୍ଗି ବସିବା ହେଉଛି ଏକ ଭଲ ଯୋଗାସନ । ଏହା ଦ୍ୱାରା ମସ୍ତିଷ୍କ ଶାନ୍ତ ରହେ ଏବଂ ଆମର ପାଚନ ଶକ୍ତି ବଢେ । ଏହା ପେଟର ମାଂସପେଶୀକୁ ସକ୍ରିୟ କରେ । ଏହା ରକ୍ତର ପରିମାଣ ବୃଦ୍ଧି କରିବା ସହିତ ଶରୀରର ଓଜନ କମାଇବାରେ ସହାୟ ହୁଏ । ସୂର୍ଯ୍ୟ ନମସ୍କାର ଯୋଗ ଦ୍ୱାରା ଶରୀର ସୁସ୍ଥ ରହେ । ସକାଳ ସୂର୍ଯ୍ୟ କିରଣରୁ ଭିଟାମିନ-ଡି ମିଳେ । ବ୍ରତ, ଉପବାସ ରଖିବା ଦ୍ୱାରା ପାଚନ ଯନ୍ତ୍ରକୁ କିଛି ସମୟ ବିଶ୍ରାମ ମିଳେ । ଏହି ସମୟରେ ତେଲ ମସଲାଯୁକ୍ତ ଖାଦ୍ୟ ଠାରୁ ଦୂରରେ ରହି ଫଳ, ଦହି ଆଦି ଖାଇବା ଦ୍ୱାରା ଦେହ ସୁସ୍ଥ ରହେ । ଛାତ୍ରଛାତ୍ରୀମାନେ ପରୀକ୍ଷାକୁ ଯିବା ପୂର୍ବରୁ ଦହି ଓ ଚିନି ଖାଇକରି ଗଲେ ଶୁଭ ମନାଯାଏ । ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଦହି ଓ ଚିନିର ମିଶ୍ରଣ ମସ୍ତିଷ୍କକୁ ପ୍ରଚୁର ପରିମାଣରେ ଗ୍ଲୁକୋଜ ପ୍ରଦାନ କରେ । ଏହା ଆମ ବୁଦ୍ଧି ଓ ଏକାଗ୍ରତାକୁ ବଢାଇବାରେ ସାହାଯ୍ୟ କରେ । ଘର ଅଗଣାରେ ତୁଳସୀ ଗଛ ପୂଜା କରାଯାଏ । ଅନ୍ୟ ଗଛ ତୁଳନାରେ ତୁଳସୀ ଗଛ ଅଧିକ ଅମ୍ଳଜାନ ଦିଏ । ଏହା ଏକ ଔଷଧୀୟ ବୃକ୍ଷ ଅଟେ । ଏହାର ପତ୍ରକୁ ଥଣ୍ଡା, କାଶ ଆଦିର ଉପଶମ ପାଇଁ ବ୍ୟବହାର କରାଯାଏ । ଆମ ପରମ୍ପରାରେ ବୟସ୍କ ବ୍ୟକ୍ତିଙ୍କ ଚରଣ ସ୍ପର୍ଶ କରି ସମ୍ମାନ ଦିଆଯାଏ । ଏପରି ସ୍ପର୍ଶ ଶରୀରରେ ରକ୍ତ ପ୍ରବାହକୁ ସକ୍ରିୟ କରାଏ । ସୂର୍ଯ୍ୟୋପରାଗ ସମୟରେ ସୂର୍ଯ୍ୟଙ୍କୁ ଚାହିଁଲେ ଆଖିରେ ସୂର୍ଯ୍ୟଙ୍କ ହାନିକାରକ ରଶ୍ମି ପଡେ । ଏହି ସମୟରେ ଭୋଜନ କଲେ ପାଚନ କ୍ରିୟା ପ୍ରଭାବିତ ହେବାର ଆଶଙ୍କା ଥାଏ । ତମ୍ବାପାତ୍ରରେ ପାଣି ରଖି ପିଇଲେ ତମ୍ବାର ଆଣ୍ଟି ମାଇକ୍ରୋବିଆଲ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଜଳରେ ଥିବା ବିଷାକ୍ତ ପଦାର୍ଥକୁ ନଷ୍ଟ କରିଦିଏ । ସୂର୍ଯ୍ୟାସ୍ତ ପୂର୍ବରୁ ଭୋଜନ କରିବା ଦ୍ୱାରା ଖାଦ୍ୟ ଶୀଘ୍ର ହଜମ ହୁଏ । ସକାଳୁ ଶୀଘ୍ର ନିଦ ଭାଙ୍ଗିଯାଏ । ଦେହ ପୁରି ରହେ । ଆଳସ୍ୟ ଦୂର ହୁଏ । ଜୈନ ଧର୍ମରେ ଏହାକୁ ନିୟମ ରୂପେ ପାଳନ କରାଯାଏ । ଜନ୍ମ ସମୟରେ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ଶିଶୁକୁ ଏକ ସ୍ୱତନ୍ତ୍ର କୋଠରୀରେ ମା ସହିତ ରଖାଯାଏ । ଶିଶୁକୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ଏପରି କରାଯାଇଥାଏ । ରୋଷେଇ ଘରକୁ ଅନ୍ୟ କାହାର ପ୍ରବେଶ ନିଷେଧ ଥାଏ । କେବଳ ଗୃହିଣୀ ସ୍ୱଚ୍ଛତାର ସହ ରୋଷେଇ କାର୍ଯ୍ୟ କରେ । ଏହା ଦ୍ୱାରା ଖାଦ୍ୟ ପରିଷ୍କାର ପରିଚ୍ଛନ୍ନ ରହେ । ମଶାଣିରୁ ଶବ ସଂସ୍କାର ପରେ ନିମ ପତ୍ର ଖୁଆଯାଏ । ଏହା ମଧ୍ୟ ବିଜ୍ଞାନ ସମ୍ମତ । ଏପରି ଅନେକ ଉଦାହରଣ ରହିଛି ।

ସବୁ ପରମ୍ପରା ଅନ୍ଧ ବିଶ୍ୱାସ ନୁହେଁ । କେଉଁଠି ନା କେଉଁଠି ବିଜ୍ଞାନସମ୍ମତ କାରଣ ଲୁଚି ରହିଛି । ତାହାକୁ ଖୋଜି ଲୋକଲୋଚନକୁ ଆଣି ଆମ ସଂସ୍କୃତି, ପରମ୍ପରାକୁ ବଞ୍ଚାଇବାକୁ ପ୍ରୟାସ ଜାରି ରଖିବା ।

-୦-

ବିଜ୍ଞାନ ଶିକ୍ଷକ
କୃଷ୍ଣପଡା ସରକାରୀ ଇନ୍ଟୀଗ୍ରେଟ ମଧ୍ୟ ଇଂରାଜୀ
ବିଦ୍ୟାଳୟ, କୃଷ୍ଣପଡା





Scanned with OKEN Scanner

# ସପ୍ନର ପଥରେ ମୁଁ

ରତୁପର୍ଣ୍ଣା ମହାନ୍ତି

ଅଳ୍ପ ଦିନର ଜୀବନ ବହୁତ କଥା ଶିଖାଇ ଦେଇଛି । ଏହି ବୟସ ନୁହେଁ, କର୍ତ୍ତବ୍ୟ ବୁଦ୍ଧିମାନ ବନେଇ ଦେଇଛି । ଏଠି ନିଜ ଠାରୁ କମ୍ ସମାଜ ପାଇଁ ବଞ୍ଚିବା ଚିନ୍ତା ଭରିଦେଇଛି । ଇଚ୍ଛା ନଥାଇ ମଧ୍ୟ ହସିବା ମିଛରେ ଶିଖେଇ ଦେଇଛି ।

କଥାର ତାତ୍ପର୍ଯ୍ୟ ଏହା ଯେ, ବେଳେବେଳେ ପରିସ୍ଥିତି ଜୀବନର ମୋଡକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥାଏ । ଭାବନାର ବାହାରେ ପୂରା ଅବାସ୍ତବ ଲାଗେ ନିଜର ପରିସ୍ଥିତି ଦେଖିଲେ ଏବଂ ବିଶ୍ୱାସ ହୁଏ ନାହିଁ ସ୍ମରଣ କଲେ ବିଗତ ମୁଁ ଏବଂ ବର୍ତ୍ତମାନର ମୁଁ ଟି ଭିତରେ ଏତେ ତଫାତ୍ ।

ତେବେ ଏପରି କିଛି କଥାକୁ ଅଧିକ ବିଶ୍ଳେଷଣ କରି ଗଲେ ଏହି କଥାଟି ମନ ମଧ୍ୟରେ ଉଙ୍କିମାରେ ଯେ ନିଜ ସ୍ୱପ୍ନର ପଛରେ ଧାଇଁ ଧାଇଁ କେଉଁଠି ନା କେଉଁଠି ମୁଁ ନୟାନ୍ତ ଅବସ୍ଥାରେ । ସ୍ୱପ୍ନରୁ ଓହରି ଯିବାର ଆଗ୍ରହ ଅବଶ୍ୟ ତିଳେ ମାତ୍ର ନାହିଁ କିମ୍ବା ଭବିଷ୍ୟତରେ ଆଗ୍ରହୀ ରହିବି ନାହିଁ ଓହରିବାକୁ ଏ ଦୃଢ ବିଶ୍ୱାସ ଅଛି । କିନ୍ତୁ ପଥ ଯେ ଏତେ କଷ୍ଟକର ହେବ ଏହା ମୋର ଭାବନାର ବାହାରେ ଥିଲା । ଆପଣାର ସ୍ଥାନ ଓ ଆପଣାର ଜନଙ୍କୁ ଛାଡି ରହିବା ସତରେ କେତେ କଷ୍ଟସାଧ୍ୟ ଏହା ଅନୁଭବ କରିଲେ ଭାରି କଷ୍ଟ ଲାଗେ । ଏଠି ସହରର ଚାକଚକ୍ୟ ମଧ୍ୟରେ ଗାଁ ମାଟିର ମହକ ଭାରି ମନେପଡେ । ଗାଁ ପର୍ବପର୍ବାଣୀ, ପିଠାପଣା ସହ ସାଙ୍ଗମାନଙ୍କ ସହ ମିଳାମିଶାର ମଜାକୁ ଭାବିଲେ କଷ୍ଟ ଲାଗେ ।

ମନ ଲାଗୁନଥିଲେ ମଧ୍ୟ ରହିବାକୁ ଆଜି ବାଧ୍ୟ । ପରିସ୍ଥିତିର ଦାସ ସାଜି ଚଳିବାକୁ ବାଧ୍ୟ । ଘରେ ମା'ର ହାତରନ୍ଧା ସ୍ୱାଦିଷ୍ଟ ଖାଦ୍ୟ ଏବଂ ସବୁ ଅଳି ପୂରା ହେଉଥିଲା । ସଉକିନିଆ ନିଜ ପସନ୍ଦର ନାନା ରକମ ଜିନିଷ ମାଗିଲେ ସାଙ୍ଗେ ସାଙ୍ଗେ ମିଳୁଥିଲା । କିନ୍ତୁ ଏହି ସ୍ୱାଦିଷ୍ଟ ଦୂରର କଥା କଞ୍ଚା ଦରସିଜା ଖାଇ ମନକୁ ବୁଝାଇବାକୁ ପଡୁଛି । ସଉକ ଦୂରର କଥା ସ୍ୱଳ୍ପ ଦରମାରେ ପୂରା ମାସର ଚିନ୍ତା କରି ନିଜ ମନକୁ ବୁଝାଇବାକୁ ପଡୁଛି । ମାସ ଆରମ୍ଭରୁ ଶେଷ ଯାଏଁ କିପରି ଚଳିବି ର ଚିନ୍ତା ମନରେ ଘାରୁଛି ଯେଉଁ ସମୟରେ ମଉଜ ମଜଲିସ୍, ଯୌବନର ଉପଭୋଗ କରିବା କଥା ସେହି ସମୟରେ ଭବିଷ୍ୟତର ଚିନ୍ତା ବ୍ୟାକୁଳ କରୁଛି । ଏହି ସବୁ ପରେ ମଧ୍ୟ ସାହାସ ଏବଂ ଧୈର୍ଯ୍ୟକୁ ଯୋଡି ଆଗକୁ ବଢି କୁହେ ସ୍ୱପ୍ନର ପଥେ ମୁଁ । ସ୍ୱପ୍ନ ପୂରା ଲାଗି ନିଜକୁ କଠୋରରୁ କଠୋର ପରିସ୍ଥିତିକୁ ଆଗକୁ ନେବାକୁ ରାଜି ମୁଁ । ବାରବାର ଭଗବାନଙ୍କ ପରୀକ୍ଷାରେ ପରିକ୍ଷୀତ କରାଇବାକୁ ପ୍ରସ୍ତୁତ ମୁଁ । ସ୍ୱପ୍ନର ପଥରେ କ୍ଲାନ୍ତ ଲାଗିଲେ ପ୍ରଭୁ ବିଶ୍ରାମ ନେଇପାରେ କିନ୍ତିକ୍ଷଣ ପାଇଁ ସତ କିନ୍ତୁ ଅଧା ରାସ୍ତାରୁ ଓହରି ଆସିବି ନାହିଁ । ପ୍ରଭୁ ମୋର ପରୀକ୍ଷା ଆପଣ ନିଅନ୍ତୁ । ମତେ କଷ୍ଟ ଦେବାକୁ ଏବଂ କଷ୍ଟ ଦେଇ ଯଦି ସଫଳତାର ସ୍ୱାଦ ଚଖେଇ ତାର ଯୋଜନା ଆପଣଙ୍କର ତେବେ ଖୁସି ଖୁସି ମତେ ମୋର କଷ୍ଟ ମଞ୍ଜୁର । ମୁଁ ମୋ ଜୀବନ ପ୍ରତ୍ୟେକଟି କ୍ଷଣ ବଞ୍ଚିବାକୁ ଚାହେଁ ମନଭରି ତାହା ଖୁସି ହୋଉ କି ଦୁଃଖ, କଷ୍ଟ ହୋଉ କି ସହଜ । ମୋ ଜୀବନ ବହିରେ ପ୍ରତ୍ୟେକ ପୃଷ୍ଠାକୁ ଉପଭୋଗ କରିବାକୁ ଚାହେଁ ଏବଂ କଥା ମୋର ସଂଘର୍ଷ ପୃଷ୍ଠା ଉପରକୁ ଆସିଲେ ମୁଁ ଦୃଢବିଶ୍ୱାସୀ ସାଜି ସଂଘର୍ଷ ଅତିକ୍ରମ କରିବାକୁ ଚାହେଁ । କାରଣ ମୋର ଜୀବନ ପୁସ୍ତକର ରଚୟିତାକୁ ମୁଁ ବିଶ୍ୱାସ କରେ । ବିଶ୍ୱାସ କରେ ଯାହା ପରୀକ୍ଷା କରିଛନ୍ତି । ସେଥିକୁ ଭଲରେ ମନଧ୍ୟାନ ଦେଇ ଏବଂ ଆପ୍ରାଣ ଉଦ୍ୟମରେ ପାର କରିଛି ।

ଅନ୍ତରରେ ଗୋଟିଏ ଛୋଟ କଥା କହିବି ବନ୍ଦ ଆଖିରେ ନୁହେଁ ଖୋଲା ଆଖିରେ ସ୍ୱପ୍ନ ଦେଖ ଏବଂ ଏତେ ଦୃଢତାର ସହ ଦେଖ ଯେ ପୂରା ବ୍ରହ୍ମାଣ୍ଡ ଲାଗି ଓହରାଇ ପାରିବ ନାହିଁ । ଏବଂ ଶେଷରେ ବାଧ ହୋଇ ବିଜୟର ପଦକ ତୁମ ଗଳାରେ ବାନ୍ଧିବାକୁ ଆସିବ । ଆତ୍ମବିଶ୍ୱାସୀ ଏବଂ ଦୃଢ ସଂକଳ୍ପି ହୁଅ ।

-୦-

ସଦସ୍ୟା,
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ





# ଗଳ୍ପ

## ଖେତେରାର ନୀରବ ସଂଗ୍ରାମ

ଡ. ଜୟଦେବ ଶତପଥୀ

ରତ୍ନାକର ବାବୁ ଉଚ୍ଚ ଶିକ୍ଷା ସାମାପନ ପରେ ଯାଜପୁର ଜିଲ୍ଲାର ବାଲିଚନ୍ଦ୍ରପୁର କଲେଜ୍‌ରେ ଅଧ୍ୟାପକ ଭାବେ ଯୋଗଦେଲେ । ନୂଆ ପରିବେଶ ଭିତରେ ଅନେକ ଖଟାମିଠା ଅନୁଭୂତି ସାଉଣ୍ଟି ଦିନ ଗଡ଼ି ଚଲିଥାଏ । ଏହା ଭିତରେ ରତ୍ନାକର ବାବୁଙ୍କର କଲେଜ ନିକଟରେ ଏକ ଭଲ ଜଳଖିଆ ଦୋକାନ ସହ ସୁସଂପର୍କ ସ୍ଥାପନ ହେଲା । ଦୈନିକ ନିଜର କ୍ଲାସ ସାରି ସେହି ଦୋକାନରେ ହାଜର ହୋଇଯାନ୍ତି ରତ୍ନାକର ବାବୁ । ଉକ୍ତ ଦୋକାନର ସ୍ୱାଦିଷ୍ଟ ଦହିବରା ବହୁତ ଆକର୍ଷିତ କରୁଥିଲା ତାଙ୍କୁ । ଦହିବରା ପ୍ରସ୍ତୁତ ହେବାର ସମୟ ଦିନ ୧୦.୩୦ ମିନିଟ୍ ସମୟରେ ସହକର୍ମୀଙ୍କୁ ଧରି ଦୋକାନରେ ହାଜର ହୋଇଯାନ୍ତି ମହାଶୟ । ଦହିବରା ସହ ବୁଟ ଡାଲ୍‌ମା ଓ ବେଳେବେଳେ ଛେନାପୋଡ, ରସଗୋଲା ଇତ୍ୟାଦି ରତ୍ନାକର ବାବୁଙ୍କର ଦୈନନ୍ଦିନ ଜଳଖିଆର ଅଂଶବିଶେଷ ହୋଇଗଲା । ଦୋକାନକୁ ଯିବା ଆସିବା ସମୟରେ ରତ୍ନାକର ବାବୁଙ୍କର ନଜର ପଡ଼ିଲା ସେହି ଦୋକାନର ଏକ କର୍ମଚରୀଙ୍କ ଉପରେ । ସେହି କର୍ମଚରୀର କାମ ଥିଲା ଅଇଁଠା ପ୍ଲେଟ୍ ଉଠାଇ ଖାଇବା ଜାଗା ପରିଷ୍କାର କରିବା ଓ ପିଇବା ପାଣି ଯୋଗାଇବା । ତାକୁ ତାର ଅନ୍ୟ ସହକର୍ମୀମାନେ ଖେତେରା ବୋଲି ସମ୍ବୋଧନ କରୁଥିଲେ । ରତ୍ନାକର ବାବୁଙ୍କର ଖେତେରା ପ୍ରତି ଦୈନିକ ନଜର ପଡେ । ମଳି କୋଚଟ ଅଧା ପ୍ୟାଣ୍ଟ ଓ ବ୍ୟାନିୟନ୍ ଖଣ୍ଡେ ପିନ୍ଧି ହାତରେ ଓଦା କପଡ଼ାଟିଏ ଧରି ଚୁପ୍‌ଚାପ୍ ଟେବୁଲ୍ ସଫା କରି ସାମ୍ନାରୁ ଉଭେଇଯାଏ ଖେତେରା । ଗ୍ରାହକଙ୍କର ପିଇବାକୁ ଆଗ୍ରହ ନଥିଲେ ବି ଚିରାଚରିତ ଭାବେ ପାଣି ଗ୍ଲାସ ଟିଏ ଟେବୁଲ୍ ଉପରେ ରଖିଦେଇ ଚଲିଯାଏ ସେ । କେହି କେହି ଖେତେରାର ବେଶଭୂଷା ଦେଖି ପାଣିକୁ ଦୂରେଇ ଦିଅନ୍ତି ତ ଆଉ କେହି କେହି ଆବଶ୍ୟକତା ଦୃଷ୍ଟିରୁ ଢୋକେ ପିଇ ବାକିତକ ଛାଡ଼ି ଚଲିଯାଆନ୍ତି । ଖେତେରା ତା' କାମ ସାରିଦେଇ ହୋଟେଲ୍‌ର କୋଣରେ ପଡ଼ିଥିବା ଏକ ଗ୍ୟାସ୍ ସିଲିଣ୍ଡର ଉପରେ ବସି ଜଗି ରହେ ପୁଣି କେତେବେଳେ ତା'ର କାମ ପଡ଼ିବ । ବେଳେବେଳେ ବିଡ଼ି ଖଣ୍ଡେ ଧରି ଟାଣୁ ଟାଣୁ ମନେ ମନେ ଗର ଗର ହୋଇ କେତେକଥା ଶୂନ୍ୟକୁ ଘୋଷି କହିଯାଏ । କେହି କିଛି ପଚାରିଲେ କିଛି ଉତ୍ତର ଦିଏନା । ଗ୍ରାହକଙ୍କ ମଝିରେ କାରବାର କରୁଥିବାବେଳେ ଗୋଟେ ବିକଟାଳ ମୁହଁ କରି କାମ କରୁଥାଏ । ରତ୍ନାକର ବାବୁ ଖେତେରାର ବ୍ୟବହାରକୁ ନିୟମିତ ଅଧ୍ୟୟନ କରୁଥାନ୍ତି ଏବଂ ଅନେକ ଅସମାହିତ ପ୍ରଶ୍ନ ତାଙ୍କ ମନକୁ ଉଙ୍କି ମାରୁଥାଏ । ଏକଦା ରତ୍ନାକର ବାବୁ ଖେତେରା ପାଖକୁ ଯାଇ ତା ବିଷୟରେ କିଛି ଜାଣିବା ପାଇଁ ଘୋଷି ମଧ୍ୟ ବିଫଳ ହେଲେ । ତାର ସହକର୍ମୀଙ୍କୁ ପଚାରିବାରୁ ଖେତେରା ଜାହା ସହ କଥା ହୁଏନି ବୋଲି କହି ସେ ଚଲିଗଲା । ଏକଦା ରତ୍ନାକର ବାବୁ ଖାଉଥିବାବେଳେ ଖେତେରାର ବାତ ବାହାରିଲା । ତାର ସହକର୍ମୀମାନେ ତାକୁ ଘେରିଯାଇ ଗୋଡ଼ ହାତକୁ ଜାବୁଡି ଧରିଲେ ଓ କିଛି ସମୟ ପରେ ଧିରେ ଧିରେ ସେ ଠିକ୍ ହେଲା । ରତ୍ନାକର ବାବୁଙ୍କର ଖେତେରା ପ୍ରତି ସମ୍ବେଦନଶୀଳତା ବୃଦ୍ଧି ପାଉଥାଏ । ଦୋକାନର ମାଲିକ କୈଳାସ ବାବୁକୁ ପଚାରିବାରୁ ସେ କହିଲେ ଯେ ଆଠ ବର୍ଷ ତଳେ ଖେତେରା ଚଣ୍ଡିଖୋଲ ଛକ ଠାରେ ଏକ ବଡ଼ ଦୁର୍ଘଟଣାର ଶିକାର ହୋଇଥିଲା । ବହୁ ଦିନର ଚିକିତ୍ସା ପରେ ସେ ଭଲ ହୋଇଗଲା ସତ କିନ୍ତୁ ବ୍ରେନ୍‌ରେ ଗଭୀର ଆଘାତ ଯୋଗୁ ତା'ର ଆଚରଣ ବ୍ୟବହାର ଭିନ୍ନ ପ୍ରକାରର ହୋଇଗଲା । ତାର ଚିକିତ୍ସା ଖର୍ଚ୍ଚରେ ବନ୍ଧା ପଡ଼ିଥିବା ଜମି, ତିହ ଓ ଘରର ଗୁଜୁରାଣ ମେଣ୍ଟାଇବା ପାଇଁ ମାସିକ ଦୁଇହଜାର ଟଙ୍କାରେ ନୀରବରେ ସଂଗ୍ରାମ କରୁଥିବା ଖେତେରାର ଦୁଃଖଭରା କାହାଣୀ ଶୁଣି ନିର୍ବାକ୍ ହୋଇଗଲେ ରତ୍ନାକର ବାବୁ ।

—୦—

ବୃନ୍ଦାଦେଇପୁର ଶାସନ
ସଭାପତି, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ



Scanned with OKEN Scanner


## ଶେଷ ଯାତ୍ରା

ସ୍ୱୟଂସିଦ୍ଧା ବଳ
ଶ୍ରେଣୀ-ଦଶମ

ରାମ ଏବଂ ମୀରା ଦୁଇ ଭାଇ ଭଉଣୀ ଥିଲେ । ସେମାନେ ରାଘୁନାଥପୁର ଗ୍ରାମରେ ରହୁଥିଲେ । ରାମର ମୀରା ଛଡା ଏ ଦୁନିଆଁରେ କେହି ନଥିଲା । ସେ ଦୁହେଁ ଦୁହିଁଙ୍କୁ ବହୁତ ଭଲ ପାଉଥିଲେ । ଦିନେ ମୀରା ଦେହ ବହୁତ ଖରାପ ହୋଇଗଲା । ରାମ ମୀରାକୁ ପାଖ ଡାକ୍ତରଖାନାକୁ ନେଇଗଲା । ସେଠାରେ ଡାକ୍ତରବାବୁ କହିଲେ ମୀରାକୁ ବଡ ଡାକ୍ତରଖାନାକୁ ନେଇଯାଅ ଏହି ଛୋଟ ଡାକ୍ତରଖାନାରେ ଏ ରୋଗ ଭଲ ହେବନି । ଏ କଥା ଶୁଣି ରାମ ମୀରାକୁ ତା' ଘରକୁ ନେଇ ଆସିଲା । ସେ ମୀରାକୁ ବୁଝାଇ କହିଲା । ମୁଁ ତତେ ବଡ ଡାକ୍ତରଖାନାକୁ ନେଇଯିବି, ଆଉ ତୁ ଭଲ ହୋଇଯିବୁ । ରାମ ତା' ଗ୍ରାମର ଜମିଦାର ପାଖରେ କିଛି ଦିନ କିରାଣି କାମ କଲା । କିଛି ଦିନ ପରେ ରାମ ପାଖରେ କିଛି ପଇସା ହେବାରୁ ସେ ମୀରାକୁ ବଡ ଡାକ୍ତରଖାନାକୁ ନେଇ ଆସିଲା । ସେ କରମଣ୍ଡଳ ଟ୍ରେନ୍‌ରେ ମୀରାକୁ ନେଇ ବସିଲା । ସେମାନଙ୍କ ଉରିପାର୍ଶ୍ୱରେ ବହୁତ ବଡ ବଡ ବ୍ୟବସାୟୀ ଏବଂ କୋଟିପତିମାନେ ବସିଥିଲେ । ମୀରାକୁ ସେ ଜଣେ ବ୍ୟକ୍ତିଙ୍କ ପାଖରେ ବସିବା ପାଇଁ କହିବାରୁ ସେ ବ୍ୟକ୍ତି ଜଣକ ରାମକୁ ତା ପାଦ ତଳର ଚାକର କରି ତା ମଜ୍ଜା ଉଡାଇଲେ । କିନ୍ତୁ ଶେଷରେ ଜଣେ ଭଦ୍ରଲୋକ ମୀରାକୁ ତାଙ୍କ ପାଖରେ ବସାଇଲେ । ଯେତେବେଳେ ଟ୍ରେନ୍‌ଟି ବାଲେଶ୍ୱରର ଷ୍ଟେସନରେ ହୋଇଛି ରାମ ଦେଖିଲା ଯେ ତା ବୋତଲରେ ପାଣି ନାହିଁ । ସେ ପାଣି ଆଣିବା ପାଇଁ ଦୋକାନକୁ ଯିବା ସମୟରେ ଟ୍ରେନ୍‌ଟି ଷ୍ଟେସନ ଛାଡି ଦେଇଛି । ବାହାନଗା ଷ୍ଟେସନ ପାଖରେ ଟ୍ରେନ୍‌ଟି ପହଞ୍ଚିବା ପୂର୍ବରୁ ଟ୍ରେନ୍‌ର ଧକ୍କା ହୋଇଯାଇଛି । ଦୋକାନ ପାଖରେ ବସି ରାମ ମୀରା କଥା ଭାବୁଥାଏ । କିନ୍ତୁ ସେ ସମୟରେ ଦୋକାନର ଟି.ଭି. ସମାଚାରରେ କରମଣ୍ଡଳ ଟ୍ରେନ୍ ଟ୍ରାଜେଡି ହୋଇଯିବାର ଦେଖେଇଲେ । ରାମ ଅସ୍ତବ୍ୟସ୍ତ ହୋଇ ବସ୍‌ରେ ମୀରା ପାଖକୁ ଗଲା । ସେଠାରେ ଦେଖିଲା ଯେ ଟ୍ରେନ୍‌ର ପ୍ରଥମ ଦୁଇଟ ବଗି ଓଲଟି ପଡିଛି ଏବଂ ଗଦା ଗଦା ଶବ ପଡିଛି । ରକ୍ତର ନଦୀ ବୋହୁଛି । ସେ ମୀରାକୁ ଖୋଜିବାକୁ ଲାଗିଲା । ଶେଷରେ ମୀରାକୁ ପାଇଗଲା ଏବଂ ମୀରା ତା'ର ଶେଷ ନିଶ୍ୱାସ ଗଣୁଥିବାର ଦେଖିଲା । ସେ ଦୌଡିଦିଜି ମୀରା ପାଖକୁ ଗଲା । ମୀରା ତା ଭାଇକୁ ଦେଖି କହିଲା । 'ଭାଇ ମୋର ଏହା ଶେଷ ଯାତ୍ରା ଥିଲା' ଏବଂ ସେଠାରେ ସେ ମରିଗଲା । ରାମ ତା ପରେ ତାଙ୍କ ଗ୍ରାମକୁ ଫେରିଗଲା ।

-୦-

ଜେନାପୁର ସରକାରୀ ଉଚ୍ଚବିଦ୍ୟାଳୟ, ଜେନାପୁର







## ଉପକାରୀ ବାଳକ

ସ୍ୱପ୍ନା ସାହୁ
ଶ୍ରେଣୀ-ଦଶମ

ଗୋଟିଏ ଗାଁରେ ଗୋପାଳ ନାମରେ ବାଳକଟିଏ ଥିଲା । ସେ ବହୁତ ଭଲ ଓ ବୁଦ୍ଧିମାନ ପିଲା । ଗାଁର ସବୁ ଲୋକେ ତାକୁ ବହୁତ ଭଲ ପାଉଥିଲେ, ଦିନକର ଘଟଣା । ଶୀତ ଦିନ ଅଟେ,ଗୋପାଳର ପଡିଶା ଘରରେ ଜଣେ ଗରିବ ଲୋକ ରହୁ ଥିଲେ । ସେ ବହୁତ ବେମାର ଥିଲେ । ତେଣୁ ତାଙ୍କୁ ବହୁତ ଶୀତ ହେଉଥିଲା । ତାଙ୍କ ଘରେ କେହି ନଥିଲେ ଖଣ୍ଡେ କାଠ କାଟି ଘରେ ପହଞ୍ଚାଇ ଦେବାକୁ ।

ଗୋପାଳକୁ ଯେତେବେଳେ ଏକଥା ଜଣାପଡିଲା, ସେ କାଠ ଆଣିବା ପାଇଁ ଜଙ୍ଗଲକୁ ଗଲା । ଜଙ୍ଗଲରେ ଗୋଟିଏ ବଡଗଛ ଉପରେ ଚଢି କାଠ କାଟିବାକୁ ଲାଗିଲା । ସେ ଯେଉଁଠି କାଠ କାଟୁଥିଲା । ତାରି ପାଖରେ ଡାକୁମାନଙ୍କର ଲୁଚିବା ସ୍ଥାନ ଥିଲା । କିନ୍ତୁ ଗୋପାଳ ଏ ବିଷୟରେ କିଛି ଜାଣି ନଥିଲା ।

ଡାକୁମାନଙ୍କର ସର୍ଦ୍ଦାର ଗୋପାଳକୁ ଦେଖି ପଳାଇଗଲା । ସେ ଭାବିଲା ସେହି ପିଲାଟି ତାଙ୍କ ଲୁଚିବା ସ୍ଥାନ ଦେଖି ଦେଇଛି । ତେଣୁ ସେ ଯାଇ ସମସ୍ତଙ୍କୁ କହିଦେବ । ତା'ପରେ ସମସ୍ତେ ଧାଇଁ ଆସିବେ ତାକୁ ଧରିବାକୁ ।

ସେଥିପାଇଁ ଡାକୁ ସର୍ଦ୍ଦାର ଗୋଟିଏ ଛୁରୀ ନେଇ ଗୋପାଳକୁ ମାରିବା ପାଇଁ ଆଗେଇଲା । କିନ୍ତୁ ସେ ଗଲା ବେଳେ ବାଟରେ ଖୁଣ୍ଟି ପଡିଲା । ଯାହାଫଳରେ ସେ ତଳେ ପଡିଗଲା ଏବଂ ଛୁରୀଟାର ପାଦରେ ଗଳିଗଲା ।

ପଡିବା ଶବ୍ଦଶୁଣି ଗୋପାଳ ଗଛ ଉପରୁ ଦେଖିଲା ସର୍ଦ୍ଦାରର ପାଦରୁ ରକ୍ତ ବାହାରୁଛି । ସେ ଶୀଘ୍ର ଗଛରୁ ଓହ୍ଲାଇ ସର୍ଦ୍ଦାର ପାଖକୁ ଆସି ନିଜ ଜାମାରୁ ଖଣ୍ଡେ ଚିରି ସର୍ଦ୍ଦାରର କ୍ଷତସ୍ଥାନକୁ ବାନ୍ଧିଦେଲା । ଏଥିରୁ ଆମେ ଶିଖିଲେ ଅନ୍ୟର ବିପଦ ବେଳେ ତା'ର ପାଖରେ ଠିଆ ହେବା ଉଚିତ ।

ଶ୍ରୀବନ୍ତପୁର ଉଚ୍ଚବିଦ୍ୟାଳୟ,ଯାଜପୁର

## ସତ୍ୟ

କଙ୍କତରୁ ରାଉତ
ପ୍ରଧାନଶିକ୍ଷକ

ଏକଦା ଜଣେ ରାଜାଙ୍କ ମନରେ ବୈରାଗ୍ୟ ଆସିବାରୁ ନିଜର ରାଜକୀୟ କାର୍ଯ୍ୟକୁ ପରିତ୍ୟାଗ କରି ତପସ୍ୟା କରିବା ପାଇଁ ବନ ମଧ୍ୟକୁ ପ୍ରବେଶ କଲେ । କିଛି ଦିନ ତପସ୍ୟା କଲାପରେ ନିଜେ ନିଜର ଅନ୍ତରାତ୍ମାରୁ ଅନୁଭବ କଲେ ସର୍ବଦା ସତ୍ୟ କହିବା ତପ ମଧ୍ୟରେ ଶ୍ରେଷ୍ଠ । ସେହି ଦିନ ଠାରୁ ତପସ୍ୟା କରିବା ସଙ୍ଗେ ସଙ୍ଗେ ଯେତେବାଧା ବିଘ୍ନ ଆସିଲେ ମଧ୍ୟ ସତ୍ୟଟିକୁ ତପସ୍ୟାର ଆୟୁଧ ରୂପେ ବ୍ୟବହାର କରନ୍ତି । ସତ୍ୟ କହିବା ମହାପୁଣ୍ୟ ସତ୍ୟ ତପସ୍ୟାର ମୂଳମନ୍ତ୍ର । ସତ୍ୟ ହିଁ ମନୁଷ୍ୟକୁ ମୋକ୍ଷ ପ୍ରଦାନ କରେ । ସତ୍ୟ ସର୍ବଦା ଶୁଭ ଶକ୍ତିଶାଳୀ ମଧ୍ୟ ହୋଇଥାଏ । ଦିନେ ରାଜଶ୍ରୀ ବନ ମଧ୍ୟରେ ତପସ୍ୟା କରୁଥିବା ସମୟରେ ଏକ ଶିକାରୀ ଦ୍ୱାରା ଶରବିଦ୍ଧ ଏକ ହରିଣ ଭୟଭୀତ ଓ ଜୀବନ ରକ୍ଷା ନିମନ୍ତେ ବଣ ମଧ୍ୟକୁ ଦୌଡି ପଳାଇଗଲା । ଏହି ସମୟରେ ଶିକାରୀଟି ଋଷି ପ୍ରତିମାକୁ କହିଲେ ଆପଣ ଦେଖିଛନ୍ତି କି ଏହି ବାଟେ ଆଘାତ ପ୍ରାପ୍ତ ହରିଣ ଚାଲିଯାଇଛି କି ? ଋଷି ସତ୍ୟବାଦୀ କ'ଣ କରିବେ ମନ ଭିତରେ ଦ୍ୱନ୍ଦ ଆସିଲା ସତ୍ୟ କହିଲେ ହରିଣଟିର ବାଟେ ଆଘାତ ପ୍ରାପ୍ତ ହରିଣ ଚାଲିଯାଇଛି କି ? ଋଷି ସତ୍ୟବାଦୀ କ'ଣ କରିବେ ମନ ଭିତରେ ଦ୍ୱନ୍ଦ ଆସିଲା ସତ୍ୟ କହିଲେ ହରିଣଟିର ଜୀବନ ଚାଲିଯିବ । ଏହା ଭାବି ସେ କିଛି ସମୟ ଚିନ୍ତା କଲେ ଆଉ ଶିକାରୀକୁ କହିଲେ ଆଖି ଦେଖିବା ଘଟଣାକୁ ଆଖି କହିବାର ଶକ୍ତି ନାହିଁ । ପାଟି କହିପାରିବ କିନ୍ତୁ ସେ ଦେଖିନାହିଁ । ଏହି କଥାଟିକୁ ଶୁଣି ଶିକାରୀ ନିଜ ରାସ୍ତାରେ ପଳାଇଲା

-୦-

ଦୁର୍ଗାଶଙ୍କର ବିଦ୍ୟାପୀଠ, କୃଷ୍ଣପଡା,ଯାଜପୁର



Scanned with OKEN Scanner

## କପୋତଲୁବ୍ଧକ କଥା (ପକ୍ଷୀବ୍ୟାଧ କଥା)

ପ୍ରୟାଶ ସାହୁ

କୌଣସି ଏକ ଘଞ୍ଚ ଅରଣ୍ୟରେ ଏକ ବୃକ୍ଷ ଓ ପାପୀ ପକ୍ଷୀବ୍ୟାଧ ବାସ କରୁଥିଲା । ସେତେବେଳେ ସେହି ଅରଣ୍ୟରେ ପ୍ରବଳ ବୃଷ୍ଟିପାତ ସହିତ ଘୂର୍ଣ୍ଣିଝଡ ହେଲା । ପଶୁପକ୍ଷୀମାନେ ଭୋକ ଶୋଷରେ ଆତୁର ହୋଇ ବଣରେ ବୁଲିବାକୁ ଲାଗିଲେ । ସେତେବେଳେ ସେହି ପକ୍ଷୀ ବ୍ୟାଧ ଏକ କପୋତୀକୁ ଧରି ତାଙ୍କୁ ପିଞ୍ଜରା ଭିତରେ ଆବଦ୍ଧ କରିଦେଲେ । ରାତ୍ରି ହୋଇଯିବାରୁ ସେ ଏକ ବିଶାଳ ବଟବୃକ୍ଷରେ ଶରଣ ନେଲା । ସେହି ବଟବୃକ୍ଷରେ ଏକ କପୋତ ଦୀର୍ଘଦିନ ଧରି ବାସ କରୁଥିଲା । ସେ କପୋତ ନିଜ ପତ୍ନୀ କଥା ଭାବୁଥିଲା କାରଣ ତା ପତ୍ନୀ ସକାଳୁ ଯାଇ ରାତ୍ରି ହେଲାଣି ତଥାପି ଘରକୁ ଫେରିନଥିଲା । ତା ମନରେ ବହୁତ କଷ୍ଟ ହେଉଥିଲା । କାରଣ ଜଣେ ପୁରୁଷ ତାର ସ୍ତ୍ରୀ ବିନା ଅନାଥ । ସଂସାର ରୂପକ ରଥର ଗୋଟିଏ ଚକ ସ୍ୱାମୀ ହେଲେ ଅନ୍ୟ ଚକଟି ସ୍ତ୍ରୀ । ଯଦି ଗୋଟିଏ ଚକ ଭାଙ୍ଗିଯାଏ ତେବେ ରଥଟି ଭୁଷୁଡିଯିବ । ଏହି କଥା ଭାବି ଭାବି କପୋତଟି ବିଳାପ କରୁଥିଲା । କପୋତର ବିଳାପ ଶୁଣି କପୋତୀଟି ନିଜକୁ ଧନ୍ୟମନେ କଲା । କପୋତୀଟି କପୋତ କୁ କହିଲା ହେ ସ୍ୱାମୀ ! ଏହି ପକ୍ଷୀବ୍ୟାଧକ ଆମର ଅତିଥି ଆପଣ ଯଥା ସମ୍ଭବ ତାଙ୍କର ଅତିଥି ସତ୍କାର କରନ୍ତୁ । କପୋତଟି ନିଜ ସ୍ତ୍ରୀ କଥାରେ ଯାଇ ପକ୍ଷୀ ବ୍ୟାଧକୁ ପଚାରିଲା - ମୁଁ ଆପଣଙ୍କର କ'ଣ ସେବା କରିପାରିବି ? ପକ୍ଷୀବ୍ୟାଧ କହିଲା ମୋତେ ବହୁତ ଭୋକ ଓ ଶୀତ କରୁଛି । ସଙ୍ଗେ ସଙ୍ଗେ କପୋତଟି କମାର ଘରକୁ ଗଲା ଓ ନିଆଁ ଆଣି ଶୁଖିଲାପତ୍ରରେ ନିଆଁ ଲଗାଇଲା ପକ୍ଷୀ ବ୍ୟାଧର ଶୀତଦୂର କରିବା ପରେ ସେ ଖାଇବାକୁ ମାଗିଲା । କିନ୍ତୁ କପୋତ ପାଖରେ ସେମିତି କିଛି ଖାଦ୍ୟ ନଥିଲା ଯାହାଦ୍ୱାରା କି ସେ ଅତିଥିଙ୍କର ଭୋକ ମେଣ୍ଟାଇପାରିବ । ସେ ସଙ୍ଗେ ସଙ୍ଗେ ଜଳୁଥିବା ଅଗ୍ନି ମଧ୍ୟରେ ପ୍ରାଣ ତ୍ୟାଗ କଲା । କପୋତର ପ୍ରାଣତ୍ୟାଗରେ ପକ୍ଷୀବ୍ୟାଧର ମନରେ ପରିବର୍ତ୍ତନ ଆସିଲା । ସେ ମଧ୍ୟ ଅଗ୍ନିରେ ପ୍ରବେଶ କରି ପ୍ରାଣତ୍ୟାଗ କଲା । କପୋତ, କପୋତୀ ଓ ପକ୍ଷୀବ୍ୟାଧ ତିନିଜଣ ଯାଙ୍କ ସ୍ୱର୍ଗକୁ ଗଲେ ।

ନୀତିଶିକ୍ଷା :- ସଦାସର୍ବଦା ପଶୁପକ୍ଷୀମାନଙ୍କର ଯତ୍ନ ନେବା ଉଚିତ୍ । ଦରକାର ପଡିଲେ ପଶୁପକ୍ଷୀମାନେବି ଆମର ସାହାଯ୍ୟ କରନ୍ତି ।

-୦-

ଷଷ୍ଠ ଶ୍ରେଣୀ ଛାତ୍ର
ନାରାୟଣ ଶୋଭାନୀୟ ଶିକ୍ଷାଶ୍ରମ,ବୃନ୍ଦାଦେଈପୁର

## ବନ୍ଧୁତା

ସ୍ୱିଟି ସ୍ମିତା ସେଠୀ

ରାମେଶ୍ୱର ଗ୍ରାମରେ ମୁକ୍ତିକାନ୍ତ ନାମରେ ଜଣେ ଜମିଦାର ଥିଲେ । ସେ ଦୟାଳୁ ଓ ଶାନ୍ତ ସ୍ୱଭାବର ମଣିଷ ଥିଲେ । ଜମିଦାର ନିଜର ଏକମାତ୍ର ପୁତ୍ର ପ୍ରିୟବ୍ରତର କାର୍ଯ୍ୟକଳାପରେ ଆଦୌ ସନ୍ତୁଷ୍ଟ ନଥିଲେ । ସାଙ୍ଗସାଥୀଙ୍କ ସହିତ ଖିଆପିଆ ବୁଲା ବୁଲିରେ ପ୍ରିୟବ୍ରତର ପୁରାଦିନ ବିତିଯାଉଥିଲା । ଅନେକ ସମୟରେ ପ୍ରିୟବ୍ରତ ବନ୍ଧୁଘରେ ରାତ୍ରିଯାପନ କରୁଥିଲା । ଘର ଖାଦ୍ୟ ତା'ଙ୍କୁ ଆଗପରି ଆଉ ରୁଚୁ ନଥିଲା । ମଉଜମଜଲିସରେ ଦିନ କାଟିବା ଧୀରେ ଧୀରେ ପ୍ରିୟବ୍ରତର ଅଭ୍ୟାସରେ ପରିଣତ ହୋଇଗଲା । ସେ ଦିନକ ପାଇଁ ମଧ୍ୟ ଘର ଦାୟିତ୍ୱ ନେଉ ନଥିଲା କି ନିଜ ପିତାଙ୍କୁ ତାଙ୍କ କାମରେ କେବେ ସାହାଯ୍ୟ କରୁନଥିଲା । ପ୍ରିୟବ୍ରତ ସମୟର ମହତ୍ତ୍ୱ ବୁଝୁ ନଥିବାରୁ ଉଭୟ ପିତାମାତା ଚିନ୍ତିତ ରହୁଥିଲେ । ଅନେକ ପ୍ରକାର ବୁଝେଇଲା ପରେ ବି ତା'ର ସ୍ୱଭାବରେ ସାମାନ୍ୟ ବି ପରିବର୍ତ୍ତନ ହେଉନଥାଏ । ଦିନେ ଜମିଦାର ଏବାବଦରେ ଜଣେ ସନ୍ଥଙ୍କ ଠାରୁ ପରାମର୍ଶ ନେଲେ । ସବୁକଥା ଶୁଣି ସନ୍ଥ କହିଲେ ଦିନେ ପ୍ରିୟବ୍ରତକୁ ମୋ





ପାଖକୁ ପଠାନ୍ତୁ । ମୁଁ ଏହାର ସମାଧାନର ବାଟ କାଢିବି । ପିତାଙ୍କ ଆଦେଶ ପାଇ ପ୍ରିୟବ୍ରତ ଦିନେ ସନ୍ଥଙ୍କ ନିକଟରେ ପହଞ୍ଚିଲା । ପ୍ରିୟବ୍ରତ ସନ୍ଥଙ୍କ ପାଦସ୍ପର୍ଶ କରି ପ୍ରଣାମ କଲା । ସନ୍ଥ ପ୍ରିୟବ୍ରତକୁ ନିଜ କୁଟୀର ପଛପାଖକୁ ଡାକି ନେଲେ ଓ ତିନୋଟି ଅନାବନା ଗଛ ଦେଖାଇଲେ । ଗୋଟିଏ ଛୋଟ ଆଉ ଗୋଟିଏ ତା' ଠାରୁ ଟିକେ ବଡ ଆଉ ଅନ୍ୟଟି ଆଉଟିକେ ବଡ । ସନ୍ଥ କହିଲେ ଏବେ ମୋତେ ତୁମେ ତିନୋଟି ଯାକ ଗଛ ଉପାଡିକି ଦିଅ । ପ୍ରିୟବ୍ରତ ସଙ୍ଗେ ସଙ୍ଗେ ଛୋଟ ଗଛଟିକୁ ଉପାଡି ଦେଲା । ଦ୍ୱିତୀୟ ଗଛଟିକୁ ସାମାନ୍ୟ ବଳ ପ୍ରୟୋଗ କରିବାକୁ ପଡିଲା । ହେଲେ ବଡ ଗଛଟିକୁ ଆଦୌ ଉପାଡି ପାରିଲା ନାହିଁ କାରଣ ମାଟି ଓ ଗଛର ବନ୍ଧୁତା ମଣିଷ ବଳ ଠାରୁ ଅଧିକ ଶକ୍ତିଶାଳୀ ଥିଲା । ମଣିଷ ସମାଜରେ ବି ବନ୍ଧୁତାର ଦୃଢତା ଅବିକଳ ମାଟି ଓ ଗଛପରି । ଜୀବନରେ ବନ୍ଧୁତାର ଆବଶ୍ୟକତା ତ ରହିଛି । ହେଲେ ବନ୍ଧୁତା ଆଡୁଆଳରେ ନିଜ କର୍ତ୍ତବ୍ୟକୁ ଭୁଲିଯିବା ଆଦୌ ଗ୍ରହଣୀୟ ନୁହେଁ । ସୁଗୁଣରେ ପରିପୂର୍ଣ୍ଣ ବନ୍ଧୁଟି ଜୀବନର ମାର୍ଗକୁ ପ୍ରଶସ୍ତ କରେ ଆଉ ଦୁଷ୍ଟ ପ୍ରକୃତିର ବନ୍ଧୁ ଜୀବନକୁ ନର୍କରେ ପକାଏ । ସମୟ କ୍ରମେ ଦୁଷ୍ଟ ପ୍ରକୃତିର ବନ୍ଧୁ ଠାରୁ ହାତ ଛଡାଇବା କାଠିକର ପାଠ । ଏଣୁ ଗୁଣପରଖି ବନ୍ଧୁତ୍ୱ ଗଢିବା ନିହାତି ଜରୁରୀ,ପ୍ରିୟବ୍ରତ ନିଜ ଭୁଲ ସ୍ୱୀକାର କରି ସନ୍ଥଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲା । ଧୀରେ ଧୀରେ ପୁରୁଣା ସାଙ୍ଗସାଥୀଙ୍କ ଠାରୁ ଦୂରେଇ ଉଭୟ ଗୃହକାର୍ଯ୍ୟ ଓ ପିତାଙ୍କର ଦାୟିତ୍ୱ ନିଜକାନ୍ଧକୁ ନେବାକୁ ଲାଗିଲା । ଜମିଦାର ନିଜର ପୁତ୍ରର ମନ ପରିବର୍ତ୍ତନ ହୋଇଥିବାରୁ ସେ ସନ୍ଥଙ୍କୁ ଧନ୍ୟବାଦ ଦେବାକୁ ଲାଗିଲେ ।

-୦-

ସପ୍ତମ ଶ୍ରେଣୀ ଛାତ୍ରୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେନାପୁର

## ସ୍ୱର୍ଗରେ ଗଣତନ୍ତ୍ରର ସଙ୍କେତ (କାଳ୍ପନିକ)

ପଦ୍ମନାଭ ଶତପଥୀ

ଚନ୍ଦ୍ରଯାନ-୩ ଚନ୍ଦ୍ରପୃଷ୍ଠରେ 'ବିକ୍ରମ' ଯାନଟିକୁ ଅବସ୍ଥାପିତ କରିବାରେ ସକ୍ଷମ ହୋଇପାରିଛି । ଏହି ଉପଲକ୍ଷେ ପୁରା ଭାରତରେ ଖୁସିର ଲହରୀ । ଭାରତର ଯୋଗ୍ୟ,ବୈଜ୍ଞାନିକମାନଙ୍କ ବହୁଦିନର ଅନୁସନ୍ଧାନ,ପରିଶ୍ରମ ଏବଂ ସଙ୍ଗଠିତ ପ୍ରୟାସ ଦ୍ୱାରା ଏହା ସମ୍ଭବ ହୋଇପାରିଥିଲା । ପୃଥିବୀର ବହୁ ଦେଶରୁ ଅଭିନନ୍ଦନର ବାର୍ତ୍ତା ଆସିବାରେ ଲାଗିଥିଲା । ଭାରତର ଏହି ସଫଳତା ପୁରା ବିଶ୍ୱକୁ ଚକିତ କରିଥିଲା ।

ଠିକ୍ ଏହି ସମୟକାଳରେ ସ୍ୱର୍ଗପୁରୀରେ ଦେବତାମାନଙ୍କ ଦେବସଭାର କାର୍ଯ୍ୟକ୍ରମ ଚିରାଚରିତ ପ୍ରଥା ଅନୁସାରେ ଅନୁଷ୍ଠିତ ହେବାକୁ ଯାଉଥିଲା । ରାଜ ସିଂହାସନରେ ସ୍ୱୟଂ ଦେବରାଜ ଇନ୍ଦ୍ର ବିରାଜମାନ ଥିଲେ । ସବୁ ଆସନରେ ଦେବତାମାନେ ବସିସାରିଥିଲେ । ସବୁ ଆସନ ମଧ୍ୟରୁ ଗୋଟିଏ ଆସନ ଖାଲିଥିବାର ଦେଖିବାକୁ ପାଉଥିଲେ ଦେବରାଜ ଇନ୍ଦ୍ର । ମନ୍ତ୍ରୀଙ୍କ ଠାରୁ ଜାଣିବାକୁ ପାଇଲେ ଯେ ଆସନଟି ହେଉଛି ଚନ୍ଦ୍ର ଦେବଙ୍କର । ସମୟ ଅତିବାହିତ ହେଉଥିବାରୁ ଦୂତ ପଠାଇ କାରଣ ଜାଣିବାକୁ ଚେଷ୍ଟା କରିବା ସମୟରେ ସ୍ୱୟଂ ଚନ୍ଦ୍ରଦେବ ନିଜ ଆସନ ପାଖରେ ପହଞ୍ଚି ଯାଇଥିଲେ । ବିଳମ୍ବର କାରଣ ପଚାରିବା ଆଗରୁ ଚନ୍ଦ୍ର ଦେବ ନିଜେ ବିଳମ୍ବର କାରଣ ଦେବସଭାରେ କହିବାକୁ ଲାଗିଥିଲେ । କାଲି ନିଜ ପୃଷ୍ଠରେ ହଠାତ୍ ଏକ କମ୍ପନର ଅନୁଭବ କରିଥିଲି । କାରଣ ଜାଣିନପାରିବାରୁ ଦୂତମାନଙ୍କୁ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇ ସେମାନଙ୍କ ଫେରିବା ସମୟ କୁ ଅପେକ୍ଷା କରି ବସିଥିଲି । କିଛି ତଥ୍ୟ ପାଇଲେ ସେମାନେ ? ପଚାରିଲେ ଦେବରାଜ ଇନ୍ଦ୍ର । ହଁ ଦେବରାଜ କହି ତଥ୍ୟଟିକୁ ଦେବସଭାରେ କହିବାକୁ ଲାଗିଲେ । ମୋର ପୃଷ୍ଠଭୂମିରେ ଗୋଟିଏ ଝଲକ ବିହିନ ସ୍ୱୟଂ ଝଲିତ ଯାନ ସ୍ଥିରଭାବରେ ଠିଆ ହୋଇଛି । ଯାନଟିର ନାମ 'ବିକ୍ରମ' ବୋଲି ଲେଖାହୋଇଛି । ଆଉ ସେହି ଯାନଟି ଭିତରୁ ଆଉ ଗୋଟିଏ ସ୍ୱୟଂଝଲିତ ଯାନ ବାହାରି ସ୍ୱଚ୍ଛନ୍ଦରେ ମୋ ପୃଷ୍ଠଭୂମିରେ ଭ୍ରମଣ କରିଝଲିଛି । ଛୋଟ ଯାନଟିର ନାମ ମଧ୍ୟ 'ପ୍ରଜ୍ଞା' ବୋଲି ଲେଖାହୋଇଛି । ବଡ ଯାନ ଠାରୁ କିଛି ସଂକେତ ପାଇବା ପରେ ଛୋଟଯାନଟି ତା ଭିତରେ ଥିବା କିଛି ଉପକରଣ ବାରମ୍ବାର ପୃଷ୍ଠଭୂମିକୁ ସ୍ପର୍ଶ କରୁଥିବାର ଦେଖିବାକୁ ମିଳିଛି ।



Scanned with OKEN Scanner

ତାର ଚକଟି ଆଗକୁ ବଢିଲା ପରେ ପୃଷ୍ଠଭୂମିରେ ଏକ ଚିହ୍ନ ଛାଡି ଯାଉଛି ଏବଂ ସେହି ଚକ ଚିହ୍ନରେ 'ଭାରତ' ଲେଖା ହୋଇଛି । ଏଥିରୁ ଜଣାପଡୁଛି ଭାରତ ସ୍ୱର୍ଗପୁରୀ ଉପରେ କିଛି ଷଡଯନ୍ତ କାର୍ଯ୍ୟକଳାପରେ ଲିପ୍ତ ଅଛି ।

ହସି ଉଠିଲେ ଦେବରାଜ ଇନ୍ଦ୍ର । କହିଲେ ଭାରତବର୍ଷ ହେଉଛି ଦେବଭୂମି । ସେଠାକାର ମନୁଷ୍ୟମାନେ ଦେବତାମାନଙ୍କୁ ପୂଜାର୍ଚ୍ଚନା କରନ୍ତି । ସେଠାରେ ବହୁ ମନ୍ଦିର,ମସଜିଦ୍,ଗୀର୍ଜାଘର ପ୍ରତିବର୍ଷ ନିର୍ମାଣ କରାଯାଇ ଦେବତାମାନଙ୍କୁ ପୂଜା କରନ୍ତି । ଧର୍ମପ୍ରାଣ ଲୋକମାନେ ମନ୍ଦିରମାନଙ୍କରେ ଖାଦ୍ୟଦ୍ରବ୍ୟ ଭୋଗ ଲଗାଇ ଅସହାୟ ଲୋକମାନଙ୍କୁ ଖାଦ୍ୟଯୋଗାଇ ଥାଆନ୍ତି । ସକାଳ, ସନ୍ଧ୍ୟା ସମୟ ଦେବତାମାନଙ୍କ ନାମ ଜପ କରନ୍ତି । କୀର୍ତ୍ତନ କରନ୍ତି, ଯଜ୍ଞଆଦି ମଙ୍ଗଳମୟ କାମରେ ସମାଜର ସେବା କରନ୍ତି । ସେମାନେ କାହିଁକି ସ୍ୱର୍ଗ ଉପରେ ଷଡଯନ୍ତ କରିବେ ? ପୁନଶ୍ଚ ଚନ୍ଦ୍ରଦେବ କହିବାକୁ ଲାଗିଲେ- ଅନୁସନ୍ଧାନରୁ ଜାଣିବାକୁ ମିଳିଛି- ସେହି 'ପ୍ରଜ୍ଞା' ଯାନଟିର ଭୂମିପୃଷ୍ଠକୁ ସ୍ପର୍ଶ କରୁଥିବା ଉପକରଣଟିର ମାଧ୍ୟମରେ ସେମାନେ ଚନ୍ଦ୍ରପୃଷ୍ଠରେ ଜଳର ଅନୁସନ୍ଧାନ କରୁଛନ୍ତି ।

ଏହି କଥାଟି ଶୁଣି ଇନ୍ଦ୍ରଦେବ ଆହୁରି ଉଚ୍ଚ ସ୍ୱରରେ ହସିଥିଲେ ଏବଂ କହିଲେ ଭାରତବର୍ଷର ତିନି ପାର୍ଶ୍ୱରେ ଅଗାଧ ସମୁଦ୍ର,ଭିତରେ ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ଗୋଦାବରୀ ଆଦି ବଡ ବଡ ନଦୀ ପ୍ରବାହିତ । ସେମାନେ କାହିଁକି ଜଳ ଖୋଜିବେ ? ଠିକ୍ ଏହି ସମୟରେ ନାରାୟଣ, ନାରାୟଣ ବୀଣା ଧ୍ୱନି କରି ସଭା ମଧ୍ୟରେ ଦେବର୍ଷି ନାରଦଙ୍କ ଉପସ୍ଥିତିକୁ ସମସ୍ତ ଦେବତାମାନେ ସ୍ୱାଗତ କରିଥିଲେ । ଦେବର୍ଷି ନାରଦ କହି ଉଠିଲେ । ହସ ନାହିଁ,ହସ ନାହିଁ ,ଦେବରାଜ ଇନ୍ଦ୍ର । ସେମାନେ ଜଳ ବାହାନାରେ ଅମୃତ ସନ୍ଧାନ କରିବାକୁ ଆସି ପାରିଥାଆନ୍ତି । ସେମାନେ ସ୍ୱର୍ଗରୁ ଅମୃତ ଅପହରଣ କରି ସମଗ୍ର ଭାରତବାସୀଙ୍କୁ ପାନ କରାଇ ଅମରତ୍ୱ ପ୍ରଦାନ ସେମାନଙ୍କ ଉଦ୍ଦେଶ୍ୟ ହୋଇପାରିଥାଏ । ସେମାନେ ଗଣତାନ୍ତ୍ରିକ ଶାସନରେ ଶାସିତ ହୋଇ ବହୁ ବିକଶିତ ହୋଇପାରିଛନ୍ତି । ଅମରତ୍ୱ ପାଇବା ପରେ ସେମାନେ ବହୁ ସଂଖ୍ୟାରେ ସ୍ୱର୍ଗପୁରୀରେ ପ୍ରବେଶ କରିପାରନ୍ତି ଏବଂ ଏଠାରେ ମଧ୍ୟ ଗଣତନ୍ତ୍ର ଶାସନ ପ୍ରକ୍ରିୟା ଦ୍ୱାରା ରାଜା ମନ୍ତ୍ରୀମାନଙ୍କୁ ଚନୟ କରିପାରନ୍ତି । ଆପଣଙ୍କ ରାଜଗାଦି ବି ଯାଇପାରେ । କାରଣ ଯୁଗ ଯୁଗ ଧରି ଆପଣ ସ୍ୱର୍ଗପୁରୀର ରାଜସିଂହାସନରେ ଆସୀନ ଅଛନ୍ତି । ଗଣତନ୍ତ୍ର ଚୟନ ଦ୍ୱାରା ଅନ୍ୟଦେବତାମାନଙ୍କୁ ରାଜା ହେବାର ସୁଯୋଗ ମିଳିବା ସହଜ ହୋଇପାରେ । ତେଣୁ ଆପଣ କାଳବିଳମ୍ବ ନ କରି ଭାରତବାସୀଙ୍କୁ କିଛି ଅମୃତ ସ୍ପେଚ୍ଛାକୃତ ଭାବେ ପ୍ରଦାନ କରି ଦିଅନ୍ତୁ । ତା' ନ ହେଲେ ସେମାନେ ସମ୍ପୂର୍ଣ୍ଣ ଅମୃତ ଭଣ୍ଡାର ଉପରେ ଆଧିପତ୍ୟ ବିସ୍ତାର କରିପାରିନ୍ତି ।

ଅସମ୍ଭବ ! ଅସମ୍ଭବ ! ଚିତ୍କାର କରିଥିଲେ ଦେବରାଜ ଇନ୍ଦ୍ର । ରାଗ ଜର୍ଜରିତ ହୋଇ କହିଲେ ମୁଁ ଏହା କଦାପି କରିବାକୁ ଦେବି ନାହିଁ । ମୁଁ ତାଙ୍କର ଏ ପ୍ରୟାସକୁ ଧ୍ୱଂସ କରିଦେବି ।

ଚନ୍ଦ୍ର ଦେବଙ୍କୁ ସମ୍ବୋଧନ କରି ଜାଣିବାକୁ ଚାହିଁଲେ ଦେବରାଜ ଇନ୍ଦ୍ର । ଆମ ପୃଷ୍ଠଭୂମିରେ ଜଳବାୟୁ ତ ନାହିଁ । ଏତେ ସମୟ ଧରି କିପରି କାର୍ଯ୍ୟରତ ଅଛନ୍ତି ? ହଁ ଦେବରାଜ ! ସ୍ଥିର ହୋଇ ରହିଥିବା ଯାନଟି ଉପରେ ଏକ କଳା ପରଦା ଲାଗିଛି । ଆଉ ସେହି ପରଦାଟିରେ ସୂର୍ଯ୍ୟକିରଣ ପଡିବାରୁ ସେଥିରୁ ଶକ୍ତି ନିର୍ଗତ ହେବା ସମ୍ଭବ ହୋଇଛି ।

ତତ୍‌କ୍ଷଣାତ ଦେବରାଜ ଇନ୍ଦ୍ର ସୂର୍ଯ୍ୟଦେବଙ୍କୁ ଅନୁରୋଧ କରି ଚନ୍ଦ୍ରପୃଷ୍ଠରେ ସୂର୍ଯ୍ୟକିରଣ ବନ୍ଦ କରି ଅନ୍ଧକାର ରଖିବାକୁ କହିଲେ ଯା ଫଳରେ ସେ ଯାନ ଦୁଇଟି ଧ୍ୱଂସ ହୋଇଯିବ ।

ଉତ୍ତରରେ ସୂର୍ଯ୍ୟଦେବ କହିଲେ ଆସନ୍ତା କାଲି ଠାରୁ ଚନ୍ଦ୍ରପୃଷ୍ଠରେ ୧୫ ଦିନ ପର୍ଯ୍ୟନ୍ତ ମୋର କିରଣ ପଡିବାକୁ ଦେବି ନାହିଁ । ଏହା ଫଳରେ 'ବିକ୍ରମ' ଏବଂ 'ପ୍ରଜ୍ଞା' ଯାନଟି ନିଷ୍କ୍ରିୟ ହୋଇ ଯାଇଥିଲେ ।

-o-

ଉପଦେଷ୍ଟା, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ।





# ନିଖୋଜ ନେଟ୍‌ୱାର୍କ

ରଶ୍ମିତା ବେହେରା

ଗାନ୍ଧି ପୁଅଟା କହିଥିଲା ନିଜେ ସରକାରକୁ ଆସିଲେ ପରିଶିଲକ୍ଷ ଲେଖାଏଁ ଦେବ । ସେ ତ ସରକାର ଗଢିପାରିଲାନି,ଟଙ୍କା ମିଳିଥିଲେ ହେଲେ ଦୁଃଖ ଟିକେ ଘୁଞ୍ଚି ଯାଇଥାଆନ୍ତା । ଆଉ ଏ ଆଚ୍ଛାଦିନ ! ସେଗୁଡାକ ବି ଖବରକାଗଜର ରଙ୍ଗୀନ ପୃଷ୍ଠାରେ ବେଶ ମନୋରମ ଦିଶେ,ପୁଚ୍ଛଖୋଲା ମୟୂର ପରି କୁଆଡେ କୁଆଡେ ଯେ ତାର ପୁଚ୍ଛ ବିସ୍ତାରେ ସେ କଥା ତାକୁ ହିଁ ଜଣା । ଆଉ ଏ ଧୋବଧବଳିଆ ବାବୁଙ୍କ ପାଦ ବି ଏ ଅପନ୍ତର ଏରିଆରେ ପଡୁନି,ଅବସ୍ଥା ଯଥାପୂର୍ବଂ ତଥା ପରଂ । କାଖରେ 'ଛ' ମାସିଆ ପିଲାଟିକୁ ଧରି ଏମିତି ସବୁ କଥା ଭାବୁଥାଏ ଗୁରେଇ । ପିଲାଟା ଏଣେ ଭୋକରେ ଆଉଟୁପାଉଟୁ ହୋଇ କ୍ଷୀର ଟୋପାଏ ପିଇବାକୁ ଡହଳବିକଳ ହେଉଥାଏ । ଦୁନିଆଁକୁ ବୁଝିନଥିବା କୁନି ଶିଶୁଟାକୁ କେମିତି ଯେ ନିଜ ଅସହାୟତାର ଚଉତିଶା ପଢାଇବ ସେକଥା ସେ ଜାଣି ପାରୁନଥାଏ । ତଥାପି ନିଜର ମାତୃଧର୍ମ ପାଳନ କରିବାକୁ ଯାଇ ପିଲାର ଭୋକ ବୁଝି ପିଲାଟାକୁ ଛାତିରେ ଚାପିଧରିଲା ଗୁରେଇ ।

କ୍ଷୀର ଦୁହାଁ ପରେ ନିରୁପାୟ ହୋଇ ବାଛୁରୀଟି କ୍ଷୀର ପାନର ବୃଥା ପ୍ରୟାସ କଲାଭଳି ସେ ପିଲାଟାବି ତା ପ୍ରୟାସ ଜାରି ରଖିଲା । ସତେ ଯେମିତି ଗୋଟାଏ ଜୀବନ୍ତ କଙ୍କାଳର ଜୀର୍ଣ୍ଣଶୀର୍ଣ୍ଣ କାୟାରୁ ନିରୁପାୟ ଶିଶୁଟି ତାର ତୃଷ୍ଣା ମେଣ୍ଟିପାରିବ । ମାତ୍ର ଏ କ'ଣ ସମ୍ଭବ ? ଭୋକିଲା ଆଖିରେ ଭରି ରହିଥିବା ସ୍ୱପ୍ନ ସବୁକୁ ଅଭିନୟରେ ସତ କରିହୁଏନି କି ଅପ୍ରାପ୍ତିରେ ମନ ଭରେନି । ଭୋକିଲା ପିଲାଟି ଏ କଥା ବା କେମିତି ବୁଝିପାରିବ ? ପେଟ ନ ପୁରିବାରୁ ଚିହିକି ଉଠିଲା ସେ । ଦଉଡିଯାଇ ଗିନାରେ ଗିନାଏ ପାଣି ଆଣି ପିଲାଟା ମୁହଁରେ ଲଗେଇଦେଲା ଢକଢକ ପରି ପାଣି ପିଇଲା ପରେ ଟିକିଏ କାନ୍ଦ ବନ୍ଦ ହେଲା ତାର । ଦୁଇଦିନ ହେବ ଚୁଲି ଜଳିନି, ତା ପେଟକୁ ମୁଠାଏ ଦାନା ଯାଇନି ଆଉ ତା ଭୋକିଲା ପେଟରେ କ୍ଷୀର ଜାତ ହେବ ବା କେଉଁଠୁ ? ବାସ୍ ଯାହା ପାଣିରେ ଭୋକଶୋଷ ମେଣ୍ଟାଇବା କଥା ।

ମୁଣ୍ଡରେ ଗୋଟାଏ କାଠଚିଡା ମୁଣ୍ଡେଇ ଗାମୁଛାରେ କଅଣ ମୋଣ୍ଡାଏ ବାନ୍ଧି ଘର ଦୁଆରେ ପହଞ୍ଚିଲା ଶୁକୁଟା । କାଠ ଗୋଦାକୁ ତଳକୁ ଓହ୍ଲାଇ ଦେଇ ଗାମୁଛାଟାକୁ ଖୋଲି ଦେଖେତ କିଛି ଆମଟାକୁଆ ସହ ଫଳ ବନ୍ଧା ହେଇଛି । ଦୀର୍ଘ ନିଶ୍ୱାସ ମାରି ସେ ସବୁକୁ ଘରକୁ ନେଇଗଲା । ଦୁଇଦିନ ହେବ କିଛି ନ ଖାଇ,ପେଟରେ ଯେମିତି ତାର ଭୋକର ଏକ ମହାଅଧ୍ୟାୟ ସୃଷ୍ଟି ହେଇଥାଏ । ନିଆଁ ଧାସ ବାଜିନଥିବା ଚୁଲିକୁ ସଫା କରି ନିଆଁ ଲଗେଇ ଆମଟାକୁଆକୁ ସିଝେଇଦେଲା । ଟାକୁଆ ସିଝା ସହ ଫଳ ଖାଇ ଭୋକ ମେଣ୍ଟେଇଲା ଗୁରେଇର ପରିବାର ।

ରାତି ପାହି ସକାଳ ହେଲା । ସୂର୍ଯ୍ୟଦେବତା ତାଙ୍କ ସୁନେଲି କିରଣରୁ ମୁଠା ମୁଠା କରି ଛିଞ୍ଚିଲା ପରି ଚାରିଆଡେ ଫର୍ତ୍ତା ହୋଇ ଯାଇଥିଲା । ବାହାରକୁ ଆସି ଗୁରେଇ ଦେଖେତ ଗାଁ ଟା ସାରା ଲୋକ ମାଳ ମାଳ । ଚାଲି ଚଳଣି, ପୋଷାକ, ପରିପାଟୀ, କଥାବର୍ତ୍ତାରେ ସହରୀ ଢାଞ୍ଚା କିଛି ଲୋକ ବିଭିନ୍ନ ଦିଗରୁ ଫଟୋ ଉଠାଇବାରେ ଲାଗି ପଡିଥାଆନ୍ତି । କ୍ୟାମେରା ଆଗରେ ଆଉ କିଛି ଲୋକ କ'ଣ ସବୁ କହି ପକାଉ ଥାଆନ୍ତି । ଗାଁ ଲୋକଙ୍କୁ ବି ଥୋଡାଏ ଥୋଡାଏ କ୍ୟାମେରା ସାମ୍ନାରେ ରଖି ପ୍ରଶ୍ନ ପଚରା ଯାଉଥାଏ । ଧିରେ ଧିରେ ସେ ପାଦ ଆଗକୁ ବଢାଇଲା । ଏସବୁ ଅଜବ କାରନାମାର ସାରାଂଶ ବୁଝିପାରୁନଥିଲା ଗୁରେଇ । ଆଖି ସାମ୍ନାରେ ଏ ଅସମ୍ଭବ ଗହଳିକୁ ବି ସେ ବିଶ୍ୱାସ କରି ପାରୁନଥିଲା । କେତେ ଦୁଃଖ ଦୁର୍ଦ୍ଦିନରେ ତ ଏ ଗାଁ ଦିନ କାଟିଛି କିନ୍ତୁ କେହି ଆସିନ୍ତିନି ସାହାଯ୍ୟର ହାତ ବଢେଇବାକୁ, ହେଲେ ଆଜି ଏତେ ଗହଳି ଚହଳି କାହିଁକି ? ଏମିତି ଅନେକ କଥା ଭାବୁ ଭାବୁ ସେ ଜାଣିବାକୁ ପାଇଲା ଯେ ଏମାନେ ହେଉଛନ୍ତି ଖବରକାଗଜ ଆଉ ଗଣମାଧ୍ୟମର ପ୍ରତିନିଧି । ଦୁର୍ଭିକ୍ଷର ମହାନଗରୀରୁ ଖବର ନେଇ ରାଜ୍ୟ ସାରା ପ୍ରଚାର କରିବେ ଆଉ କଲମ୍ୟସ୍ ଭାରତକୁ ଜଳପଥ ଆବିଷ୍କାର କଲାଭଳି ଏ ଖବର ପ୍ରସାରଣ ପରେ ସରକାର ଜାଳେ ଏ ଅବହେଳିତ ଗାଁକୁ ଆବିଷ୍କାର କରି



Scanned with OKEN Scanner

ଆଣି ତାକୁ ଖାଇବାକୁ ଦେବାରୁ ଜ୍ୱର କମିଗଲା ସିନା ମାତ୍ର ଶରୀର ଦୁର୍ବଳ ହେଇଯିବା ହେତୁ ସେ ଆଉ ବିଶେଷ କାମ କରିପାରୁନି, ଘର ଚଳେଇବା ଏବେ କାଠିକର ପାଠ । ଘରେ ଥିବା ଖାଦ୍ୟ ସାମଗ୍ରୀ ବି ସରିଗଲାଣି । ଛୁଆଙ୍କ କାନ୍ଦ ସହିନପାରି ଚୁଲିମୁଣ୍ଡରେ ଥିବା ଡେକଚିରୁ ସବୁ କଂସାରେ ଢାଳିଦେଲା ଗୁରେଇ । ପେଟର ଭୋକକୁ ଲଗାମ ଦେଇନପାରି କଂସାରେ ହାତବୁଲାଆଣିଲେ ଛୁଆ ଦୁଇଟି । ପୋଖରୀରେ ମାଛ ଡିଆଁ ମାରିଲାଭଳି କଂସାଏ ତୋରାଣି ଭିତରେ ଥିବା ଦୁଇଝରିମୁଠା ଭାତ ବି କୁନି ପିଲାଙ୍କ ହାତରେ ଡିଆଁ ମାରି ଖସି ଯାଉଥାଏ । ପେଟବିକିଲିଆ ବଡପୁଅ କାନ୍ଦି ଉଠି କହିଲା "ମା ଲୋ ଭାତ କାହିଁ, ଏଗୁଡାକ ତ ଖାଲି ତୋରାଣି ଖାଇବାକୁ ଦେ ମା,ଏକଂସାରେ କିଛି ନାହିଁ ଲୋ ମା ।" ପୁଅର କଥା ଶୁଣି ଭାଙ୍ଗିପଡିଲା ଗୁରେଇ । ଅଭଙ୍ଗା ଆକାଶ ତଳେ ମନ ତାର ଭାଙ୍ଗି ରୁଜି ଚୁରମାର ହୋଇଯାଉଥିଲା । ଖଣ୍ଡବିଖଣ୍ଡିତ ଆଶା ଆଶଙ୍କାରେ ଟୋପାଟୋପା ଲୁହ ଝରେଇବାକୁ ଲାଗିଲା । ତା ଆଖି ଆଗରୁ ଉଭେଇ ସାରିଥିଲା ସମାଜସେବୀଙ୍କ ସ୍ଲୋଗାନ, ଗହଳି ଭିତରର ସେଲ୍ଫି ଆଉ ଖବରକାଗଜରେ ପ୍ରକାଶିତ ବିଭିନ୍ନ ଯୋଜନାକୁ ନେଇ ପ୍ରକାଶିତ ଶିରୋନାମା ।

ଆଖି ଆଗରେ ନାଚି ଉଠୁଥିଲା ପ୍ରତିଶ୍ରୁତିର ପାହାଡ, ଶୁଖି ଆସୁଥିଲା ଆଶାର ଝରଣା ଆଉ ଜଙ୍ଗଲର ଗଛ ସାରା ଟାଙ୍ଗି ହୋଇ ସାରିଥିଲା କୁଡୁକୁଡ ଅପହଞ୍ଚ ଇସ୍ତାହାର । ଯୋଜନାର ପର୍ଦ୍ଦ ସବୁ ଯେମିତି ଜଳଖିଆ ଦୋକାନର ଡେଲିକିକିଟା ହୋଇ ବିକାଶକୁ କୁଟା କାଗଜ କରି ପକେଇଛି । ରକ୍ତଶୋଷା ରାଜନୀତିଆ ଭୋଟବ୍ୟାଙ୍କ ପାଇଁ ଏବେ ରାଜଧାନୀର କୋଉ ଏକ ନୂଆ ଇସୁକୁ ନେଇ ହରତାଳ କରୁଛନ୍ତି । ଆଉ ଏ ଗରିବ ନିରୀହ ଜାତିଟା, ଏପରା କାଳେ କାଳେ ନିଖୋଜ ନେଟୱାର୍କ । ହଁ ନିଖୋଜ ନେଟ୍ୱାର୍କ । ଯୋଉଠି ଅଭିଯୋଗର କଲ୍ ଲାଗେନା କି ଯୋଜନାର ନେଟ୍ ପାଏନା ।

-୦-

ସଦସ୍ୟା, କବଣମଲ୍ଲି ସାହିତ୍ୟ ଓ ସେବା ସଙ୍ଗଠନ

## କୁହୁକ ଦୀପ

ସାଇପ୍ରସାଦ ଦଳାଇ

ପିଲାମାନେ ଡର ଛାଡି ତାଙ୍କ ପାଖକୁ ଗଲେ । ସେ ଜିନ ମୁକ୍ତ ହୋଇଥିବା ହେତୁ ଖୁସିରେ ପିଲାଙ୍କୁ ତାଙ୍କ ମନ ପସନ୍ଦର ଜିନିଷ ମାଗିବାକୁ କହିଲେ । ସବୁ ପିଲା ବହୁତ ଖୁସି ହୋଇଗଲେ ଯେ ଯାହା ମାଗିଲେ ମିଳିବ ବୋଲି । ଜଣ ଜଣ କରି ସବୁ ପିଲା ମାଗିବାକୁ ଲାଗିଲେ । ପ୍ରଥମ ପିଲା ଜଣକ କହିଲା "ଆମକୁ ବ୍ୟାଟ ଆଉ ବଲ୍ ଦିଅ ଆମେ ଖେଳିବୁ ।" ଦ୍ୱିତୀୟ ପିଲା ଜଣକ କହିଲା- "ମୋତେ ବହୁତ ଖେଳନା ଆଉ ଚକଲେଟ୍ ଦିଅ ।" ତୃତୀୟ ପିଲା ଜଣକ କହିଲା - "ମୋତେ ଆମ ସ୍କୁଲରେ ବହୁତ ପାଠ ଦେଇଛନ୍ତି ,ମୋର ଇଚ୍ଛା ହେଉନି ସେ ପାଠ କରିବାକୁ ,ତୁମେ କରିଦିଅ ।"

ଏଭଳି ଭାବେ ସବୁପିଲା ନିଜ ନିଜ ପସନ୍ଦ ଅନୁସାରେ ସବୁ ମାଗି ଉଲିଲେ । ଶେଷରେ ଜଣେ ପିଲା ଥିଲା ଯିଏ ବହୁତ ଭଲ ପିଲା ଥିଲା,ସେ ଆସି ସେ ଜିନକୁ କହିଲା "ତୁମେ ତ ମୁକ୍ତ ହେଇ ଏଠୁ ପଳାଅ,ତୁମକୁ କାହା ଗୋଲାମୀ କରିବା ଉଚିତ୍ ନୁହେଁ ।"

ପିଲାମାନେ ପଡିଆରେ ଖେଳୁଥିଲେ ।

ହଠାତ୍ ସେତେବେଳେ ଏକ ଶବ୍ଦ ଶୁଭିଲା । ସବୁ ପିଲା ସେହି ଶବ୍ଦ କେଉଁଠୁ ଆସୁଛି ବୋଲି ଜାଣିବାକୁ ଚାହିଁଲେ ଆଉ ଖୋଜିଲେ । ପିଲାମାନେ ଅନୁଭବ କଲେ ମାଟିରୁ ଶବ୍ଦ ଆସୁଛି ବୋଲି । ପିଲାମାନେ ଖେଳୁଥିବା ଷ୍ଟମ୍ପରେ ମାଟି ତାଡିବାକୁ ଲାଗିଲେ ।

କିଛି ସମୟ ପରେ ମାଟି ଭିତରୁ ଏକ ଦୀପଟିଏ ପାଇଲେ । ସେ ଶବ୍ଦ ସେଇଠୁ ଆସୁଥିଲା ବୋଲି ସମସ୍ତେ ନିଶ୍ଚିତ ହେଲେ । ତା'ପରେ ସେମାନେ ମାଟି ହୋଇଯାଇଥିବା ସେ ଦୀପକୁ ସଫା କରୁ କରୁ ହଠାତ୍ ସେ ଦୀପରୁ ଜଣେ କେହି ବାହାରିଲେ । ଏହା ଦେଖିକି ହଠାତ୍ ସବୁ ପିଲା ଡରିଗଲେ ଆଉ ଦୌଡିବାକୁ ଲାଗିଲେ । ସେ ଦୀପ ଭିତରୁ ବାହାରିଥିବା ଲୋକ ଜଣକ ନିଜର ପରିଚୟ ଦେଇ କହିଲେ କି ସେ ଜଣେ ଜିନ ବହୁ ବର୍ଷ ହେବ ସେ କୁହୁକ ଦୀପ ଭିତରେ ବନ୍ଦୀ ହୋଇ ରହିଥିଲେ ।





ସାହାଯ୍ୟର ହାତ ବଢେଇଦେବେ । ଏଇ ଯେମିତି ସ୍କୁଲ,ଡାକ୍ତରଖାନା, ରାସ୍ତା,ନଳକୂପ ଆଦି ସୁବିଧା ହାତ ପାହାନ୍ତାରେ ମିଳିବ । ଅନ୍ୟ ଅଞ୍ଚଳ ପରି ଏ ଗାଁରେ ବି ସବୁ ସରକାରୀ ସୁବିଧା ଉପଲବ୍ଧ ହେବ । ଏସବୁ ଜାଣିଲାପରେ ଗାଁ ରେ ଏକ ଅଦ୍ଭୁତ ଖୁସିର ବାତାବରଣ ଖେଳିଗଲା । ସେହିଦିନ ଠାରୁ ଗାଁରେ ମାଳ ମାଳ ଗାଡି ସାଙ୍ଗକୁ ନେତାଙ୍କ ଭିଡ ଜମିଉଲିଲା । କିଏ କ୍ୟାମେରାରେ ସେ ଅଞ୍ଚଳର ବିକଳାଙ୍ଗ ପିଲାଙ୍କ ଦୃଶ୍ୟ କଏଦ କରି ଅଭାବି ଜୀବନ ରଚନା ଗାଉଥିଲା ତ ପୁଣି କିଏ କାଗଜ କଲମରେ ଆଙ୍କି ଉଲିଥିଲା ଏମାନଙ୍କ ଦୁଃଖମୟ ଜୀବନର ତୈଳଚିତ୍ର । ଗାଁ ରେ ଯାତରା ପଡିଲା ଭଳି ଲୋକଗହଳି ଦିନକୁ ଦିନ ବଢିଉଲିଲା ଯେମିତି ନିଜ ଜଞ୍ଜାଳମୟ ଜୀବନରୁ ବିରତି ନେଇ ସମସ୍ତେ ପର୍ବ ପାଳନରେ ଲାଗିପଡିଛନ୍ତି । ଧିରେ ଧିରେ ପାହାଡ ପାଖ ଗାଁ ରେ ସାହାଯ୍ୟର ପବନ ବହିଲା । ପାଟିରେ କେବେ ବାଜିନଥିବା ସୁସ୍ୱାଦୁ ଖାଦ୍ୟ ସବୁ ମାଗଣାରେ ବଢାଇ ଦିଆଗଲା । ଭଲିଭଲିକା ଖାଇବା ସହ ପୋଷାକ ବି ଯୋଗାଇ ଦିଆଗଲା । ଦଳଦଳ ହୋଇ ଅନେକ ସମାଜସେବୀ ମଧ୍ୟ ପହଞ୍ଚିଲେ ବିସ୍କୁଟ୍ ,ପାଉଁରୁଟି ସହ ଅନୁଷ୍ଠାନର ବ୍ୟାନର ସାଥିରେ ଜଙ୍ଗଲୀ ଲୋକମାନଙ୍କର ସହିତ ଫଟୋ ଉଠାଇବାରେ ଲାଗିପଡିଲେ ସମସ୍ତେ । କେହି କେହି ସହୃଦୟ ବ୍ୟକ୍ତି କି କମଳ ଚାଦର ବଢେଇ ଦେଇ କ୍ୟାମେରାରେ ନିଜର ସହୃଦୟତାର ପ୍ରମାଣ ରଖୁଥାଆନ୍ତି । ଦେହରେ କେବେ ତେଲ,ସାବୁନ, ବାଜିନଥିବା ଅପରିଷ୍କାର ପିଲାମାନଙ୍କୁ କାଖେଇ କୋଳେଇ ଯୁବଗୋଷ୍ଠୀ ବି ଫଟୋ ଉଠେଇବାରେ ଲାଗିପଡିଲେ । ନାଁ କୁ ମାତ୍ର ସଜୀବ ବୋଲାଉଥିବା ହାଡୁଆ ଶରୀର ଉପରେ ଖାଲି ଚମଡାର ଆବରଣ ଥିବା କୁନି ନରକଙ୍କାଳ ଗୁଡିକ ଏ କାଖ ରୁ ସେ କାଖ ହେଉ ଥାଆନ୍ତି ଠିକ୍ ବାଇ ଚଢେଇ ବସା ଦୋହଲିଲା ପରି । ସମସ୍ତେ ଯେମିତି ସେମାନଙ୍କ ସହ ଫଟୋ ଉଠାଇବାକୁ ବ୍ୟାକୁଳ । କ୍ୟାମେରା ଆଗରେ ନେତା,ମନ୍ତ୍ରୀ,ସରକାରୀ ଅଧିକାରୀ ସବୁ ନୂତନ ଯୋଜନାର ଲମ୍ବା ଫର୍ଦ୍ଦ ବଖାଣିଉଲିଲେ । ବିରୋଧି ଓ ସରକାରଙ୍କ ଭିତରେ କାଦୁଅ ଫିଙ୍ଗାଫିଙ୍ଗିର ପର୍ବ ବି ଉଲିଲା । ସକାଳୁ ସନ୍ଧ୍ୟା ଯାଏ ଲୋକଗହଳି । ସାଇଣ୍ଟିଫିକ୍ ଟିମ୍ ସହ ଡାକ୍ତରମାନେ ବି ଆସିଲେ । ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା ଉଲୁରହିଲା । ଘରେ ଘରେ ଗଦା ଗଦା ଖାଦ୍ୟ ସାମଗ୍ରୀ । ସତେ ଯେମିତି ଦୁଇମୁଠା ଖାଇବା ପାଇଁ ଛଟପଟ ହେଉଥିବା ଲୋକଙ୍କ ମନଜାଣି ଭଗବାନ ଫଳ ଦେଇଛନ୍ତି । ମା'ଲକ୍ଷ୍ମୀ ଅନ୍ନ ଭଣ୍ଡାରର ଦରଜା ଖୋଲି ଚାଉଳ ଡାଲି ସବୁ ସେମାନଙ୍କ ଘରେ ଅଜାଡି ଦେଇଛନ୍ତି । ଚାହୁଁ ଚାହୁଁ ଗାଁର ଆବଡାଖାବଡା ରାସ୍ତା କଂକ୍ରିଟରେ ପରିଣତ ହେଲା । ଘରେ ଘରେ ବସ୍ତାବସ୍ତା ଉଇଲ ଡାଲି ଡେରାହେଲା । ଭୋକ ଭୂଗୋଳର ପରିବ୍ୟାପ୍ତ ପରିସୀମା ମେଣ୍ଟାଇବାକୁ ଖାଦ୍ୟସାମଗ୍ରୀ ଯୋଗାଇ ଦିଆଗଲା । ସାଇଣ୍ଟିଫିକ୍ ଟିମ୍‌କୁ କ'ଣ ଏମିତି ରେଜଲ୍ଟ ମିଳିଲା କେଜାଣି ବିଭିନ୍ନ ସ୍ଥାନରେ ଆକ୍ୱାଗାର୍ଡର ବ୍ୟବସ୍ଥା ବି କରାଗଲା । ପାଣି ଭଳି ରାଜକୋଷରୁ ଟଙ୍କା ଖର୍ଚ୍ଚ ହେଲା । ତା ଭିତରୁ କେତେ ପହଞ୍ଚିଲା । ଆଉ କେତେ ବାଟମାରଣା ହେଲା ସେକଥା ସମସ୍ତଙ୍କୁ ଅଜଣା । ବ୍ୟବହାର କୌଶଳ ଜାଣିନଥିବା ନିପଟ ମଫସିଲିଆଙ୍କ ପାଇଁ ଆକ୍ୱାଗାର୍ଡ ଧିରେ ଧିରେ ଅକାମୀ ଯନ୍ତ୍ର ପାଲଟିଗଲା । ଗଳିର ଗୋଧୂଳି କ୍ରମଶଃ କମିଆସିଲା । ଉଦିତ ସୂର୍ଯ୍ୟ ପଶ୍ଚିମ ଆକାଶରେ ମୁହଁ ଲୁଚାଇଲା ପରି ଧୋବଧୋବଳିଆ ବାବୁ,କୁର୍ତ୍ତାପିନ୍ଧା ସମାଜସେବୀଙ୍କ ଭିଡ କମିଆସିଲା । ଖାଦ୍ୟର ଗଦା ସରିଆସିଲା । ସରକାରଙ୍କ କାମ ଯୋଗାଇ ଦେବାର ପ୍ରତିଶ୍ରୁତି ପାଣିଆ ପଡିଗଲା କିଛିଦିନ ତଳେ ଅନ୍ଧାରର ଜରାଯୁ ଚିରି ଆସୁଥିବା ସ୍ୱପ୍ନର ସୂର୍ଯ୍ୟକିରଣ ମଉଳିଗଲା । ନା କୌଣସି କ୍ୟାମେରାବାଲା କଏଦ କରୁଥିଲା କୋହର କୋଣାର୍କକୁ ନା କେହି ଲେଖିଲେ ପ୍ରତିଶ୍ରୁତିର ମଲା ଦୃଶ୍ୟକୁ । ବ୍ୟସ୍ତତାର ଅର୍ଗଳୀ ଭିତରେ ସମସ୍ତେ ହଜିଗଲେ ନିଜନିଜ କାମରେ । ନା କୋଉ ନେତାର ପାଦ ପଡୁଛି ନା ପ୍ରଶାସନିକ ଅଧିକାରୀଙ୍କ ସମ୍ଭାଷଣ ସବୁ ଏବେ ଫାଙ୍କା ଫାଙ୍କା । ପୁଣି ଆପଣେଇ ନେବାକୁ ପଡିଛି ସେହି ଅଭାବୀ ଜୀବନ, ଝରଣା ପାଣି,ଆଉ ଜଙ୍ଗଲୀ ଫଳକୁ । ବିକାଶର ପ୍ରମାଣ ଟିକକ ଯାହା କଂକ୍ରିଟ ରୋଡ ରୂପରେ ଖୋଦିତ ହେଇଛି । କଞ୍ଚାକୁର ଟା ପୁଣି ଏମିତି ରାସ୍ତା କାମ କରିଛି ଯେ ଗେଟିଗୁଡାକ ଆଁ କରି ଉପରମୁହାଁ ହୋଇ ରହିଛନ୍ତି । ସୁଆଦିଆ ଖାଦ୍ୟ ପାଟିରେ ବାଜିଲା ପରେ ଏ ପାହାଡି ଖାଦ୍ୟ ଆଉ ପାଟିକୁ ରୁଚୁନି । ବଡଲୋକ ସିନା ବୁଝିଯାଉଛନ୍ତି କିନ୍ତୁ ଛୋଟପିଲା ଗୁଡାକ ଦେଶୀ ଖାଦ୍ୟକୁ ଆପଣେଇ ନ ପାରି ବାନ୍ତି ଓକାଳ କରୁଛନ୍ତି । ଆପଣେଇ ପାରୁନଥାନ୍ତି ଭାଗ୍ୟ ଲିଖିତ ଜୀବନଶୈଳୀକୁ ।

ଏ ସବୁ ଭିତରେ ସମସ୍ତଙ୍କ ପରି ବିଝରୀ ଗୁରେଇଟାବି ଛଟପଟ ହେଉଥାଏ । ତିନିଦିନ ହେବ ସ୍ୱାମୀ ଶୁକୁଟାକୁ ଭୀଷଣ ଜ୍ୱର । ପାଟିକୁ ପାଣିଟୋପେ ବି ନେଉନି । ବଇଦ ପାଖରୁ ଚେରମୂଳି

ହଠାତ୍ ପିଲାର କଥା ଶୁଣି ଜିନ୍ ଜଣକ ଯେତିକି ଖୁସି ହେଉଥାନ୍ତି ,ତା'ଠୁ ବେଶୀ ଆଶ୍ଚର୍ଯ୍ୟ ହୁଅନ୍ତି । ଜିନ ଜଣକ ସେ ପିଲାକୁ ପଚାରିଲେ - "ସମସ୍ତେ ସବୁ ନିଜ ନିଜ ପାଇଁ ମାଗୁଛନ୍ତି, ତୁମେ ନ ମାଗି ତୁମେ ତୁମର କ୍ଷତି କରୁ ନାହଁ ତ ? ସମସ୍ତେ ସବୁ ଜିନିଷ ଆରାମରେ ପାଉଛନ୍ତି,ତୁମେ କାହିଁକି ମାଗୁ ନାହିଁ ?"

ଜିନ୍‌ର ପ୍ରଶ୍ନ ଶୁଣି ପିଲା ଜଣକ ଉତ୍ତର ଦେଲା, "ଈଶ୍ୱର ତ ଆମକୁ ସବୁ କିଛି ଦେଇଛନ୍ତି, ଆମେ ଆଉ କ'ଣ ପାଇଁ ମାଗିବା ? ହାତ ଦେଇଛନ୍ତି, ଗୋଡ ଦେଇଛନ୍ତି, ମୁଣ୍ଡରେ ବୁଦ୍ଧି ବି ଦେଇଛନ୍ତି,ଆମକୁ ତ ସେ ସକ୍ଷମ କରିଛନ୍ତି ସବୁ କିଛି କରିବାକୁ , ଆମେ କ'ଣ ପାଇଁ ମାଗିବୁ ?"

ନିଜ ଶରୀର ଆଉ ବୁଦ୍ଧି ବଳରେ ବହୁ ମହାପୁରୁଷ ନିଜ ନାମ ରଖି ଯାଇଛନ୍ତି । ଆମେ ନିଜେ କଷ୍ଟ ନକରି ,ପରିଶ୍ରମ ନ କରି ଯଦି ସବୁ କିଛି ପାଇଯିବା ତା ହେଲେ ଆମକୁ ଈଶ୍ୱର ସୁସ୍ଥ କରି ବୁଦ୍ଧି ଦେଇ ସଂସାରକୁ ଛାଡିବା ମାନେ କ'ଣ ହେବ ?

ଏଇ କଥା ଶୁଣି ଜିନ ବହୁତ ଖୁସି ହୋଇଗଲେ ଆଉ ସେ ପିଲାକୁ ପ୍ରଶଂସା କରି,ଜୀବନରେ ଉନ୍ନତି କରିବା ପାଇଁ ଆଶୀର୍ବାଦ କଲେ ।

ତା'ପରେ ସେ ପିଲାର ଇଚ୍ଛା ଅନୁସାରେ ନିଜକୁ ମୁକ୍ତ କରି ଅଦୃଶ୍ୟ ହୋଇଗଲେ । ତା'ପରେ ପିଲାମାନେ ସମସ୍ତେ ଶପଥ ନେଲେ ଯେ ପରିଶ୍ରମ କରି ସବୁ କିଛି ଉପାର୍ଜନ କରିବାକୁ । କିଛି ବର୍ଷ ପରେ ନିଜ ପରିଶ୍ରମ ପାଇଁ ପିଲାମାନେ ଜୀବନରେ ସଫଳ ହେଲେ ।

-୦-

ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଜେନାପୁର

## ମୋ ଅନୁଭୂତିର ଦୁଇ ଧାଡି

ପ୍ରତିଭା ମିଶ୍ର

ଆମେରିକାକୁ ଭାରତୀୟମାନେ ଭାବନ୍ତି ବହୁତ ଧନୀ ଦେଶ । ତାହା କିନ୍ତୁ ସତ ନୁହେଁ । ଧନୀ ଦେଶ ହେଲେ ବି ଖର୍ଚ୍ଚ ବି ସେତିକି । ଧନୀ, ଗରିବ, ସବୁପ୍ରକାର ଲୋକ ବି ଅଛନ୍ତି ସେ ଦେଶରେ । ଆମେରିକାର ଲୋକ ବି ଅଛନ୍ତି ସେମାନଙ୍କର ଘର ନାହିଁ । ଆମେରିକାର ଖାଦ୍ୟ ଅଲଗା । ସେଇ ଡାଲି, ଚାଉଳ, ପରିବା, ମାଂସ ଥିଲେ ମଧ୍ୟ ରୋଷେଇ ଶୈଳୀ ଅଲଗା । ବିଶେଷତଃ ସେମାନେ ମାଂସ ଖାଆନ୍ତି । ସେଠିକାର ଘର କାଠରେ ତିଆରି ହେଲେ ବି କୋଠାଘର ପରି ଦିଶୁଥାଏ । ସମସ୍ତଙ୍କର ଘର ଆଗରେ ପଛରେ ଘାସର ବଗିଚା । ଖରା ଦିନେ ବହୁତ ଲୋକ ଘର ଆଗରେ ଫୁଲ ଗଛ ଲଗାନ୍ତି । ବଡ ବଡ ସହରରେ ବହୁତ ବଡ ବଡ ଘର ବି ଅଛି । ଯାହାକୁ ହାଇ ଟାୱାର କହନ୍ତି । ଅଫିସ ବିଲ୍ଡିଂ, ରେଷ୍ଟୁରାଣ୍ଟ ଓ ଆପାର୍ଟମେଣ୍ଟ ବି ହାଇ ଟାୱାର । ଯେଉଁଠି କି ଲୋକ ଭଡାରେ କିଣିକି ରୁହନ୍ତି । କିନ୍ତୁ ଭଡାରେ ରହିବା ଓ କିଣିକି ରହିବା ଅଲଗା ଅଲଗା ଥାଏ । ବହୁତ ଲୋକଙ୍କ ଘର ବି ଅସନା ଅପରିଷ୍କାର ଥାଏ । ଲୁଗା ପଟା ସଫା ନଥାଏ । ଆମେରିକାର ଗାଁ ସବୁ ଭାରତ ଗାଁ ପରି ନୁହେଁ । ସେମାନଙ୍କ ଘର ଗୋଟେ ଘର ଠାରୁ ଅନ୍ୟଘର କିଛି ଦୂରରେ । ସେମାନେ ଗାଈ,ଛେଳି,କୁକୁଡା,ଘୋଡା ରଖନ୍ତି । ଧାନ, ଆଖୁ, ଆଳୁ, ଡାଲି ଜାତୀୟ ଓ ନଳିତା ଚାଷ ବି କରନ୍ତି । ସେମାନେ ହଜାର ହଜାର ଏକରର ଚାଷ କରନ୍ତି । ଏଦେଶର ଲୋକମାନେ ଅନ୍ୟର ଦୁଃଖରେ ଦୁଃଖୀ ହୁଅନ୍ତି । ତାଙ୍କ ମନରେ ଦୟା ବି ଥାଏ । ଗୋଟିଏ ଉଦାହରଣ ମୋ ପୁଅ ଝଲିଯିବା ପରେ ଆଜି ପର୍ଯ୍ୟନ୍ତ କେହି କହି ନାହାନ୍ତି ମୁଁ ମୋ ପୁଅକୁ ଭୁଲି ଗଲିଣି ବୋଲି । କିନ୍ତୁ ମୁଁ ଭାରତୀୟ ଲୋକଙ୍କଠୁ ଶୁଣିଛି ଏ ଦେଶ ମୋ ପୁଅ କଥା ଭୁଲାଇ ଦେଇଛି କି ମୋ ପୁଅଟା ଖରାପ ପିଲା ଥିଲା । ଆମେରିକାନ୍ ଥରେ ବି କେହି ମୋ କଥା ଚିନ୍ତା ବି କରି ନାହାନ୍ତି । ବରଂ ମୋ ପୁଅ ଥିଲା ଭଲ ଉଦାହରଣ । ସିଏ ଥିଲା ଏଇ ସହରରେ ପୋଷ୍ଟର ଚାଇଲ୍ଡ ଯାହାକୁ ସମସ୍ତେ ପ୍ରଶଂସା କରୁଥିଲେ । ଭାରତୀୟ ଲୋକଙ୍କ ଚିନ୍ତାଧାରା ଆଉ ଆମେରିକାନ୍‌ଙ୍କ ଚିନ୍ତାଧାରା ଅଲଗା ।





ଆମେରିକାମାନେ ଭାରତୀୟଙ୍କ ପରି ତାଙ୍କ ପିଲାଙ୍କୁ ଶାସନ ବି କରନ୍ତି । ମୁଁ ଆମ ଗାଁରୁ ଶୁଣିବାକୁ ପାଇଲି ଯେ ଆମେରିକାନ ଭାରତୀୟମାନଙ୍କୁ ମାରି ଦେଉଛନ୍ତି । ଆମେମାନେ କ'ଣ ଲୁଚିକି ରହିଛୁ । ସେ କଥା ସତ ନୁହେଁ ।

ଏ ଦେଶରେ କରୋନା ମହାମାରିରେ ବହୁତ ଲୋକ ମରିଛନ୍ତି । ମୋ ପରି ବହୁତ ହସ୍ପିଟାଲ୍ କର୍ମଚାରୀମାନେ ରୋଗୀଙ୍କୁ ଭଲ କରିବା ପାଇଁ ଅନେକ ଚେଷ୍ଟା କରିଛନ୍ତି । ସେମାନଙ୍କ ଜୀବନ ବଞ୍ଚାଇବାକୁ ବହୁତ ରୋଗୀମାନେ ଲାଇଫ ସପୋର୍ଟ ମେସିନ ଏବଂ ଅତ୍ୟଧିକ Oxygen ରେ ବଞ୍ଚୁଥିଲେ । ସେମାନଙ୍କୁ Room ରେ ପୁରାଇ Lock କରି ଦିଆଯାଉନଥିଲା । ନର୍ସ,ଡାକ୍ତର.ଏବଂ Respiratory Therapist ମାନେ ରୁମ ଭିତରକୁ ପଶୁଥିଲେ ମଧ୍ୟ ସେମାନେ ପ୍ରତିଦିନ ଗାଧୋଉ ଥିଲେ । କରୋନା ମହାମାରି ସମୟରେ ମୁଁ ଏବଂ ମୋ ପରି ଅନେକ ରେସ୍ପିରେଟୋରୀ ଥେରାପିଷ୍ଟ ମାନଙ୍କ ପାଇଁ ଥିଲା ଚ୍ୟାଲେଞ୍ଜ କେମିତି ତାକୁ ଭଲ କରିବା । ସେଇ ସମୟରେ ଡାକ୍ତର ଏବଂ ରେସ୍ପିରେଟୋରୀ ଥେରାପିଷ୍ଟ ମାନେ ଥିଲେ ଫ୍ରଣ୍ଟ ଲାଇନରେ । କାହାର ବାପା,ମା, ତ କାହାର ପିଲା ମରଣ ସହ ଲଢେଇ କରୁଛି । କିଏ ରାଗିଲାଣି ତ କିଏ କାନ୍ଦୁଛି । Hospital CEO ପର୍ଯ୍ୟନ୍ତ ସମସ୍ତେ କାମରେ ବ୍ୟସ୍ତ ଥିଲେ । ସେତେବେଳେ ପରିସ୍ଥିତି ଏତେ ଭୟଙ୍କର ଥିଲା ଯେ ନିଜେ ନ ଦେଖିଲେ ଜାଣି ପାରିବ ନାହିଁ । ବେଳେବେଳେ ରୁମ ଭିତରେ ରୋଗୀର ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଉଲିଥିଲା ବେଳେ ବାହାରେ ପରିବାର ଲୋକ ରାଗ,କାନ୍ଦ ସହ ସିକ୍ୟୁରିଟି ଡିଲ୍ କରୁଥିଲା ।

ଆମେରିକାନ ମାନେ ସେଇ ରକ୍ତ,ମାଂସ,ଗଢା ମଣିଷ । ଅନ୍ୟ ଦେଶ ପରି ଦୁଃଖୀ, ସୁଖୀ, ଦାରିଦ୍ର୍ୟତା, ଧନୀ, ଗରିବ, ମଣିଷ । ସେ ଦେଶ ବି ମାଟି ପଥର,ଗଛ, ପାହାଡରେ ଗଢା । କିଛି ଲୋକ ଧର୍ମ କରନ୍ତି ତ କିଛି ଲୋକ ପାପ କରନ୍ତି । କିଛି ସତରେ ଝଲିଛନ୍ତି ତ କିଛି ଅନ୍ୟାୟରେ । ସେମାନେ ବି କର୍ମରେ ବିଶ୍ୱାସ କରନ୍ତି । ଭାରତୀୟ ଲୋକମାନେ କହନ୍ତି ଏଂ ସେମାନଙ୍କ ଚିନ୍ତାଧାର ସେମାନେ ଯେତିକି ଭଲରେ ଅଛନ୍ତି ସେମିତି ସମସ୍ତେ ରହିବା ଉଚିତ୍ । ଅନ୍ୟର ପରିସ୍ଥିତିକୁ ବୁଝନ୍ତି ନାହିଁ ।

ତାମାନେ ସମସ୍ତଙ୍କ ଜୀବନ ପରିସ୍ଥିତି ସମାନ ନୁହେଁ । ସେଇଟା ତୋ ପାଇଁ ଠିକ୍ ଥିଲେ ମୋ ପାଇଁ ନ ହୋଇଥାଇ ପାରେ । ଭାରତୀୟ ଲୋକମାନେ ଅନ୍ୟକୁ ଜଜ କରନ୍ତି ଏବଂ ନିଜ ଓପିନିୟନ ଦିଅନ୍ତି । ଜଣେ ଶିକ୍ଷିତ ଆମେରିକାନ ସେମିତି କଥା କହେ ନାହିଁ । ସେମାନେ ନିଜର ଦୁଃଖକୁ ଲୁଚ୍ଛଇ ହସୁଥାଆନ୍ତି ।

-୦-

ବୃନ୍ଦାଦେଇପୁର ଶାସନ, ଜେନାପୁର

## ପିତା-ପୁତ୍ରର ସମ୍ପର୍କ

ଶ୍ରୀ ଅବିନାଶ ରଥ

ପିତାର ହୃଦୟ ବୁଝିବା ଏତେ ସହଜ କଥା ନୁହେଁ । ସଂସାରରେ ଯେତେ ବଡ ବିପଦ ଆସୁ ସ୍ଥିର ନିଶ୍ଚଳ ହୋଇ ସମସ୍ତ ବିପଦକୁ ପିତା ହିଁ ସାମ୍ନା କରିଥାଏ । କିନ୍ତୁ ମୁଖମଣ୍ଡଳରେ ଲେଶ ମାତ୍ର ଭାବାନ୍ତର ପରିପ୍ରକାଶ ହୁଏ ନାହିଁ । ପିତାପୁତ୍ରର ସମ୍ପର୍କ ବଡ ବିଚିତ୍ର । ସୃଷ୍ଟିରେ ପିତା ଏକ ଏପରି ପ୍ରାଣୀ, ଯେ ପୁତ୍ରକୁ ତା'ଠାରୁ ଆଗକୁ ନେବା ପାଇଁ ଚେଷ୍ଟା କରେ, କିନ୍ତୁ ଆଉ ସମସ୍ତେ ଗୋଡ ଟାଣିବାକୁ ଚେଷ୍ଟା କରନ୍ତି । ଯେତେବେଳେ ଅନ୍ୟମାନେ ଜଣଙ୍କର ଖୁସିରେ ଈର୍ଷାନ୍ୱିତ ହୋଇଯାଆନ୍ତି,ପିତା ମନେ ମନେ ନିଜକୁ ଗର୍ବିତ ମନେ କରେ ନିଜର ପୁତ୍ର ପାଇଁ ।

ରବିବାର ଖବରକାଗଜ ଓ ଚା'କପ୍‌ଟି ଧରି ମୁରଲୀ ବାବୁ ଦାଣ୍ଡ ଘର ସୋଫା ଉପରେ ବସିଗଲେ । ଭିତର ଘରୁ ପୁଅ ରାହୁଲ ଅତି ତରତରରେ ନିତ୍ୟକର୍ମ ସାରୁଥାଏ । ମୁରଲୀ ବାବୁଙ୍କ ପିଲାବେଳ କଥା ମନେ ପଡିଯାଏ, ପିତାପୁତ୍ରର ସମ୍ପର୍କ ବିଷୟରେ । କିଛି ଦୁଷ୍ଟାମି କଲେ ମାଆ କହନ୍ତି, 'ରହ,ବାପା ଆସନ୍ତୁ କହିଦେବି'- ଏମିତି ସେ



Scanned with OKEN Scanner

କଥାରେ କି ଯାଦୁ ଥାଏ ଯେ, ସବୁ ଦୁଷ୍ଟାମି ବନ୍ଦ ହୋଇଯାଏ । ଯଦି ଘରକୁ ଫେରିବାକୁ ଡେରି ହୋଇଯାଏ,ଭଗବାନଙ୍କୁ ପ୍ରାର୍ଥନା ହୁଏ,ଯେପରି ବାପା ହାବୁଡରେ ନ ପଡି ଯାଆନ୍ତୁ ! ଯଦି କୌଣସି ଛୁଟି ଦିନ ପଡେ ଭାରି ଡର ଲାଗେ, କିଛି ଯେପରି ଭୁଲ ନ ହେଉ,ଖେଳିବା କଥା ତ ଭାବିବା ବି ପାପ ଲାଗେ । ଅଜବ ସମ୍ପର୍କ ବାପପୁଅ ମଧ୍ୟରେ- ଭୟ,ଭକ୍ତି ଓ ସମ୍ମାନର ସମ୍ପର୍କ । କିନ୍ତୁ ଆଜିକାଲିର ବନ୍ଧୁତ୍ୱର ସମ୍ପର୍କ ନୁହେଁ ।

ପିତା ସ୍ୱର୍ଗ,ପିତା ଧର୍ମ, ପିତା ହିଁ ପରମ ତପ
ପିତରି ପ୍ରତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା ।

ପ୍ରତ୍ୟେକ ସମ୍ପର୍କର ଗୋଟିଏ ପରିସୀମା ଅଛି । ପିତା,ଈଶ୍ୱରଙ୍କ ପରି ଜାଣନ୍ତି ପୁତ୍ରର ଆବଶ୍ୟକତାକୁ । ସାଧ ମତେ ପରିପୂରଣ ମଧ୍ୟ କରନ୍ତି । ଆମ ସମୟରେ ବାପାଙ୍କୁ କିଛି ଯଦି ମାଗିବାର ଥାଏ,ସେ ପାଠ ପାଇଁ କଲମଟିଏ ହେଲେ ବି ତାଙ୍କ ଆଗକୁ ଯିବାକୁ ସାହସ ହୁଏ ନାହିଁ । ମାଆ ହେଉଛନ୍ତି ମାଧ୍ୟମ । ବାପାଙ୍କର ଘରକୁ ଫେରିବାର ସମୟ ହୋଇଗଲେ ଇଚ୍ଛା ଥାଉ ବା ନ ଥାଉ ପାଠ ବହି ଖୋଲି ବସିଯିବାର ଅଛି- କାଳେ କିଛି କହିବେ । କିନ୍ତୁ ଯେତେବେଳେ ବାପାଙ୍କ ସାଙ୍ଗରେ ତା'ଙ୍କ ମନ ଅନୁସାରେ ସ୍କୁଲ ଛୁଟି ସମୟରେ କୌଣସି ଦୂର ସ୍ଥାନକୁ ବୁଲିବାକୁ ଗଲେ,ଯେପରି ଲାଗେ ସ୍ୱର୍ଗ ସୁଖ, ସେ ସମୟରେ ଯାହା ଇଚ୍ଛା ହୁଏ ମିଳିଯାଏ ଯଦିଓ ମାଆ ମାଧ୍ୟମ ଥାଆନ୍ତି । ସେହି ଭୟ, ଭକ୍ତି ଆଜି ଆମକୁ ସଂସ୍କାରିତ କରିଛି । ସମାଜରେ ଏକ ପ୍ରତିଷ୍ଠା ଅଛି । ଯଦିଓ ଆଜି ବାପା ପାଖରେ ନାହାନ୍ତି କିନ୍ତୁ ସେହି ପିଲାଦିନ କଥା ଭାରି ମନେ ପଡୁଛି । ଅନୁଭବ କରନ୍ତି ସେ - ପିଲାବେଳର ଜୀବନ ଅତ୍ୟନ୍ତ ସୁମଧୁର ଥିଲା, ସ୍ୱାଧୀନତା ନ ଥିଲେ ବି ଆନନ୍ଦ ଥିଲା,ଆଉ ଆଜି -ଆଜି ମୁରଲୀ ବାବୁ ନିଜେ ବାପା ।

ରାହୁଲର କର୍କଶ ଓ ଖାମଖିଆଲି ଢଙ୍ଗର ସ୍ୱରରେ ମୁରଲୀ ବାବୁ ସମ୍ବିତ୍ ଫେରିପାଇଲେ । "ବାପା ମୋର ପରୀକ୍ଷା ସରିଯାଇଛି ମୁଁ ସାଙ୍ଗମାନଙ୍କ ସାଙ୍ଗରେ ଟିକେ ବାହାରକୁ ବୁଲିବାକୁ ଯିବି ସେଥିପାଇଁ ମୋର ୫ ହଜାରଟଙ୍କା ଦରକାର ଶୀଘ୍ର ଦିଅ ମୁଁ ରେଡି ହୋଇଗଲିଣି ।"

ଏବେ ଆଉ ମାଧ୍ୟମ ଦରକାର ନାହିଁ, ଡର ଥିଲେ ସ୍ୱିନା ମାଧ୍ୟମ ଦରକାର,ବାପା ପୁଅ ତ ସାଙ୍ଗ ପ୍ରାୟ । 'ହଁ ,ଦେଉଛି' କହି ପକେଟରୁ ୫ ହଜାର ଟଙ୍କା ତୁରନ୍ତ ବାହାର କରି ପୁଅକୁ ମୁରଲୀ ବାବୁ ଧରାଇଦେଲେ । ରାହୁଲ ମଧ୍ୟ ଖୁସିର ସହ ପଇସା ଧରି 'ବାୟ-ବାୟ' କରି ଅପେକ୍ଷାରତ ସାଙ୍ଗମାନଙ୍କ ସହ ବାହାରିପଡିଲା । ମୁରଲୀ ବାବୁ ଭାବୁଥିଲେ ଆମ୍ଭ ପିଲାଦିନ ଭଲ ଥିଲା ନା ଆଜିକା ସମୟ । ସାଙ୍ଗମାନଙ୍କ ସହ ଭୋଜିଭାତ ଆମ୍ଭ ପିଲାଦିନେ ଭାବିବା ମଧ୍ୟ ସ୍ୱପ୍ନ । 'ବିଲେଇ ବେକରେ ଘଣ୍ଟି ବାନ୍ଧିବା'କ୍ରମରେ ନା ମାଆଙ୍କର ନା ଆମର ସାହସ ଥିଲା ଏ ବିଷୟରେ କଥା ହେବା ପାଇଁ । ଘରର ମୁରବୀ ହିସାବରେ ସମସ୍ତ ଦାୟିତ୍ୱ ବାପାଙ୍କ ଉପରେ ଥାଏ । ମାଆ ମଧ୍ୟ ଜାଣିନଥିଲେ ବାପା କେତେ ପଇସା ରୋଜଗାର କରୁଥିଲେ, ଏସବୁ ବିଷୟରେ କାଳବେଳ ଦେଖି ପଚାରୁଥିଲେ । ଯଦି କିଛି ଭୁଲ ହୋଇଯାଏ ବାପାଙ୍କ ମାଡକୁ ପ୍ରବଳ ଭୟ । ସେଥିପାଇଁ ବୋଧେ ଆଜି ଦାୟିତ୍ୱବୋଧ ଆସିଯାଇଛି । ଆମ୍ଭ ପିଲାଦିନେ ବାପା ଓ ପୁଅ ମଧ୍ୟରେ ଏକ ଦୂରତା ଥିଲା, ଯାହାକି ଭଲମନ୍ଦ ବିଷୟରେ ଭାବିବା ପାଇଁ ସମୟ ଦେଇ ଦେଉଥିଲା । କିନ୍ତୁ ଆଉ ଆଜି ସେ ଦୂରତା ନାହିଁ । ତେଣୁ ପିଲାଙ୍କର ହିତାହିତ ଜ୍ଞାନ ରହୁନାହିଁ ।

ସମୟ ବଦଳି ଯାଇଛି । ମାତ୍ର ଦୁଇ ବର୍ଷ ବୟସରୁ ପାଠପଢା ଆରମ୍ଭ ହୋଇଯାଉଛି । ସରକାରୀ ସ୍କୁଲ ଭଲ ଲାଗୁ ନାହିଁ । ସାଙ୍ଗସାଥୀ ମିଶି ଖେଳିବାର ବାରଣ ହୋଇଯାଇଛି । ପାଶ୍ଚାତ୍ୟ ସଂସ୍କୃତିର ଛାପ ବାରିହୋଇ ପଡୁଛି । ଘରେ ଘରେ ସବୁଥିରେ ପ୍ରତିଯୋଗିତା ବଢି ଯାଇଛି, ଆଉ ସେ ବେଳର ଭଲ ପାଇବା ମଧ୍ୟ କମି କମି ଯଲିଛି । ଭଲ ପାଇବା ସମ୍ପର୍କ ଟଙ୍କା ପଇସା ସହ ଜଡିତ ହୋଇଯାଇଛି । ଦିନ ଥିଲା ପୁଅ ବାପା ଆଗକୁ ଆସିବାକୁ ଡରୁଥିଲା ଆଉ ଆଜି ପୁଅ ବାପ ସହ ଯୁକ୍ତି କରିବାକୁ ପଛାଉ ନାହିଁ । ବନ୍ଧୁ





ପରା... ! ବାପାଙ୍କୁ ଆମେ ହିରୋ ଭାବୁଥିଲୁ,ସେ ଅନ୍ତର୍ଯ୍ୟାମୀ, ସେ ମହାନ ଜ୍ଞାନୀ, ସେ ମହାନ ବୀର... ଇତ୍ୟାଦି ଇତ୍ୟାଦି । ଆଜି ପୁଅକୁ ଲାଗୁଛି ବାପା ଦୁନିଆର ବହୁ ପଛରେ । ଟିକେ ଟିକେ କଥାରେ 'ତୁମ୍ଭେ ବା କ'ଣ ଜାଣ ? ତୁମ ବେଳ ଆଉ ନାହିଁ'-ଏଭଳି ମନୋଭାବ ଧରିନେଲେଣି ଏବେକାର ପୁତ୍ରମାନେ । ବେଳେ ବେଳେ ଅନ୍ୟର ସ୍ଥିତିକୁ ତୁଳନା କରି ବାପାକୁ ହେୟ ଜ୍ଞାନ କରିବାକୁ ମଧ୍ୟ ପଛାଉ ନାହାନ୍ତି । ଯେତେବେଳେ ରାହୁଲର ଜନ୍ମ ହେଲା ମୁରଲୀବାବୁଙ୍କ ଖୁସିର ସୁଅ ଛୁଟିଥିଲା । ପ୍ରଥମରୁ ମନସ୍ଥ କରିଥିଲେ ଯାହା ମୁଁ ପିଲାବେଳେ କରି ପାରିନଥିଲି, ଯାହାର ଅଭାବ ଅନୁଭବ କରିଥିଲି ତାହା ମୋ ପୁଅକୁ ଅନୁଭବ କରିବାକୁ ଦେବି ନାହିଁ । ମୋ ପାରୁ ପର୍ଯ୍ୟନ୍ତ ସମସ୍ତ ଅଭାବ ପୂର୍ଣ୍ଣ କରିବି, ସେଥିପାଇଁ ରାହୁଲ ଜନ୍ମ ପରେ ଯାହା ଯାହା ଅଭାବ ପିଲାଦିନରୁ ସେ ନିଜେ ଅନୁଭବ କରିଥିଲେ ତାହା ରାହୁଲର ଭାବନା ପୂର୍ବରୁ ପୂର୍ଣ୍ଣ କରିବାକୁ ଲାଗି ପଡିଲେ । ସବୁ କ୍ଷେତ୍ରରେ କିପରି ତା'ଙ୍କ ଠାରୁ ଭଲ ହେବ ସେ ବିଷୟରେ ହିଁ କେବଳ ତାଙ୍କର ଭାବନା ଥାଏ । ଆଜି ରାହୁଲକୁ ୧୭ ପୁରି ୧୮ ଯଲିଲା,ଯୁକ୍ତ ୨ ପରୀକ୍ଷା ସରିଯାଇଛି । ସାଙ୍ଗ ସହ ବୁଲିବାକୁ ଯାଇଛି- ସେ ଜାଣନ୍ତିନି ରାହୁଲ କେଉଁଆଡେ ବୁଲିବାକୁ ଯାଇଛି । କିନ୍ତୁ ପଚାରିବାର କ୍ଷମତା ତାଙ୍କର ନାହିଁ । ପିଲାମାନେ ନିଜକୁ ଖୁବ୍ ବଡ ବୋଲି ମାନିନେଲେଣି । କାହାରି ଉପଦେଶ ଆବଶ୍ୟକ କରନ୍ତି ନାହିଁ । ଶାନ୍ତ ସ୍ୱଭାବରେ ପୁଅର ଭୁଲ-ଠିକ୍‌ରେ ସହମତ ହେବା ହିଁ ତାଙ୍କର କର୍ତ୍ତବ୍ୟ ବୋଲି ମୁରଲୀ ବାବୁ ମାନି ନେଇଛନ୍ତି ।

କିନ୍ତୁ ସେକାଳର ପିତାର କର୍ତ୍ତବ୍ୟ ଏବଂ ଏ କାଳର ପିତାଙ୍କ କର୍ତ୍ତବ୍ୟ ମଧ୍ୟରେ ପାର୍ଥକ୍ୟ କ'ଣ ? ପ୍ରତ୍ୟେକ ପିତାର ଭାବନା ଏବଂ କର୍ତ୍ତବ୍ୟ- ନିଜର ପଥରେ ଆସିଥିବା ଅସୁବିଧାକୁ ପୁଅର ଜୀବନଯାତ୍ରାରେ ବାଧା ନ ହେବା ପାଇଁ ଚେଷ୍ଟା କରିବା । ଯଦି ଏହା ଠିକ୍ ତା' ହେଲେ ଭୁଲ ବା ରହିଲା କେଉଁଠି ? ମୁରଲୀ ବାବୁଙ୍କ ପିଲାବେଳେ ଅନୁଭବ କରିଥିବା ଦୂରତା ଓ ପିତାଙ୍କ ପ୍ରତି ଥିବା ଭୟର ସମାଧାନ କରିବା କ'ଣ ଭୁଲ ? ନା ମୁରଲୀ ବାବୁଙ୍କର ବାପାଙ୍କ ପ୍ରତି ଡର ଏବଂ ଏହା ଯୋଗୁଁ ହୋଇଥିବା ଦୂରତା ଠିକ୍ ? ମନ ଏକ ଠିକ୍ ଉତ୍ତରକୁ ଛୁଇଁ ପାରୁ ନ ଥିଲା । ମନ କହୁଥିଲା ହୁଏତ ବେଳର ବେଳର କଥା ।

ସେପଟେ ଶ୍ରୀମତୀଙ୍କ ସ୍ୱର..... "କ'ଣ ଏତେ ବେଳ ହେଲା ଖବରକାଗଜକୁ ଧରି ବସି ରହିଛ । ଆଜି ମାଛ ଆଣିବ ପରା !" ପ୍ରକୃତିସ୍ଥ ହେଲେ ମୁରଲୀ ବାବୁ । ଯଦିଓ ମନରେ ଉଙ୍କି ଥିବା ପ୍ରଶ୍ନର ସଠିକ୍ ଉତ୍ତର ପାଉପାରିନଥିଲେ, ତଥାପି ନିଜର କର୍ତ୍ତବ୍ୟକୁ ସୁତାରୁ ରୂପେ ଚଲାଇବାକୁ ଚେଷ୍ଟା କରି କିଛିଟା ଆତ୍ମସନ୍ତୁଷ୍ଟି ଉପଲବ୍ଧି କରୁଥିଲେ । ସବୁ ପରିସ୍ଥିତି ସବୁବେଳେ ସମାନ ରହେ ନାହିଁ ପ୍ରତ୍ୟେକ ସମୟ ଏବଂ ପ୍ରତ୍ୟେକ ଅବସ୍ଥା ଦିନେ ନା ଦିନେ ବଦଳି ଯିବ । ହୁଏତ ସେକାଳ ଅବସ୍ଥା ଆଉ ଥରେ ଆସିପାରେ । ପ୍ରତ୍ୟେକ ଅବସ୍ଥା ସମୀକ୍ଷା ଯୋଗ୍ୟ ।ଭାବନାର ପରିସମାପ୍ତି କରି ମୁରଲୀ ବାବୁ ଦାଣ୍ଡ ଘରୁ ଉଠି ନିତ୍ୟ କର୍ମ ପାଇଁ ବାହାରିପଡିଲେ ।

-୦-

ଆକୁଲା, ଯାଜପୁର ଟାଉନ
ମୋ-୭୯୭୮୦୩୧୫୩୯



Scanned with OKEN Scanner

# ଅଭିମାନ

ସାଗରିକା ସାହୁ

ସେଦିନ ବୋଉ ହାତକୁ ବାପାଙ୍କର ଚଷମାଟି ବଢାଇ ଦେଲାବେଳେ, ମୋର ଦୁଇଆଖି ଲୁହ ଛଳ ଛଳ ହୋଇଗଲା । ମତେ ଦେଖି ବୋଉ ଭାବପ୍ରବଣ ପ୍ରାୟ ହୋଇଆସୁଥିଲା । ମୋ ପାଟି ଶୁଣି ଭିତରଘରୁ ବାପା ଧିରେ ଧିରେ ଉଲି ଆସି ବାହାର ଚେୟାରରେ ବସିଲେ । ସତେ ଯେମିତି ସେଦିନ ମୋର ଉପସ୍ଥିତିକୁ ବାପା ଅନୁଭବ କରିପାରୁନଥିଲେ ।

ବାପାଙ୍କର ଲୋଚାକୋଚା ଆଖିତଳେ ବାରିହୋଇ ପଡୁଥିବା ବୟସର ଛାପ,କଳାଦାଗ,ରଙ୍ଗ ଆଦି ସବୁ ଯେମିତି ମତେ ନୂଆ ନୂଆ ଲାଗୁଥିଲା । ସବୁବେଳେ ଚଷମା ତଳେ ଲୁଚି ରହୁଥିବା ବାର୍ଦ୍ଧକ୍ୟର ଦାଗ ସବୁ ଆଜି ପ୍ରଥମ କରି ମତେ ସ୍ପଷ୍ଟଇ ଦେଉଥିଲେ କି,ସତରେ ବାପାଙ୍କୁ ବାର୍ଦ୍ଧକ୍ୟ ସ୍ପର୍ଶ କରିସାରିଲାଣି । ବୋଉ ହାତରୁ ଚଷମାଟି ନେଇ ନିଜ ଆଖିରେ ଲଗାଇବାପରେ ସତରେ ବାପାଙ୍କ ଆଖିରେ ଏକ ଚମକ ଭରିଗଲା ପରି ମତେ ଲାଗିଲା ।

ଏବେ ବାପାଙ୍କୁ ସବୁ କିଛି ସ୍ପଷ୍ଟ ଦେଖାଯାଉଥିଲା ହେଲେ ବାପା, ମୋ ଆଡକୁ ତିଳେମାତ୍ର ନଚାହିଁ , ଏକ ଅଭିମାନ ଭରା କଣ୍ଠରେ ଖଣ୍ଡି କାଶ ଦେଇ ଭିତର ଘରକୁ ଉଲିଗଲେ ।

ବୋଉର ନିରୀହ ମୁହଁଟିକୁ ଉହିଁ ଦେଲାପରେ ମତେ ଲାଗୁଥିଲା ,ସେ ମତେ କିଛି କହିବାକୁ ଚାହୁଁଛି ହେଲେ କହିପାରୁନି । ସେଇଠି ମୁଁ ନିଜକୁ ଅନୁତପ୍ତ ମନେ କଲି । ମୁଁ ଭଲଭାବରେ ଜାଣିଥିଲି ବିନା ଚଷମାରେ ଚଳିବା ବାପାଙ୍କ ପାଇଁ ଅସହଜ । ଦିନବେଳା ଯାହା ଯେମିତି ବିତିଯାଏ । ହେଲେ ରାତିରେ ଚଷମା ନ ଲଗେଇଲେ ବାପାଙ୍କୁ ଝାପ୍ସା ଦେଖାଯାଏ । ପେପରବି ପଢିପାରନ୍ତିନି । ଟିଭି ବି ଦେଖିପାରନ୍ତିନି ।

ଆଠଦିନ ତଳେ ଗାଁକୁ ଆସିଥିଲି । କଟକ ବାହାରିଗଲା ବେଳେ ବୋଉ ମୋ ବ୍ୟାଗରେ ବାପାଙ୍କ ଚଷମାଟି ଭର୍ତ୍ତି କରି ମୋତେ କହିଥିଲା । 'ବାବୁରେ ଚଷମାଟି ହାତରୁ ଖସି ପ୍ରେମଟା ଭାଙ୍ଗି ଯାଇଛି । ଜଲଦି ସଜାଡି ବସ୍‌ରେ ପଠେଇଦେବୁ ।

ନିଜର କର୍ମମୟ ଜୀବନ ସଂସାରଜଞ୍ଜାଳ ଭିତରେ ମୁଁ ଏତେ ବ୍ୟସ୍ତ । ଭୁଲି ଗଲି ବାପାଙ୍କର ଚଷମା କଥା । ବ୍ୟାଗରେ ପଡିରହିଛି ସେହିଦିନ ଠାରୁ । ରୀନା ଠାରୁ ଶୁଣିଥିଲି । ଯା ଭିତରେ ବୋଉ ଦୁଇଥର ଫୋନ କରିଛି ମୋ ସହ କଥା ହେବା ପାଇଁ ହେଲେ କଥା ହୋଇପାରିନି ।

ବାସ୍ତବରେ କେତେ ଦାୟିତ୍ୱହୀନ ମୁଁ । କେମିତି ଭୁଲିପାରିଲି ଏତେ ବଡ କଥା । ପିଲାଟା ଦିନରୁ ଚାକିରି ପାଇବା ଯାଏଁ , ବାପା ମୋର ଟିକିନିଖି ଦାୟିତ୍ୱକୁ ସମ୍ଭାଳି ଆସିଥିଲେ । ହଷ୍ଟେଲରେ ଯିବାବେଳେ ମୋ ପାଖରେ ରୀତିମତ ଟଙ୍କା ପହଞ୍ଚିଯାଏ । ମୁଁ ସେତେବେଳେ ଥରୁଟିଏ ବି ବୁଝିବାକୁ ଚେଷ୍ଟା କରିନି । ବାପା କୋଉଁଠୁ ଟଙ୍କା ଯୋଗାଡ କରୁଛନ୍ତି । କେଉଁଠୁ କରଜ କରୁଛନ୍ତି କି ଜମି ବନ୍ଧା ପକେଇଛନ୍ତି । ମୋ ଉଲିରୀ ପାଇଁ ବୋଉ ଅନେକ ଓଷାବାର ବ୍ରତ ଉପବାସ କରେ । ମାନସିକ ରଖେ, ମାଟି କାବୁଅ ରେ ପଡି ଉଠି,ଅଭାବକୁ ମୁଣ୍ଡରେ ମୁଣ୍ଡେଇ ସୁନାକରି ଗଢି ତୋଳିଛନ୍ତି ସେମାନେ ମୋ ଜୀବନକୁ । ମୋ ପୁଅ ଓ ଝିଅର ଭବିଷ୍ୟତ ପାଇଁ ମୁଁ ଓ ରୀନା ସହରରେ ରହିଆସୁଛୁ । ସେଥିରେ ବି ବାପା ଓ ବୋଉଙ୍କର କୌଣସି ଆପତ୍ତି ନ ଥିଲା ।

ମୋ ବାପା ଯେତିକି ରାଗି ସେତିକି ତ୍ୟାଗୀ । ପିଲା ବେଳେ ପାଠ ନ ପଢି ସବୁବେଳେ କ୍ରିକେଟ ଖେଳେ ବୋଲି, ଥରେ ବାପା ରାଗିଯାଇ ବ୍ୟାଟ୍‌ଟିକୁ ଭାଙ୍ଗି ଦୁଇଖଣ୍ଡ କରିଦେଇଥିଲେ । ମୁଁ କାନ୍ଦି କାନ୍ଦି ରାଗିଯାଇ ବାପାଙ୍କର ଏକମାତ୍ର ହାତଘଣ୍ଟାଟିକୁ କଚାଡି ଭାଙ୍ଗି





ଦେଇଥିଲି । ସେହିଦିନ ଠାରୁ ଆଜି ଯାଏ ତାଙ୍କ ହାତରେ ଘଡି ଫିନ୍ଧିବାର ମୁଁ ଦେଖିନି । ବରଂ ମୁଁ କଲେଜ ପଢିଲା ବେଳେ ଆମ ବାଡି ଆମ୍ବଗଛଟିକୁ ବିକ୍ରି କରି ମୋ ପାଇଁ ଟାଇଟନ୍‌ର ହାତଘଡିଟି କିଣି ଦେଇଥିଲେ ।

ଅନେକଥର ଚେଷ୍ଟା କରିଛି । ବାପା ବୋଉକୁ ମୋ ସହ କଟକ ନେଇ ଆସିବାକୁ । ହେଲେ ସହରର ପାଣି ପବନଠୁ ଦୂରରେ ରହିବାକୁ ଗାଁ କୁ ଆପଣେଇ ନେଇଛନ୍ତି ସେମାନେ, ମୁଁ ବି ଛାଡି ପାରୁନି ସହର ।

ଦୂରରେ ରହିଲେବି ସେମାନଙ୍କ ପ୍ରତି ଥିବା ମୋର ଦାୟିତ୍ୱ ଓ କର୍ତ୍ତବ୍ୟରେ ସତେ ମୁଁ ଅସଫଳ । ଆଜି ବେଶ୍ ମନେ ହେଉଛି କର୍ମର ଆଳରେ ପରିଣତ ବୟସରେ ସେମାନଙ୍କ ପ୍ରତି ମୁଁ ଅବହେଳା କରୁଛି ।

ଯେବେ ବି ଘରକୁ ଆସେ ବାପା ଦୀର୍ଘ ସମୟ ଧରି ମୋ'ସହ କଥା ହୁଅନ୍ତି । ତାଙ୍କ ବୋହୂ, ନାତି ନାତୁଣୀଙ୍କ କଥା ପଚାରି ବୁଝନ୍ତି । ହେଲେ ଆଜି ବାପା ଅଭିମାନ କରି ମୋ ଠାରୁ ମୁହଁ ଫେରାଇ ନେଲେ । ପଦଟିଏ ବି କଥା ହେଲେନି । ମନଟା ମୋର ବିଲକୁଲ ଭଲ ଲାଗିଲାନି । ଦୀର୍ଘ ଆଠଦିନ ଧରି ବିନା ଚଷମାରେ ବାପା କେମିତି ଚଲାବୁଲା କରୁଥିବେ । ନିଜକୁ ଦୋଷୀ,ଦୋଷୀ ଲାଗୁଥିଲା ମତେ । କଟକ ଫେରିଲା ବେଳେ ବାପାଙ୍କୁ ଭୁଲ ମାଗିବାକୁ ଯାଉଥିଲି ସିନା, ମନ ଭିତରେ ଅନେକ ଅନୁତାପର ଛାୟାସବୁ ମତେ ଭୟଭୀତ କରି ପକେଇ ଥିଲେ । ସତରେ କ'ଣ ବାପା ମୋ'ଉପରେ ଅଭିମାନ କରିଛନ୍ତି । ବାପାଙ୍କ କୋଠରୀ ଭିତରକୁ ପ୍ରବେଶ କଲାବେଳେ ମୋର ହାତ ଥରି ଉଠିଲା । କଣ୍ଠ ବାଷ୍ପୀଭୂତ ହୋଇଯାଉଥିଲା । ହେଲେ ବାପାତ ତାଙ୍କ କୋଠରୀରେ ନାହାନ୍ତି ।

ତତ୍‌କ୍ଷଣାତ ବାପା,ବାପା, ତାଙ୍କି ମୁଁ ଘରର ସବୁ କୋଣରେ ତାଙ୍କୁ ଖୋଜି ବୁଲିଲି । କେଉଁଠିବି ବାପାଙ୍କୁ ନ ପାଇବା ପରେ ମୁଁ ସିଧା ଆମ ଘର ପଛ ବାଡିକୁ ଧାଇଁଗଲି ।

ବାଡିରେ ପହଞ୍ଚିଗଲା ପରେ ସେଠି ଯେଉଁ ଦୃଶ୍ୟ ଦେଖିଲି ମୋ' ଆଖିକୁ ବି ବିଶ୍ୱାସ କରିପାରିଲିନି । ବୋଉ ଧରିଥିଲା ବ୍ୟାଗ ବାପା ସେଥିରେ ଭର୍ତ୍ତି କରୁଥିଲେ ଆମ ବାଡି ସଜନାଛୁଇଁ,କଞ୍ଚା କଦଳୀ ମଞ୍ଜା ଆଉ ସପୁରୀ । ବୋଉକୁ କହୁଥିଲେ 'ଆମ ବାବୁ ବାଡି ସଜନାଛୁଇଁ ଖାଇବାକୁ ଭାରି ଭଲପାଏ । ଠପ୍ ଠପ୍ କରି ଦୁଇଧାର ଲୁହ ଝରି ପଡିଲା ମୋ ଆଖିରୁ । ଛାତିଭିତରେ ମୋର ଏକ ଅଦ୍ଭୁତ କମ୍ପନ ସୃଷ୍ଟି ହେଉଥିଲା । ସେ କମ୍ପନରେ ଯେତିକି ଆନନ୍ଦ ମୁଁ ଅନୁଭବ କରିଥିଲି, ତା' ଠାରୁ ତେର ଅଧିକ ସମ୍ମାନ ଭରି ରହିଥିଲା ମୋ'ବାପାଙ୍କ ପ୍ରତି । ଆଉ କିଛି ଘଟିବାର ଅପେକ୍ଷା ନଥିଲା । ବାପାଙ୍କୁ ଭୁଲ ମାଗିବା ଆଗରୁ ସେ କ୍ଷମା କରିଦେଇଥିଲେ ତାଙ୍କ ପୁଅକୁ । ମୋ ପିଠିକୁ ଆଉଁସି ଆଣି କହିଲେ 'ପହଞ୍ଚିକି ଫୋନ କରିବୁ ।'

ବାପା ଓ ବୋଉଙ୍କ ପାଖରୁ ବିଦାୟ ନେଲା ବେଳେ ପିଲାବେଳର ଅନେକ ଭାବନା ତେର ପରି ବାଡେର ହେଉଥିଲା ମୋ' ହୃଦୟରେ । ସେଦିନର ସମୟ ଓ ଅଭୁଲା ମୁହୂର୍ତ୍ତ ସବୁ ଆଜି ମୋ ପାଖରେ ନଥିଲା ସତ, ହେଲେ ଆଜିର ସମୟ କି ବାର୍ଦ୍ଧକ୍ୟ ବାସ୍ତବରେ ଛୁଇଁ ପାରିନଥିଲା ମୋ ବାପାଙ୍କୁ । ବାପା ତ ବାପା ହୋଇ ଆଜିବି ରହିଛନ୍ତି । ତାଙ୍କ ପୁଅ ପାଇଁ ବୟସର ଅପରାହ୍ନରେ ବି ସେହି କଠୋର ଚେହେରା ତଳେ ଲୁଚି ରହିଥିବା କୋମଳ ହୃଦୟଟିକୁ ମୁଁ ପୁଣିଥରେ ଖୋଜି ପାଇଥିଲି ।

-୦-

ଅରଙ୍ଗାବାଦ, ବରୀ, ଯାଜପୁର



Scanned with OKEN Scanner

# ଅପ୍ରାପ୍ତିର ମୋହ

ଯଶୋଶ୍ରୀ ବେହେରା

କେଜାଣି ତାର ସେ ନିରିମାଖି ଭୁରା ରଙ୍ଗ ଆଖିରେ କ'ଣ ଥିଲା ? ଭୟରେ ଜଡସଡ ହୋଇ ଯେବେ ତା ମଥାରେ ସ୍ୱେଦ ବିନ୍ଦୁ ଗୁଡା ଚକମକ କରୁଥିଲେ,ମୋତେ ସେଗୁଡା ଧରା ଉପରେ ପଡିଥିବା ସିକ୍ତ କାକର ବୁନ୍ଦା ପରି ପ୍ରତୀତ ହେଉଥିଲା । ମୁଣ୍ଡରୁ ଅଣ୍ଡା ଯାଏଁ ଲମ୍ବି ଆସିଥିବା ଦୁଇଯୋଡା ବେଣୀ ସତେ ଯେମିତି ଦୁଇଟା କୂଳକୁ ତରବରେ ମାଡି ଆସୁଥିବା ବିଶାଳ ସାଗରର ଢେଉ ସତେ ! ସବୁଠାରୁ ଉପରେ ଥିଲା ତା ହସ ! ଯେମିତି ତା ହସ ଗୁଡା ଚିଲିକା ତୀରେ ବସିଥିବା ପକ୍ଷୀଙ୍କ କାକଳି ଅବା ! ତାକୁ ଦେଖି ମୋତେ ନାରୀକୁ ପ୍ରକୃତି ସହ ଉପମା ଦେବାର ଅର୍ଥ ଟା ଆପେ ଆପେ ବୁଝା ପଡି ଯାଉଥିଲା ।

ଏମିତି ନୁହେଁ ତାକୁ ମୁଁ ଆଗରୁ ଜାଣିନ ଥିଲି । ଗାଁ ଦାଣ୍ଡରେ ମୋରି ସହ ଲୁଚକାଳି ଖେଳୁଥିବା ବେଳ ଠାରୁ ଚିହ୍ନା । ଯେବେ ସେ ତା ଲାଲ ରଙ୍ଗର ଫ୍ରକ୍ ପିନ୍ଧି ଗହଳିଆ ଲତା ମୂଳେ ଲୁଚି ଯାଏ,ଆଉ ସେ ମୋତେ ସ୍ପଷ୍ଟ ଦେଖା ଯାଉଥିବା ପରିସ୍ଥିତିରେ ବି ତାକୁ ନ ଧରି ଆଉ ଥରେ ଚୋର ହେବାକୁ ଯିବା ଟା ମୋ ସେଇ ବୟସର ଚପଳାମି ଅନ୍ତର୍ଗତରେ ନିହାତି ଆସିବା କଥା ।

ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ମୋ ହାତ ଧରି ସ୍କୁଲ ଯିବା, ନିଜ ଟିଫିନରୁ ଅଧା ମୋତେ ଜବରଦସ୍ତି ଖୁଆଇ ଦେବା କେହି ଯଦି ପଛରେ ସେ ପୁଅଟା ସହ କାଇଁ ଏତେ ସାଙ୍ଗ ହେଉଛୁ ର ଉତ୍ତରରେ,"ସାଙ୍ଗ ତ ସାଙ୍ଗ, ପୁଅ କ'ଣ ଝିଅ କ'ଣ ?" ପ୍ରତିଦିନ ଶୁଣିବା । ଏସବୁ ମୋର ଅଭ୍ୟାସରେ ପଡି ଯାଇଥିଲା ।

ଷଷ୍ଠଶ୍ରେଣୀରେ ଯେବେ ଆମେ ଆମ ପାଖ ଗାଁକୁ ଯାଉଥିଲେ କେନାଲ ପାରି ହୋଇ, ସେ ସବୁବେଳେ ମୋ ପଛରେ ରହେ । ଆଗରେ ଯିବାକୁ କହିଲେ କହିବ,'କୁମାର,ତୁ ଆଗରେ ଗଲେ ସିନା ମୁଁ ତୋ ପଛରେ ଯିବି । ଆଗରେ ଗଲେ ଯଦି ମୁଁ ପଡିଯିବ ତା ହେଲେ ?'

"ଭଲ ଆଉ ! ତା ହେଲେ ତୁ ଚାହୁଁନୁ ମୁଁ ପଡିଯାଏ ?"

"ଆରେ ତୁ ପଡିଗଲେ ସିନା ଉଠିକି ଆସି ଯିବୁ ! ହେଲେ ମୁଁ କେମିତି ଆସିବି ଯେ ?"

"କାହିଁ ? ମୁଁ କଣ ତୋତେ ଉଠେଇ ନେଇ ପାରିବିନି ?"

"ତୁ ? ତୁ କାଇଁ ମୋତେ ଉଠେଇବୁ ?"

"ଆଉ ! ତୁ ମୋ ସାଙ୍ଗଟି ! ତୁ ପଡିଗଲେ ମୁଁ ଉଠେଇ ବିନି କି ?"

"ଜାଣିନୁ କୁମାର,ତୁ ମୋ ପକ୍କା ସାଙ୍ଗ !" ଏତିକି କଥା ସବୁ ସବୁ ସ୍କୁଲ ଆସି ଯାଏ, ଆଉ ସେ ଧାଇଁ ଯାଏ କ୍ଲାସ ଭିତରକୁ ।

ଛୋଟ ସ୍କୁଲରେ ସିନା ଆମେ ସାଙ୍ଗ ହୋଇ ତଳେ ଏକାଠି ବସୁଥିଲୁ ଏବେ ଆମ ବସିବା ପାଇଁ ଅଲଗା ଧାଡି ଆଉ ବେଞ୍ଚ ବି ପଡିଥାଏ । ସେଇଥିପାଇଁ ସେ ବସୁଥାଏ ମୋ ଠାରୁ ଗୋଟେ ପାଖ ବେଞ୍ଚ ଛାଡିକି ।

ଦ୍ୱିତୀୟ ବେଞ୍ଚର କଡ ପାଖକୁ ଥିଲା ବେଳେ,ସିଏ ବସୁଥିଲା ପ୍ରଥମ ଧାଡିର ପ୍ରଥମ ବେଞ୍ଚରେ । ହାଇସ୍କୁଲ ଯାଏଁ ଏଇ ଏକା ଘଟଣା ଜାରି ରହିଲା । ହେଲେ ଅଷ୍ଟମ ଶ୍ରେଣୀରେ ଆସିଲା ପ୍ରତୀକ । ବସିଲା ଫାଷ୍ଟ ବେଞ୍ଚର ଫାଷ୍ଟ ସାଇଡରେ । ଆରମ୍ଭ ହୋଇଗଲା ପ୍ରତୀକ ସହ ତାର ଶତ୍ରୁତା । ଦୁଇଜଣ ଭଲ ପଢୁଥିଲେ ଆଉ ସମୟର ତାଳରେ ପ୍ରତୀକ କେବେ ମୋ ପ୍ରିୟ ବନ୍ଧୁ ତାଲିକାରେ ପ୍ରଥମ ସ୍ଥାନ ଗ୍ରହଣ କରିନେଲା,ମୋର ଠିକ୍‌ରେ ମନ ନାହିଁ ।

ପ୍ରତୀକ ସହ ସାଙ୍ଗ ହେଉଛି ବୋଲି ସବୁଦିନ ବାଟରେ ଆସିଲା ବେଳେ ମୋ ଉପରେ ଅଭିମାନ କରି ମୁହଁ ଫୁଲେଇ ଥିବ ହେଲେ ଯେମିତି କେନାଲ ପାରି ହେବାକୁ ଆସିବ ସିଏ ଠିକ୍ ମୋତେ ଅନେଇ ଥିବ !

ଆଉ ମୁଁ ଆସିଲାମାନେ ସେ ପଛକୁ ରହିଯିବ ମୋତେ ଆଗକୁ ଯିବାର ଅଘୋଷିତ ନିୟମ ଜଣେଇ ଦେଇ ।

ଥରୁଟିଏ ତାର ମାନ ଭଞ୍ଜନ କରିବା ପାଇଁ ସେ ଯେତେ ପଛେଇ ଚାଲିଲେ ବି ମୁଁ ଆହୁରି ଧୀରେ ଧୀରେ ଯାଉଥାଏ । ଠିକ୍ କେନାଲ ପାଣି ହେଲା ବେଳକୁ ପଛକୁ ଯେବେ ଚାହିଁଲା, ସେ ମୋତେ ପାଇଲା ନାହିଁ । ଭୟାର୍ତ୍ତ ଦୃଷ୍ଟିରେ ଏପାଖ ସେପାଖ ଦେଖି ଯେବେ ସେ ପୋଲରେ ପାଦ ଦେଲା ସିଧା ଯାଇ ପାଣିରେ । ମୁଁ ଦୂରରେ ଥିଲେ ବି ସବୁ ଦେଖି ପାରୁଥିଲି ।

କିଛି ଆଗପଛ ନ ବିଚାରି ଖୁବ ଜୋରରେ ଧାଇଁ ଆସି ମୁଁ ତା ପଛେ ପଛେ ଡେଇଁ ପଡିଲି । ପାଣି ତ କମ୍ ଥିଲା,ହେଲେ ଅତ୍ୟଧିକ ଭୟ ପାଇଁ ସେ ବେହୋସ ହୋଇ ପଡିଥିଲା । ମୁଁ କଷ୍ଟେ ମଷ୍ଟେ ତାକୁ କୂଳ କୁ ଆଣିଲି । ଦୂରରୁ ଦେଖିଲା ବେଳକୁ ପ୍ରତୀକ ଆସୁଥାଏ । ମୁଁ ଦୁହିଁଙ୍କ ଶତ୍ରୁତା ଜାଣି ପ୍ରତୀକକୁ ଖୁବ ସଂକ୍ଷିପ୍ତରେ ସବୁ ଘଟଣା ଜଣାଇ ତାରି ଜିମାରେ ଦେଇ, ତାଙ୍କ ଘର ଅଭିମୁଖେ ଧାଇଁ ଗଲି କାହାରିକୁ ଡାକି ଆଣିବାକୁ ।

ସଭିଙ୍କୁ ନେଇ ମୁଁ ଆସିଲା ବେଳକୁ ତା ଚେତା ଆସି ଯାଇଥାଏ । ମୋତେ ଦେଖି ସେ ମୁହଁ ବୁଲେଇ ନେଲା । ମୁଁ ଠିକ୍ ଜାଣିଛି, ତାର ମୋ ଉପରେ ରାଗ ଆହୁରି ବଢି ଯାଇଛି । ମୁଁ କାହିଁକି ଏମିତି କଲି ବୋଲି ନିଜକୁ ଦୋଷ ଦେଉଥାଏ । ଆଉ ସ୍କୁଲ ଯିବି, କଣ ସେଦିନ ଘରକୁ ଆସି ମନ ମାରି ବସିଥାଏ ।

ତା ପର ଦିନ ଠାରୁ ଅସ୍ୱାଭାବିକ ଭାବେ ତା ଚେହେରା ଉଜ୍ଜ୍ୱଳ ହୋଇ ଉଠିଥିଲା । ସେ ମୋ ଉପରେ ରାଗିବା ତ ଦୂର ନିଜେ ଆସି ମୋ ସହ କଥା ହେଲା । ତା ଖୁସି ବାସିଆ ଚେହେରା ମୋ ମନ ବି ପୂରି ଉଠିଲା । ଯାହା ହେଉ, ମାନିନୀ ରାଧିକା ତାଙ୍କ ଅଭିମାନକୁ ପାସୋରି ମୋ ସହ କଥା ଯେଉଁ ହେଲେ ।

କଷ୍ଟେ ମଷ୍ଟେ ଯାହା ଯେମିତି କରି ମୁଁ ମାଟ୍ରିକ ଟା ସିନା ପାସ କରିଗଲି । ହେଲେ ମୋର ନିଜ ମାର୍କ ପାଇଁ ଆଦୌ ଦୁଃଖ ନଥାଏ । ବରଂ ମୁଁ ଖୁସି ଥାଏ ସେ ଆମ ପୁରା ଜିଲ୍ଲାରେ ପ୍ରଥମ ଆସିଛି ବୋଲି । ତା ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପ୍ରତୀକକୁ ହରେଇ ସେ ନିଶ୍ଚିତ ରୂପେ ବହୁତ ଖୁସି ସେ ।

ଏମିତି ମାର୍କ ରଖିଥିବା ହେତୁ ମୁଁ ଗାଁ କଲେଜରେ କଳା ପଢିବି ବୋଲି ସ୍ଥିର କରିଥିଲି । କଲେଜ ତ ବାହାନା,ମୋର ଲକ୍ଷ୍ୟ କେବଳ ତାକୁ ଆଖି ଭରି ଦେଖିବାର ଥିଲା । ମୁଁ ତାରି ଠାରୁ ଜାଣିଥିଲି ସେ ଆମରି ଗାଁ କଲେଜରେ ବିଜ୍ଞାନ ପଢିବ, ଅବଶ୍ୟ ଆମ ଦୁହିଁଙ୍କ ବିଷୟ ଅଲଗା ହେଲେ ବି ତାକୁ ଦେଖିବାର ଆଶା ଟିକକ ମୋତେ ଭିତି ନେଉଥାଏ । ପ୍ରତୀକ ଆଉ ସେ ଦୁହେଁ ବିଜ୍ଞାନ,ମୁଁ କଳା ବିଭାଗରେ ନାମ ଲେଖେଇଲା ପରେ ମିଶିକି କଲେଜ ଯାଉ ।

ସେ ପିଲା ଦିନର ବନ୍ଧୁତାର ବୃକ୍ଷ କେବେ ବଦଳି ଯାଇ ପ୍ରେମର ତୁମରେ ପରିଣତ ହୋଇଥିଲା,ମୋ ହୃଦୟକୁ ଖବର ନଥିଲା । ହଁ, ତାର ନିଗାହ ନଜର ଆଜି ମୋ ହୃଦୟକୁ ଆନ୍ଦୋଳିତ କରିବାରେ ଯଥେଷ୍ଟ ସାମର୍ଥ୍ୟ ରଖୁଥିଲା । କେଇ ଦିନରୁ ମନରେ ସାଇତି ରଖୁଥିବା ଘଟଣା ମୁଁ ତା ଆଗରେ ଖୋଲିଦେବାକୁ ସ୍ଥିର କରି ଧାଇଁ ଯାଇଥିଲି ମୋ ଭାବନାର ପୁଞ୍ଜା ତା ଆଗରେ ଉନ୍ମୁକ୍ତ କରି ଦେବାକୁ ।

କିନ୍ତୁ ନିୟତି ଯେପରି ଚାହିଁ ବସିଥିଲା,ମୋ ଭାବନାର ହିମାଳୟକୁ ଗୋଟେ ଭୂକମ୍ପରେ ତଡିତଜାତ କରିଦେବାକୁ ।

ମୋରି ଆଖି ଆଗରେ ପ୍ରତୀକ ସହ ହାତ ଛନ୍ଦି ହୋଇଥିଲା ସେ । ଆଖି ଦୁହିଁଙ୍କ ଅସୁମାରି ସ୍ୱପ୍ନର ସାଗର । ମୋ ପ୍ରାପ୍ତିର ଆଶା ଟା ମଉଳା ଫୁଲ ପରି କେଉଁ କୋଣରେ ଅବହେଳିତ ହୋଇ ପଡିଥିଲା । ଧାଇଁ ଯାଇ ସାଇତି ରଖିବା ଆଗରୁ ଦୁହେ ନିଜ ଗେରା ସମ୍ପର୍କର ଉତ୍‌ଥାପନ ମୋରି ଆଗରେ କରି ଯାଇଥିଲେ ।

ଦ୍ୱିତୀୟ ବର୍ଷର ପରୀକ୍ଷା ଆଉ କେଇଟା ବର୍ଷ ବାକି ଥାଏ । ମୁଁ ଘରୁ ବାହାରିବା ବନ୍ଦ କରି ଦେଇଥିଲି । କେବଳ ଯାଇଥିଲି ପରୀକ୍ଷା ଦେବାକୁ । ବାପା ମା ବି ମୋ ଅବସ୍ଥା ଦେଖି କିଛି କହୁ ନଥାନ୍ତି । ମୁଁ ପୁରା ସଂକଳ୍ପ କରିଥିଲି, ଯାହା ବି ହୋଇ ଯାଉ,ମୋତେ ଦୁହିଁଙ୍କ ଠାରୁ ଦୂରକୁ ଯିବାର ଅଛି , ଖୁବ ଦୂରକୁ । ଯେଉଁଠାକୁ ନା ତାଙ୍କ ଖବର ମୋ ପାଖରେ ଆସିବ, ନା ସେମାନେ ମୋ ବିଷୟରେ ଜାଣି ପାରିବେ । ମୋ ସ୍ୱପ୍ନକୁ ସତ କରି ଦେଇ ପଞ୍ଚାଶୀ ପ୍ରତିଶତି ମାର୍କ ରଖି ମୁଁ ଉଲିଗଲି ଘର ଠାରୁ ଦୂର ରେ ରହି ହଷ୍ଟେଲରେ ପଢିବା ପାଇଁ ।

କାରଣ କେବଳ ସେ ହିଁ ଥିଲା । ତାକୁ ପାଇବାର ଯେଉଁ ଆଶା ଟା ମୋତେ ବାର ବାର ଚେତେଇ ଦେଉଥିଲା, ସେ ଏବେ ସମ୍ପୂର୍ଣ୍ଣ ମଉଳି ସାରିଥିଲା । ଯେଉଁଠି ବା ପ୍ରାପ୍ତିର ଆଶା ନାହିଁ ,ସେଠି ଭାବନା ଆସିବ କେଉଁଠୁ ?

ତଥାପି ମୋ ମନର କେଉଁ ପ୍ରଦେଶରେ ସେ ବିଚରଣ





Scanned with OKEN Scanner

କରୁଥାଏ ମୁକ୍ତ ଭାବ । ହୃଦୟର ଗଭୀରତମ ପ୍ରଦେଶରେ କେବଳ ତାରି ନୀରବ ରାକୁଚି ଝଲୁଥାଏ । ମୁଁ ନିଜକୁ ଏୟା କହି ପ୍ରବୋଧନା ଦେଉଥାଏ । ପ୍ରତୀକ ତାକୁ ପାଇ ବି ହାରି ଯାଇଛି, ଆଉ ମୁଁ ତାକୁ ନ ପାଇ ବି ଜିତି ଯାଇଛି । କାହିଁକି ନା ତା ପ୍ରେମ ମୋ ହୃଦୟରେ ଏମିତି ଖୋଦେଇ ହୋଇଥିଲା, ଯେ ନିଶ୍ଚିତ ରୂପେ ମୋ ଠାରୁ ତାକୁ କେହି ଅଧିକ ଚାହୁଁ ନଥିବେ ।

ଗ୍ରାକୁଏସନ ପରେ ପରେ ଦୁଇଟା ବର୍ଷରେ ଓଏଏସ ପାଇ ମଫସଲ ଅଞ୍ଚଳର ଏକ ତହସିଲ ଅଫିସକୁ ମୋ କର୍ମକ୍ଷେତ୍ର ଭାବେ ବାଛିଥିଲି ମୁଁ । ବାର ବାର ଘରକୁ ଯିବାର ପ୍ରସ୍ତାବ ତାକୁ ଦେଖି କାଳେ ମୋ ଆଶାର ପୁନର୍ବାର ଜୀବନ୍ୟାସ ପାଇଯିବା ଭୟରେ ଏଡାଇ ଆସୁଥାଏ ମୁଁ ।

ବୋଉର ନିରୁତା ଲୁହର ବୋଝକୁ ସମ୍ଭାଳି ନ ପାରି ମୁଁ ଯାଇଥିଲି ଗାଁକୁ ଥରୁଟିଏ । ସାରା ଗାଁରେ ପରିବର୍ତ୍ତନର ସ୍ୱର । ମାତ୍ର ଛ ଟା ବର୍ଷରେ ଗାଁର ରୂପରେଖ ବଦଳି ଯାଇଥାଏ । ଗାଁ ଦାଣ୍ଡରେ ଖେଳୁଥିବା ବଚ୍ଚେ ଛୁଆଙ୍କ ମେଳରେ ମୁଁ ତାକୁ ପାଉଥିଲି ତ କେବେ ସେଇ କେନାଲ ପାଖ ଦେଇ ଝଲି ଆସିଲା ବେଳେ ସେ ମୋ ଆଗରେ ପାଣିରେ ପଡୁଥିବାର ଦୃଶ୍ୟ ନାଚି ଉଠୁଥିଲା ।।

ଘରେ ପାଦ ଦେଉ ଦେଉ ବୋଉ ଧାଇଁ ଆସିଲା ଲୁହ ଗଡେଇ । ଟିକେ ସମୟ ଘରେ ରହି ଯେବେ ଗାଁ ଆଡେ ବୁଲି ଆସିଲି ସଭିଏଁ ଜିରାଫ ଦେଖିଲା ଭଳି ଅଦ୍ଭୁତ ନଜରରେ ମୋତେ ଚାହିଁ ରହିଥିଲେ । ପାଖକୁ ଆସି ହାଲଚାଲ ବୁଝି ଯାଉଥିଲେ । ସଭିଙ୍କ ସହ କଥା ହେବା ବେଳେ ଅକୃତ୍ରିମ ଭାବ ଟା ଚେହେରାରୁ ଫୁଟି ଜଣା ଯାଉଥିଲା ।

ସାରା ଗାଁ ଟା ବୁଲିଲା ବେଳେ ନଜର ଟା ତାଙ୍କ ଘର ଆଡେ ବି ଗଲା । ହେଲେ ବନ୍ଦ କବାଟ ଦେଖି ମୋ ମନର କବାଟ ବି ବନ୍ଦ ହୋଇଗଲା ପରି ଅନୁଭବ ହେଉଥାଏ ।

ଖରାବେଳେ ଖାଇବାକୁ ବସିଥିବା ବେଳେ ମୋ ନଜର ଟା ବୋଉ ର ଅସ୍ତବ୍ୟସ୍ତ ଆଖି ଉପରେ ପଡିଲା । ସିଏ ବୋଧେ କିଛି କହିବାକୁ ଚାହୁଁଥିଲା ।

'କ'ଣ କହିବୁ ବୋଉ ?'

"ହଁ .. ନାଇଁରେ.. ହଁ ସିଏ ତୁ ଖାଆ । କିଛି ନାହିଁ" ।

"ତୋତେ କ'ଣ ମୁଁ ଜାଣିନି ? ନ କହିବା ଯାଏଁ ତୋ ଖାଇବା ହଜମ ହେବ କି ?"

ମୁଁ ବୋଉକୁ ପ୍ରଶ୍ନ କଲି । ସତକୁ ସତ ସେ ଟିକେ ସଙ୍କୋଚର ସହ କହିଲା, "ତୋ ସାଙ୍ଗରେ ସେଇ ଯୋଉ ଆମ ଗାଁ ଲକ୍ଷ୍ମଣାନନ୍ଦ ଙ୍କ ଝିଅ ପଢୁଥିଲା ?"

ବୋଉ ମୁହଁରେ ଏତେ ଦିନ ପରେ ତା ନାଁ ଶୁଣି ମୋ ପୁରୁଣା କ୍ଷତ ଯେମିତି ତାଜା ହୋଇ ଉଠିଲା । ସନ୍ଧ୍ୟା ବେଳେ ହିଁ ତ ତାଙ୍କ ଘରକୁ ଯିବି ଭାବୁଛି । ହେଲେ ବୋଉ ଏମିତି ଡରି ଡରି କ'ଣ କହୁଥିବା ଦେଖି ମୋ ମନ ଭାରି ହୋଇଯାଉଥାଏ ।

"ହଁ ସେଇ ଝିଅ ତ ? କ'ଣ ହେଲା ? ମୁଁ ମୁହଁ ଟାଣ କରି କହିଲି ।"

"ତୁ ଗଲା ପରେ ସିଏ ଏଇ କଲେଜରେ ବିଏସି କଲା ଏଇଠି । କମ ମାର୍କ ରଖିଥିଲା ନା କ'ଣ ବୋଧେ ପଢିଶା ଘର କୁନୁ କହୁଥିଲା ବି ଟା ପେପର କଣ ବେକ ଲାଗିଥିଲା । ଘରେ ତାର ମାରଧର କଲେ । କ'ଣ ତମରି ସହ ସେ ଯୋଉ ପରଦେଶୀ ପିଲାଟା ପଢୁଥିଲା ,ହଁ ପ୍ରତୀକ ।"

ଓଃ... ଦୁହିଁଙ୍କ ନାଁ ଟା ଶୁଣି ମୋ ଛାତି ଭିତରେ କିଏ ହାତୁଡି ପିଟି ଦେଉଥାଏ ଅବା । ମୁଁ ନିଜ ଭାବନାକୁ ନିୟନ୍ତ୍ରଣରେ ରଖି ବୋଉ କଥା ଶୁଣୁଥାଏ ।

"ହଁ ସେଇ ଝିଅ ତ ଆଉ,ଘରେ ବହେ ତାଙ୍କର ନାଟ ଲାଗିଥିଲା । ଯାର ଏକା ଜିଦ ବାହା ହେବ ତ ସେଇ ପୁଅକୁ । ଗୋଟେ ବୋଲି ଝିଅର ଏମିତି କାରନାମା ଦେଖି ବୋଉ ତାର ପାଟିରେ ଲୁଗା ଚାପି କାନ୍ଦୁଥାଏ । ଲକ୍ଷ୍ମଣା ତ ନିଦା କାନ୍ଦୁ ହୋଇଯାଇଥାଏ । ହେଲେ ଯେଉଁ ଦିନ ସେ ଦୁହେଁ ଘର ଛାଡି ଝଲିଗଲେ ସେଇ ଦିନ ଅକାଳରେ ତା ପ୍ରାଣ ଉଡିଗଲ । ଆଉ ତା ବିୟରୀ ସ୍ତ୍ରୀ ଟା ପାଗଳୀ ହୋଇଗଲା ।"

ଓଃ... ନା ଆଉ ନୁହେଁ । ଅଧିକ ଶୁଣି ପାରିଲିନି ମୁଁ । ଖାଇବା ଥାଳିରୁ ଉଠି ଝଲିଗଲି ବୋଉର ଡାକକୁ ଅଣଦେଖା କରି । ଛାତି ଭିତର ଟା ଯେମିତି ଅଜଣା ବୋଝରେ ଭରି ଉଠୁଥାଏ । ଆଖି ଦୁଇଟା ଜାଲୁ ଜାଲୁ ଅନ୍ଧାର ଯେମିତି ।





ବଡ କଷ୍ଟରେ ନିଜକୁ ସମ୍ଭାଳି ମୁଁ କର୍ମକ୍ଷେତ୍ରକୁ ଫେରିଲି । ଯଦି ଆଉ କେଇଟା ଦିନ ରହିଥାନ୍ତି,ତା ହେଲେ ସାରା ଜୀବନଟା ଗାଁ ଟା ମୋତେ ମାଡି ମାଡି ପଡିଥାନ୍ତା ।

ସକାଳୁ ଗୋଟେ ବିଧବା ସ୍ତ୍ରୀ ଲୋକଟା ମୁହଁ ଢାଙ୍କି ଛୋଟ ଝୁଆକୁ ଧରି ଅଫିସ ଆଗରେ ଠିଆ ହୋଇଛି ତ କେତେବେଳେ ଣେ ତେଣେ ଧାଉଁଛି । ମୋ ନଜର ତା ପାଖରେ ଗଲା ମାତ୍ରେକ ମୁଁ ଅସ୍ଥିର ହୋଇ ଯାଉଥାଏ । ସକାଳ ୧୦ରେ ସିନା ମୁଁ ଆସିଲି, ହେଲେ ସେ ନିଶ୍ଚିତ ଭାବେ ଆହୁରି ଅଧିକ ସମୟ ହେବ ଏଇଠାକୁ ଆସିଛି । ଗୋଟାଏ ବେଳ ସୁଦ୍ଧା କାମ ସାରି ଯେବେ ମୁଁ ଲଞ୍ଚ ବ୍ରେକରେ ବାହାରିଛି, ସେ ଆସି ମୋ ଗୋଡ ତଳେ ପଡିଗଲା । ମୁଁ ଟିକେ ସଙ୍କୋଚ କରି ତା ଠାରୁ ଦୂରେଇ ଠିଆ ହୋଇ ଚପରାସିକୁ ତା କାରଣ ପଚାରିଲି ।

ସେ ତା ଚିରାଚରିତ ଢଙ୍ଗରେ ଉତ୍ତର ଦେଲା "ମିଶ୍ରବାବୁଙ୍କ ସହ ଦେଖା କରିବାକୁ ଆସିଥିଲେ । ଯେତେ କହିଲେଣି ସିଏ ନାହାନ୍ତି , ଇଏ ଜମା ଶୁଣୁ ନାହାନ୍ତି ।"

ମୁଁ ତାଙ୍କ ଫାଇଲ ଟା ମିଶ୍ରବାବୁଙ୍କ ରୁମରୁ ଆଣି ମୋ ଟେବୁଲରେ ରଖିବାକୁ କହି ସେ ମହିଳାଙ୍କୁ ମୋ ଚାମ୍ବରକୁ ଡକେଇଲି । ଯେବେ ସେ ଟିକେ ପବନ ପାଇଁ ନିଜ ଓଢଣା ଖୋଲିଲେ ମୋ ଆଖି ତାଟକା ହୋଇଗଲା ।

ଯାହା ଠାରୁ ଆମେ ଲୁଚି ଧାଉଁଥିବା ଆଉ ସିଏ ଯଦି ଆଗରେ ଆସି ହାଜର ହୋଇଯିବ,ସେବେ ଯେଉଁ ଅବସ୍ଥା ହେବ ମୋର ଠିକ୍ ସେଇ ଅବସ୍ଥା ହୋଇଥିଲା ।

ଠିକ୍ ତାକୁ ମୋ ଆଖି ଆଗରେ ଦେଖି ମୁଁ ସ୍ତବ୍ଧ ହୋଇ ଚାହିଁ ରହିଥାଏ । ସେ ବୋଧେ ମୋତେ ଜାଣିପାରୁଥାଏ କି ନାହିଁ ? ଅବଶ୍ୟ ଛ'ଅ ବର୍ଷ କମ୍ ନୁହେଁ ଜଣକୁ ଭୁଲିବା ପାଇଁ ।

ଅଳ୍ପ କାମ ଟାଏ ଥିଲା । ଗୋଟେ ସାଇନ କଲେ ତାର ବଦଳି ହୋଇଯିବ । ଭଲରେ ପଢିଲି ମୁଁ ସେ କାଗଜଟାକୁ । ଏମତି ବି କହି ହେବ, କାଗଜ ବାହାନାରେ ତା ଚେହେରାକୁ । ଆଗ ପରି ଚଞ୍ଚଳ ନୁହେଁ । ନିରାସକ୍ତ ଆଖି,ଦେହର ସାଧା ବର୍ଡର ପଡିଥିବା ଧଳା ଶାଢୀ ସହ ଶୂନ୍ୟ ହାତ ଆଉ ମଥା ଜଣାଇ ଦେଉଥାଏ ତା ସ୍ଥିତି ।

ବାହାନାରେ ତା ଅତୀତ ଜାଣିବାକୁ ଚେଷ୍ଟା କରୁଥିବା ବେଳେ ସେ କହିଲା "ଘର ଛାଡି ଆସିବା ପରେ ପ୍ରତୀକ ଆଉ ସେ ଦୁହେଁ ବାହା ହୋଇ ଖୁବ ଖୁସି ରେ ଥିଲେ । ଏଇ ଗାଁ ପ୍ରତୀକ ର ନିଜ ଘର ଗାଁ ଥିଲା । ଶାଶୁ ଶଶୁରଙ୍କ ସହ ଖୁବ ବଡ ଖଞ୍ଜା ଘରେ ଦିଅର, ନଣନ୍ଦଙ୍କ ନାପସନ୍ଦରେ ବି ପ୍ରତୀକ ପାଇଁ ତା ଜୀବନ ଖୁସିରେ କଟି ଯାଉଥିଲା । କୋଳକୁ ପୁରା କରି ବର୍ଷେ ଭିତରେ ପୁଅଟାଏ ବି ହୋଇଥିଲା ।

ହେଲେ ଖୁବ କମ ଦିନରେ ଜଣାଗଲା, ପ୍ରତୀକକୁ କ୍ୟାନସର ବୋଲି । ଧୀରେ ଧୀରେ ସବୁ ଦୂରେଇ ଗଲେ । ସବୁ ଜମା ପୁଞ୍ଜି ତାରି ଚିକିତ୍ସାରେ ଗଲା । ଅହରହ ଶାଶୁ ଙ୍କ ଗଞ୍ଜଣା ଯେ ତାରି ପାଇଁ ତାଙ୍କ ପୁଅ ଆଜି ମୃତ୍ୟୁ ମୁଖରେ ।

ଏତେ ସବୁ ପରେ ବି ପ୍ରତୀକର ମୃତ୍ୟୁର ଦୋଷ ତାରି ମୁଣ୍ଡରେ ଲଦି ଦିଆଗଲା । ଖାଇବା ମୁଠାକ ପାଇଁ ଖୁବ ହଇରାଣ କଲେ ତାକୁ । ଏମିତି କି ପ୍ରତୀକ ଗଲା ପରେ ତା ଚାକିରିଟାବି ଶାଶୁ ନିଜ ଅକର୍ମା ପୁଅ ନାଁରେ କରେଇ ଦେବାକୁ ତାକୁ ଜୋର ଦେଉଥିଲେ । ହେଲେ ଶିକ୍ଷା ଯୋଗ୍ୟତା ପାଇଁ ସେହି ଉକିରୀର ଉପଯୁକ୍ତ ପ୍ରାର୍ଥୀ ସେ ହିଁ ଥିଲା । ଏଥିପାଇଁ ସାଇନ ପାଇଁ ସିଏ ଦିନ ରାତି ଆମ ଅଫିସ ବୌଉଥିଲା ।

ତାର କାମ କରିଦେବାକୁ ଭାରି ଜେଦୁରା ହେଉଥାଏ ସେ । ଏମିତି ପରିସ୍ଥିତିରେ ତାକୁ କଣ କହି ପ୍ରବୋଧନା ଦେବି ମୁଁ ନିଜେ ଜାଣି ନଥାଏ । ତା ପରିସ୍ଥିତି ମୋ ମନରେ ଥିବା ଆଶାକୁ କାହିଁ କେଜାଣି ପୁଣି ଜଗେଇ ଦେଲା ।

ସାଇନ୍ କଲା ପରେ ଯେବେ ତାକୁ ଆପଣ ଯାଇ ପାରନ୍ତି କହିଲି,ତା ମୁହଁରୁ ଅଚାନକ ବାହାରି ଗଲା- "କ'ଣ କୁମାର ଏଯାଏଁ ନିଜ ପରିଚୟ ଦେବୁନି ?"

ଓଃ ! ଲକ୍ଷେ ପ୍ରୀତି ଫୁଲ ଫୁଟି ଗଲା କି ମୋ ମନରେ । ହୃଦୟ ଟା ଝୁମି ଉଠୁଥାଏ ଖୁସିରେ । ସତରେ ସିଏ ମୋତେ ଚିହ୍ନି ପାରିଛି ।

"ତୁ ଜାଣିବୁ ମୋତେ ?"



Scanned with OKEN Scanner

"ଛଅ ବର୍ଷ ରେ ଭୁଲି ଯାଇଥାନ୍ତି କି ? ତୁ ହିଁ ତ ଏକା ମୋର ସାଙ୍ଗ ଥିଲୁ ।"

"ସାଙ୍ଗ.... ଆଜି ଯାଏଁ ବି ମୁଁ ତୋର ସେଇ ସାଙ୍ଗ ହୋଇ ରହିଗଲି ନା ।" ମୋ କଣ୍ଠରୁ ଅଚାନକ ମୋ ଭାବନା କେମିତି ପ୍ରତିଫଳିତ ହୋଇଗଲା କେଜାଣି ?

"ତୁ ସେଦିନ ମୋତେ ପାଣିରୁ ବଞ୍ଚେଇ ଥିଲୁ ବୋଲି କହିଥିଲୁ ? ସେଦିନ ପ୍ରତୀକକୁ ଦେଖି ମୋ ହୃଦୟ ବଦଳି ଯାଇଥିଲା । ନ ଚାହିଁ ବି ମୁଁ ନିଜକୁ ତା ହାତରେ ସମର୍ପି ଦେଇଥିଲି । ତୁ ନିଜେ କହ ତ ଥରୁଟିଏ ହୃଦୟ କାହାରିକୁ ଭେଟ ଦେଇ ସାରି ଫେରେଇ କେମିତି ଆଣିଥାନ୍ତି ?"

ପୁଣି ସେ ଆରମ୍ଭ କଲା, "ମୁଁ ମୋ କାୟା ସହିତ ପ୍ରତୀକର ହୋଇ ଯାଇଥିଲି । ହେଲେ ନା ତୋ ପାଇଁ କେବେ ମୋ ମନରେ ଭାବନା ଆସିଥିଲା, ନା ଆସିବ !" ଚାହିଁଥିଲେ ମୁଁ ମୋ ବାପ ଘରକୁ ଯିବା ବନ୍ଦ ଦରଜାକୁ ଖୋଲି ପାରିଥାନ୍ତି । ହେଲେ ଯେଉଁଠି ମୋ ପ୍ରେମର ମୋ ପ୍ରତୀକର ମୂଲ୍ୟ ନଥିଲା ସେଠି କେମିତି ଯିବି କହିଲୁ ?

ପ୍ରତୀକଙ୍କ ପରେ ତାଙ୍କ ସାନ ଭାଇକୁ ବାହା ହେବାକୁ ବି ଶାଶୁ ଚକ୍ରାନ୍ତ କରିଥିଲେ । ହେଲେ ଥରୁଟିଏ ହୃଦୟକୁ ସେ ଅକ୍ତିଆର କରିନେଲା ପରେ ଆଉ କାହାରିକୁ କେମିତି ଦେଇ ଥାନ୍ତି କହ ତ ?"

"ମୋ ପ୍ରତିଟି ସ୍ପନ୍ଦନରେ କେବଳ ପ୍ରତୀକର ନାଁ ହିଁ ଖୋଦେଇ ହୋଇ ଯାଇଛି । ଯେଉଁଠାରୁ ମୁକୁଳିବା ଭାରି କଷ୍ଟ । ତାକୁ ନ ପାଇଥିଲେ ହୁଏତ ଭଲ ହୋଇଥାନ୍ତା । ହେଲେ ଥରୁଟିଏ ପାଇ ହରେଇବାର ଦୁଃଖ ବଡ ଦାରୁଣ । ଏଇ ଚାକିରି ଟା ମୋ ଶେଷ ସାହାରା । ଯାରୀ ପାଇଁ ଆମେ ମା ଛୁଆ ଦୁହେଁ ସବୁଦିନ ପାଇଁ ଏ ଠାରୁ ଏକ ଦୂର ଜାଗାକୁ ଚାଲିଯିବୁ ।

କେମିତି ତୋତେ ଧନ୍ୟବାଦ କହିବି ମୁଁ ବୁଝିପାରୁନି । ହେଲେ ତୋର ଏଇ କାମ ପାଇଁ,ମୁଁ ସାରା ଜୀବନ ତୋ ପାଖରେ ଋଣୀ ରହିଗଲି ରେ ।"

ସେ ଯିବା ଆଗରୁ ମୁଁ ତାକୁ କହିଲି, "ଆଜି ଯାଏଁ ବି ମୋ ମନ ରେ ତୋ ପାଇଁ ସମାନ ଭାବନା ଅଛି । ତୁ ଯଦି ଚାହୁଁ..." ସେ କିଛି ନ କହି ହସି ଦେଲା । ତା ହସ ର ଅର୍ଥ ବି ମୁଁ ବୁଝି ସାରିଥିଲି । ତା ପ୍ରତିବଦଳରେ ମୁଁ ବି ହସି ଦେଲି । କୁହନ୍ତି ନାହିଁ- "ପ୍ରାପ୍ତିର ଆଶା ଠାରୁ ଅପ୍ରାପ୍ତିର ମୋହ ବେଶି ଅନ୍ତରଙ୍ଗ ।"

ସେ ମୋର ସେଇ ଅଦମ୍ୟ କାମନା ଭିତରୁ ଗୋଟାଏ ଥିଲା । ଯିଏ କେବେ ମୋର ନଥିଲା ତାକୁ ହରେଇବାରେ ଦୁଃଖ ହିଁ କ'ଣ ? ଓଲଟି ସେ ଯଦି ମୋ ସହ ରହିବାକୁ ହଁ କହିଥାନ୍ତା । ହୁଏତ ମୋ ନଜରରେ ତା ସ୍ଥାନ ନିଶ୍ଚିତ ତଳକୁ ଖସି ଯାଇଥାନ୍ତା । ହେଲେ ସେ ମୋ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜ ପ୍ରେମର ମହତ୍ୱ ରଖି ନେଲା । ମୁଁ ଭାବୁଥିଲି ମୁଁ ତାକୁ ହରେଇ ବି ଜିତି ଯାଇଛି ଆଉ ପ୍ରତୀକ ତାକୁ ପାଇ ବି ହାରି ଯାଇଛି । ହେଲେ ମୁଁ ଭୁଲ ଥିଲି । ପ୍ରେମରେ ବି କେବେ ହାରିବା ଥାଏ ନା ? ପ୍ରେମର କେବଳ ପ୍ରେମ ହିଁ ହୋଇଥାଏ । ଯେଉଁଠି ଏ ମୋହ ଟା ଖୁବ ନିଜର ହୋଇଥାଏ । ଆଶା ସିନା କଷ୍ଟର କାରଣ ସାଜେ ହେଲେ ମୋହ ? ମୋହ ତ କେବଳ ଶାନ୍ତିର ଅନ୍ୟ ରୂପ ହୋଇଥାଏ ।

ସେଦିନ ଠାରୁ ମୁଁ ତାକୁ ମୋ ଜୀବନ କାଳରେ ଥରୁଟିଏ ଭେଟିନି, କି ଆଶା ବି କରିନି । ହେଲେ ମୋ ମୋହ.... ମୋ ମୋହ ଆଜି ଯାଏଁ ବି ମୋତେ ତା କଥା ମନେ ପକେଇ ଦିଏ । ଆଉ ସେଇ ଅପ୍ରାପ୍ତିର ମୋହ କୁ ହୃଦୟରେ ବାନ୍ଧି ମୁଁ ଫେରି ପାଏ ମୋ ଶ୍ରେଷ୍ଠ ଜୀବନର କିଛି ସମୟ..... ।

-o-

କଟକ,ଓଡିଶା
ଦୂରଭାଷ-୬୩୭୨୬୦୦୯୦୦୭





# ଦିଅଁ ଗଢୁ ଗଢୁ ମାଙ୍ଗତ

କିରଣ ମିଶ୍ର

ଦୂର ଦିଗବଳୟରେ ଅସ୍ତଗାମୀ ସୂର୍ଯ୍ୟଙ୍କର ଲାଲ କିରଣରେ ପୃଥିବୀର ଶୋଭା ନୀଳିମାଙ୍କୁ ଅପୂର୍ବ ଲାଗୁଥିଲା । ଆଶ୍ରମର ଗଛ ପତ୍ର ଲାଲ ବର୍ଣ୍ଣରେ ରଞ୍ଜିତ ହୋଇଯାଇଥିଲା । ଜଣେ ଆଶ୍ରମବାସୀ ବଜାଉ ଥିବା ବଂଶୀର ସ୍ୱର ଭାସି ଆସୁଛି । ସେ ଦିନ କାହିଁକି ଅସ୍ତଗାମୀ ସୂର୍ଯ୍ୟ ନୀଳିମାଙ୍କୁ ଭାବନା ରାଜ୍ୟରେ ବୁଡାଇ ଦେଇଛନ୍ତି ।

ଦୁଇ ଦିନ ହେବ ଦେହଟା ଭଲ ଲାଗୁନି । ଦେହ ଅପେକ୍ଷା ମନଟା ବେଶି ଖରାପ ଲାଗୁଛି । ପାଟିକୁ ଭାତ ରୁଚୁନି,ଦେହରେ ବେଶି ଜ୍ୱର ନଥିଲେ ବି ଜରୁଆ ଜରୁଆ ଲାଗୁଛି । ଦେହ କସ ମସ ହେଉଛି । ମନ ହେଉଛି କିଏ ଟିକେ ଦେହ ହାତ ଦାବି ଦିଅନ୍ତା କି ! ହତାଶାରେ ମନଟା କାହିଁକି ଭାରାକ୍ରାନ୍ତ ହୋଇଯାଉଛି । ଦୀର୍ଘ ନିଶ୍ୱାସଟେ ଛାଡି ନିଜ ଖଟରେ ଆସି ଗଡପଡ ହେଲେ । ହିସାବ କରୁଥିଲେ ଆଶ୍ରମକୁ ଆସିବା ଆଜିକୁ ଦଶ ଦିନ ହେଲା ।

ଅତୀତ ଟା କୁ ଯେତେ ଫିଙ୍ଗି ଦେଲେ ବି ସେ ପିଛା ଛାଡୁନି । ଆଖି ମୁଦି ଦେଲେ ଜଳ ଜଳ ହୋଇ ପଛକଥା ଦେଖା ଯାଉଥିଲା । ବେଳେବେଳେ ଇଚ୍ଛା ହୁଏ ଡଷ୍ଟରରେ ବ୍ଲାକ ବୋର୍ଡର ଲେଖା ଲିଭାଇ ଦେଲା ପରି, ଅତୀତ ଟା ଯଦି ଲିଭେଇ ଦେଇ ହୁଅନ୍ତା, ତା ହେଲେ ସେ ନୂଆ କରି ଗଢନ୍ତେ ।

ହରିହର ଦାସଙ୍କ ବଡପୁଅ ସିଦ୍ଧାନ୍ତଙ୍କୁ ସେ ଭଲପାଇ ବାହା ହୋଇଥିଲେ । ପ୍ରେମ ବିବାହ ହୋଇଥିବାରୁ ଶ୍ୱଶୁର ବାହାଘରେ ରାଜି ନ ଥିଲେ । ଶାଶୁ ବି ଅସନ୍ତୁଷ୍ଟ ଥିଲେ । ପ୍ରତ୍ୟେକ ବାପା ମା' ଚାହାନ୍ତି ତାଙ୍କ ପୁଅ ପାଇଁ ସେମାନେ ହିଁ ବୋହୂ ଖୋଜିବେ ।

ନୀଳିମା ବା କୋଉ ନିଜେ ଠିକ୍ କରୁଥିଲେ କି ! ଶାନ୍ତ ଶିଷ୍ଟ ସ୍ୱାମୀଙ୍କୁ ବକରା ବନାଇବାକୁ ବେଶୀ ସମୟ ତାଙ୍କୁ ଲାଗି ନଥିଲା । ସିଦ୍ଧାନ୍ତଙ୍କ ତଳେ ଦୁଇ ଭଉଣୀ ଓ ଭାଇଟିଏ ଥିଲେ । ବାହାଘର ପରେ ସିଦ୍ଧାନ୍ତ ବମ୍ବେରେ କଷ୍ଟମ ଅଫିସର ଭାବେ ଚାକିରୀ ରେ ଯୋଗ ଦେଲେ । ସେମାନଙ୍କ ବାହାଘରର ଅଳ୍ପ ଦିନ ପରେ ଶ୍ୱଶୁର ଶିକ୍ଷକ ଚାକିରୀରୁ ଅବସର ନେଲେ । ସିଦ୍ଧାନ୍ତ ଭଲ ପାଠ ପଢୁଥିବାରୁ ବାପା ତାଙ୍କୁ ଧାର ଉଧାର କରି ପାଠ ପଢେଇ ଥିଲେ । ମଧ୍ୟବିତ୍ତ ପରିବାରର ବଡ ପୁଅଟି ଉପରେ ପରିବାର ଆଶା ଭରସା ଥିଲା ଭଳି, ସିଦ୍ଧାନ୍ତଙ୍କ ଉପରେ ସମସ୍ତେ ଆଶା ରଖିଥିଲେ । କିନ୍ତୁ ନୀଳିମା କୋଉ କରିବାକୁ ଦେଲେ ଯେ ! ସବୁବେଳେ ତ ନିଜର ଓ ନିଜ ପୁଅ ଝିଅ ଦୁଇଜଣଙ୍କର କଥା ଚିନ୍ତା କଲେ । କାମର ଆଳରେ ଦିଅର ଓ ନଣନ୍ଦଙ୍କ ବାହାଘରକୁ ବି ଗଲେ ନି କାଳେ ଶାଶୁ ଶ୍ୱଶୁର ସିଦ୍ଧାନ୍ତଙ୍କୁ କିଛି ମାଗିବେ । ସ୍ୱାର୍ଥପରତାର ଚରମ ସୀମାରେ ପହଞ୍ଚି ଯାଇଥିଲେ । ମନେ ପଡୁଛି ସାନ ନଣନ୍ଦ ତା ବାହାଘର ପୂର୍ବରୁ ଚିଠି ଲେଖିଥିଲା ।

ଭାଉଜ ଯେମିତି ହେଲେ ଭାଇକୁ ଧରି ଆସିବ ।

ଉତ୍ତରରେ ଲେଖିଥିଲେ- "ଟ୍ରେନରେ ଗଲେ ତିନି ତିନି ଦିନ ଛ ଦିନ ଲାଗିବ । ସେଠି ପୁଣି ଦୁଇ ଚାରି ଦିନ ରହିବାକୁ ପଡିବ । ଏତେଦିନ ପୁଅ ଝିଅଙ୍କ ସ୍କୁଲ ବନ୍ଦ କରି ହେବନି । ମାର୍ଚ୍ଚ ମାସ ଭାଇଙ୍କର ମଧ୍ୟ ଛୁଟି ମିଳିବନି ପରେ ଗଲେ ଦେଖା ହେବ ।"

ଶ୍ୱଶୁର ପଇସା ଅଭାବରୁ ଝିଅମାନଙ୍କୁ ଏତେ ଭଲ ଜାଗାରେ ବି ଦେଇ ପାରିଲେନି । ଦୁଇଟି ଯାକ ଝିଅକୁ ଗାଁ ପାଖରେ ବେପାର କରି ଚଳୁଥିବା ଜୋଇଁ ଦେଖି ଦେଲେ । ସାନ ଦିଅର ବି ପଇସା ଅଭାବରୁ ବେଶି ପାଠପଢି ପାରିଲାନି । ଜମିବାଡି ବୁଝି ଗୋଟିଏ ଦୋକାନ କରି ଚଳୁଥିଲା । ମନେ ପଡୁଛି ସାନ ଦିଅର ଥରେ କିଛି ଟଙ୍କା ମାଗିଥିଲା ସେ ବର୍ଷ ଜମିରେ ଭଲ ଫସଲ ହୋଇନଥିଲା । ନୀଳିମା କଡା କଡା ଶୁଣେଇ ଦେଇଥିଲେ । ଜମିରେ ସବୁ ଆୟ ତ ଖାଉଛନ୍ତି, ଶ୍ୱଶୁରଙ୍କ ପେନସନ ଅଛି ପୁଣି ଏମିତି ଅଭାବ ଘୋଟି ଯାଉଛି ଯେ ଆମକୁ ହାତ ପତଉଛନ୍ତି । ଆମେ କ'ଣ ଟଙ୍କା ଗଛ ? ଆମର ପିଲାବି ପାଠ ପଢିବେ । ଆମକୁ ତ କେହି ଦେବେନି ! !

ଶାଶୁ ଶ୍ୱଶୁର ବି କେମିତି ଗାଁ ଛାଡି ଆସିବେ । ସେଇଟା ତ ତାଙ୍କ ଘର । ହଁ ସେ କାହିଁକି ବା ଦାୟିତ୍ୱ ନେବେ ଯେ ଦିଅର, ଅମୁ ତ ସବୁ ପଶ୍ଚରି ଖାଉଛି । କରିବା ଦାୟିତ୍ୱ ବି ତା'ର । ଶାଶୁ ଶ୍ୱଶୁରଙ୍କ କାମରେ ଯାଇଥିଲେ । କଷ୍ଟେ ମଷ୍ଟେ ଚଳି କାମ ସରୁ ସରୁ ଚାଲି ଆସିଥିଲେ । ଖାଲି ସୁବ୍ଧି ନ ହେଲେ ନଚଳେ । କାଳେ ପ୍ରେତାତ୍ମା



Scanned with OKEN Scanner

ଡରେଇବ ବା ଅମଙ୍ଗଳ କରିବା । କେମିତି ରହିଥାନ୍ତେ ଯେ, ପିଲାଟ ଗାଁରେ ଚଳି ପାରୁ ନ ଥିଲେ ।

କିନ୍ତୁ ଯେଉଁ ପିଲାଙ୍କ ପାଇଁ ସେ ଏତେ କଷ୍ଟ କରିଥିଲେ ସେ ପିଲା କ'ଣ ବୁଝିଲେ । ଝିଅ ପାଠ ପଢି ଲଣ୍ଡନରେ ଚାକିରି କଲା ସେଇ ଲଣ୍ଡନରେ ଜୋଇଁ ଠିକ୍ କରି ଦେଲେ । ଆଉ ପୁଅ ବାହା ହୋଇ ତା' ସ୍ତ୍ରୀକୁ ନେଇ ଆମେରିକାରେ । ବିଦେଶ ଗଲାବେଳେ ପୁଅ ଝିଅଙ୍କ ସଫଳତାକୁ ନେଇ ସେ କେତେ ଖୁସି ହେଇନଥିଲେ । ସିଦ୍ଧାନ୍ତଙ୍କୁ କହିଥିଲେ -

ଦେଖୁଚ ତୁମ ବଂଶରେ ମୋ ପୁଅ ଝିଅ ପ୍ରଥମେ ବିଦେଶ ଗଲେ । ତୁମେ ତ ତୁମ ଜୀବନରେ ବି ଯାଇ ପାରିଲନି । ଏଇଠି ପଡି ରହିଲ ସତେ ଯେମିତି ଜନ୍ମ ମାଟିରେ ଅପାରଗମାନେ ହିଁ ରୁହନ୍ତି ।

ଅହଂକାର ତାଙ୍କର ଆକାଶ ଛୁଉଁଥିଲା । ବୟସ ଥିଲା ବେଳେ ପୁଅ ବୋହୂ ଓ ଝିଅ ଜୋଇଁଙ୍କର ଅସୁବିଧା ତୁଲାଇଛନ୍ତି । ଚାକିରିରୁ ଅବସର ନେବା ପରେ କିଛି ଦିନ ପୁଅ ବୋହୂ ଓ ଝିଅ ଜୋଇଁଙ୍କ ପାଖେ ରହିଥିଲେ । କିନ୍ତୁ ସେଠି କାହିଁକି ଖାପଛଡା ମନେ ହୋଇଥିଲା । ଫେରି ଆସିଥିଲେ ବମ୍ବେ ଘରକୁ । ଆଗ ଆଗ ପୁଅ ଝିଅ ଆସୁଥିଲେ । ସେମାନଙ୍କ ପୁଅ ଝିଅ ପାଠ ପଢିବାରୁ ସେମାନେ ବି ଆଉ ଆସି ପାରିଲେନି । ଭିଡିଓ କଲିଙ୍ଗ ଓ ଫୋନରେ ଯାହା କଥା ବାର୍ତ୍ତା ।

ସିଦ୍ଧାନ୍ତଙ୍କର ହାର୍ଟ ପ୍ରୋବ୍ଲେମ୍ ବାହାରିଲା । ଡାକ୍ତରବେଟିସ୍ ଅଧିକ ଥିବାରୁ ଡାକ୍ତର ମନା କରନ୍ତି ଅପରେସନ କରିବାକୁ । କେବଳ ମେଡିସିନ୍‌ରେ ଯେତେଦିନ ବଞ୍ଚି ପାରିବେ । ଦୁଇବର୍ଷ ପର୍ଯ୍ୟନ୍ତ ସିଦ୍ଧାନ୍ତ ଔଷଧରେ ବଞ୍ଚିଲେ । ତା' ଭିତରେ ସେ ଅନୁଭବ କଲେ ପୁଅ ବୋହୂ ଯେତିକି ଦାୟିତ୍ୱ ନେବା କଥା ଠିକ୍ ସେ ନେଉନାହାନ୍ତି । ପ୍ରଥମେ ଆସି ଦଶ ପନ୍ଦର ଦିନ ରହି ଚାଲିଗଲେ । ନୀଳିମାଙ୍କ ଯତ୍ନରେ ସିଦ୍ଧାନ୍ତ ଦୁଇ ବର୍ଷ ବଞ୍ଚିଲେ । ଚେଷ୍ଟା କଲେ ମଧ୍ୟ ଆଉ ଅଧିକ ଦିନ ବଞ୍ଚେଇ ରଖି ପାରିଲେନି । କୌଣସି ଔଷଧ କାମ ଦେଲାନି । ଦିନେରାତିରେ ସିଦ୍ଧାନ୍ତ ତାଙ୍କୁ ଛାଡି ଚଲିଗଲେ । ସିଦ୍ଧାନ୍ତଙ୍କ ମୃତ୍ୟୁପରେ ପୁଅ ଝିଅ ଆସି ଦଶ କାମରେ ଯୋଗ ଦେଲେ । ଦିନେ ମା' ଝିଅ ବସିଥିଲେ କଥା ପ୍ରସଙ୍ଗରେ ଝିଅ ପଚାରିଲେ-

ମା' ତୁ କ'ଣ ସ୍ଥିର କରିଛୁ ?

ମାନେ ?

ମାନେ ତୁ କାମ ପରେ କୋଉଠି ରହିବୁ । ଭାଇ ତ କହୁଥିଲା ସେଠି ଗଲେ ତୁ ବୋର ହେବୁ । ତୁ କ'ଣ ଏଇ ବମ୍ବେରେ ରହିବୁ । ସେ ଦିନ କେବଳ ଏତିକି ଅଭିମାନରେ କହିଥିଲେ । ମୁଁ ଏ ପର୍ଯ୍ୟନ୍ତ ସ୍ଥିର କରିନି । ଦେଖିବି କ'ଣ କରିବି । କାମ ସରିଗଲା ପରେ ପୁଅକୁ କହିଲେ,ମୁଁ ଭାବୁଛି ଓଡିଶା ଫେରିଯିବି । ନେଟ୍‌ରେ ସର୍ଚ୍ଚ କର ଭଲ ଜରା ନିବାସ କୋଉଠି ଅଛି । ଏକା ଏ ଘରଟାରେ କ'ଣ କରିବି ! ପୁଅ କୌଣସି ଉତ୍ତର ଦେଲାନି । ମଉନେ ସମ୍ମତି ଲକ୍ଷଣ ଭଳି ଚୁପ ରହିଲା । ଝିଅ ଟିକେ ବଞ୍ଚାଇ କହିଲା । ଆମେ ଥାଉ ଥାଉ ତୁ ଜରା ନିବାସ... ହଁ ଆଗକୁ ଆହୁରି ଦିନ ବାକି ଅଛି । ମୁଁ ଚାହୁଁନି କାହାକୁ ହଇରାଣ କରିବାକୁ । ଆଉ ତୁମେ ଇଚ୍ଛା କଲେ ମଝିରେ ମଝିରେ ମତେ ଦେଖି ଆସିବ । ଏଥିରେ ବ୍ୟସ୍ତ କାହିଁକି ?

ପୁଅ ବି କିଛି ପ୍ରତିକ୍ରିୟା ପ୍ରକାଶ କଲାନି ।

ନୀଳିମା ଭାବୁଥିଲେ ଏଇ ପୁଅ ଦିନେ ଛାଡି ରହିପାରୁ ନଥିଲା । ଅଥଚ ଆଜି...

ସେ ଦିନ ଭାଇ ଭଉଣୀ ମିଶି ନେଟ୍‌ରୁ ଗୋଟିଏ ଭଲ ଜରା ନିବାସର ଠିକଣା ବାହାର କଲେ । କେମିତି ଶସ୍ତା ରେ ଛାଡନ୍ତେ ଯେ ! ଏତେ ରୋଜଗାର କରୁଛନ୍ତି କାହା ପାଇଁ ? ବାପା ବି ବହୁତ ରଖି ଯାଇଛନ୍ତି ।

ଯେଉଁ ଦିନ ବମ୍ବେ ଘର ଛାଡି ସମସ୍ତେ ବାହାରିଲେ ଭୁବନେଶ୍ୱର ଅଭିମୁଖେ ସେଦିନ ନୀଳିମା ବାହାରୁ ଶକ୍ତ ଦେଖାଇ ହେଉଥିଲେ ବି ଅନ୍ତରରେ କୋହ ଭରି ହୋଇଯାଇଥିଲା । ସିଦ୍ଧାନ୍ତ ଭାଗ୍ୟବାନ ଆଗ ଚଲିଗଲେ । ବାକିତକ ଜୀବନ ତାଙ୍କୁ ମାନସିକ ଯନ୍ତ୍ରଣା ସହ ବଞ୍ଚିବାକୁ ପଡିବ କିଏ ଜାଣେ କେତେ ଦିନ, ପୁଅ ବୋହୂ ଓ ଝିଅ ପୁଙ୍ଖାନୁପୁଙ୍ଖ ଭାବରେ ତଦାରଖ କରି ମା'ର ଯେମିତି ଅସୁବିଧା ହେବନି ଦେଖି ଛାଡିଲେ । ଫେରିଲା ବେଳେ ନୀଳିମାଙ୍କ ଆଖିରୁ ବୁନ୍ଦାଏ ଲୁହ ବି ଝରିଲାନି । ନାତି ଓ ନାତୁଣୀ ସବୁଥର ଭଳି ଟା ଟା କରି ଫେରି ଆସିଲେ । ପୁଅ ବାରମ୍ବାର କହୁଥାଏ- ମା ଯାହା ଅସୁବିଧା ହେବ ମତେ ଜଣେଇବୁ । ମୁଁ ପହଞ୍ଚିଲେ ଫୋନ କରିବି । ହଠାତ୍ କାହାର ଡାକରେ ନୀଳିମା ଭାବନା ରାଜ୍ୟରୁ ଫେରି ଆସିଛନ୍ତି । ଆଶ୍ରମର ଝିଅଟିଏ କହିଛି - ମା' ଆପଣଙ୍କୁ କେହି ଖୋଜୁଛନ୍ତି । ଆଶ୍ଚର୍ଯ୍ୟ ହୋଇଗଲେ ନୀଳିମା, ତାଙ୍କୁ ଏଠି କିଏ ଖୋଜିଲା ।

ସେତେବେଳେ କୁ ରାତି ସାତଟା । ଆଶ୍ରମର ଦୁଆର ପାଖକୁ ଆସି





ଦେଖନ୍ତି ଦିଅରର ପୁଅ ସୋନୁ । ନୀଳିମାକୁ ମୁଣ୍ଡିଆ ମାରିଲା । ସିଦ୍ଧାନ୍ତଙ୍କ ଦଶ ବେଳକୁ ଦିଅର ତାକୁ ବମ୍ବେ ପଠାଇ ଥିଲେ । ତେଣୁ ନୀଳିମାକୁ ଚିହ୍ନିବାରେ ଅସୁବିଧା ହେଲାନି । କିରେ ତୁ କେମିତି ମୋ ଠିକଣା ଜାଣିଲୁ ? ବାପା ତୁମ ବିଷୟରେ ଜାଣିବାକୁ ନାନୀଙ୍କୁ ଫୋନ କରିଥିଲେ । ନାନୀ କହିଲେ ତୁମେ ଭୁବନେଶ୍ୱରରେ ଅଛ । ମୋର ଭୁବନେଶ୍ୱରରେ କାମ ଥିଲା ,ତେଣୁ ଚାଲି ଆସିଲି । ବାପା କହିଛନ୍ତି ତୁମକୁ ଗାଁ କୁ ନେଇଯିବାକୁ । ତୁମେ ବାହାର ମୁଁ ଗାଡି ଆଣିଛି । ସୋନୁ କଥା କିନ୍ତୁ ସେ ଟାଳି ପାରିଲେନି । ସୁପରଭାଇଜରଙ୍କୁ କହି ଦୁଇ ଦିନ ପାଇଁ ସୋନୁ ସହ ଯିବାକୁ ବାହାରିଲେ । ବାଟ ସାରା ଘର ବିଷୟରେ ବାପା ମା'ଙ୍କ ବିଷୟରେ କହି ଚଲିଥାଏ । ବୁଝିଲ ବଡ ମା' । ବାପା କହୁଥିଲେ ଚାକିରି କରିବାକୁ କିନ୍ତୁ ମତେ ଏ ସହର ଭଲ ଲାଗୁନି । ଗାଁରେ ବାପାଙ୍କ ବ୍ୟବସାୟ କରୁଛି ଆଉ ଲୋନ ଆଣି ଏମିତି ଦୁଇଟା ଟାକ୍ସି କରି ଦେଇଛି । ସେଥିରେ ଚଳି ଯାଉଛି । କାହିଁକି ଏତେ ଲୋଭ କରିବି ଯେ ।

କେତେ ସ୍ନେହୀ ପିଲାଟିଏ । ଆଗରୁ କେବେ ନ ଦେଖି ଥିଲେ ବି ବଡ ମା, ବଡ ମା ହେଉଥିଲା । କଥା ଗୁଡାକ ନୀଳିମାଙ୍କ ମନକୁ ଛୁଇଁଥିଲା । ଗାଁରେ ରାତି ଦଶଟାରେ ପହଞ୍ଚିଲେ । ସମସ୍ତେ ଅପେକ୍ଷାରେ ଥାନ୍ତି । ପ୍ରାୟ ଆଠ ବର୍ଷ ପରେ ଗାଁକୁ ଆସିଛନ୍ତି । ଘର ଦ୍ୱାର ଦିଅର ଅନେକ ବାଗେଇ ଦେଇଛନ୍ତି । ବୋହୂଟି ଆସି ମୁଣ୍ଡିଆ ମାରିଲା । ଯା' ଚିହ୍ନେଇ ଦେଲା 'ଇଏ ସୋନୁ ସ୍ତ୍ରୀ' । ଗତ ବର୍ଷ ବାହାଘର ବେଳେ ଦିଅର ଖବର ଦେଇଥିଲେ । ସିଦ୍ଧାନ୍ତଙ୍କ ଦେହ ଖରାପ ପାଇଁ ସେ ଆସି ପାରିନଥିଲେ । ଝିଆରୀଟି ଏ ଭିତରେ ଦଶମ ଶ୍ରେଣୀରେ ପଢିଲାଣି । ସେ ଦିନ ରାତିରେ ଖାଇ ସାରିବା ପରେ ଝିଆରୀ ଶେଯ ପାରିଦେଲା । ତା ପାଖରେ ନୀଳିମା ଶୋଇ ଯାଇଛନ୍ତି । ବୋଧହୁଏ ଦୀର୍ଘ ଦିନ ଧରି ଏତେ ଶାନ୍ତିରେ ସେ ଶୋଇ ନଥିଲେ । ସକାଳ ଛଅଟା ବେଳେ ନିଦ ଭାଙ୍ଗିଗଲା । ଝିଆରି ଶୋଇଥାଏ । ସେ ବାହାରକୁ ଆସିଲେ । ଆଃ ! ଗାଁର ସକାଳ କି ମନୋରମ, କି ଅପୂର୍ବ ଶାନ୍ତି ।

ଦିଅର ଘରର ଚଳଣି ଖୁବ ଆନନ୍ଦ ଦେଇଥିଲା । ବୋହୂଟି ସକାଳୁ ଚା କପ୍ ଟିଏ ଲେଖାଏଁ ସମସ୍ତଙ୍କ ହାତକୁ ବଢାଇ ଗାଧୋଇ ଆସି ରୋଷେଇ ଘରେ ପଶିଲା । ଯା' କଟା ବଟା କରି ଯୋଗାଇ ଦେଲେ । ଦିପହରେ ପୁତୁରା ଓ ଦିଅର ଖାଇ ସାରିବା ପରେ ସେମାନେ ସମସ୍ତେ ଏକାଠି ବସିଲେ । ଧନର ପ୍ରାଚୁର୍ଯ୍ୟ ସିନା ନଥିଲା କିନ୍ତୁ ଥିଲା ଅପରିସୀମା ବିମଳ ଆନନ୍ଦ । ଖାଇବା ପରେ ଦିଅର ଅମୁ କଥା ଆରମ୍ଭ କଲେ । ଦେଖ ଭାଉଜ - ମୁଁ ଚାହୁଁଛି ଏ ସମ୍ପତ୍ତି ଭାଗ ବଣ୍ଟା କାମ ଶୀଘ୍ର ସାରି ଦେବାକୁ । ତା ପରେ ତୁମ ସମ୍ପତ୍ତି ତୁମେ ଯାହା କରିବ । ଆଉ ଗୋଟେ କଥା ତୁମେ ଯଦି ଇଚ୍ଛା କରିବ ଏହି ଆସି ରହିପାର । ଆମେମାନେ ଥାଉ ଥାଉ ତୁମେ ଆଶ୍ରମରେ ରହିଲେ ଭଲ ଲାଗୁନି । କାଲି ସୋନୁ ବି କହୁଥିଲା ବଡ ମା ଏଇଠି ରୁହନ୍ତୁ । ଦିଅରଙ୍କ କଥା ନୀଳିମାଙ୍କୁ ସ୍ତବ୍ଧ କରି ଦେଇଥିଲା । କ'ଣ ନଭାବି ଥିଲେ ଏ ଦିଅରଙ୍କୁ ସେ । ନିଜେ ନିଜର ଭାବନା ଆଗରେ ଛୋଟ ହୋଇ ଯାଇଥିଲେ । ଲଜ୍ଜାରେ ମୁଣ୍ଡ ନଇଁ ଯାଉଥିଲା । ଯେଉଁଠି ଜନ୍ମିତ ସନ୍ତାନ ଦାୟିତ୍ୱ ନବାକୁ ନାରାଜ ସେଠି ଦିଅର କହୁଛନ୍ତି ରହିବାକୁ । ପୁତୁରା ସଙ୍ଗେ ସଙ୍ଗେ ପାଳି ଧରିଲା ବଡ ମା' ମୁଁ କାଲି ଯାଇ ତୁମର ଜିନିଷ ଧରି ଆସିବି । ତୁମେ ଆଉ ଯାଅନି । ଆଜି କିନ୍ତୁ ନୀଳିମା ପୂର୍ବ ପରି ସ୍ୱାର୍ଥପର ହୋଇ ପାରିଲେନି । କହିଲେ ନା ଅମୁ । ମୋର ସମ୍ପତ୍ତିର ଅଭାବ ନାହିଁ । ଏ ସମ୍ପତ୍ତି ବି ମୋର ଦରକାର ନାହିଁ । ଜୀବନରେ ମୁଁ କେବେ କାହାର ଉପକାର କରିନି, ଯାହାର କଲି ସେମାନେ ଦୂରେଇ ଗଲେ । ତେଣୁ ଏ ବୟସରେ ତୁମକୁ ଦାୟିତ୍ୱ ଦେବାକୁ ଚାହିଁନି । ମୁଁ ସବୁ ସମ୍ପତ୍ତି ସୋନୁ ନାଁ ରେ ଲେଖି ଦେବି । ଭଲ ନ ଲାଗିଲେ ମଝିରେ ମଝିରେ ଆସି ବୁଲି ଯିବି ।

ଏମିତି ସ୍ନେହ ଆଦର ରହିଥାଉ । ପୂରା ରହିବାକୁ ମତେ ବାଧ କରନି । ଦୁଇ ଦିନ ରହି ନୀଳିମା ଆଶ୍ରମ କୁ ଫେରିଲେ । ଫେରିଲା ବେଳେ ସମସ୍ତଙ୍କ ଆଖି ଜକେଇ ଯାଉଥିବା ଅନୁଭବ କରିଥିଲେ । ବାଟରେ ନୀଳିମା ଭାବୁଥିଲେ ଯେଉଁ ପିଲାଙ୍କ ପାଇଁ ସବୁ ସମ୍ପର୍କ କୁ ସେ ତୁଚ୍ଛ ମଣିଥିଲେ ଆଜି ସେର ପିଲା ତାଙ୍କୁ ପାଦରେ ଆଡେଇ ଦେଲେ ବରଂ ଅନ୍ୟମାନେ ନିଜର କରୁଛନ୍ତି । ସେଥିପାଇଁ ସେ ନିଜକୁ ଦାୟୀ କରୁଥିଲେ । ଭାବୁଥିଲେ 'ମୁଁ ଦିଅଁ ଗଢିବାକୁ ଯାଇ ମାଙ୍କଡ ଗଢି ଦେଲିନି ତ" ।

କଳିଙ୍ଗ ବିହାର
ଭୁବନେଶ୍ୱର-୭୫୧୦୧୯
ମୋ-୭୯୭୮୯୪୫୩୧୮



Scanned with OKEN Scanner

# ବେଡ୍ ଟି

ପଦ୍ମଲୟା ପାଢ଼ୀ

ବେଡ ଟି କୁ ବେଡ ଟି କାହିଁକି କୁହାଯାଏ ରୁନି ଆଜି ଯାଏଁ ବୁଝି ପାରିଲା ନାହିଁ । ଶୋଇବା ଶେଯରେ ବସି ପିଅନ୍ତି ତେଣୁ ବୋଧେ କହୁଥିବେ କି କ'ଣ ? ଉଠୁ ଉଠୁ ପିଅନ୍ତି ତେଣୁ ହେଇଥିବ । ତା ଭାଗ୍ୟରେ ବେଡ ଟି ନାହିଁ । ସେ ଉଠି ବ୍ରସ କରି ଆସି ନିଜେ ତିଆରି କରି ସମସ୍ତଙ୍କୁ ଦେଇ ସାରି ପିଇଲେ ବି ତାହା ବେଡ଼ ଟି ହୁଏନା । ଶାଶୁଙ୍କର ହଜାରେ ନିୟମ କାନୁନରେ ସେ କୋଉ ଦିନ କୋଉଠି ବସି ଚା ପିଉଚି । ବାଲକୋନିରେ ବସି ପିଇଲେ ଲୋକେ ଦେଖିବେ । ବେଡରେ ବସି ପିଇଲେ ଲକ୍ଷ୍ମୀ ଛଡା ହେଇଯିବ ଏମିତି କେତେ କଣ ! ଦିନେ ରୁନି ସ୍ୱାମୀ ସୁରେଶ କୁ କହିଲା- ତୁମ ମା'ଙ୍କୁ ମୋର ନିଶ୍ୱାସ ନେବାଟା ବି ପସନ୍ଦ ହେଉ ନ ଥିବ । ଆରେ ସେମିତି ନୁହଁ । ମୋ ମାର କଥା ଟିକେ ଟାଣ ନ ହେଲେ ସେ ମଣିଷ ହିସାବରେ ଖରାପ ନୁହଁ ।

ରୁନି ଆଉ କିଛି କହି ନଥିଲା । ସବୁ ମା ନିଜ ଛୁଆ ପାଇଁ ପୃଥିବୀର ସବୁଠୁ ଶ୍ରେଷ୍ଠ ମଣିଷ । ରୁନିର ମା କୁ ସତୁରି ଉଣିଲାଣି । ବାପା କେବେଠୁ ଉଣି ଗଲେଣି । ମା ଏବେ ଭାଇ ପାଖରେ । ଭାଉଜ ବି ମା ଲାଗି ସେମିତି ହଇରାଣ ହେଉଥିବ । ଶାଶୁଙ୍କ ଭଳି ତା ମା ଏତେ ସବଳ ନୁହଁ । କେତେ ଦିନ ହେଲା ଠିକରେ ଚାଲି ବୁଲି ପାରୁନି । ମୁଣ୍ଡରେ ଗରମ ଘା ହେତୁ ଭାଉଜ ମା' ର ଚୁଟି ସବୁ ଛୋଟ ଛୋଟ କରି କାଟି ଦେଇଛନ୍ତି । ଗତ ଥର ଯାଇଥିଲା ମା'ର ମୁଣ୍ଡରେ ହାତ ମାରି ଦେଖୁଥିଲା । ଛୋଟ ଛୁଆର ମୁଣ୍ଡ ଯେମିତି । ଚୁଟି ସବୁ ସାନ ଅଛି । ବଢିବାକୁ ସମୟ ଲାଗିବ । ସେତେବେଳ ଯାଏଁ ମା ଥିବା କି ନାହିଁ... । ପ୍ରବଳ ପାନ ଖିଆ ଯୋଗୁଁ ମା'ର ଦାନ୍ତ ମଧ୍ୟ ଝଡି ଗଲାଣି । ହେଲେ ବି ପାନ ଛାଡୁ ନାହିଁ । ରୁନିକୁ ଦେଖିଲେ ମା ର ମନ ଖୋଲା ହସ ପାନ ଛେପ ବେଡ ସିଟରେ ପଡି ମଇଳା ହେବା ତାହା ସହିତ ଭାଉଜଙ୍କ ବିରକ୍ତିକର ମୁଖ ଭଙ୍ଗୀ । ଏ ସବୁ ଦେଖି ମା କୁ କହିଲା- ମା ତୁ ପାନ ଫୋପାଡି ସାରିଲେ କଥା ହେବା । ପାନ ତା ବାଟରେ ସରିବନି ? ତୁ ଆସିଲୁ ନା ବହୁତ ଶାନ୍ତି ଲାଗିଲା । ମା'ର ପଞ୍ଚ ପ୍ରାଣ ରୁନି ପାଖରେ । ପୁରୁଣା କଥା ସବୁ ମନେ ପଡୁଛି । ଏବେ ଏ ସବୁ ଭାବି ବସିଲେ ଆଜି ର କାମ ସରିବନି । ବଡ ଯା ଆମେରିକାରେ ରହୁଛନ୍ତି ରକ୍ଷା ପାଇଗଲେ । ରୁନିର କପାଳ ଫାଟିଲା । ଏଇଠି ପଡି ସଡୁଛି । ସୁରେଶଙ୍କୁ ବି ଭଲ ଅଫର ଆସିଥିଲା । କିନ୍ତୁ ମା ବାପାଙ୍କୁ ଛାଡି ବଡ ଭାଇ ଉଣିଗଲା ପରେ ଏବେ ସେମାନେ ସୁରେଶଙ୍କ ଉପରେ ଅତି ମାତ୍ରାରେ ନିର୍ଭରଶୀଳ । ସେ ବା କେମିତି ଛାଡି ଉଣି ଯିବେ । ଶାଶୁ ବି ବୁଝିବା କଥା ତାଙ୍କର ଅବଶିଷ୍ଟ ଜୀବନ ସେଇ ସୁରେଶ ଓ ରୁନି ପାଖରେ ହିଁ ତ କଟିବ । ସେଇ ଲୋକମାନଙ୍କ ସହିତ ଅନବରତ ଖିଟ ପିଟ ହେଲେ କାଲି ଦରକାର ପଡିଲେ ଖୁସିରେ କେହି ଭାର ବହନ କରିବେ କି ?

ରୁଟି ପୁରା ଗୋଲ ଟିକେ ବି ଏପଟ ସେପଟ ହେବନି । ଆରେ ବାବା ଖାଇଲା ବେଳେ ତ ଛିଣ୍ଡାଇ ସାରି ଖଣ୍ଡ କରି ଖାଇବା ନା । ତେବେ ଏତେ ପ୍ରହସନ କାହିଁକି ? ଶହେ ପ୍ରକାର ପିଠାରେ ଶହେ ପ୍ରକାର ପୂର ଦିଆ ହେବ । କୋଉଠି ଟାଣ ତ କୋଉଠି ନରମ । କୋଉଠି ନରମ ସାଙ୍ଗରେ ଖାସ୍ତା ଦରକାର । ତାଙ୍କର ଏହି ବୁଦ୍ଧିରୁ କାମବାଲାମାନେ ବି ବେଶି ଦିନ ଟିକ୍ସି ପାରୁନାହାନ୍ତି । ଅତଏବ ସବୁ ଭାର ଏବେ ରୁନି ଉପରେ । ମଣିଷ ଜୀବନ ଏତେ ସୁରୁଖୁରରେ କଟେ ନାହିଁ । ସବୁ ଯାକ ଖଣ୍ଡା ଧାରରେ ନିୟମ ମାନି ଉଣି ହୁଏନି । ଏ କଥା ମା ବୁଝୁନାହାନ୍ତି । ରୁନି ସୁରେଶଙ୍କୁ କହୁଥିଲା । ସୁରେଶ ସେ ଦିନ ମଜା କରିବା ମୁଡରେ ଥିଲେ । ହେଲେ ତୁମର ଏ ଯେଉଁ ଖଣ୍ଡା ଧାର ନାକ ତାକୁ ଦେଖିଲେ ଯେ କେହି ବି ପାଲରେ ପଡିଯିବ । ତେବେ ମୋ ଅବସ୍ଥା କ'ଣ ହେବ ? ତୁମେ ବି ବୁଝିବା ଦରକାର ।

ରୁନି ଜାଣେ କଥାକୁ ହାଲକା କରି ଶାଶୁ ବୋହୂଙ୍କ ଭିତରେ ଯେଉଁ ଅଛିଣ୍ଡା ଗଣ୍ଠି ଟି ରହିଛି ତାକୁ ଫିଟାଇବାକୁ ସୁରେଶ ବହୁତ ଚେଷ୍ଟା କରୁଛନ୍ତି । ତେଣୁ ଅଯଥାରେ ସୁରେଶଙ୍କୁ ଏ ସବୁରେ ଘାଣ୍ଟି ଲାଭ ନାହିଁ । ଛାଡ ଯାହା ଭାଗ୍ୟରେ ଥିବ । କିଏ ଉଡାଜାହାଜରେ





ବସି ଆକାଶରେ ବୁଲୁଛି ତ କିଏ ଖଟି ଖଟି ମରୁଛି । କପାଳ ଲିଖନ କେ କରିବ ଆନ ।

ଶୀତ ଦିନେ ଗରମ ପାଣିରେ ଗାଧୋଇବା ଅଭ୍ୟାସ । ମାତ୍ର ରୁନିକୁ ଥଣ୍ଡା ପାଣି ମିଳିଥାଏ । ଗରମ ପାଣି ପାଇବାକୁ ହେଲେ ଗ୍ୟାସ ଲଗାଇବାକୁ ହେବ । ନ ଗାଧୋଇ ରୋଷେଇ ଘରକୁ ପ୍ରବେଶ ନିଷେଧ । ସୁତରାଂ ଯେତେ ଶୀତ ହେଲେ ବି ଉପାୟ ନାହିଁ । ସୁରେଶ କହୁଥିଲେ ଗିଜର ଲଗାଇବା ପାଇଁ ତାଙ୍କୁ ବି ସମୟ ମିଳେ ନାହିଁ । ଏମିତି ଦିନେ ସକାଳେ ଉଠିଲା ବେଳକୁ ରୁନିକୁ ଗୋଳା ବିନ୍ଧା ହୋଇ ପ୍ରବଳ ଜ୍ୱର । ମୁଣ୍ଡ ଏମିତି ବିନ୍ଧୁଚି ଯେମିତି ଫାଟି ଯିବ । ଅଦା ପକା ଚା ଟିକେ ଦରକାର । ହେଲେ କହି ହେଉନି । ଗାଧୋଇ ନାହିଁ ଚା କେମିତି କରିବ ।

ଶାଶୁ ହଠାତ୍ ପଶି ଆସିଲେ ତା ରୁମ ଭିତରକୁ । ରୁନି ନେ ଏ ତ କପ୍ ଚା ଶୀଘ୍ର ପିଇଦେ । ଭଲ ଲାଗିବ । ଯଦି କିଛି ନ ହେଲା ତେବେ ଜ୍ୱର ଔଷଧ ଅଛି ମୋ ପାଖରେ । କିଛି ଟିକେ ଖାଇବା ପରେ ଖାଇ ଦେବୁ , ମା' ତୁମେ ରୁହ । ମୁଁ ବ୍ରସ କରିସାରେ ।

ସେ ମନକୁ ଠିକ୍ ହୋଇଯିବ । ତୁମେ ବ୍ୟସ୍ତ ହୁଅନା । ବ୍ୟସ୍ତ କେମିତି ହେବିନି ଯେ, ଘର ଲୋକ ଟି ଅସୁସ୍ଥ ଥିବ ମୁଁ କ'ଣ ଖାଲି ରେ ବସି ପାରିବି । ଏଣିକି ଗାଧୋଇଲା ବେଳେ ମୁଁ ତୋ ପାଇଁ ଗରମ ପାଣି କରି ଦେବି । ମୁଁ ତ ଶୀଘ୍ର ଗାଧୋଇ ଥାଏ । ମୋ ଲାଗି ତୁ ବହୁତ କଷ୍ଟ ପାଇଲୁଣି ।

ମୁଁ ଚାହେଁ ସବୁ କଥାରେ ଶୃଙ୍ଖଳା ଥାଉ । ବିଶୃଙ୍ଖଳା ହେଲେ ଘର ଭାଙ୍ଗିବାକୁ ବେଶି ଡେରି ହୁଏନି । ସବୁ ପରିବାରର ନିୟମ ଚଳଣି ଢଙ୍ଗ ରଙ୍ଗ ବିଧି ବିଧାନ ଅଲଗା ଅଲଗା । କିନ୍ତୁ ପରିବାରକୁ ବାନ୍ଧି ରଖିବାକୁ ଗୋଟିଏ ସମୂହ ନୀତି କିଛି ନିୟମର ଆବଶ୍ୟକତା ଥାଏ । ନଚେତ୍ ସମସ୍ତେ ନିଜ ନିଜ ଇଚ୍ଛାରେ ଯେ ଯାହା ବାଟରେ ଚାଲିବେ । ସମସ୍ତେ ମିଶି ଚଳିଲେ ପରିବାର । ଅଲଗା ଅଲଗା ହେଲେ ତାହା ପରିବାର ନୁହଁ ତାହା ହେଲା ବ୍ୟକ୍ତି ବିଶେଷ ।


କିନ୍ତୁ ପରିବାରକୁ ଗଢିବା ପାଇଁ ବ୍ୟକ୍ତିବିଶେଷ କୁ ଅଣ ଦେଖା କରି ହେବନି । କାହିଁକି ନା ବ୍ୟକ୍ତି କୁ ନେଇ ହିଁ ପରିବାର । ପରିବାର ବୋଲି କେହି ଜଣେ ନାହିଁ ଯାହାକୁ ଆମେ ଦେଖି ପାରିବା ।

ରୁନି ଭାବୁଥିଲା ତାକୁ ସବୁବେଳେ ଏମିତି ଜ୍ୱର ହେଉଥାଉ ଶାଶୁଙ୍କ ସେଇ ଅମୃତ ବୋଳା କଥା ଶୁଣିବାକୁ ମିଳୁଥାଉ । ଦୁଇ ଦିନରେ ରୁନି ପୁରା ଠିକ୍ ହୋଇଯାଇଥିଲା ।

ଏଣିକି ତାକୁ ଆଉ ଶାଶୁଙ୍କ ନୀତି ନିୟମ ବୋଝ ଭଳି ଲାଗୁ ନାହିଁ । ସବୁ କଥା ଆଜିକାଲି ଅତି ସହଜ ଓ ସରଳ ହୋଇ ଯାଇଛି । ଶାଶୁ ବି ଧୀରେ ଧୀରେ ବୁଝି ଯାଇଥିଲେ ଯେ ପିଠାର ଭାଗ ମାପ କମ ହେଲେ ଚଳିବ ହେଲେ ପରିବାରକୁ ଧରି ରଖିବା ପାଇଁ ସ୍ନେହର ଭାଗମାପ କମ୍ ହେଲେ ଚଳିବ ନାହିଁ । ଫୁଲର ପାଖୁଡା ଗୁଡିକ ପରସ୍ପର ଆକର୍ଷିତ ହେବା ପରି ପରିବାରର ସଦସ୍ୟମାନେ ମଧ୍ୟ ଏକାଠି ଆସି ଗୋଟିଏ ବନ୍ଧନରେ ବାନ୍ଧି ହେଲେ ଯାଇ ସାରା ଜୀବନ ତିଷ୍ଠିବେ । ସେଥିପାଇଁ ଫୁଲଟିଏ ମଧ୍ୟ ପ୍ରସ୍ଫୁଟିତ ହେବା ପାଇଁ ଖୋଲା ଆକାଶ ତଳେ ଅହରହ ଆଲୋକର ସନ୍ଧାନରେ ଥାଏ । ଶୃଙ୍ଖଳା ଏବଂ ମୁକ୍ତାକାଶର ସ୍ୱାଧୀନତା ବିନା ଫୁଲର ଆୟୁଷ ବା କେତେକାଳ !

-୦-

ବ୍ରହ୍ମପୁର, ଗଞ୍ଜାମ, ଓଡିଶା
ମୋ-୯୪୩୭୩୩୫୫୦୧





Scanned with OKEN Scanner

# ବବିତା

ସନ୍ତୋଷ ମିଶ୍ର

ବବିତା ଗୋଡି ପୋଖରୀ ପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ । କପ୍ତିପଦା ବ୍ଲକର ଶରତ ଅଞ୍ଚଳରେ ଏକ ଆଭ୍ୟନ୍ତରୀଣ ସ୍କୁଲ । ଚାରିପଟେ ଜଙ୍ଗଲ । ପଞ୍ଚାୟତ ଅଫିସକୁ ଯାଇଥିବା ଗୋଡି ରାସ୍ତାରୁ ଗୋଟେ ପାଦଚଲା ରାସ୍ତା ଲମ୍ବି ଆସିଚି ସ୍କୁଲ ପର୍ଯ୍ୟନ୍ତ । ପ୍ରାୟ ୪ କି.ମି । ଗୋଡି ରାସ୍ତାରୁ ଠିକ୍ ଗୋଟେ କିମି ଦୂରରେ ପୂର୍ବତନ ୱାର୍ଡ ସଭ୍ୟ କାହ୍ନୁ ସୋରେନ ଘର । ବର୍ଷା ଦିନେ କାହ୍ନୁ ଘରେ ଦୁଇ ଚକିଆ ଯାନ ରଖି ହାତରେ  ଚପଲ ଧରି ଚାଲି ଚାଲି ଯିବାକୁ ପଡେ । ସ୍କୁଲରେ ପହଞ୍ଚି ଗୋଡ ଧୋଇ ଚପଲ ମାଡିବାକୁ ହୁଏ । ବବିତା ପ୍ରଥମେ ଯୋଉ ଦିନ ସ୍କୁଲକୁ ଜଏନ କରିବାକୁ ଆସିଲା, ସେଦିନ ବର୍ଷା ହେଉଥିଲା । ତାର ଗୋଟିଏ ହାତରେ ଛତା  ଅନ୍ୟଟିରେ ଚପଲ । ତାଙ୍କ ପଛରେ କିଛି ଦୂର ବ୍ୟବଧାନରେ ଆସୁଥିଲେ ଜଣେ ସୌମ୍ୟ ଦର୍ଶନ ଯୁବକ । ସେ ଥିଲେ ବବିତାର ସ୍ୱାମୀ । ଦୁଇ ଜଣଙ୍କ ମଧ୍ୟରେ ବେଶ ମଧୁର ସମ୍ପର୍କ । ହେଲେ ଲୋକ ଜାଣିବାରେ ବବିତା ସ୍ୱାମୀ ପରିତ୍ୟକ୍ତା । ବାଲେଶ୍ୱରରେ ତାଙ୍କ ଶାଶୁଘର । ମାଟ୍ରିକ ପାସ୍ ପରେ ବହୁ ଅର୍ଥ ବ୍ୟୟ କରି ସିଟି ପାସ ସାର୍ଟିଫିକେଟ୍ ଟିଏ ଯୋଗାଡ କରିଥିଲେ । ଇଚ୍ଛା ଥିଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଚାକିରୀ କରିବା । ପ୍ରଥମତଃ ସରକାରୀ ଚାକିରୀରେ ସ୍ଥିରତା,ନିରାପତ୍ତା ରହିଛି । ଭଲ ବେତନ ହାର ମଧ୍ୟ ଅଛି । ସ୍କୁଲକୁ ଯେତେବେଳେ ଯାଅ କିଛି ଅସୁବିଧା ନାହିଁ । ପାଠ ନ ପଢାଇ ସାରମାନଙ୍କ ସହିତ ଖୁସି ଗପ ଜଲେ ବି କେହି ପ୍ରତିବାଦ କରିବାର ନାହିଁ । ପ୍ରଧାନ ଶିକ୍ଷକ ତଥା ସ୍କୁଲ କମିଟି ସଭାପତିଙ୍କୁ କୌଣସି  ପ୍ରକାରେ ହାତ ମୁଠାରେ ରଖି ପାରିଲେ ଆଉ କିଛି ବାଧା ନାହିଁ । ଉପୁରି ବି କିଛି ମନ୍ଦ ନୁହେଁ । ପ୍ରତିଦିନ ମାଗଣା ଖାଦ୍ୟ ସହିତ ଚାଉଳ,ଡାଲି,ଅଣ୍ଡା ଯାହା କିଛି ଭାଗରେ ମିଳେ । ମଝିରେ ମଝିରେ ପିଲାମାନଙ୍କ ଚାନ୍ଦା ଟଙ୍କାରେ ଭୋଜିଭାତ । ହେଲେ ବାଲେଶ୍ୱର ଜିଲ୍ଲାରେ ଚାକିରୀ ମିଳିବା ଏକ ରକମ ସ୍ୱପ୍ନ । ଶିକ୍ଷିତ ହାର ବହୁ ଉଚ୍ଚରେ । ଲୋକମାନେ ବି ବହୁତ ସଚେତନ । ଚାକିରୀ ପାଇଁ ପୋଷ୍ଟ ଯେତିକି ପ୍ରାର୍ଥୀ କାହିଁରେ କେତେ ଗୁଣ । ପଡୋଶୀ ଜିଲ୍ଲା ମୟୂରଭଞ୍ଜରେ କିନ୍ତୁ ସ୍ଥିତି ଭାରି ସୁଧାର । ସବୁଠାରୁ ବଡ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ । ପୋଷ୍ଟ ବହୁତ ତୁଳନାତ୍ମକ ଭାବେ ପ୍ରାର୍ଥୀ ସଂଖ୍ୟା ବି କମ୍ । କୌଣସି ପ୍ରକାରେ ମୟୂରଭଞ୍ଜର ସ୍ଥାୟୀ ବାସିନ୍ଦା ବୋଲି ପ୍ରମାଣିତ ହୋଇ ପାରିଲେ ଚାକିରି ମିଳିବା ଏକ ରକମ ନିଶ୍ଚିତ । ବାପଘର ସିନା ମୟୂରଭଞ୍ଜରେ । ଶାଶୁଘର ତ ବାଲେଶ୍ୱର । ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ମିଳିବ କେମିତି । ଦୁହେଁ ବହୁତ ଭାବିଚିନ୍ତି ଏକ ଅଭିନବ ଉପାୟ ସ୍ଥିର କଲେ । ଆପୋଷ ବୁଝାମଣା ଭିତ୍ତିରେ ଉଭୟେ କୋର୍ଟରେ ଛାଡପତ୍ର ପାଇଁ ଆବେଦନ କଲେ । ଆଇନ ତ ଅନ୍ଧ । ସମସ୍ତ ପ୍ରୟୋଜିତ ତଥ୍ୟକୁ ଅନୁଧ୍ୟାନ କରି, ସହୃଦୟତାର ସହ ବିଚାର କରି କିଛି ଦିନ ମଧ୍ୟରେ କୋର୍ଟ ସେମାନଙ୍କ ଛାଡପତ୍ରକୁ ଆଇନଗତ ସ୍ୱୀକୃତି ପ୍ରଦାନ କଲେ ।

ବିଧିବଦ୍ଧ ଭାବେ ଛାଡପତ୍ର ପାଇଥିବା ବବିତା ଏଥର ବାପ ଘରେ ରହିବାକୁ ଲାଗିଲା ସ୍ୱାମୀ ପରିତ୍ୟକ୍ତା ଭାବେ । ସମୟ କ୍ରମେ ବାପ ଘର ଗାଁର ବାସିନ୍ଦା ହିସାବରେ ପ୍ରମାଣ ପତ୍ର ମିଳିଗଲା । ଯେତେବେଳେ ଶିକ୍ଷକ/ଶିକ୍ଷୟିତ୍ରୀ ପୋଷ୍ଟି ପାଇଁ ବିଜ୍ଞପ୍ତି ଜାରି ହେଲା ଅବିଳମ୍ବେ ଆବେଦନ କଲା ବବିତା । ଯୋଗ୍ୟ ବିବେଚିତ ହୋଇ ନିଯକ୍ତି ପତ୍ର ପାଇଲା । ପୋଷ୍ଟିଂ ହେଲା କପ୍ତିପଦା ବ୍ଲକର ଶରତ ଅଞ୍ଚଳରେ । ପ୍ରଥମେ ସାମାନ୍ୟ ଦୁଃଖିତ ହୋଇଥିଲା ଜଙ୍ଗଲ ଅଞ୍ଚଳ ବୋଲି । ପରେ କିନ୍ତୁ ବେଶ ଉଲ୍ଲସିତ ହେଲା । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ପୁଣି ଜଙ୍ଗଲ । ସପ୍ତାହରେ ଦିନେ ଦୁଇ ଦିନ ଗଲେ ବି ଚଳିବ । କେହି କିଛି ବୁଝିବାର ନାହିଁ । ସ୍କୁଲ ପରିଦର୍ଶକମାନେ ଅଫିସରେ ବସି ବଟି ପାଆନ୍ତି । ସ୍କୁଲକୁ ତେଲ ପୋଡି ବାଇକରେ କାହିଁକି ଆସିବେ । ଖାତାପତ୍ର ମଗାଇ ଦସ୍ତଖତ କରିଦେଲେ କାମ ସରିଲା ।

ଏମିତି ଅନାବନା କେତେ କଣ ଭାବୁ ଭାବୁ ସ୍କୁଲରେ ପହଞ୍ଚି ସାରିଥିଲା ବବିତା । ଟ୍ୟୁବେଲ ପାଖକୁ ଯାଇ ଗୋଡ ଧୋଇଲା ।





ପାଦରେ ଚପଲ ପିନ୍ଧିଲା । ତାଙ୍କ ସହିତ ଆସିଥିବା ଯୁବକଙ୍କ ହାତରେ ଛତାଟିଏ ଧରେଇ ଦେଇ ବାହାରେ ଅପେକ୍ଷା କରିବାକୁ କହି ପ୍ରଧାନଶିକ୍ଷକଙ୍କୁ ସାକ୍ଷାତ କରିବାକୁ ଗଲା । ପ୍ରଧାନଶିକ୍ଷକ ପଞ୍ଚାନନ ଏକାକୀ ବସିଥିଲେ । ତାଙ୍କ କଥାବାର୍ତ୍ତା,ଭାବଭଙ୍ଗୀ ଓ ଲୋଭିଲା ଚାହାଁଣିରୁ ସେ ବୁଝି ପାରିଲା- ଯାକୁ ଫସେଇବାକୁ ବେଶି ସମୟ ଲାଗିବନି । ପ୍ରଧାନ ଶିକ୍ଷକ ପଚାରିଲେ- ଏ ବର୍ଷାରେ କେମିତି କାହା ସହିତ ଆସିଲେ । ବବିତା କହିଲା- ସାର ମୋ ସ୍ୱାମୀ ମୋତେ କୋର୍ଟରେ ଛାଡପତ୍ର ଦେଇସାରିଛନ୍ତି । ଏବେ ମୋ ବାପ ଘରେ ରହୁଛି । ମୋ ଭାଇ ସାଙ୍ଗରେ ଆସିଛି । ପ୍ରଧାନ ଶିକ୍ଷକଙ୍କ ମୁହଁ ଖୁସିରେ ଝଲସି ଉଠିଲା । କହିଲେ କେତେବେଳେ କ'ଣ ସୁବିଧା ଅସୁବିଧା ହେଲେ କହିବେ । ମୁଁ ଆପଣଙ୍କର ସବୁ କଥା ବୁଝିବା ପାଇଁ ପ୍ରସ୍ତୁତ । ତୀବ୍ର କଟାକ୍ଷ ହାଣି ବବିତା କହିଲା-ନିଶ୍ଚୟ ସାର୍ । ପ୍ରଥମ ଦେଖାରେ କାହିଁକି କେଜାଣି ଆପଣ ମତେ ପରିଚିତ ଭଳି ଲାଗୁଛନ୍ତି । ପ୍ରଧାନଶିକ୍ଷକ ହସି- ହସି କହିଲେ- ତମ ପୂର୍ବରୁ ଜଣେ ଆଦିବାସୀ ପିଲାର ଏଠି ପୋଷ୍ଟିଂ ହୋଇଛି । ହେଲେ ସେ କେତେବେଳେ କେମିତି ଆସେ । ସବୁ ବେଳେ ନିଶା ପାଣି ଖାଇ ବୁଲୁଥାଏ । ବାକି ରହିଲୁ ଆମେ ଦୁଇ ଜଣ । ଆମେ ଯଦି ପରସ୍ପରର ଦୁଃଖ ସୁଖ ବୁଝିବାନି  ତା ହେଲେ ସ୍କୁଲ ଚଳିବ କେମିତି । ଆମେ ଚଳିବୁ କେମିତି । ଦୁଇ ଓଠକୁ ଝପି ମୁହୂର୍ତ୍ତେ କଣ ଚିନ୍ତା କଲା ବବିତା । ତା ପରେ ମୁହଁରେ ଅବିର ଚହଟାଇ କହିଲା- ସାର ଆସନ୍ତା ଶନିବାର ସକାଳୁଆ ସ୍କୁଲ । ଏତେ ଦୂରରୁ ଆସି ସ୍କୁଲରେ ଠିକ୍ ସମୟରେ ପହଞ୍ଚିବା ସମ୍ଭବ ନୁହେଁ । ଭାବୁଚି କଣ କରିବି । ସାର ସେଦିନ ସ୍କୁଲ ନ ଆସିଲେ ଚଳିବ କି । ପ୍ରଧାନ ଶିକ୍ଷକ ଜିଭ କାମୁଡି କହିଲେ ମାରିବ କି । ନୂଆ ଆସୁ ଆସୁ ଏମିତି ହେଲେ ଚଳିବ । କିଛି ଦିନ ଯାଉ । ତା ପରେ ଦେଖିବା । ବବିତା କହିଲା- ତା ହେଲେ କ'ଣ କରିବି ? ରାତିରେ ରହିବା ପାଇଁ ସୁବିଧା ହେବନି ଏଠି । ପ୍ରଧାନଶିକ୍ଷକ କହିଲେ-କାହିଁକି ମୋ ବସାରେ ଗୋଟେ ରୁମ ଫାଙ୍କା ପଡିଛି । ପାଇଖାନା,ପାଣି ସବୁ ସୁବିଧା ଅଛି । ବବିତା ସଲଜ୍ଜ କଣ୍ଠରେ କହିଲା-ଠିକ୍ ଅଛି ସାର୍ । ଆସନ୍ତା ଶୁକ୍ରବାର ରାତିରେ ମୁଁ ଆପଣଙ୍କ ବସାରେ ରହିଯିବି । ପ୍ରଧାନଶିକ୍ଷକ ହସି ହସି କହିଲେ ବହୁତ ବଢିଆ ସେଦିନ ରାତି ପାଇଁ ମୁଁ ଦେଶୀ କୁକୁଡା ମାଂସ,ନାଲି ବଗଡା ଝଉଳ ରଖି ଥିବି । ବାଙ୍ଗ ଉଠା ଗରମ ଭାତ ସହିତ କୁକୁଡା ମାଂସ... ବହୁତ ମଜା ହେବ... ହଃ ..... ହଃ..... । ବବିତା ବି ହସି ହସି କହିଲା -ସାର ଏଇ ଖୁସିର ମୂହୁର୍ତ୍ତରେ ମୁଁ ଗୋଟେ କଥା କହିବି ... ରଖିବେ... । ସ୍ୱପ୍ନ ଭରା ଅର୍ଦ୍ଧ ନିମିଳିତ ଆଖିରେ ପ୍ରଧାନଶିକ୍ଷକ କହିଲେ- ନିଶ୍ଚୟ, କୁହନ୍ତୁ । ବବିତା କହିଲା - ସାର ଚାଲି ଚାଲି ଆସିବା ଫଳରେ ଦୁଇ ଗୋଡର ଆଙ୍ଗୁଠି ଉପର ଅଂଶରେ ଘର୍ଷଣ ଜନିତ ଯନ୍ତ୍ରଣା ଆରମ୍ଭ ହୋଇ ଗଲାଣି । ରାତିରେ ତ ନିଶ୍ଚିତ ଭାବେ ଔଷଧ ଲଗାଇବାକୁ ପଡିବ । ତଥାପି ଯନ୍ତ୍ରଣାରେ ଉପଶମ ହେବ... କାଲି ପୁଣି ସ୍କୁଲକୁ ଚାଲି ଚାଲି ଆସି ପାରିବି.... ବାସ୍ତବିକ ସନ୍ଦେହ ଲାଗୁଛି । ପ୍ରଧାନଶିକ୍ଷକ ହସି ହସି କହିଲେ- ଏଇ କଥାକୁ ଏତେ ଚିନ୍ତା । କାଲି ତମର ଆସିବା ଦରକାର ନାହିଁ । ଛୁଟି ଦରଖାସ୍ତ ଖଣ୍ଡେ ଲେଖିଦେଇ ଯାଅ । ତମେ ଆସିଲେ ଚିରିକି ଫୋପଡି ଦେବି । ହଁ କିନ୍ତୁ ... ଶୁକ୍ରବାର ଆସିବାକୁ ଭୁଲିଯିନି । ବବିତା କହିଲା ସାର କଥା ତ ଦେଇ ସାରିଛି । କିନ୍ତୁ ହେଲେ ବି ଅନ୍ୟଥା ହେବନି । ଆପଣ ନିଶ୍ଚିତ ରହନ୍ତୁ । ଆଜି ତ ସୋମବାର । ମୁଁ ବୁଧବାର ଆସିଲେ କଥା ହେବାନି କି !

ବୁଧବାର ୧୧ଟା ୪୫ ମିନିଟ୍‌ରେ ବବିତା ସ୍କୁଲରେ ପହଞ୍ଚିଲା । ପ୍ରଧାନଶିକ୍ଷକଙ୍କୁ ନମସ୍କାର କରି କହିଲା- ସାର୍ ଟିକେ ବାହାରକୁ ଯାନ୍ତୁ । ମୁଁ ଶାଢୀ ଚେଞ୍ଜ କଲା ପରେ ଆସିବେ । ପ୍ରଧାନଶିକ୍ଷକ କିଛି ବୁଝି ନପାରି ଚାହିଁ ରହିଥିଲେ ବବିତାକୁ । ଟିପା ଡ୍ରେସ୍ ଭିତରେ ଯେମିତି  ବବିତାର ଯୌବନ ଶ୍ୱାସରୁଦ୍ଧ ହୋଇ ପଡୁଥିଲା । ବବିତା କହିଲା- ସାର ଏମିତି କ'ଣ ଅନେଇଛନ୍ତି । କିଛି ବୁଝି ପାରୁ ନାହାନ୍ତି କି  । ଶାଢୀ ପିନ୍ଧି ଆସିଥିଲେ କମେଣ୍ଟ ଶୁଣିବାକୁ ପଡିଥାନ୍ତା । ଆଜି ଘରେ ଗୋଟେ ଜରୁରୀ କାମ ଅଛି । ୩ଟା ବେଳେ ଯିବାକୁ ହେବ ଡ୍ରେସ ପିନ୍ଧି । ବାହାରେ ଦେଖିଲେ କେହି ଜାଣି ପାରିବେନି ମୁଁ ଟିଚର ଅଛି ବୋଲି । ପ୍ରଧାନ ଶିକ୍ଷକ ଯେମିତି ଆକାଶରୁ ତଳକୁ  ଖସି ପଡିଲେ । କହିଲେ ନୂଆ ଚାକିରୀ । ଏତେ ବୁଦ୍ଧି ! ମାନିବାକୁ ହେବ । ତମେ ଜାଣ ଏ ସ୍କୁଲର ସରସ୍ୱତୀ । ହଉ ମୁଁ ବାହାରକୁ ଯାଉଚି । ମୋ ବସାରେ ଗୋଟେ ରୁମ ତମକୁ ଛାଡି ଦେଉଚି । ଚାବି କାଠି ପାଖରେ ରଖିବ । ଯେତେବେଳେ ଇଚ୍ଛା ରେଷ୍ଟ ନେଇ ପାରିବ । ଡ୍ରେସ ଚେଞ୍ଜ କରିପାରିବ । ସବୁ କିଛି ଇଚ୍ଛା ଅନୁସାରେ କରି ପାରିବ ।

ସେ ଦିନ ଅପରାହ୍ନ ୩ଟା ସମୟରେ ସ୍କୁଲ ଛାଡି ଗଲାବେଳେ



Scanned with OKEN Scanner

ବବିତା କହିଲା- ସାର ଶୁକ୍ରବାର ରାତିରେ ମୋତେ ଆପଣଙ୍କ ବସାରେ ରହିବାକୁ ପଡିବ । ଜିନିଷ ପତ୍ର ସବୁ ଯୋଗାଡ କରିବାକୁ ହେବ । ତେଣୁ କାଲି ଗୁରୁବାର ମୁଁ ସ୍କୁଲକୁ ଆସିପାରିବିନି । ଛୁଟି ଦରଖାସ୍ତ ଆପଣଙ୍କ ବସାରେ ଥିବା ଟେବୁଲ ଉପରେ ରଖି ଦେଇଛି । ତାରିଖ ପଡିନି । ପରିସ୍ଥିତି ଦେଖି ଚଳେଇ ନେବେ । ଆସୁଛି ସାର ! ନମସ୍କାର ।

ଶୁକ୍ରବାର ପ୍ରାୟ ୨ଟା ବେଳେ ବବିତା ସ୍କୁଲରେ ପହଞ୍ଚିଲା । ସାଙ୍ଗରେ ଜଣେ ଯୁବକ । ଯୁବକଙ୍କ ହାତରେ ଦୁଇଟି ଆଟାଚି ଆଉ ଗୋଟିଏ ବଡ ହାଣ୍ଡ ବ୍ୟାଗ କାନ୍ଧରେ । ପ୍ରଧାନଶିକ୍ଷକ ପ୍ରଶ୍ନିଲ ଦୃଷ୍ଟିରେ ଯୁବକଙ୍କୁ ଚାହିଁବାରୁ ବବିତା କହିଲେ-ସାର ଚିହ୍ନି ପାରିଲେନି କି । ସେ ପରା ମୋ ଭାଇ । ନୂଆ ହୋଇ ଆସିଥିବାରୁ ସ୍କୁଲରେ ଏକା ରହିବା ପାଇଁ ବାପା ମନା କଲେ । ତେଣୁ ଭାଇକୁ ସାଥିରେ ପଠାଇଲେ । ଆଜି ରାତିରେ ଆମେ ଦୁଇଜଣ ଆପଣଙ୍କ ବସାରେ ରହିବୁ । ଚାବିକାଠି ତ ମୋ ପାଖରେ ଅଛି । ମୁଁ ବସାକୁ ଯାଉଚି ।

ପ୍ରଧାନଶିକ୍ଷକ ସ୍ଥାଣୁ ଭଳି ବସି ରହିଥିଲେ । ନିର୍ଜୀବ ନିର୍ବାକ ନିସ୍ପନ୍ଦ ଆଖି ଆଗରେ ଅଜସ୍ର ଜୁଲୁ ଜୁଳିଆ ପୋକ, ଅସୁମାରି ସ୍ୱପ୍ନ ନିମିଷକ ଧୂଳିସାତ ହୋଇଗଲା । ଦାରୁଣ ଆଘାତ ଲାଗିଲା ହୃଦୟରେ । ନାରୀ ମାୟା ନାରାୟଣଙ୍କୁ ଅଗୋଚର । କାହିଁକି ମାୟାଗ୍ରସ୍ତ ହେଲି । ନିଜକୁ ବାରମ୍ବାର ଧିକ୍କାର କରୁଥିବା ସମୟରେ ଆବିର୍ଭୂତ ହେଲା ବବିତା ସଜ ଗୋଲାପ ପରି ସତେଜ ସୁନ୍ଦର । ଓଠରେ ଝୁଲନ୍ତା ହସ । ଆଖିରେ କେତେ ଅକୁହା କଥା । ପୁଣି ଥରେ ମୋହିନୀ ମାୟା । ହସି ହସି କହିଲା ବବିତା- ସାର ସ୍କୁଲ ଛୁଟି ହେଲାଣି । ଏକା ଏକା ବସି କ'ଣ ଏତେ ଭାବୁଛନ୍ତି । ଟିକେ ଧୈର୍ଯ୍ୟ ଧରନ୍ତୁ । ଅପେକ୍ଷାର ଫଳ ସବୁବେଳେ ମିଠା । ଚାଲନ୍ତୁ ବସାକୁ ଯିବା ।

ସେଦିନ ରାତିରେ ଦେଶୀ କୁକୁଡା ମାଂସ ଓ ନାଲି ବଗଡା ଚାଉଳ ଭାତ ଖାଇ ଗୋଟିଏ ରୁମରେ ଶୋଇଲେ ବବିତା ଏବଂ ତାଙ୍କର ତଥା କଥିତ ଭାଇ । ଅନ୍ୟ ରୁମରେ ପ୍ରଧାନଶିକ୍ଷକ ଛଟପଟ ହେଉଥିଲେ । ଜଳ ବିହୁନେ ଯେମ୍ତେ ଝସ । ନିଶାର୍ଦ୍ଧରେ ବବିତା ଶୋଇଥିବା ରୁମର ରୁଦ୍ଧ ଦରଜା ଏପଟେ ଛିଡା ହେଲେ ପ୍ରଧାନଶିକ୍ଷକ । ସେପଟେ ଭିତରୁ ଚାପା କଣ୍ଠରେ ଶୁଣା ଯାଇଥିଲା କିଛି ଅଶ୍ଳୀଳ କଥା, କିଛି ଅଶ୍ଳୀଳ ଶବ୍ଦ । ଦେହସାରା ଯେମିତି କରେଣ୍ଟ ଖେଳିଗଲା । ବୁଝିବାକୁ ଆଉ ବାକି ରହିଲାନି ଯେ ଭିତରେ ଶୋଇଥିବା ଯୁବକ ଜଣକ ତା ଭାଇ ନୁହେଁ ! ସ୍ୱାମୀ ।

ପରଦିନ ସକାଳେ ବବିତାକୁ ଏକାନ୍ତରେ କହିଲେ ପ୍ରଧାନ ଶିକ୍ଷକ- ନାଟକର ମହୁମାଛି ଧରାପଡିଯାଇଛି । ତମ ଚାକିରି ଗଲା ଜାଣ । କାଲି ଭିତରେ ତମ ସହିତ କିଏ ଥିଲା । ପୋଲିସକୁ ଖବର ଦେଇଛି ତାର ପରିଚୟ କଣ ଜାଣିବା ପାଇଁ । ଆସୁଥିବେ ବୋଧହୁଏ ବବିତା ପ୍ରଧାନଶିକ୍ଷକଙ୍କ ହାତ ଧରି କହିଲା-ସାର କ୍ଷମା କରିବେ । ଆଉ କେବେ ଭୁଲ ହେବନି । ମୁଁ ଏବେ ତାଙ୍କୁ ବିଦା କରି ଦଉଛି । ସେ ଆଉ କେବେ ଆସିବେନି । ଯୁବକ ଜଣକ ଯିବା ପୂର୍ବରୁ ପ୍ରଧାନଶିକ୍ଷକ ମୋବାଇଲେରେ ତାଙ୍କର ଫଟୋ ଉଠାଇ କହିଲେ- ଆପଣ ଭଳି ମହାପୁରୁଷଙ୍କ ଫଟୋ ମୋ ମୋବାଇଲ ଭିତରେ ରହିଲା । ମୁଁ ଧନ୍ୟ ହେଲି । ଭବିଷ୍ୟତରେ କେବେ ଯଦି ଏ ଅଞ୍ଚଳରେ ଦେଖା ଯାଅ ପରିଣାମ କ'ଣ ହେବ ଭଲ ଭାବେ ଜାଣିଛ ।

ସେହି ଦିନ ଠାରୁ ସେ ଅଞ୍ଚଳରେ କେବେହେଲେ ସେ ଯୁବକ ଦୃଶ୍ୟମାନ ହୋଇ ନାହାନ୍ତି । ବବିତା ପୂର୍ବବତ ସ୍କୁଲକୁ ଯିବା ଆସିବା କରେ । ପ୍ରଧାନଶିକ୍ଷକ ସବୁ କଥା ସମ୍ଭାଳି ନିଅନ୍ତି । ବବିତା ବି ଶୁକ୍ରବାର ରାତ୍ରି ଯାପନରେ କେବେ ହେଲେ ଅବହେଳା କରିନାହିଁ । ନିକଟ ଅତୀତରେ ଅନୁଷ୍ଠିତ ବ୍ଲକସ୍ତରୀୟ ସମାରୋହ ଉତ୍ସବରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ହିସାବରେ ତାକୁ ସମ୍ମାନିତ କରାଯାଇଛି । ବାସ୍ତବିକ ସରକାରୀ ସ୍କୁଲର ଶିକ୍ଷୟିତ୍ରୀ ଭାବେ ସେ ଗର୍ବିତ ।

-୦-

ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ
ଉଦଳା,ମୟୁରଭଞ୍ଜ
ମୋ.ନଂ-୭୦୦୮୨୩୭୬୫୦



## ଆମ ପ୍ରୟାସ, ଆମ ପରିଚୟ...


ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା


ମଧୁ ଜୟନ୍ତୀ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା


ଅନୁଷ୍ଠାନ ପକ୍ଷରୁ ପରିବେଶ ସୁରକ୍ଷା ଜାର୍ଯ୍ୟକ୍ରମ


ଡକ୍ଟରେଟ୍ ଉପାଧି ପ୍ରାପ୍ତ ହୋଇଥିବା ଜୟଦେବ ଶତପଥୀଙ୍କୁ ସମ୍ମର୍ଦ୍ଧନା


ନର ଉପଦେଷ୍ଟା ଓ ବିଶିଷ୍ଟ ଶିକ୍ଷାବିତ୍ ଲକ୍ଷ୍ମୀଧର ପାହୁଜ୍ ତିୟୋଗ ଅବସରରେ ସ୍ମୃତିସଭାର ଆୟୋଜନ


ଅନୁଷ୍ଠାନର ଉପଦେଷ୍ଟା ଓ ବିଶିଷ୍ଟ ସମାଜସେବୀ ମନୋଜ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିସଭାର ଆୟୋଜନ


ଅନୁଷ୍ଠାନ ପକ୍ଷରୁ ଅସହାୟ ପରିବାରଙ୍କୁ ଶୀତବସ୍ତ୍ର ବଣ୍ଟନ


ଅନୁଷ୍ଠାନ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ

Scanned with OKEN Scanner



ମୁଦ୍ରଣ : ଜନପ୍ରିୟ ଅଫ୍‌ସେଟ୍ ପ୍ରେସ୍

Scanned with OKEN Scanner